ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୬/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 16/2022 | ★★★★★★

୪୮ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ନିଷ୍ପତ୍ତିରେ ଅଟଳ ଜୋକୋଭିଚ୍**

ଫ୍ରେଞ୍ଚ୍ ଓପନ ଓ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମରୁ ଓହରିଯିବାକୁ ପଡ଼ିଲେ ମଧ୍ୟ କରୋନା ଟିକା ନେବେ ନାହିଁ ବୋଲି ପ୍ରକାଶ କରିଛନ୍ତି ଟେନିସ ତାରକା ନୋଭାକ୍ ଜୋକୋଭିଚ୍।

୦୮

୦୭

**ମାର୍ଚ୍ଚ ୧୮ରେ ବଚ୍ଚନ ପାଣ୍ଡେ**

ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ' ମାର୍ଚ୍ଚ ୧୮ରେ ମୁକ୍ତିଲାଭ କରିବ। ଫିଲ୍ମରେ ଅକ୍ଷୟଙ୍କୁ ଗ୍ୟାଙ୍ଗଷ୍ଟାର ଭୂମିକାରେ ଦେଖିବାକୁ ମିଳିବ।



# ୬୦ ବର୍ଷରେ ମଜୁରିଆରୁ ମଡେଲ

**କୋଝିକୋଡ, ୧୫।୨**

ବେଳେବେଳେ ଭାଗ୍ୟ ବଦଳିବାକୁ ବେଶୀ ସମୟ ଲାଗି ନ ଥାଏ। ଛୋଟ ଛୋଟ କାମରେ ମଧ୍ୟ ଜଣେ ଖୁବ୍‌ଶୀଘ୍ର ପରିଚିତି ହାସଲ କରିନେଇଥାନ୍ତି ଏବଂ ଚାରିଆଡେ ଚର୍ଚ୍ଚା ସାଉଣ୍ଟିଥାନ୍ତି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି କେରଳର କୋଝିକୋଡରେ, ଯାହାଙ୍କୁ ଲୋକେ ଦିନେ ଲୁଙ୍ଗି ଆଉ ଶାର୍ଟରେ ଦେଖୁଥିଲେ ଏବେ ସେ ରାତାରାତି ପାଲଟିଯାଇଛନ୍ତି ଜଣେ ମଡେଲ। ଦିନ ମଜୁରିଆରୁ ସୁପର ଗ୍ଲାମ୍ ମେକ୍‌ଓଭର ସହ ସୋସିଆଲ ମିଡିଆରେ ସେନ୍‌ସେସନ୍ ହୋଇଯାଇଛନ୍ତି କୋଝିକୋଡର ବାସିନ୍ଦା ମମ୍ମିକ୍କା। ୬୦ ବର୍ଷ ବୟସରେ ମମ୍ମିକାଙ୍କ ☞ପୃଷ୍ଠା-୪





# ୫ମ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁ ଦୋଷୀ

**ରାଞ୍ଚି, ୧୫।୨**

୫ମ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ଅଧ୍ୟକ୍ଷ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୯୦ ଦଶକରେ ଲାଲୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଗୋଖାଦ୍ୟ କ୍ରୟ ନାମରେ ଡୋରାଣ୍ଡସ୍ଥିତ



ସରକାରୀ ତହବିଲରୁ ବେଆଇନ ଭାବେ ୧୩୯.୩୫ କୋଟି ଟଙ୍କା ଉଠାଯାଇଥିଲା। ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ସିବିଆଇ ସ୍ୱତନ୍ତ୍ର ଅଦାଲତ ଏହି ମାମଲାରେ ଆର୍‌ଜେଡି ନେତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ପୂର୍ବରୁ ସେ ଅନ୍ୟ ୪ଟି ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ମଙ୍ଗଳବାର ସକାଳେ ☞ପୃଷ୍ଠା-୪

# ଚର୍ଚ୍ଚାରେ ଗାଡ଼ି ନମ୍ବର ୦୦୦୫

## ଭିଜିଲାନ୍ସ ଜାଲରେ କୋଟିପତି ଅତିରିକ୍ତ ଏସ୍‌ପି

**କଟକ ଅଫିସ, ୧୫।୨**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଉ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କଟକ ତୁଳସୀପୁରସ୍ଥିତ ପୋଲିସ କମ୍ୟୁନିକେଶନ(ଯୋଗାଯୋଗ) ସେଲ୍‌ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ଦ୍ୱାରା ଜାରି ୱାରେଣ୍ଟ ବଳରେ ଦୁର୍ନୀତି ନିବାରଣ ବିଭାଗର ୩ଜଣ ଅତିରିକ୍ତ ଏସ୍‌ପି, ୧୦ଜଣ ଡିଏସ୍‌ପି, ୧୩ଜଣ ଇନ୍ସପେକ୍ଟରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଭୋର ୪ଟାରୁ ଏକକାଳୀନ କଟକ, ଭୁବନେଶ୍ୱର, ଯାଜପୁର ଏବଂ ନବରଙ୍ଗପୁରର ୧୧ଟି ସ୍ଥାନରେ ଚଢ଼ାଉ କରିଥିଲେ। ରାତି ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ ମିଶ୍ରଙ୍କ ପ୍ରାୟ ସାଢ଼େ ୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଘର, ନର୍ସିଂହୋମ, ଔଷଧ ଦୋକାନ ଓ ବିଳାସପୂର୍ଣ୍ଣ ୭ଟି ଗାଡ଼ି ଠାବ ହୋଇଛି। ସେଥିମଧ୍ୟରେ ବିଏମ୍‌ଡବ୍ଲ୍ୟୁ ସମେତ ୪ଟି କାର୍ ଏବଂ ୩ଟି ସୁପର ବାଇକ୍ ଠାବ କରାଯାଇଛି। କେବଳ ଗାଡ଼ିଗୁଡ଼ିକର








ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ଘରେ ଚଢ଼ାଉ ପରେ ଠାବ ହୋଇଥିବା ଦାମୀ ଗାଡ଼ି ଓ ଟଙ୍କା।

ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସବୁଠାରୁ ବଡ଼ କଥା ହେଲା ଗୋଟିଏ ଗାଡ଼ିକୁ ଛାଡ଼ି ଅନ୍ୟ ସମସ୍ତ ଗାଡ଼ିର ଶେଷ ନମ୍ବର ୦୦୦୫ ରହିଛି।

ଭିଜିଲାନ୍ସ ଟିମ୍ ମିଶ୍ରଙ୍କ ନବରଙ୍ଗପୁର ଡାବୁଗାଁସ୍ଥିତ ୨ମହଲା ବିଶିଷ୍ଟ ପୈତୃକ ଘର ସମେତ ଯାଜପୁରସ୍ଥିତ ଶ୍ୱଶୁର ଘର ଏବଂ କଟକ ଓ ଭୁବନେଶ୍ୱରରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଲଦାଖକୁ ବିପଦ



# ଲୋକେ ଦ୍ୱିତୀୟ କିମ୍ ଜଙ୍ଗ୍ ଚାହିଁବେ କି

## ଭାଜପାକୁ କୃଷକ ନେତାଙ୍କ ସମାଲୋଚନା

**ଲଖିମ୍‌ପୁର ଖେରି, ୧୫।୨**

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଚାଲିଥିବାବେଳେ କୃଷକ ନେତା ରାକେଶ ଟିକାଏତ୍ ଶାସକ ଭାଜପାକୁ ସମାଲୋଚନା କରିଛନ୍ତି। ଉତ୍ତର କୋରିଆର ଉଦାହରଣ ଦେଇ ସେ କହିଥିଲେ, ଦ୍ୱିତୀୟ କିମ୍ ଜଙ୍ଗ୍ ଉନ୍ ସେମାନେ ଚାହାନ୍ତି କି ନାହିଁ ଏହା ଉପରେ ଭୋଟରମାନଙ୍କୁ ନିଷ୍ପତ୍ତି ନେବାକୁ ହେବ। ସମସ୍ତଙ୍କର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହେବାକୁ ଚାହାନ୍ତି, ନା ଉତ୍ତରକୋରିଆ ଭଳି ସ୍ଥିତି ଚାହାନ୍ତି ତାହା ସେମାନଙ୍କୁ ନିଷ୍ପତ୍ତି ନେବାକୁ ହେବ। ଲୋକେ ସେମାନଙ୍କ ଭୋଟ କ୍ଷମତାକୁ ବିଜ୍ଞତାର ସହ ଉପଯୋଗ କରିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ନେତା ଟିକାଏତ୍ ଅନୁରୋଧ କରିଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ଦିଗରେ କେନ୍ଦ୍ର ସରକାର କିଛି କରୁନାହିଁ। ତେଣୁ ଭାଜପାକୁ ଦଣ୍ଡ ଦେବା ପାଇଁ ଟିକାଏତ୍ ଏକ ଖବରଦାତା ସମ୍ମିଳନୀରେ ୟୁପି ଜନସାଧାରଣଙ୍କୁ ଅପିଲ କରିଛନ୍ତି। ଏହି ସମ୍ମିଳନୀରେ କୃଷକ ନେତା ଶିବକୁମାର ଶର୍ମା 'କାକାଜୀ' ଯୋଗଦେଇ କହିଥିଲେ, ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସମେତ ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। ଅନ୍ୟ ପ୍ରତିଶ୍ରୁତି ମଧ୍ୟରେ ଆନ୍ଦୋଳନରେ ସାମିଲ ହୋଇଥିବା ଚାଷୀଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର କରିବା, ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ, ବିଦ୍ୟୁତ୍ ବିଲ୍ ଛାଡ଼ କରିବା କଥା କୁହାଯାଇଥିଲା। ସେହିପରି ନଡ଼ା ପୋଡ଼ି ପାଇଁ ରହିଥିବା ଦଣ୍ଡ ବ୍ୟବସ୍ଥା ହଟାଇବା ଏବଂ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସମ୍ପର୍କରେ ବିଚାର ଲାଗି କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଗଠନ ହୋଇନାହିଁ ବୋଲି ଶିବକୁମାର କହିଛନ୍ତି।

# ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମରେ ମାମଲା

**ସମ୍ବଲପୁର, ୧୫।୨ (ବ୍ୟୁରୋ)**

ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନାମରେ କ୍ଷେତରାଜପୁର ଥାନାରେ ମାମଲା ରୁଜୁ ହୋଇଛି। ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୪୨/୨୧) ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମମତା ନାଏକ କହିଛନ୍ତି। ଗତ ୧୨ ତାରିଖରେ ଦୁର୍ଗାପାଲିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବିଧାୟକ ମିଶ୍ର ପହଞ୍ଚିଥିଲେ। ସେଠାରେ ସେ ତହସିଲଦାର ଅମାତଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ତହସିଲଦାର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶଙ୍କୁ ଜଣାଇଥିଲେ। ଉପଜିଲାପାଳ ଅଫିସରୁ ଚିଠି କରି ଥାନାରେ ଅଭିଯୋଗ କରିଥିଲେ।

# କଂଗ୍ରେସ ଛାଡ଼ିଲେ ଅଶ୍ୱିନୀ କୁମାର

**ନୂଆଦିଲ୍ଲୀ, ୧୫।୨**

ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ଅଶ୍ୱିନୀ କୁମାର ମଙ୍ଗଳବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ଏହି ସର୍ବପୁରାତନ ଦଳ ସହ ତାଙ୍କର ୪୬ ବର୍ଷର ସମ୍ପର୍କ ଛିନ୍ନ ହୋଇଛି। ଅଶ୍ୱିନୀ ତାଙ୍କ ଇସ୍ତଫାପତ୍ର ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ପଠାଇ ଦେଇଛନ୍ତି। ସେ ଦଳ ବାହାରେ ରହି ଦେଶ ପାଇଁ କାମ କରିବେ ବୋଲି କହିଛନ୍ତି। ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ବରିଷ୍ଠ କଂଗ୍ରେସ ନେତାଙ୍କ ଇସ୍ତଫା ଦଳକୁ ଶକ୍ତ ଧକ୍କା ଦେଇଛି। ଗତ ମାସରେ ଅନ୍ୟତମ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରପିଏନ୍ ସିଂ ଦଳ ଛାଡ଼ିଥିଲେ।

ସର୍ବପୁରାତନ ଦଳ ମୂଳ ବାସ୍ତବତା ସହ ସମ୍ପର୍କ ହରାଇଛି ଏବଂ ଏହା ଜାତୀୟ ମନୋଭାବକୁ ପ୍ରତିଫଳିତ କରୁନାହିଁ ବୋଲି ଅଶ୍ୱିନୀ କହିଛନ୍ତି। ଦଳରେ ଅନୁପ୍ରାଣିତ କଲାଭଳି ନେତୃତ୍ୱର ଅଭାବ ରହିଛି। ଏହା ତିଷ୍ଠି ରହିବା ଲାଗି ଚ୍ୟାଲେଞ୍ଜର ସାମ୍ନା କରୁଛି ବୋଲି ପଞ୍ଜାବର ପୂର୍ବତନ ରାଜ୍ୟ ସଭା ସଦସ୍ୟ ଦଳ ଛାଡ଼ିବା ପରେ ଏକ ସାକ୍ଷାତ୍କାରରେ କହିଛନ୍ତି। ଦଳର ସ୍ଥିତି କ୍ରମାଗତ ଭାବେ ହ୍ରାସ ପାଇ ଚାଲିଥିବା ବେଳେ ଏହି ଧାରାରେ ପରିବର୍ତ୍ତନ ଆଣିବାରେ କଂଗ୍ରେସ ବିଫଳ ହୋଇଛି। ନିକଟରେ ଇଣ୍ଡିଆ ଗେଟ୍ ନିକଟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ବରିଷ୍ଠ ନେତା ଗୁଲାମ ନବୀ ଆଜାଦଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ ଘଟଣାରେ କଂଗ୍ରେସ ଯେଉଁ ସଂକୀର୍ଣ୍ଣ ମନୋଭାବ ପ୍ରଦର୍ଶନ କଲା, ତାହା ଏହି ଦଳଠାରୁ ଆଶା କରାଯାଉ ନ ଥିଲା ବୋଲି ଅଶ୍ୱିନୀ କହିଛନ୍ତି। ଯେଉଁମାନେ ଦଳ ଛାଡ଼ି ଯାଇଛନ୍ତି, ସେମାନଙ୍କ ଦୋଷ ଦୁର୍ବଳତା ଖୋଜିବା ପରିବର୍ତ୍ତେ କଂଗ୍ରେସ ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି।



ଅଶ୍ୱିନୀ କୁମାର

# ଭାଜପା, ଏଏପି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ: ପ୍ରିୟଙ୍କା

**ଚଣ୍ଡିଗଡ଼, ୧୫।୨ (ପି.ଟି.)**

ପଞ୍ଜାବ ବିଧାନସଭା ନିର୍ବାଚନକୁ ଆଉ ୪ ଦିନ ବାକି ଥିବାବେଳେ ସେଠାରେ ପ୍ରଚାର ଜୋର୍‌ଦାର ହୋଇଛି। କଂଗ୍ରେସ ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ସାମିଲ ହେବା ସହ ଭାଜପା ଏବଂ ଆମ୍ ଆଦମୀ ପାର୍ଟି (ଏଏପି)କୁ କଡ଼ା ସମାଲୋଚନା କରିଛନ୍ତି। ଏମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଭାଜପା ପୂର୍ବରୁ ଗୁଜରାଟ ମଡେଲ୍‌ର ପ୍ରଚାର କରୁଥିଲା। ଏବେ ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ଦିଲ୍ଲୀ ମଡେଲ ଉପରେ ପ୍ରଚାର ଚଳାଇଛନ୍ତି। ଭାଜପା ଏବଂ ଏଏପି ଲୋକଙ୍କୁ ନୂଆ ବ୍ରାଣ୍ଡ୍‌ର ରାଜନୀତି ପ୍ରତିଶ୍ରୁତି ଦେଇ ବିଭ୍ରାନ୍ତ କରାଉଛନ୍ତି। ଏଏପି ମଧ୍ୟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ରୁ ସୃଷ୍ଟି ହୋଇଛି ବୋଲି ପ୍ରିୟଙ୍କା କହିଛନ୍ତି।

ଦିଲ୍ଲୀରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ହୋଇଛି ଓ ଅଧିକ ନିଯୁକ୍ତି ଦିଆଯାଇଛି ବୋଲି ଏଏପି ଯେଉଁ ଦାବି କରୁଛି, ତାହା ସମ୍ପୂର୍ଣ୍ଣ ମିଛ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରି ପ୍ରିୟଙ୍କା କହିଥିଲେ, ମଞ୍ଚରେ ପଗଡ଼ି ପିନ୍ଧିଲେ ଜଣେ ସର୍ଦ୍ଦାର ହୋଇଯିବେ ନାହିଁ। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ସହ ଟ୍ରାକ୍ଟରରେ ଯାଇ ପ୍ରିୟଙ୍କା ରୁପ୍‌ନଗର ଜିଲାର ଜନସମ୍ପର୍କ ଅଭିଯାନରେ ସାମିଲ ହୋଇଥିଲେ। ଚନ୍ନି ମାତ୍ର ୧୧୧ ଦିନ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରିୟଙ୍କା ଅବତାରଣା କରି ତାଙ୍କର ପ୍ରଶଂସା କରିଥିଲେ। ବାହାରୁ ଆସି ନିଜକୁ ପଞ୍ଜାବୀ କହୁଥିବା ଲୋକଙ୍କୁ ଶିକ୍ଷା ଦେବା ପାଇଁ ସେ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ।



କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଟ୍ରାକ୍ଟରରେ ବସି ରୁପ୍‌ନଗର ଜିଲାରେ ରାଲି କରୁଛନ୍ତି।

# ପୋଲିଂ, ପ୍ରାର୍ଥୀଙ୍କ ଏଜେଣ୍ଟମାନଙ୍କ ଲାଗି କଟକଣା କୋହଳ ହେଉ

## ନିର୍ବାଚନ କମିଶନଙ୍କ ପାଖରେ ଭାଜପାର ଦାବି

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସ୍ପଷ୍ଟ ନୁହେଁ। ଶାସକ ଦଳ ଏବଂ ସେମାନଙ୍କ କର୍ମୀଙ୍କୁ ସୁହାଇଲା ଭଳି ଆଇନକାନୁନ ପ୍ରଚଳିତ କରୁଥିବାବେଳେ ସାମୂହିକ ସ୍ୱାର୍ଥ ଓ ହିତକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଦୋମୁହାଁ ନୀତି ଅତ୍ୟନ୍ତ ନିନ୍ଦନୀୟ ଏବଂ ଜନବିରୋଧୀ ବୋଲି ରାଜ୍ୟ ଭାଜପା ମୁଖପାତ୍ର ସୋନାଲୀ ସାହୁ କହିଛନ୍ତି। ଭାଜପାର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ପ୍ରଥମେ ଓମିକ୍ରନ୍ ଓ କରୋନା ମହାମାରୀ ସଙ୍କଟ ଯୋଗୁ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନ ପାଇଁ କଟକଣା ଲାଗୁ କରିଥିଲେ। ପରବର୍ତ୍ତୀ ସମୟରେ ଓମିକ୍ରନ୍ ଓ କରୋନା ସଂକ୍ରମଣର ଦ୍ରୁତ ହ୍ରାସ କାରଣରୁ ନିର୍ବାଚନ କମିଶନ ପ୍ରଚାର ପାଇଁ କଟକଣାକୁ କୋହଳ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ପୁନଃ ଆରମ୍ଭ ହେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମନ୍ଦିର, ଦେବାଳୟରେ ଦର୍ଶନ କଟକଣାକୁ କୋହଳ କରାଯାଇଛି। ଅନ୍ୟପଟେ ବୁଧବାର ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଭୋଟ କେନ୍ଦ୍ରଗୁଡ଼ିକରେ ପୋଲିଂ ଏବଂ ପ୍ରାର୍ଥୀମାନେ ଦେଇଥିବା ଏଜେଣ୍ଟଙ୍କ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି କଟକଣା କୋହଳ କରାଯାଇନାହିଁ। ପୋଲିଂ ଏବଂ ପ୍ରାର୍ଥୀଙ୍କ ଏଜେଣ୍ଟ ପାଇଁ ଆର୍‌ଟିପିସିଆର୍/ଆର୍‌ଏଟି ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ନିର୍ବାଚନ ପରିଚାଳନା ଓ ଭୋଟଦାନ କାର୍ଯ୍ୟକ୍ରମ ପ୍ରଭାବିତ ହେବାର ବହୁ ଆଶଙ୍କା ଥିବାରୁ ଉଦ୍ଦିଷ୍ଟ କଟକଣାକୁ କୋହଳ କରାଯିବା ପାଇଁ ଭାଜପା ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି।

# ଢିଙ୍କିଆରେ ବୁଥ୍ ନ କରିବା ନିଷ୍ପତ୍ତିକୁ ବିରୋଧ

**ଏରସମା, ୧୫।୨ (ସ୍ୱ.ପ୍ର.)**

ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗାଁରେ କୌଣସି ବୁଥ୍ ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଏରସମା ସଦରମହକୁମାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ସେଥିରେ ବୁଥ୍ ନ କରିବା ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ବୋଲି କୁହାଯାଇଛି। ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ନୃସିଂହ ସାହୁ ଏଥିରେ ଯୋଗଦେଇ କହିଥିଲେ, ସରକାରୀ କର୍ମଚାରୀମାନେ ଶାସକ ଦଳର ହାତବାରିସି ସାଜି ସାଧାରଣ ଲୋକଙ୍କୁ ଭୟ ଦେଖାଇ ପ୍ରଭାବିତ କରୁଛନ୍ତି। ଏପରି କି ଢିଙ୍କିଆ ଗ୍ରାମରେ ବୁଥ୍ ନ କରି ବାହାରେ ବୁଥ କରି ସମ୍ପୃକ୍ତ ଜନସାଧାରଣଙ୍କ ରାଜନୈତିକ ଅଧିକାରଙ୍କୁ କ୍ଷୁଣ୍ଣ କରିଛନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଭାଜପା ନେତା ଶଶିକାନ୍ତ ପରିଡା ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିବା ଶତାଧିକ ଶିକ୍ଷକ ଓ ଅଧିକାରୀମାନଙ୍କୁ ଭୋଟ୍ ଦେବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଅମ୍ବିକା ପ୍ରସାଦ ମହାନ୍ତି, ସଞ୍ଜୟ ପରିଡା, ଜଟାଧାରୀ ସ୍ୱାଇଁ, ରାଜକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ପ୍ରିଜାଇଡିଂ ଅଫିସରଙ୍କ ମୃତ୍ୟୁ

**ବଇଣ୍ଡା, ୧୫।୨ (ଡି.ଏନ.ଏ.)**

ଅନୁଗୋଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ପାଇଁ ପ୍ରିଜାଇଡିଂ ଅଫିସର ନିଯୁକ୍ତ ହୋଇଥିବା ଜଣେ ଶିକ୍ଷକଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତ ଶିକ୍ଷକ ହେଲେ କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କୁମୁରସିଙ୍ଗା ଗ୍ରାମର ଶୁଭେନ୍ଦୁ ନାୟକ (୫୧)। କିଶୋରନଗର ପୋଲିସ ତାଙ୍କ ମୃତଦେହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ମେଡିକାଲ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ନମ୍ବର ୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଶୁଭେନ୍ଦୁ କିଶୋରନଗର ବ୍ଲକ ରଜାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ବଅଁରପାଳ ଓ କଣିହାଁ ବ୍ଲକରେ ହେବାକୁ ଥିବା ଭୋଟ୍‌ଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରିଜାଇଡିଂ ଅଫିସର ନିଯୁକ୍ତ କରାଯାଇଥିଲା। ମଙ୍ଗଳବାର ସେ କାର୍ଯ୍ୟରେ ଯୋଗଦେବାକୁ ପୁଅଙ୍କ ସହ ଏକ ଘରୋଇ ଗାଡିରେ ଆସୁଥିବାବେଳେ ବାଟରେ ଅସୁସ୍ଥ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଶିକ୍ଷକ ମହଲରେ ଶୋକର ଛାୟା ଖେଳାଇ ଦେଇଛି।



ପ୍ରିଜାଇଡିଂ ଅଫିସର ଶୁଭେନ୍ଦୁ ନାୟକ।

## ପ୍ରାର୍ଥୀଙ୍କ ମୃତ୍ୟୁ: ସରପଞ୍ଚ ନିର୍ବାଚନ ସ୍ଥଗିତ

**ବରଗଡ଼ ଅଫିସ, ୧୫।୨**

ବରଗଡ଼ ଜିଲା ଭଟଲି ବ୍ଲକରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ପ୍ରଥମ ପର୍ଯ୍ୟାୟ ମତଦାନ ରହିଛି। ତେବେ ମତଦାନର ଦିନକ ପୂର୍ବରୁ ମଙ୍ଗଳବାର ଉକ୍ତ ବ୍ଲକ ଅନ୍ତର୍ଗତ କେଲେଣ୍ଡାପାଲି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସରୋଜ ସେଠଙ୍କ ଦେହାନ୍ତ ହୋଇଛି। ସେ କ୍ୟାନ୍‌ସର ରୋଗରେ ପୀଡିତ ଥିଲେ ଏବଂ କଟକ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ନିର୍ବାଚନ ଅଧିକାରୀ ତଥା ଭଟଲି ବିଡିଓ ଧୀରେନ୍ଦ୍ର କୁମାର ସେଠୀ ଉକ୍ତ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ମତଦାନକୁ ସ୍ଥଗିତ ରଖିଛନ୍ତି।

# ପୋଲିଂ ଅଧିକାରୀଙ୍କୁ ମତଦାନ ସୁଯୋଗ ମିଳୁ

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ଭାରତୀୟ ସମ୍ବିଧାନରେ ମତଦାନ ହେଉଛି ନାଗରିକର ଗଣତାନ୍ତ୍ରିକ ଅଧିକାର। ଏଥିରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ। ଏପରିକି ନିର୍ବାଚନ କମିଶନଙ୍କ ମଧ୍ୟ ଏହି କ୍ଷମତା ନାହିଁ। ନିର୍ବାଚନ ପରିଚାଳନା ପାଇଁ ସରକାରୀ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ମାନବ ସମ୍ବଳର ଆବଶ୍ୟକ ରହିଥାଏ। ନିର୍ବାଚନ ଦାୟିତ୍ୱରେ ଥିବା କାରଣରୁ ସେମାନେ ମତ ସାବ୍ୟସ୍ତ କରିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ପୋଷ୍ଟାଲ ଭୋଟ୍ ବ୍ୟବସ୍ଥା କରାଯାଇଛି। କିନ୍ତୁ ରାଜ୍ୟରେ ଅନୁଷ୍ଠିତ ହେଉଥିବା ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଭୋଟ ଦେବାରୁ ବଞ୍ଚିତ କରାଯାଇଛି, ଯାହା ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ସମୟରୁ ଦଳ ଏହି ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରିଆସିଛି। ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ବହୁସଂଖ୍ୟାରେ ଭୋଟର ମତଦାନରୁ ବଞ୍ଚିତ ହେବେ। ତେଣୁ ପୋଲିଂ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ମତଦାନ ସୁଯୋଗ ଦେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।

# ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

**ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ**

- ଘଟଣାର ତଦନ୍ତ କରାଯିବ: ପର୍ଯ୍ୟବେକ୍ଷକ
- ଜିଲାପାଳଙ୍କ ବଦଳି ପାଇଁ ଦାବି

**ଖୋର୍ଦ୍ଧା ଅଫିସ, ୧୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ସମୟରେ କୌଣସି ସରକାରୀ କାର୍ଯ୍ୟକ୍ରମ କିମ୍ବା ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇପାରିବ ନାହିଁ। ଏଥିଲାଗି ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ରହିଛି। ମଙ୍ଗଳବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୫-ଟି ରୂପାନ୍ତରଣ ଅନ୍ତର୍ଗତ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକ, ଉପଜିଲାପାଳ(ଖୋର୍ଦ୍ଧା) ଆଇ. ଗୌରବ ଶିବାଜୀ, ଦେବବ୍ରତ ସାହୁ(ଭୁବନେଶ୍ୱର), ପିଡି ଡିଆରଡିଏ ଦିଗନ୍ତ ରାଉତରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଜିଲାପାଳ ରାଜ୍ୟ ସରକାରଙ୍କ ରୂପାନ୍ତରିତ ବିଦ୍ୟାଳୟ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିବା ସହ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଜିଲାପାଳ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଭାଜପା ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ଧନଞ୍ଜୟ ସ୍ୱାଇଁ କହିଛନ୍ତି, ଆଦର୍ଶ ଆଚରଣ ବିଧି ସମୟରେ କୌଣସି ସରକାରୀ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ଯଦି ଏଭଳି କାର୍ଯ୍ୟକ୍ରମ ହୋଇଛି, ଘଟଣାର ତଦନ୍ତ କରାଯିବ। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସମ୍ପାଦକ ଗୋଲଖି ମହାପାତ୍ର କହିଛନ୍ତି, ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲାପାଳଙ୍କ ବଦଳି ପାଇଁ ଦାବି କରାଯିବ। କଂଗ୍ରେସ ପିସିସି ମିଡିଆ ସେଲ ଆବାହକ ସତ୍ୟପ୍ରକାଶ ନାୟକ କହିଛନ୍ତି, ଜିଲା ପ୍ରଶାସନ ଶାସକ ଦଳ ପାଇଁ କାର୍ଯ୍ୟ କରୁଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। ଜିଲାପାଳଙ୍କୁ ତୁରନ୍ତ ବଦଳି ଲାଗି କଂଗ୍ରେସ ଦାବି କରୁଛି। ଏନେଇ ଜିଲାପାଳ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଜିଲପାଳ ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

# ଦୁର୍ନୀତିକୁ ନୀତି କରୁଛନ୍ତି ରାଜ୍ୟ, କେନ୍ଦ୍ର ସରକାର: ନିରଞ୍ଜନ

## ଉଚିତ ଲୋକଙ୍କୁ ଭୋଟ ଦେବା ପାଇଁ ଆହ୍ୱାନ

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ଗଣତନ୍ତ୍ରରେ ସୁଧାର ଆଣିବା ପରିବର୍ତ୍ତେ ଶାସନରେ ଥିବା ଦଳମାନେ ଏହାର ଅପବ୍ୟବହାର କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ପଟ୍ଟନାୟକ କହିଛନ୍ତି, ଗାନ୍ଧିଜୀ ଆମକୁ ଅସହଯୋଗ ଓ ଅହିଂସାର ଶିକ୍ଷା ଦେଇଥିଲେ। ମାତ୍ର ବର୍ତ୍ତମାନ ସମୟରେ ଏହି ଦୁଇଟି ଯାକ ଉଭାନ ହୋଇ ଯାଇଛି। ପ୍ରତିଦିନ ଗଣମାଧ୍ୟମରେ ହଣାକଟା, ଝିଅକୁ ମାରିଦେବା, ନାରୀ ନିର୍ଯାତନା ଭଳି ଖବର ଦେଖିବାକୁ ମିଳୁଛି। ଏଭଳି ଗଣତନ୍ତ୍ର ପ୍ରତିଷ୍ଠା କରିବା କଥା କ'ଣ ଗାନ୍ଧିଜୀ ଆମକୁ ଶିକ୍ଷା ଦେଇଥିଲେ କି ଏବଂ ଏହାଦ୍ୱାରା ସାଧାରଣ ଲୋକଙ୍କର କ'ଣ ଲାଭ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସୁବ୍ରତ ବାଗ୍‌ଚୀ ଏବଂ ତାଙ୍କ ସହଧର୍ମିଣୀ ସୁସ୍ମିତା ବାଗ୍‌ଚୀଙ୍କୁ ସେ ପ୍ରଶଂସା କରି କହିଲେ, ସେମାନେ ତାଙ୍କ ଦ୍ୱାରା ଅର୍ଜିତ ଅର୍ଥକୁ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ପାଇଁ ଚେଷ୍ଟିତ। କିନ୍ତୁ ଜଣେ ରାଜନୀତିରେ ମିଶି ଔଷଧ ହେଉ ଅବା ଡାକ୍ତରଖାନା ବେପାରକୁ ମାଧ୍ୟମ କରି କୋଟି କୋଟି ଟଙ୍କା କମାଉଛନ୍ତି। ଓଡ଼ିଶା ଏବେ ଦୁର୍ନୀତିର ଗନ୍ତାଘର ପାଲଟି ଗଲାଣି। ଛୋଟରୁ ଛୋଟ ସରକାରୀ କର୍ମଚାରୀଙ୍କ ଘରୁ ବିପୁଳ ଟଙ୍କା ବାହାରୁଛି। ଆମେ ଯେଉଁମାନେ ରାଜନୀତି କରୁଛୁ ଏବଂ ସାଧାରଣ ଜୀବନରେ ଅଛୁ, ସେମାନଙ୍କ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ବିନା ଏଭଳି ଦୁର୍ନୀତି, ହିଂସା, ଭ୍ରଷ୍ଟାଚାର ବୃଦ୍ଧି ସମ୍ଭବ ହୋଇପାରିବ ନାହିଁ। ସୋରରେ ଜଣେ ବୟସ୍କ ପୂର୍ବତନ ବିଧାୟକ ବର୍ତ୍ତମାନର ବିଜେଡି ବିଧାୟକଙ୍କୁ ପଞ୍ଚାୟତକୁ ଆସିଥିବା ଅର୍ଥ ବାବଦରେ ପଚାରିଥିଲେ। ଏଥିଯୋଗୁ ବିଜେଡି ବିଧାୟକ ତାଙ୍କୁ ମାରିବା ଓ ଅପମାନିତ କରିବା ଘଟଣା ଆମ ଗଣତନ୍ତ୍ର ପ୍ରତି ଉପହାସ। ସମ୍ପ୍ରତି ନିର୍ବାଚନ ବେଳେ ଗୋଟିଏ ଗୋଟିଏ ପଞ୍ଚାୟତରେ ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। ଏସବୁ ଆସୁଛି କେଉଁଠୁ। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଗାଁ ମଜଲିସରେ ଲେଖିଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ଭଲ ହେବ'। ସମ୍ଭବତଃ ଏହାକୁ ବିଜେଡି ଓ ଭାଜପା ପାଳନ କରୁଛନ୍ତି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ୪୦ ପ୍ରତିଶତ ପଛୁଆ ବର୍ଗ ସଂରକ୍ଷଣ କଥା କହିଥିଲା, କିନ୍ତୁ ପାଳନ କଲା ନାହିଁ। ତେବେ କଂଗ୍ରେସ ପଛୁଆ ବର୍ଗରୁ ୪୪. ୭୮ ପ୍ରତିଶତ ପ୍ରାର୍ଥୀ ଦେଇଛି। ରାଜ୍ୟରେ ୨୨ ବର୍ଷର ବିଜେଡି ସରକାର ଓ କେନ୍ଦ୍ରରେ ୮ ବର୍ଷର ଭାଜପା ସରକାର କେବଳ ଲୋକଙ୍କୁ ପ୍ରତିଶ୍ରୁତି ଓ ପ୍ରତାରଣା ଦେଇଛନ୍ତି। ଏଣୁ ଜନସାଧାରଣ ଉପଯୁକ୍ତ ନେତାଙ୍କୁ ଭୋଟ ଦେବା ପାଇଁ ସେ ଆହ୍ୱାନ କରିଛନ୍ତି। ଅପରପକ୍ଷରେ ନିରଞ୍ଜନ ରାଜନୀତିରୁ ସନ୍ନ୍ୟାସ ନେବା ସମ୍ପର୍କରେ କହିଛନ୍ତି, ସେ ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣିତ। ତେଣୁ ହାତ ଗୋଡ଼ ଚାଲିଥିବା ଯାଏ ବିନା ପଦବୀରେ ମଧ୍ୟ ରାଜନୀତି ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ମୁଖପାତ୍ର ରଜନୀ ମହାନ୍ତି, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟମାନେ।





# ଜମ୍‌ତରା ଗ୍ୟାଙ୍ଗ୍‌ର ୩ ସଦସ୍ୟ ଗିରଫ

**ସମ୍ବଲପୁର, ୧୫।୨ (ବ୍ୟୁରୋ)**

■ ଅଭିଯୁକ୍ତମାନେ ଇଞ୍ଜିନିୟରିଂ ଛାତ୍ର
■ ୧.୧୩ ଲକ୍ଷ ଟଙ୍କା, ସାମଗ୍ରୀ ଜବତ

ଅନ୍‌ଲାଇନ ଠକେଇ କରି ଲକ୍ଷାଧିକ ଟଙ୍କା ଲୁଟିନେଇଥିବା ଜମତରା ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ସମ୍ବଲପୁର ପୋଲିସ ମଙ୍ଗଳବାର ଭୁବନେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ଖଗା ଥାନା ମଳାନ୍ଦି ଗ୍ରାମର ରହମତ ଅନ୍‌ସାରି(୨୨), ଗୋବିନ୍ଦପୁର ଥାନା ଜନତା ମାର୍କେଟ ଷ୍ଟେଶନ ରୋଡ୍‌ର ବିଶାଳ ପାଣ୍ଡେ(୨୧) ଓ ବିହାର ସିକନ୍ଦରାରୋଡ୍‌ର ଶେଖର ଗୌତମ (୨୧)। ଏମାନଙ୍କ ମଧ୍ୟରୁ ଦୁଇଜଣ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ହୋଇଥିବାବେଳେ ଅନ୍ୟ ଜଣେ ଉକ୍ତ କଲେଜର ପାସ୍‌ଆଉଟ ଛାତ୍ର ବୋଲି ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଏହି ଘଟଣାରେ ଆଉ ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି। ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା।

ଅଭିଯୁକ୍ତଙ୍କ ପାଖରୁ ୧ ଲକ୍ଷ ୧୩ ହଜାର ୨ଶହ ଟଙ୍କା, ୯ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ଲାପ୍‌ଟପ୍ ଜବତ ହୋଇଛି। ଏ ନେଇ ଅଇଁଠାପାଲି ଥାନାରେ କେସ୍ ନଂ.୬୩/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନାକ୍ରମେ, ଫେବୃୟାରୀ ୫ ତାରିଖରେ ଅଇଁଠାପାଲି ଥାନା ଅନୁଗୁଳିଆପଡ଼ାର ସରୋଜ କୁମାର ଦାସ ଅଭିଯୋଗ କରିଥିଲେ ଯେ, ଏକ ଘରୋଇ ଫାଇନାନ୍ସ କମ୍ପାନୀ ଋଣ ମଞ୍ଜୁର କରିଥିବା ନେଇ ପ୍ରଥମେ ତାଙ୍କ ମୋବାଇଲ୍‌କୁ ମେସେଜ ଆସିଥିଲା। ଅପରାହ୍ନ ପ୍ରାୟ ୪ଟାରେ ତାଙ୍କ ବ୍ୟାଙ୍କ ଜମାଖାତାରେ ୩ ଲକ୍ଷ ୮୧ ହଜାର ୧୬୮ ଟଙ୍କା ଜମା ହୋଇଥିଲା। ଏହାର କିଛି ସମୟ ପରେ ତାଙ୍କ ଜମା ଖାତାରୁ ୨ ଲକ୍ଷ ଗାଏବ ହୋଇଯାଇଥିଲା। ଏହି ଟଙ୍କା ଆଉ ଏକ ଆକାଉଣ୍ଟକୁ ଚାଲି ଯାଇଥିଲା। ଏ ନେଇ ସରୋଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଠକେଇ ର୍ୟାକେଟ୍‌ର ଚେର ଝାଡ଼ଖଣ୍ଡ ଓ ବିହାର ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଥିଲା। ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ ହୋଇଥିଲା।

# ୫ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର, ୧୫।୨ (ବ୍ୟୁରୋ)**

ଦୁର୍ନୀତି ଓ ଅପାରଗତା ପାଇଁ ରାଜ୍ୟ ସରକାର ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁ ସମୟରେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର୍ ଦେଇଆସିଛନ୍ତି। ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ ତଥା ଡିଏସ୍‌ପି, ଓଏଏସ୍ ଅଫିସର, ପୋଲିସ ଇନ୍ସପେକ୍ଟର ଓ ୨ଜଣ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ପ୍ରମୁଖ ଅନ୍ତର୍ଭୁକ୍ତ। ଏମାନଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୧ ଜଣ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ କରିଦିଆଯାଇଛି।

ଏହି ୫ଜଣଙ୍କ ମଧ୍ୟରୁ କଳାହାଣ୍ଡି ଜିଲା ମହିଳା ବିରୋଧୀ ଅପରାଧ ତଦନ୍ତ କେନ୍ଦ୍ର (ଆଇୟୁସିଏଡବ୍ଲ୍ୟୁ)ରେ ଡିଏସ୍‌ପି ଭାବେ ନିଯୁକ୍ତ ପୋଲିସ ସେବା ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ବିରୋଧରେ ଏକ ଦୁର୍ନୀତି ଅଭିଯୋଗ ରହିଛି। ସେ ଜଣେ ଅଭିଯୋଗକାରୀଙ୍କଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଇ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡ଼ିଥିଲେ। ଏହାପରେ ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସୁନ୍ଦରଗଡ଼ ଜିଲା ବଣାଇର ପୂର୍ବତନ ତହସିଲଦାର ସୁଶୀଲ କୁମାର କୁଜୁରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଢେଙ୍କାନାଳ ସଦର ବ୍ଲକରେ ବିଡିଓ ଥିବାବେଳେ ସେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ଆତ୍ମସାତ କରିଥିଲେ। ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଅପାରଗତା, ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିଛି।

ସେହିପରି ବଲାଙ୍ଗୀର ବଙ୍ଗମୁଣ୍ଡା ଥାନା ଇନ୍ସପେକ୍ଟର ବିନୋଦ ବିହାରୀ ନାୟକଙ୍କ ବିରୋଧରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ସେ ବଙ୍ଗମୁଣ୍ଡାରୁ କୁଟିଣ୍ଡାକୁ ଏକ କାର୍‌ରେ ଯାଉଥିବା ବେଳେ ବରଗଡ଼ ଟୋଲ୍‌ଗେଟ୍ ନିକଟରେ ଦୁର୍ନୀତି ନିବାରଣ ବିଭାଗର ଏକ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ତାଙ୍କଠାରୁ ୨,୦୬, ୨୨୦ ଟଙ୍କା ଜବତ କରାଯାଇଥିଲା। ବଙ୍ଗମୁଣ୍ଡାସ୍ଥିତ ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ୩,୮୦,୧୪୦ ଟଙ୍କା ଜବତ କରାଯାଇଥିଲା। ୨୦୨୧ ନଭେମ୍ବର ୩୦ରେ ସେ ଗିରଫ ହୋଇଥିଲେ। ବାସୁଦେବପୁର ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନାଙ୍କୁ ତାଙ୍କ ପୌରସେବା କାର୍ଯ୍ୟକାଳ ସମୟରେ ଅପାରଗତା, ଅସାଧୁତା, ଦାୟିତ୍ୱରେ ଅବହେଳା, ଆର୍ଥିକ ଅନିୟମିତତା ଆଦି ବିଭିନ୍ନ କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସିର ପୂର୍ବତନ ନିର୍ବାହୀ ଅଧିକାରୀ ବିଜୟକୃଷ୍ଣ ନାୟକଙ୍କୁ ତାଙ୍କ ପୌରସେବା କାର୍ଯ୍ୟକାଳ ସମୟରେ ଅପାରଗତା ଓ ଦୁର୍ନୀତି ଭଳି ଓଡ଼ିଶା ସରକାରୀ ସେବା ଆଚରଣ ବିଧି ୧୯୫୯ର ଉଲ୍ଲଂଘନ ଆଦି ବିଭିନ୍ନ କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।








72198 21111 | BAJAJ FINANCE LTD - AF | Pine Labs PAY LATER | FEDERAL BANK YOUR PERFECT BANKING PARTNER

Cashback up to ₹5 000/-#

#ସର୍ତ୍ତ ଓ ନିୟମାବଳୀ ଲାଗୁ । ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ମଡେଲ ଗୁଡ଼ିକ ଉପରେ ଅଫର୍ ଉପଲବ୍ଧ । *ପଲସର 150 ନେଅନ୍ ଭାରିଆଣ୍ଟ ପାଇଁ ଡାଉନ୍ ପେମେଣ୍ଟ । ଡାଉନ୍ ପେମେଣ୍ଟରେ DCC ଚାର୍ଜ, ପ୍ରକ୍ରିୟାକରଣ ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟ ବହିର୍ଭୂତ ଅଟେ । ଫାଇନାନ୍ସିଅରଙ୍କ ନିଜସ୍ୱ ବିଚାରରେ ଫାଇନାନ୍ସ । ପ୍ରାକ୍ ସୂଚନା ବିନା ଯେକୌଣସି କିମ୍ବା ସମସ୍ତ ଅଫର୍ ପ୍ରତ୍ୟାହାର କରିବାର ଅଧିକାର ବଜାଜ ଅଟୋ ସଂରକ୍ଷଣ କରେ । ଫେଡେରାଲ ବ୍ୟାଙ୍କ ଅଫର୍ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୈଧ ଅଟେ । ବିଶେଷଜ୍ଞଙ୍କ ଦ୍ୱାରା, ବୃତ୍ତିଗତ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ଆବଦ୍ଧ ପରିବେଶରେ, ସାଧାରଣ ଜନତା କିମ୍ବା ସର୍ବସାଧାରଣ ରାସ୍ତା ଠାରୁ ଦୂରରେ ଷ୍ଟଣ୍ଟ ଗୁଡ଼ିକ କରାଯାଇଛି । ଦୟାକରି ଏହି ଷ୍ଟଣ୍ଟ ଗୁଡ଼ିକର ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ୍ ଏବଂ ସୁରକ୍ଷା ନିୟମ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.:** Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. **Authorised Service Centre:** Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8260712525 Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ଭଳି ନେତାଙ୍କ ମୁହଁ ନ ଦେଖି ସେମାନଙ୍କ କାର୍ଯ୍ୟକୁ ଦେଖ। ସେମାନଙ୍କ ପଛରେ କାର୍ଯ୍ୟ କରୁଥିବା ଲୁକ୍କାୟିତ ଶକ୍ତିକୁ ବୁଝ।"
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଷଇ ନାହିଁ ଛାପ ଚିକ୍କଣିଆ**
**ପୋଷଇ ଖଉରିଆ।**
**ବରଷେ ନାହିଁ କଳା ଘୁମୁର**
**ବରଷେ କାଉଁଳିଆ।**

ଧନୀ ପୁଅ ପଇସା ହୋଇଗଲେ ବଡ଼ଲୋକୀ ଦେଖେଇ ଦୂରେଇ ଯାଆନ୍ତି। ଅଭାବ ଅନଟନରେ ରହୁଥିବା ମଳି ମୁଣ୍ଡିଆ ପୁଅ ହିଁ ସାହା ଭରସା ଯୋଗାଇଦେଇଥାଏ। ସବୁ ବାଦଲ ବରଷି ନ ଥାଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ, କେବଳ ବାହାଦୁରି ମାତ୍ର ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପାନ ଟାଣେ ଗୁଆ**
**ଧାନ ଟାଣେ ରୁଆ।**

ପାନରେ ଗୁଆ ଅପରିହାର୍ଯ୍ୟ। ବିନା ଗୁଆରେ ପାନ ଖାଇବାରେ ମଜା କିଛି ନ ଥାଏ। ସେହିପରି ରୁଆ ଧାନ ଥୁଆ ବୋଲି ଚାଷୀ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଗ୍ୱାଲିୟରରୁ କମ୍ପାନୀ ନିର୍ଦ୍ଦେଶକ ଗିରଫ

## ୧୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅରୋକ୍ସା ଡିଲ୍ ମଲ୍ଟିଟ୍ରେଡ ପ୍ରାଇଭେଟ ଲିମିଟେଡ୍ ନାମକ ଚିଟ୍‌ଫଣ୍ଡ କମ୍ପାନୀର ନିର୍ଦ୍ଦେଶକ ବାବୁ ସିଂ କୁଶୱାହାଙ୍କୁ ମଧ୍ୟପ୍ରଦେଶର ଗ୍ୱାଲିୟର୍‌ରୁ ଗିରଫ କରିଛି। କୁଶୱାହା ଘରୋଇ ସାମଗ୍ରୀ ଓ ବିଭିନ୍ନ ଲାଭଦାୟକ ସ୍କିମ୍‌ର ଲୋଭ ଦେଖାଇ ଅନେକ ବ୍ୟକ୍ତିଙ୍କଠାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଫେରାର ହୋଇଯାଇଥିଲେ। ଠକାମିର ଶିକାର ହୋଇଥିବା ଚନ୍ଦ୍ରକାନ୍ତ ଦାଶ ଓ ଅନ୍ୟ କେତେଜଣ ବ୍ୟକ୍ତି ଏନେଇ ଗତ ୩୧ ତାରିଖରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଇଓଡବ୍ଲ୍ୟୁ ଏକ କେସ୍ (ନଂ. ୧/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। କୁଶୱାହା ଗ୍ୱାଲିୟରରେ ଥିବା କୌଣସି ସୂତ୍ରରୁ ସୂଚନା ପାଇ ଇଓଡବ୍ଲ୍ୟୁର ଏକ ଟିମ୍ ସେଠାକୁ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ରବିବାର ରାତିରେ ତାଙ୍କୁ ଧରିଥିଲା। ପରେ ତାଙ୍କୁ ଡୋବ୍ରା ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ମଙ୍ଗଳବାର ଭୁବନେଶ୍ୱର ଅଣାଯାଇଛି।



ବାବୁ ସିଂ କୁଶୱାହା

ସୂଚନା ଅନୁଯାୟୀ, ୨୦୧୯ରେ କୁଶୱାହାଙ୍କ ଏହି ଚିଟ୍‌ଫଣ୍ଡ କମ୍ପାନୀ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପଞ୍ଜୀକରଣ ହୋଇଥିଲା। କମ୍ପାନୀର ବିଭିନ୍ନ ପ୍ରକାର ଘରୋଇ ଉପକରଣ ଓ ବିଦ୍ୟୁତ ସାମଗ୍ରୀ କ୍ୟାଶ୍‌ବ୍ୟାକ୍ ସ୍କିମ୍ ଜରିଆରେ ବିକ୍ରି କରାଯାଉଥିଲା। ଏଥିସହ କମ୍ପାନୀର 'ପୁଞ୍ଜି ଓ ବାଇନାରି' ନାମକ ଦୁଇଟି ସ୍କିମ୍ ରହିଥିଲା। ଏହି ସ୍କିମ୍ ଜରିଆରେ ଲୋକଙ୍କ ଠାରୁ କମ୍ପାନୀ ଟଙ୍କା ଲୁଟିବା ପାଇଁ ଚେଷ୍ଟା କରିଥିଲା। ଏନେଇ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳରେ ଏକ ଅଫିସ୍ ଖୋଲାଯାଇଥିଲା। କର୍ମଚାରୀମାନେ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ବୈଠକ କରି ଲୋକଙ୍କୁ କମ୍ପାନୀର ସାମଗ୍ରୀ କିଣିବା ପାଇଁ ପ୍ରବର୍ତ୍ତାଇ ଥିଲେ। ପରେ ସେମାନଙ୍କୁ ଘରୋଇ ଉପକରଣ ଓ ବିଦ୍ୟୁତ ସାମଗ୍ରୀ କିଣିବାକୁ ପ୍ରବର୍ତ୍ତାଇ ଥିଲେ। ଏଭଳି ଭାବେ ନେଟ୍‌ୱର୍କ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ଠକିବାକୁ ଚେଷ୍ଟା କରିଥିଲେ। ୨୦୧୯-୨୦ ମସିହା ମଧ୍ୟରେ ବାଲେଶ୍ୱର ଓ ଆଖପାଖ ଅଞ୍ଚଳରେ ଫ୍ୟାନ ବିକ୍ରି ସ୍କିମ୍ ଓ କମିଶନ ଲୋଭ ଦେଖାଇ ୭ହଜାର ଟଙ୍କା ଲେଖାଏ ଜମା କରି କମ୍ପାନୀ ସଦସ୍ୟ ହେବାକୁ ଲୋକଙ୍କୁ କୁହାଯାଇଥିଲା। ଏପରି କି ୨୦ଲକ୍ଷ ଟଙ୍କାର ଘରୋଇ ଉପକରଣ ନେଲେ ୧୦ ଲକ୍ଷ ଟଙ୍କା ରିହାତି ମିଳିବ ବୋଲି କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ଦିଆଯାଇଥିଲା। ଏହିଭଳି ଭାବେ ବାଲେଶ୍ୱରରେ ଏକାଧିକ ଅବସରପ୍ରାପ୍ତ ସେନା କର୍ମଚାରୀ, ଡାକ୍ତର, ଶିକ୍ଷକ ଓ ବ୍ୟବସାୟୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କୁଶହାୱା ନିଜ ଜାଲରେ ଫସାଇଥିଲେ। ପରେ ସମୁଦାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରି ସେ ଫେରାର୍ ହୋଇଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ଯୋଗାଯୋଗ କରିବା ସତ୍ତ୍ୱେ ସଂସ୍ଥା କର୍ତ୍ତୃପକ୍ଷ ଧରାଛୁଆଁ ଦେଇ ନ ଥିଲେ।

## ଦୁର୍ଘଟଣାରେ ଦୀପ ସିଦ୍ଧୁ ମୃତ



**ନୂଆଦିଲ୍ଲୀ, ୧୫।୨:** ଗତ ବର୍ଷ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ଚାଷୀଙ୍କ ଟ୍ରାକ୍ଟର ରାଲିବେଳେ ହୋଇଥିବା ହିଂସାକାଣ୍ଡର ଅଭିଯୁକ୍ତ ତଥା ପଞ୍ଜାବୀ ଅଭିନେତା ଦୀପ ସିଦ୍ଧୁଙ୍କ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରାତି ପ୍ରାୟ ସାଢ଼େ ୯ଟାରେ କୁଣ୍ଡଳୀ-ମାନେସର-ପଲୱାଲ (କେଏମ୍‌ପି) ଏକ୍ସପ୍ରେସ ୱେରେ ଦୀପ ସିଦ୍ଧୁ ଏକ କାର୍‌ରେ ଦିଲ୍ଲୀରୁ ଭଟିଣ୍ଡା ଯାଉଥିଲେ। ସେହି ସମୟରେ ଏକ ଟ୍ରେଲର ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ଆଉ ଦୁଇ ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, କୃଷି ଆଇନକୁ ବିରୋଧ କରି ଗତ ବର୍ଷ ଚାଲିଥିବା ଚାଷୀ ଆନ୍ଦୋଳନବେଳେ ଦୀପ ସିଦ୍ଧୁ ଚର୍ଚ୍ଚାରେ ଥିଲେ। ଗତ ଜାନୁୟାରୀରେ ୨୬ରେ କୃଷକମାନେ ନୂଆଦିଲ୍ଲୀରେ ଟ୍ରାକ୍ଟର ରାଲି ଆୟୋଜନ କରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଲାଲକିଲାରେ ଚଢ଼ିବା ସହ ଧର୍ମୀୟ ପତାକା ଲଗାଇଦେଇଥିଲେ। ଏଥିସହ ସେଠାରେ ହିଂସାକାଣ୍ଡରେ ଶତାଧିକ ପୋଲିସ କର୍ମୀ ଆହତ ହୋଇଥିଲେ। ଏଥିପାଇଁ ଦୀପ ସିଦ୍ଧୁ କୃଷକମାନଙ୍କୁ ଉସୁକାଇଥିଲେ ବୋଲି ଅଭିଯୋଗ ଆସିଥିଲା। ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ସମସ୍ତ ଆଶା ପୂରଣରେ ସହାୟକ ହେବ। ଏକାଦଶସ୍ଥ ରବି ବୁଧ କର୍ମସ୍ଥାନରେ ବନ୍ଧୁବତ୍ସଳତା, ବୌଦ୍ଧିକ ବିକାଶ, କାର୍ଯ୍ୟସିଦ୍ଧିର ଦ୍ୟୋତକ ହୋଇପାରେ। କୌଣସି ବିଶିଷ୍ଟବ୍ୟକ୍ତିଙ୍କ ଆମନ୍ତ୍ରଣ ମନରେ ସାହାଯ୍ୟକାରୀ ଭାବ ଉଦ୍ରେକ କରିବ। ଅଟକି ରହିଥିବା କାମ ସକାଶେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**ବୃଷ** ମନ ବୁଝିଲା ଭଳି କଥା କହି ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ନବମସ୍ଥ ବୁଧ ହେତୁ ବନ୍ଧୁ ଶ୍ରମଦାନ କରିପାରନ୍ତି କିନ୍ତୁ ଆର୍ଥିକ ଅଭାବ ପୂରଣ ଦିଗରେ ସାହାଯ୍ୟ ପାଇବେ ନାହିଁ। ପିଲାମାନଙ୍କ ପାଠପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ପ୍ରଭୃତିରେ ମନରେ ଉତ୍ସୁକତା ଦେଖାଦେବ।

**ମିଥୁନ** ଆଜି ଏକାଧାରରେ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଗୃହ, ଜମିଜମା, ବାଣିଜ୍ୟ ବ୍ୟବସାୟ, ପରିବହନ ଦିଗରୁ ଅନୁକୂଳ ଫଳ ପାଇବେ। ଗବେଷଣା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ନୂତନ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ ଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନ ହେତୁ ମନ ଖୁସି ରହିବ। ପୁନର୍ବସୁ ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ନଟି କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**ସିଂହ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ସୁଦ୍ଧା ଟେନ୍‌ସନ ଲାଗି ରହିବ। ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ସହ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ଆଜି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସକାଳ ସମୟଟି ପ୍ରାୟତଃ ଭଲ ରହିବ ତଥାପି ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ମଧ୍ୟାହ୍ନପରେ ପାଇବାର ସୂଚନା ରହିଛି। ପରିବାରରେ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ବିବାଦୀୟ ଘଟଣା, ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ମନ ପ୍ରଫୁଲ୍ଲ ରହିବ ଓ କର୍ମକ୍ଷେତ୍ରରେ ସ୍ଥଗିତ କାମ ସମ୍ପନ୍ନ କରିବେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ପରିବାରରେ ମତାନ୍ତରର ସମ୍ଭାବନା ରହିଛି। ବିବାଦୀୟ ଘଟଣା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଯେ କୌଣସି କର୍ମାରମ୍ଭରେ ପ୍ରଥମେ ସଙ୍କଟର ସମ୍ମୁଖୀନ ହେବେ। ସୁସ୍ଥ ମନରେ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ।

**ମକର** ନିଜ ଲୋକଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରିବା କାରଣରୁ ମନ ଅସ୍ଥିର ରହିବ। ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଅଳଙ୍କାର ପ୍ରଭୃତି ପାଇଁ ମନ ବଳାଇବେ। ଆତ୍ମୀୟସ୍ୱଜନ, ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ସାମାଜିକ କ୍ଷେତ୍ର, ଲୋକସମ୍ପର୍କ, ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ଜମିଜମା ମାମଲା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ** ଆଜି ଜମିଜମା କଳହ ଅର୍ଥ ସମ୍ବନ୍ଧୀୟ ବିବାଦର ସୂତ୍ରପାତ ଘଟାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ କଥା କଟାକଟିଜନିତ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ଓ ସଭାସମିତିରେ ଯୋଗଦେଲେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହୋଇପାରନ୍ତି।


# classifieds Everyday
0674-2580101, 2549302



MATRIMONIAL

**GROOM WANTED**

52 ବୟସ୍କା ଖଣ୍ଡାୟତ ବିଧବା Hostel Warden ଭାବେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। 7326057574. D-23135

Beautiful Khandayat girl 1996 5'3" M.Sc (Biochemistry) serving Bhubaneswar "SUNASANSAR". 9937512659, 8249969649. D-23131

Beautiful Bengali Girls 29/5'6" B.Tech, MBA Software Engineer, Bangalore .9853366347. D-23134

automobile

**SALE**

Toyota Fortuner 2018 running Km-87000, Rs.2550000. Mob. No.7848983289. D-23163

real estate

**SALE**

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

**2BHK 1100 sqft. flat on 3rd floor of BMC Bhawani Enclave at Saheed Nagar, Bhubaneswar. 9861871616.** D-71945

ପୁରୀରେ ବାସୋପଯୋଗୀ ସ୍ଥିତିବାନ ପଟ୍ଟା ଥାଇ, Litigation free, PKDA Plan approve (ପୁରୀ-କୋଣାର୍କ ଡେଭ୍‌ଲପମେଣ୍ଟ ଅଥରିଟି, ପୁରୀ), ସହଜରେ ବ୍ୟାଙ୍କ ଲୋନ୍, Electricity, Water ସୁବିଧା ଥାଇ, 2000 Sqft. Plot (50'x40'), ମନ୍ଦିର 3.5 Km., ଶ୍ରୀଲୋକନାଥ ମନ୍ଦିର 1.5 Km., ଭୁବନେଶ୍ୱର-67 Km., Direct owner- 9238518762, 9438590121. D-23166

**Gated community township gharabari plot sale in Gudiapokhari near KEC College with 30' road, Electricity, boundary wall. 8763887357, 8144730854.** D-71786

**ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481.** D-71783

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1KM ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71862

**ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା- 750/-, ତମାଣ୍ଡୋ- 1200/-, Limited plot (Bank finance available). 9776846520.** D-71794

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

**ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ NH-16କୁ ଲାଗି ଘରବାରି, boundary, electrification ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। 9777342153.** D-71795

**Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

**Private plot 6000sqft. ଘରବାରି (6ft. height boundary) near Balaji Apartment ଗୁଡ଼ିଆପୋଖରୀ ଛକ- 48,00,000/-, direct owner- 9937373013.** D-71796

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

to-let

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

Your classified advertisement published in Dharitri will be listed free in Dharitri online edition : **www.dharitri.com**

healthcare

**Relax, refresh your body, mind at Lotus SPA with best therapies. 8018891951.** D-71863

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71946

Open full body massage home service Ladies, Gents available. 9583808247. D-23078

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

Newly open full body massage ladies and gents. 8327740003. D-71859

All types body massage with hiprofile smart lady room service available. 9142145769. D-71337

**AFFIDAVIT**

ମୁଁ ଓମ୍ ପ୍ରସନ ସାହୁ, ଭୁବନେଶ୍ୱର ନୋଟାରିରେ ମୋର ନାମ ମାଟ୍ରିକ୍ ପ୍ରମାଣପତ୍ରରେ ଥିବା ପ୍ରସନ୍ନ କୁମାର ସାହୁରୁ ଓମ୍ ପ୍ରସନ ସାହୁକୁ ପରିବର୍ତ୍ତନ କରିଛି । ଧ-୨୩୧୭୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ପ୍ରଥମ ପୃଷ୍ଠାରୁ...

## ଚର୍ଚ୍ଚାରେ ଗାଡ଼ି...

ଥିବା ବହୁ ସମ୍ପତ୍ତି ଠାବ କରିଛି। ତନ୍ମଧ୍ୟରେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟ୍‌ର ଫ୍ଲାଟ ନଂ.୨/୨୫, ଯାଜପୁର ବଡ଼ଚଣା ନିକଟରେ ଥିବା ଏକ ଫାର୍ମ, ଯାଜପୁର ଓ ଭୁବନେଶ୍ୱରରେ ଥିବା ୪ଟି ପ୍ଲଟ, ୫.୨୭ଲକ୍ଷ ନଗଦ ଟଙ୍କା, ୪୩.୩୨ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ୪୪.୦୪ ଲକ୍ଷ ଟଙ୍କାର ବୀମା, ୭ଟି ଦାମୀ ଗାଡ଼ି ରହିଛି। ଗାଡ଼ି ମଧ୍ୟରେ ୧.୧୧କୋଟି ମୂଲ୍ୟର ବିଏମ୍‌ଡବ୍ଲ୍ୟୁ ଏକ୍ସ୭ କାର୍(ଓଡି୦୫-ଏଭି-୦୦୦୫), ୧୭ଲକ୍ଷ ଟଙ୍କାର ଏକ ହ୍ୟୁଣ୍ଡାଇ କ୍ରେଟା କାର୍(ଓଡି୦୫-ଏକ୍ସ-୦୦୦୫), ଏକ ମାରୁତି ବାଲେନୋ କାର(ଓଡି୦୫-ଆର୍-୯୦୦୫), ସେଭ୍ରୋଲେ ଟ୍ରେଲବ୍ଲାଜର ଏଲ୍‌ଟିଜେଡ୍ କାର(ଓଡି୦୫-ଏସ୍-୦୦୦୫) ରହିଛି। ସେହିପରି ୫ଲକ୍ଷ ୩୦ହଜାର ମୂଲ୍ୟର ଏକ ଜିଟିଆର୍୨୫୦ ହଉସଙ୍ଗ ବାଇକ୍(ଓଡି୦୫-ଏମ୍-୦୦୦୫), ୨.୫ଲକ୍ଷ ଟଙ୍କାର ଏକ ବୁଲେଟ(ଓଡି୦୫-ଏଏକ୍ସ-୦୦୦୫) ଏବଂ ୨୦ଲକ୍ଷ ଟଙ୍କାର ଏକ ଟ୍ରମ୍ଫ ରକେଟ-୩ ଆର୍ ବାଇକ୍(ଓଡି୦୫-ଏଜେଡ୍-୦୦୦୫)କୁ ଠାବ କରାଯାଇଛି।

ସେହିପରି ମିଶ୍ରଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଠାବ ହୋଇଛି। ସେଥିମଧ୍ୟରେ ଚଣ୍ଡିଖୋଲସ୍ଥିତ ଶାନ୍ତିଲତା କେୟାର(ନର୍ସିଂହୋମ), ଶାନ୍ତି ଡ୍ରଗ୍ ହାଉସ୍ ରହିଛି। ଉଭୟର ଲାଇସେନ୍ସ ମିଶ୍ରଙ୍କ ସ୍ତ୍ରୀଙ୍କ ନାମରେ ରହିଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୨କୋଟି ୫୩ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ସେହିପରି ମିଶ୍ରଙ୍କ ସ୍ତ୍ରୀଙ୍କ ନାମରେ ଶାନ୍ତିଲତା ଟ୍ରାନ୍ସପୋର୍ଟ ରହିଛି। ଏହାର ଚଣ୍ଡିଖୋଲ ଏବଂ ଧାନମଣ୍ଡଳସ୍ଥିତ କାର୍ଯ୍ୟାଳୟ, ବଡ଼ଚଣା ଖଇରାସ୍ଥିତ ଶ୍ୱଶୁର ଘର, କଟକ ମହାନଦୀବିହାରଠାରେ ୨ ଅବିବାହିତ ପୁଅ ତୁଷାର ଏବଂ ତରୁଣଙ୍କ ନାମରେ ଥିବା ଔଷଧ କମ୍ପାନୀ, ମଧୁପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସ, ଜଗତ୍‌ସିଂହପୁର ବିରିଡିସ୍ଥିତ ଡ୍ରାଇଭର ରାଜୀବ ମହାନ୍ତିଙ୍କ ଘର ଏବଂ ତୁଳସୀପୁରସ୍ଥିତ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ବଢ଼ିପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ତ୍ରିନାଥ ମିଶ୍ର କଟକ ଜିଲାରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିବାପରେ ପଦୋନ୍ନତି ପାଇ ଏହି ଜିଲାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ପୁଣି ପଦୋନ୍ନତି ପାଇ ଏସିପି ଭାବେ କଟକ କମିଶନରେଟ ପୋଲିସରେ କାର୍ଯ୍ୟ କରିଥିଲେ। ପରେ ଅତିରିକ୍ତ ଡିସିପି ଭାବେ ଦୀର୍ଘ ଦିନ କାର୍ଯ୍ୟ କରିବାପରେ ନିକଟରେ ତାଙ୍କୁ ଅତିରିକ୍ତ ଏସ୍‌ପି କମ୍ୟୁନିକେଶନ ଭାବେ ଅବସ୍ଥାପିତ କରାଯାଇଥିଲା। ସେ ଦୀର୍ଘ ବର୍ଷ ଧରି କଟକ ଜିଲା ଓ କମିଶନରେଟ ପୋଲିସରେ କାର୍ଯ୍ୟ କରିଛନ୍ତି। ମିଶ୍ର ବେଆଇନ ଭାବେ ଉପାର୍ଜନ କରିଥିବା ଅର୍ଥକୁ ସମ୍ପର୍କୀୟଙ୍କ ନାମରେ ବ୍ୟବସାୟରେ ବିନିଯୋଗ କରିଥିବା ତଦନ୍ତରୁ ଜଣାପଡ଼ିଛି। ଚଢ଼ାଉ ଶେଷ ପରେ ସମ୍ପତ୍ତିର ମୂଲ୍ୟ କେତେ ଏବଂ ସେଥିରେ ଆୟ ବହିର୍ଭୂତ ସମ୍ପତ୍ତି କେତେ ରହିଛି ତାହା କୁହାଯାଇପାରିବ ବୋଲି ଭିଜିଲାନ୍ସ ଏସ୍‌ପି ଅକ୍ଷୟ ମିଶ୍ର ସୂଚନା ଦେଇଛନ୍ତି।

## ୬୦ ବର୍ଷରେ...

ମଡେଲ ଲୁକ୍‌କୁ ଫଟୋଗ୍ରାଫର ଶାରିକ ଭାୟାଲିଲ୍ ଇଣ୍ଟରନେଟ୍‌ରେ ଛାଡ଼ିବା ପରେ ଏବେ ତାହା ଭାଇରାଲ ହେବାରେ ଲାଗିଛି। ଏପରି କି ମମ୍ମିକା ସୁଟ୍ ପିନ୍ଧି ଏବଂ ଆଇପ୍ୟାଡ୍ ଧରି ଏକ ସ୍ଥାନୀୟ ଫାର୍ମର ପ୍ରମୋସନାଲ ଭିଡିଓ ଶୁଟିଂ କରିଛନ୍ତି। ମମ୍ମିକା ଦିନ ମଜୁରିଆ ଭାବେ କାମ କରିଥାନ୍ତି। ଆଖପାଖ ଲୋକେ ତାଙ୍କୁ ଅଧିକାଂଶ ସମୟରେ ଲୁଙ୍ଗି ଓ ଶାର୍ଟରେ ଦେଖିଥାନ୍ତି। ସେ ଦିନେ ଜଣେ ମଡେଲ ହୋଇଯିବେ ବୋଲି କେହି ଭାବି ନ ଥିଲେ। ଫଟୋଗ୍ରାଫର ଶାରିକ୍ ମମ୍ମିକାଙ୍କ ଏକ ଫଟୋ ସୋସିଆଲ ମିଡିଆ ପେଜ୍‌ରେ ଶେୟାର କରିଥିଲେ। ଏଥିରେ ସେ ଅଭିନେତା ବିନାୟକନଙ୍କ ପରି ଦେଖାଯାଉଥିବା ଅନେକେ କହିଥିଲେ। ପରେ ତାଙ୍କ ସୁପର ଲୁକ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଦେଖି ଶାରିକ୍ ତାଙ୍କ ପ୍ରୋଜେକ୍ଟ ପାଇଁ ମମ୍ମିକାଙ୍କୁ ବାଛିଥିଲେ। ସେ ଏ ବିଷୟରେ ମମ୍ମିକାଙ୍କୁ ଜଣାଇଥିଲେ। ମମ୍ମିକା ରାଜି ହେବା ପରେ ଆର୍ଟିଷ୍ଟ ମଜନସ୍ ତାଙ୍କୁ ସୁଟ୍ ସହ ଏକ ମେକ୍‌ଅପ୍ ଦେଇଥିଲେ।

## ୫ମ ଗୋଖାଦ୍ୟ...

ଲାଲୁଙ୍କୁ କୋର୍ଟରୁମ୍‌ରେ ହାଜର କରାଯିବା ପରେ ବିଚାରପତି ସି.କେ. ଶଶି ରାୟ ଶୁଣାଇଥିଲେ। ଏହି ମାମଲାର ଅନ୍ୟ ୯୮ ଅଭିଯୁକ୍ତ ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ତଥ୍ୟ ପ୍ରମାଣ ଅଭାବରୁ ଦୋଷମୁକ୍ତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରୁ ପୂର୍ବତନ ଏମ୍‌ପି ଜଗଦୀଶ ଶର୍ମା, ତତ୍କାଳୀନ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ଅଧ୍ୟକ୍ଷ ଧ୍ରୁବ ଭଗତଙ୍କ ସମେତ ୩୫ ଜଣଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିବାବେଳେ ସେମାନେ ଜାମିନ ପାଇଁ ଆବେଦନ କରିପାରିବେ। ତେବେ ଲାଲୁ ଓ ଅନ୍ୟ ୩୯ ଜଣଙ୍କ ଦଣ୍ଡ ଶୁଣାଣି ଆସନ୍ତା ୨୧ରେ ହେବ। ପୂର୍ବରୁ ୯୫୦ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତି, ଚାଇବାସା ଟ୍ରେଜେରିରୁ ୩୭.୭ କୋଟି ଏବଂ ୩୩.୧୩ କୋଟି ଟଙ୍କା ବେଆଇନ ଭାବେ ଉଠାଯିବା, ଦେଓଘର ଟ୍ରେଜେରିରୁ ୮୯.୨୭ କୋଟି ଏବଂ ଡୁମ୍‌କା ଟ୍ରେଜେରିରୁ ୩.୭୬ କୋଟି ଟଙ୍କା ବେଆଇନ ଉଠାଣ ମାମଲାରେ ଲାଲୁ ଦୋଷୀସାବ୍ୟସ୍ତ ହୋଇଥିଲେ। ଏହିସବୁ ମାମଲାର ରାୟକୁ ଲାଲୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଡୋରାଣ୍ଡ ଟ୍ରେଜେରି ମାମଲା ରାୟ ବିରୋଧରେ ମଧ୍ୟ ସେ ଉଚ୍ଚତର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୧,୫୨,୫୨,୨୯୮ | ୫୮,୫୦,୪୧୯ | ୩୩,୭୬,୬୭,୦୧୫ |
| ଭାରତ | ୪,୨୭,୯୧,୯୪୩ | ୫,୦୯,୩୮୮ | ୪,୧୭,୬୦,୪୫୯ |
| ଓଡ଼ିଶା | ୧୨,୭୯,୦୪୬ | ୮୯୨୬(+୫୩) | ୧୨,୬୧,୪୬୬ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### କାନାଡାରେ ଜରୁରିକାଳୀନ ସ୍ଥିତି

**ଥମୁନି ଟ୍ରକର୍ସଙ୍କ ଟିକା ବିରୋଧୀ ଆନ୍ଦୋଳନ**

**ଅଟ୍ଟାଓ୍ୱା, ୧୫।୨:** କାନାଡାରେ କରୋନା କଟକଣା ଓ ବାଧ୍ୟତାମୂଳକ ଟିକାକରଣ ନୀତିକୁ ବିରୋଧ କରି ୩ ସପ୍ତାହ ଧରି ଚାଲିଥିବା ଟ୍ରକ୍ ଚାଳକଙ୍କ ବିକ୍ଷୋଭ ଥମିବାର ନାଁ ଧରୁନି। ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଆନ୍ଦୋଳନ ହଟୁ ନ ଥିବାରୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଜରୁରିକାଳୀନ ସ୍ଥିତି ଜାରି କରିଛନ୍ତି। ଏମର୍ଜେନ୍ସି ସୀମିତ ସମୟ ପାଇଁ ରହିବ ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏ ବାବଦ ନିୟମ ଲାଗୁ ହେବ। ଆନ୍ଦୋଳନ ଯୋଗୁ ଉପୁଜିଥିବା ସ୍ଥିତିର ମୁକାବିଲା ନିମନ୍ତେ ଏହି ପଦକ୍ଷେପ ଯୁକ୍ତିଯୁକ୍ତ ବୋଲି ଟ୍ରୁଡୋ କହିଛନ୍ତି। ଏହା ପୂର୍ବରୁ ଟ୍ରୁଡୋ ସମସ୍ତ ରାଜ୍ୟର ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ। ତେବେ ଆନ୍ଦୋଳନ ହଟାଇବା ପାଇଁ ସେନା ବ୍ୟବହାର କରିବାକୁ ସେ ମନା କରିଛନ୍ତି। ପ୍ରକାଶ ଯେ, 'ଫ୍ରିଡମ୍ କନ୍‌ଭେ' ନାମରେ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଟ୍ରକର୍ସ ସେମାନଙ୍କ ଗାଡ଼ି ଧରି ସାମିଲ ହୋଇଛନ୍ତି। କୋଭିଡ୍ କଟକଣା ଓ ଟିକା ବାଧ୍ୟତାମୂଳକ ଯୋଗୁ ଅନେକ ଟ୍ରକ୍ ଡ୍ରାଇଭରଙ୍କ ରୋଜଗାର ଯାଇଛି। ଏହା ସହ କଟକଣା ଯୋଗୁ ସେମାନେ କାର୍ଯ୍ୟ କରିବାରେ ମଧ୍ୟ ବହୁ ସମସ୍ୟାରେ ପଡୁଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ରାଜଧାନୀ ଅଟାଓ୍ୱା ସମେତ ଅନ୍ୟ ସହରରେ ଆନ୍ଦୋଳନ ଜାରି ରହିଛି।

### ପୋଲିସ ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

**ଫୁଲବାଣୀ ଅଫିସ/ତୁମୁଡିବନ୍ଧ,୧୫।୨:** କନ୍ଧମାଳ ଜିଲାରେ ମାଓବାଦୀମାନେ ଗୋଟିଏ ପରେ ଗୋଟିଏ ହିଂସା ଘଟାଇ ଚାଲିଛନ୍ତି। ସୋମବାର ବିଳମ୍ବିତ ରାତିରେ ମାଓବାଦୀ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଭଣ୍ଡରଙ୍ଗି ପଞ୍ଚାୟତ ଉପରଗୁମୁ ଗ୍ରାମରେ ଜଣେ ଯୁବକଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗଳାକାଟି ହତ୍ୟା କରିଛନ୍ତି। ସେ ହେଲେ କପିଳ ମାଝି (୩୨)। ମାଓବାଦୀଙ୍କ ଏଭଳି କାଣ୍ଡ ଯୋଗୁ ସ୍ଥାନୀୟ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନିର୍ବାଚନ ଥିବାରୁ ପୋଲିସ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ମାଓବାଦୀପ୍ରବଣ ଅଞ୍ଚଳ ତଥା ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥରେ କିଭଳି ନିର୍ବାଚନ ହେବ ତାହା ଏବେ ସନ୍ଦେହ ସୃଷ୍ଟି କରିଛି। ଗତ ଜାନୁୟାରୀ ୨୯ରେ ମାଓବାଦୀ ଭଣ୍ଡରଙ୍ଗି ପଞ୍ଚାୟତ ସରପଞ୍ଚଙ୍କ ପୁଅ ଭବାନୀ ଶଙ୍କର ପାତ୍ର(୨୧) ଓ ଗୋଚ୍ଛାଗୁଡା ଗ୍ରାମର ହେମନ୍ତ ପାତ୍ର(୨୫)ଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ। ସେତେବେଳେ କପିଳ ମଧ୍ୟ ସେମାନଙ୍କ ସ୍କାନରରେ ଥିଲେ। ସେ ନିଜ ଅଞ୍ଚଳ ଛାଡ଼ି କେରଳ ପଳାଇଥିଲେ। ସେଠାରେ କାମ କରି କିଛି ଦିନ ହେବ ଘରକୁ ଫେରିଥିଲେ। ଭଣ୍ଡରଙ୍ଗିରେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ମାଓବାଦୀ ପୋଷ୍ଟର ଏବଂ ବ୍ୟାନର ମାରିଥିଲେ। କପିଳ ଘରକୁ ଫେରିଥିବା ମାଓବାଦୀ ଖବରପାଇ ତାଙ୍କୁ ଘରୁ ଟେକି ନେଇ ହତ୍ୟା କରିଥିବା ବିଶେଷ ସୂତ୍ରରୁ ଖବର ମିଳିଛି।

### ଅଭିଯୋଗ ଆଣିଲେ ଗଙ୍ଗୁବାଈଙ୍କ ପୁଅ

**ଫିଲ୍ମରେ ମା'ଙ୍କୁ ଦେହଜୀବୀ ଦର୍ଶାଯାଇଛି**

**ମୁମ୍ବାଇ୧୫।୨:** ଫେବୃଆରୀ ୨୫ରେ ରିଲିଜ ହେବାକୁ ଥିବ ବଲିଉଡ୍ ଚଳଚ୍ଚିତ୍ର ଗଙ୍ଗୁବାଈ କାଥିଆଓ୍ୱାଡି ବିରୋଧରେ ଅଭିଯୋଗ ଆଣିଛନ୍ତି ଗଙ୍ଗୁବାଈଙ୍କ ପୁଅ ବାବୁ ରାଓଜୀ ଶାହା। ଗଙ୍ଗବାଈଙ୍କ ଭଳି ଜଣେ ସମାଜସେବୀଙ୍କୁ ଫିଲ୍ମରେ ଦେହଜୀବୀ ଦର୍ଶାଯାଇଥିବାରୁ ସେ ଆପତ୍ତି ଉଠାଇଛନ୍ତି। ଏ ନେଇ ମୁମ୍ବାଇ କୋର୍ଟ ତରଫରୁ ଫିଲ୍ମର ନିର୍ଦ୍ଦେଶକ ସଂଜୟ ଲିଲା ବଂଶାଳୀ ଏବଂ ଆଲିଆ ଭଟ୍ଟଙ୍କୁ ସମନ ଜାରି କରାଯାଇଥିବାବେଳେ ଫିଲ୍ମ ରିଲିଜ୍‌କୁ ସ୍ଥଗିତ କରିବା ନେଇ କୋର୍ଟ ଅମଙ୍ଗ ହୋଇଛନ୍ତି। ଗଙ୍ଗୁବାଈଙ୍କ ପରିବାରର ଓକିଲ ନରେନ୍ଦ୍ରଙ୍କ କହିବା ମୁତାବକ, ବର୍ତ୍ତମାନ ସୁଦ୍ଧା କୋର୍ଟରେ ମାମଲା ବିଚାରାଧୀନ ଅଛି। ଗଙ୍ଗୁବାଈଙ୍କ ପରିବାର ଫିଲ୍ମ ନେଇ ୨୦୨୦ରୁ ସଂଘର୍ଷ ଆରମ୍ଭ କରିଛି। ଯେତେବେଳେ ଫିଲ୍ମ ପ୍ରୋମୋରେ ଗଙ୍ଗୁବାଈଙ୍କ ଫଟୋ ଦେଖିବାକୁ ମିଳିଥିଲା ସେତେବେଳେ ତାଙ୍କ ପରିବାର ଲୋକଙ୍କ ନଜରରୁ ନିଜକୁ ଲୁଚାଇବା ପାଇଁ ଜାଗା ପରିବର୍ତ୍ତନ କରୁଛନ୍ତି। ଫିଲ୍ମ ତିଆରି ହେବା ପୂର୍ବରୁ କେହି ଆମରି ଅନୁମତି ନେଇ ନ ଥିବା ଗଙ୍ଗୁବାଈଙ୍କ ନାତୁଣୀ ଭାରତୀ କହିଛନ୍ତି।

# ବିଳାସପୂର୍ଣ୍ଣ ଗାଡ଼ି ସଉକ







ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ବାସଭବନରୁ ଠାବ ହୋଇଥିବା କାର୍ ଏବଂ ବାଇକ୍।

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ଅତିରିକ୍ତ ଏସ୍‌ପି(କମ୍ୟୁନିକେଶନ) ତ୍ରିନାଥ ମିଶ୍ରଙ୍କ ଘର ସମେତ ଏକାଧିକ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରାଯିବା ପରେ ବହୁ କୋଟିର ସମ୍ପତ୍ତି ଠାବ କରାଯାଇଛି। ବିଭିନ୍ନ ସ୍ଥାନରେ ଏକାଧିକ କୋଠା, ପ୍ଲଟ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସହ ୭ଟି ବିଳାସପୂର୍ଣ୍ଣ ଗାଡ଼ି ଠାବ କରାଯାଇଛି। ଗାଡ଼ିଗୁଡ଼ିକର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଠାବ ହୋଇଥିବା ଗାଡ଼ି ମଧ୍ୟରେ ବିଏମ୍‌ଡବ୍ଲ୍ୟୁ ଏକ୍ସ୍‌୭ ମଡେଲ କାର ରହିଛି, ଯାହାର ବଜାର ମୂଲ୍ୟ ୧.୧୧କୋଟି ଟଙ୍କା ହେବ। ସେହିପରି ଆଉ ୩ଟି କାର ମଧ୍ୟ ଠାବ ହୋଇଛି। ବିଶେଷକରି କଟକ ସଦର ଥାନା ଅନ୍ତର୍ଗତ ଅଢ଼ାଳିଆ ମୌଜାର କୋଭେଣ୍ଟ ଗାର୍ଡେନସ୍ଥିତ ଭଡ଼ାଘରୁ ୩ଟି ଦାମୀ ସୁପର ବାଇକ୍ ଠାବ କରାଯାଇଛି। ସେଥିମଧ୍ୟରେ ଥିବା ଟ୍ରମ୍ଫ ରକେଟ ୩ଆର(ଓଡି୦୫-ଏଜେଡ-୦୦୦୫)ର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ। ଜଣେ ପୋଲିସ ଅଧିକାରୀଙ୍କ ନିକଟରୁ ଏତେ ଟଙ୍କାର ଗାଡ଼ି ଠାବ ହେବା ଘଟଣା ତାଙ୍କର ବିଳାସପୂର୍ଣ୍ଣ ଗାଡ଼ି ସଉକକୁ ଦର୍ଶାଉଛି, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ୱସ୍ତି ଚିଲିକା ରିସର୍ଟରୁ ବିଏମ୍‌ଡବ୍ଲ୍ୟୁ ଜବତ

**ଖଲ୍ଲିକୋଟ ୧୫।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଲପୁର ପଞ୍ଚାୟତରେ ଥିବା ସ୍ୱସ୍ତି ଚିଲିକା ରିସର୍ଟରେ ମଙ୍ଗଳବାର ଭିଜିଲାନ୍ସର ୬ଜଣିଆ ଟିମ୍ ଚଢ଼ାଉ କରି ଏକ ବିଏମ୍‌ଡବ୍ଲ୍ୟୁ ଏକ୍ସ୍‌୭ କାର୍(ଓଡି୦୫-ଏଭି-୦୦୦୫)କୁ ଜବତ କରିଛି। ଅତିରିକ୍ତ ଏସ୍‌ପି(କମ୍ୟୁନିକେଶନ) ତ୍ରିନାଥ ମିଶ୍ରଙ୍କ ପୁଅ ଗତ ୨ଦିନ ହେବ ବିଏମ୍‌ଡବ୍ଲ୍ୟୁ ଗାଡ଼ି ସହ ସ୍ୱସ୍ତି ଚିଲିକା ରିସର୍ଟରେ ରହୁଥିବା ସମ୍ପର୍କରେ ଭିଜିଲାନ୍ସ ଅଧିକାରୀ ଖବର ପାଇ ଚଢ଼ାଉ କରିଥିଲେ। ଟିମ୍ ଗାଡ଼ି ସହ ମିଶ୍ରଙ୍କ ପୁଅକୁ ସାଙ୍ଗରେ ଭୁବନେଶ୍ୱର ନେଇଯାଇଥିବା ସୂଚନା ମିଳିଛି। ଚଢ଼ାଉ ସମୟରେ ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ଓ ଅତିରିକ୍ତ ଆଇଆଇସି ତଥା ଭେଜିପୁଟ ଫାଣ୍ଡି ଅଧିକାରୀ ପି. ସ୍ୱରୂପ କିଶାନ ଉପସ୍ଥିତ ଥିଲେ।

## ପୈତୃକ ଗ୍ରାମରେ ଚଢ଼ାଉ

**ନବରଙ୍ଗପୁର,୧୫।୨(ବି.ପ୍ର.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ନବରଙ୍ଗପୁର ଡାବୁଗାଁସ୍ଥିତ ପୈତୃକ ବାସଭବନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ଭିଜିଲାନ୍ସ ଟିମ୍ ଅତିରିକ୍ତ ଏସ୍‌ପିଙ୍କ ସାନ ଭାଇ ସୁରେନ୍ଦ୍ର ମିଶ୍ରଙ୍କୁ ପଚରା ଉଚରା କରିଛି। ପୈତୃକ ସମ୍ପତ୍ତିର ଏକ ତାଲିକା ଅଣାଯାଇଛି। ସେଥିମଧ୍ୟରୁ ତ୍ରିନାଥ ମିଶ୍ରଙ୍କ ସମ୍ପତ୍ତି କେତେ ହେବ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ନବରଙ୍ଗପୁର ଭିଜିଲାନ୍ସ ବିଭାଗ ଭାରାପ୍ରାପ୍ତ ଡିଏସ୍‌ପି କଳାବତୀ ବାଗ୍ କହିଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ଭୀମସେନ ପୂଜାରୀ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ଅତିରିକ୍ତ ଏସ୍‌ପିଙ୍କ ସାନ ଭାଇ ସୁରେନ୍ଦ୍ର ମିଶ୍ର ଏବେ ଡାବୁଗାଁ ବ୍ଲକ ବିଜେଡି ସଭାପତି ଅଛନ୍ତି।



ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟ୍‌ରେ ଥିବା ଶାନ୍ତି ନିବାସ।

## ମନୋରମା ଇଷ୍ଟେଟର ଶାନ୍ତି ନିବାସ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ପୋଲିସ କମ୍ୟୁନିକେଶନ ସେଲ୍‌ର ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ତ୍ରିନାଥ ମିଶ୍ରଙ୍କ ବାସଭବନ ସମେତ ୧୧ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଏହି କ୍ରମରେ ମିଶ୍ରଙ୍କ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟର ଥିବା ଫ୍ଲାଟ ନଂ ୨/୨୫ ତିନି ମହଲା ବିଶିଷ୍ଟ ଶାନ୍ତି ନିବାସରେ ଭିଜିଲାନ୍ସ ଟିମ୍ ସକାଳ ୬ଟା ୩୦ରୁ ଚଢ଼ାଉ ଜାରି ରହିଛି। ୨ଜଣ ଡିଏସ୍‌ପି ଓ ୪ ଇନ୍ସପେକ୍ଟର ସମେତ ୧୫ ଜଣିଆ ଦଳ ଚଢ଼ାଉରେ ସାମିଲ ଅଛନ୍ତି। ଚଢ଼ାଉ ସମୟରେ ଅତିରିକ୍ତ ଏସ୍‌ପି ମିଶ୍ର, ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସମେତ ପରିବାରର କିଛି ଲୋକ ଉପସ୍ଥିତ ଅଛନ୍ତି। ଏହି ଫ୍ଲାଟର ମୂଲ୍ୟ ୮୦ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଥିବାବେଳେ ଜବତ ଦସ୍ତାବିଜ ଓ ଅର୍ଥର ଆକଳନ ଜାରି ରହିଛି।

## କୋଭେଣ୍ଟ ଗାର୍ଡେନରେ ଭଡ଼ା ଘରେ ରହୁଥିଲେ

**ଫୁଲନଖରା, ୧୫।୨ (ଡି.ଏନ୍.ଏ)**



କୋଭେଣ୍ଟ ଗାର୍ଡେନ୍‌ର ଏହି ଘରେ ମିଶ୍ର ଭଡ଼ାରେ ରହୁଥିଲେ।

କଟକ ସଦର ଥାନା ଅଢ଼ାଳିଆ ମୌଜାର କୋଭେଣ୍ଟ ଗାର୍ଡେନରେ ଭଡ଼ା ଘରେ ଅତିରିକ୍ତ ଏସପି ତ୍ରିନାଥ ମିଶ୍ର ରହୁଛନ୍ତି। ଭିଜିଲାନ୍ସ ଟିମ୍ ଏଠାରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସହ ନାମୀଦାମୀ କମ୍ପାନୀର ୩ଗୋଟି ସୁପର ବାଇକ୍ ଏବଂ ଏକ କାର ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ର କୋଭେଣ୍ଟ ଗାର୍ଡେନର ଘର ନମ୍ବର ସି-୧/୦୫ରେ ଦୀର୍ଘଦିନ ଧରି ଭଡ଼ାସୂତ୍ରରେ ରହି ଆସୁଛନ୍ତି, ଯାହାକି ବିକାଶ ଦାସ ବର୍ମାଙ୍କ ନାମରେ ରହିଛି। ମଙ୍ଗଳବାର ଭିଜିଲାନ୍ସର ୩ ଜଣିଆ ଟିମ୍ ଏବଂ କିଛି ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ। ଆଶ୍ଚର୍ଯ୍ୟ କଥା ହେଲା, ଏହି କୋଭେଣ୍ଟ ଗାର୍ଡେନ ଅଞ୍ଚଳରେ କମିଶନରେଟ ପୋଲିସର ବହୁ ଅଧିକାରୀ ସେମାନଙ୍କ ସମ୍ପର୍କୀୟଙ୍କ ନାମରେ ପ୍ଲଟ କିଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ପୁଣି ବଢ଼ିପାରେ ବିଜୁଳି ଦର

**ଓଇଆର୍‌ସିରେ ଶୁଣାଣି ଆରମ୍ଭ**

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ରାଜ୍ୟରେ ପୁଣି ଘରୋଇ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବୋଝ ପଡ଼ିବା ଆଶଙ୍କା ଦେଖାଦେଇଛି। ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ହିସାବ ଦେଇ ବିଜୁଳି ଦର ବଢ଼ାଇବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାବି କରିଛି। କରୋନା ସମୟରେ ୨ ଥର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇଥିବା ବେଳେ ପୁଣି ବୃଦ୍ଧି ପାଇଁ ବଣ୍ଟନ କମ୍ପାନୀ ଓଇଆର୍‌ସି ନିକଟରେ ଗୁହାରି କରିଛି। ମଙ୍ଗଳବାରଠାରୁ ଏ ନେଇ ଓଇଆର୍‌ସିଙ୍କ ନିକଟରେ ଶୁଣାଣି ଆରମ୍ଭ ହୋଇଛି। ଆସନ୍ତା ୨୮ ତାରିଖ ଯାଏ ଓଇଆର୍‌ସି ନିକଟରେ ବିଭିନ୍ନ କମ୍ପାନୀର ଆବେଦନ ଉପରେ ଶୁଣାଣି ହେବ। ପ୍ରଥମ ଦିନରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ଆର୍‌ସି) ଏବଂ ଓଡ଼ିଶା ପାଓ୍ୱାର ଜେନେରେଶନ କର୍ପୋରେଶନ (ଓପିଜିସି)ର ଶୁଣାଣି କରାଯାଇଛି। ଆସନ୍ତା ୧୯ ତାରିଖରୁ ଟାଟା ପାଓ୍ୱାର ବଣ୍ଟନ କମ୍ପାନୀ ଦେଇଥିବା ପ୍ରସ୍ତାବ ଉପରେ ଶୁଣାଣି କରାଯିବ। ଓଏଚ୍‌ପିସି ଓଇଆର୍‌ସି ନିକଟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୫୬୧୯.୨୪ ନିୟୁତ ୟୁନିଟ୍ ବିଦ୍ୟୁତ୍ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି।

ସୂଚନାଯୋଗ୍ୟ, ଘରୋଇ ଉପଭୋକ୍ତାଙ୍କୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୩ ଟଙ୍କା ଦେବାକୁ ପଡୁଛି। ଏହାପରେ ୫୦ରୁ ୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪ଟଙ୍କା ୮୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫ଟଙ୍କା ୮୦ ଓ ୪୦୦ରୁ ଅଧିକ ପାଇଁ ୟୁନିଟ୍ ପିଛା ୬ ଟଙ୍କା ୨୦ ପଇସା ଦେବାକୁ ପଡୁଛି। ତେବେ ମିଳିଥିବା ସୂଚନା ଅନୁଯାୟୀ, କମିଶନ ୟୁନିଟ୍ ପିଛା ୧୦ରୁ ୨୦ ପଇସା ବୃଦ୍ଧି କରିବା ସମ୍ଭାବନା ରହିଛି। ଏହି ଦର ବୃଦ୍ଧିକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଛି।

## ଅପରାଧୀକୁ ଖସାଇବାକୁ ଷଡ଼ଯନ୍ତ୍ର ଚାଲିଛି: ଭାଜପା

**ମମିତା ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ଟାର୍ଗେଟ୍**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ରାୟପୁର ଗସ୍ତକୁ ନେଇ ଟାର୍ଗେଟ କରିଛି ଭାଜପା। ସରକାରୀ ଗସ୍ତ କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ମନ୍ତ୍ରୀ ମିଶ୍ର ଅକ୍ଟୋବର ୮ରୁ ୧୧ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବାର ଉଲ୍ଲେଖ କରାଯାଇଛି। ହେଲେ ୧୨ରୁ ୨୧ ତାରିଖ ଯାଏ ପର୍ଯ୍ୟନ୍ତ କୌଣସି ସୂଚନା ନାହିଁ। ଅକ୍ଟୋବର ୧୫ରୁ ୧୯ ତାରିଖ ଯାଏ ମନ୍ତ୍ରୀ ଓଡ଼ିଶା ବାହାରକୁ ଯାଇଥିଲେ ବୋଲି କାହିଁକି ଉଲ୍ଲେଖ କରାଯାଇନାହିଁ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି।

## ଗାୟିକା ସନ୍ଧ୍ୟା ମୁଖାର୍ଜୀଙ୍କ ପରଲୋକ

**କୋଲକାତା,୧୫।୨**

ବର୍ଷୀୟାନ ବଙ୍ଗୀୟ ଗାୟିକା ସନ୍ଧ୍ୟା ମୁଖାର୍ଜୀଙ୍କର ମଙ୍ଗଳବାର ସନ୍ଧ୍ୟାରେ କୋଲକାତାଠାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପିଢ଼ି ପରେ ପିଢ଼ି ସଙ୍ଗୀତପ୍ରେମୀଙ୍କୁ ନିଜ ସୁମଧୁର କଣ୍ଠସ୍ୱରରେ ଧରି ରଖିଥିବା ସନ୍ଧ୍ୟା ଗତମାସରେ ପଦ୍ମଶ୍ରୀ ସମ୍ମାନକୁ ପ୍ରତ୍ୟାଖ୍ୟାନ କରିବା ପରେ ପୁଣି ଚର୍ଚ୍ଚାକୁ ଆସିଥିଲେ। କୋଭିଡ୍-୧୯ରେ ସଂକ୍ରମଣ ହେବା ପରେ ତାଙ୍କ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ରେ ସମସ୍ୟା ଦେଖାଦେବାରୁ ଗତମାସ ୨୭ ତାରିଖରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେବେଠାରୁ ସେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହି କିମ୍ବଦନ୍ତୀ ଗାୟିକାଙ୍କ ପରଲୋକରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ, ସନ୍ଧ୍ୟା ଏକ ଶୃଙ୍ଖଳିତ ଜୀବନ ଯାପନ କରୁଥିଲେ। ତାଙ୍କ ମୃତ୍ୟୁରେ ସଙ୍ଗୀତ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଗାୟିକାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ତାଙ୍କ ମରଶରୀରକୁ ବୁଧବାର ରବୀନ୍ଦ୍ର ସଦନଠାରେ ରଖାଯିବ। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଚଳଚ୍ଚିତ୍ର 'ଜୟା ଜୟନ୍ତୀ' ଏବଂ 'ନିଶିପଦ୍ମ'ରେ କଣ୍ଠଦାନ ପାଇଁ ୧୯୭୦ରେ ଏହି ପ୍ରଚ୍ଛଦପଟ୍ଟ ଗାୟିକାଙ୍କୁ ଜାତୀୟ ଚଳଚ୍ଚିତ୍ର ସମ୍ମାନ ମିଳିଥିଲା। ସେ ୨୦୧୧ରେ ପଶ୍ଚିମବଙ୍ଗର ସର୍ବୋଚ୍ଚ ବେସାମରିକ ସମ୍ମାନ 'ବଙ୍ଗ ବିଭୂଷଣ'ରେ ସମ୍ମାନିତ ହୋଇଥିଲେ। ସେ ୧୯୬୦ରେ ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀ ଲୋକନାଥ'ରେ 'ଫୁଲ ରସିଆରେ ମନ ମୋ ଛୁଇଁ ଛୁଇଁ ଯା' ଗୀତ ଗାଇ ଶ୍ରୋତାଙ୍କ ମହଲରେ ଆଦୃତ ହୋଇଥିଲେ।

# କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବାଚସ୍ପତି

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

- ବିଧାନ ପରିଷଦ ସଂକଳ୍ପ କେନ୍ଦ୍ର ନିକଟରେ ନ ପହଞ୍ଚିବା ପ୍ରସଙ୍ଗ
- କେନ୍ଦ୍ର କିପରି ଭୁଲ୍ ତଥ୍ୟ ଦେଲା ବୋଲି ପ୍ରଶ୍ନ ମଧ୍ୟ ଉଠାଇଲେ

ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିବା ଓଡ଼ିଶା ବିଧାନ ପରିଷଦ ଗଠନ ସଂକଳ୍ପ ପ୍ରସ୍ତାବକୁ ନେଇ ରାଜନୀତି ଉଷ୍ମ ହୋଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଙ୍ଗଳବାର ଏକକାଳୀନ ୨ଟି ଚିଠି ଲେଖି ସମଗ୍ର ଘଟଣାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶାରୁ ଏଭଳି କୌଣସି ସଂକଳ୍ପ ଆସିନାହିଁ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟ ସଭାରେ କହିଥିବା ବେଳେ ମନ୍ତ୍ରଣାଳୟର ଅଧିକାରୀ କିପରି ଭୁଲ୍ ତଥ୍ୟ ଦେଲେ ତା'ର ତଦନ୍ତ କରିବାକୁ ବାଚସ୍ପତି ପାତ୍ର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ରିଜିଜୁଙ୍କୁ ଅନୁରୋଧ କରିଛନ୍ତି।

ବାଚସ୍ପତି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶା ବିଧାନ ପରିଷଦ ଗଠନ ନିମନ୍ତେ ଏକ ସଂକଳ୍ପ ପ୍ରସ୍ତାବ ବିଧାନସଭାରେ ଗୃହୀତ ହେବାପରେ ତାକୁ ୨୦୧୮ ସେପ୍ଟେମ୍ବର ୧୮ରେ କେନ୍ଦ୍ର ସରକାରଙ୍କ ନିକଟକୁ ଓଡ଼ିଶା ବିଧାନସଭା ସଚିବ ପଠାଇଥିଲେ। ଏହି ସଂକଳ୍ପ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସଭା, ଲୋକ ସଭା, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ମଧ୍ୟ ଅବଗତ କରାଯାଇଥିଲା। ତେବେ ଏହି ସଂକଳ୍ପ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ସରକାର ଅବଗତ ନ ଥିବା ନେଇ କେନ୍ଦ୍ରମନ୍ତ୍ରୀ ରିଜିଜୁ ରାଜ୍ୟ ସଭାରେ କହିଛନ୍ତି। ସମ୍ଭବତଃ ମନ୍ତ୍ରଣାଳୟର ଅଫିସରମାନେ ଏ ବିଷୟରେ ମନ୍ତ୍ରୀ ରିଜିଜୁଙ୍କୁ ଠିକ୍ ଭାବେ ଅବଗତ କରାଇ ନ ଥିବେ। ସେଥିପାଇଁ ଏହାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ପରାମର୍ଶ ଦେବା ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ କେନ୍ଦ୍ରମନ୍ତ୍ରୀ ରିଜିଜୁଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ଏକ ଚିଠିରେ ସମସ୍ତ ପ୍ରମାଣପତ୍ର ଓ କେନ୍ଦ୍ର ସରକାରଙ୍କୁ ପଠାଯାଇଥିବା ଚିଠି ସଂଲଗ୍ନ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ଆଇନ ମନ୍ତ୍ରୀ ରିଜିଜୁ ଗତ ସପ୍ତାହରେ ଏହି ବିଧାନ ପରିଷଦ ଗଠନର ସଂକଳ୍ପ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ମିଳି ନ ଥିବା ନେଇ ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ କହିବାପରେ ବାଚସ୍ପତି ପାତ୍ର ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ବିଧାନସଭା ପକ୍ଷରୁ ଏନେଇ ପଠାଯାଇଥିବା ଚିଠି ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ।

## ଏମ୍‌ବିବିଏସ୍, ବିଡିଏସ୍ ନାମଲେଖା: ୧ମ ତାଲିକା ପ୍ରକାଶ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

୨୦୨୨-୨୩ ଶିକ୍ଷାବର୍ଷ ଲାଗି ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ପାଇଁ ୧ମ ପର୍ଯ୍ୟାୟ ନାମଲେଖା ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ୧୨ଟି ମେଡିକାଲ କଲେଜରେ ଉଭୟ ଏମ୍‌ବିବିଏସ୍ ଏବଂ ବିଡିଏସ୍ ପାଠ୍ୟକ୍ରମରେ ରାଜ୍ୟ କୋଟା ସିଟ୍‌ରେ ମୋଟ ୧,୪୬୬ଟି ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧,୪୦୧ ସିଟ୍ ଆଲଟମେଣ୍ଟ କରାଯାଇଛି। ସେଥିରୁ ୧,୧୩୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏସ୍‌ସିବି ମେଡିକାଲ କଲେଜରେ ୨୧୨(ଏମ୍‌ବିବିଏସ୍) ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୧୧ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୧୫୭ ଜଣ ଆଡମିଶନ କରିଛନ୍ତି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ୨୧୩ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୧୦ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୧୯୫ ଜଣ ଆଡମିଶନ କରିଛନ୍ତି। ବୁର୍ଲାସ୍ଥିତ ଭିମ୍‌ସାରରେ ୧୭୦ ସିଟ୍ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୬୬ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା ଏବଂ ୧୫୭ ଜଣ ଆଡମିଶନ କରିଛନ୍ତି। ବାରିପଦା ପିଆର୍‌ଏମ୍‌ଏମ୍‌ସିଏଚ୍‌ରେ ୧୦୬ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦୨ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୯୭ ଜଣ ଆଡମିଶନ କରିଛନ୍ତି। କୋରାପୁଟର ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ କଲେଜରେ ୧୦୬ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦୧ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୯୮ ଜଣ ଆଡମିଶନ କରିଛନ୍ତି। ବାଲେଶ୍ୱର ଏଫ୍‌ଏମ୍ ମେଡିକାଲ କଲେଜରେ ୮୫ ସିଟ୍‌ରୁ ୮୨ ଜଣଙ୍କୁ ସିଟ୍ ଆଲଟମେଣ୍ଟ କରାଯାଇଥିବା ବେଳେ ସେଥିରୁ ୮୦ ଜଣ ଆଡମିଶନ କରିଛନ୍ତି। ବଲାଙ୍ଗୀର ବିବି ମେଡିକାଲ କଲେଜରେ ୮୫ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୩ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୮୪ ଜଣ ଆଡମିଶନ କରିଛନ୍ତି। ପୁରୀ ଏସ୍‌ଜେ ମେଡିକାଲ କଲେଜରେ ୮୫ ସିଟ୍‌ରୁ ୮୫ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୮୩ ଜଣ ଆଡମିଶନ କରିଛନ୍ତି। ଭୁବନେଶ୍ୱର ହାଇଟେକ ଏମ୍‌ସିଏଚ୍‌ରେ ୧୫୦ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୩୯ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ୯୯ ଜଣ ଆଡମିଶନ କରିଛନ୍ତି। ରାଉରକେଲା ହାଇଟେକ ଏମ୍‌ସିଏଚ୍‌ରେ ୧୦୦ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୯ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ୪୩ ଜଣ ଆଡମିଶନକରିଛନ୍ତି। ସେହିପରି ଭୁବନେଶ୍ୱର ହାଇଟେକ(ଡେଣ୍ଟାଲ)ମେଡିକାଲ କଲେଜରେ ୧୦୦ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାରେ ୮୧ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୭ ଜଣ ଆଡମିଶନ କରିଛନ୍ତି। କଟକ ଏସ୍‌ସିବି(ଡେଣ୍ଟାଲ) କଲେଜରେ ୫୪ ସିଟ୍‌ରୁ ପ୍ରଥମ ପର୍ଯ୍ୟାୟରେ ୫୨ ଜଣଙ୍କୁ ଆଲଟମେଣ୍ଟ କରାଯାଇଥିଲା। ସେଥିରୁ ୪୦ ଜଣ ନାମ ଲେଖାଇଛନ୍ତି।

"ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। -ଶ୍ରୀମା



# ଲଦାଖକୁ ବିପଦ

ଭାରତ ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରି ଜମ୍ମୁ କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଛନ୍ତି। ଏଭଳି ପଦକ୍ଷେପ ନେଇ ସରକାର ଲଦାଖର ବିକାଶ ଚିନ୍ତା କରୁଥିବାବେଳେ ମେ ୨୦୨୦ରେ ଚାଇନା ସୈନ୍ୟ ଏଲ୍‌ଏସି ଟପି ଭାରତ ପଟକୁ ପ୍ରବେଶ କଲେ। ଫଳରେ ଲଦାଖ ଅଶାନ୍ତ ହୋଇ ପଡ଼ିଲା। ଏପରିକି ଗଲୱାନ୍ ଘାଟିରେ ଚାଇନା ସେନାଙ୍କ ଅନୁପ୍ରବେଶକୁ କେନ୍ଦ୍ର କରି ଉଭୟ ସେନା ମଧ୍ୟରେ ସଂଘର୍ଷ ଘଟି ୨୦ ଜଣ ଭାରତୀୟ ସୈନ୍ୟ ଶହୀଦ ହୋଇଥିଲେ। ସେବେଠାରୁ ଦୁଇ ଦେଶର ସେନାସ୍ତରୀୟ ବହୁ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଏକ ସ୍ଥାୟୀ ସମାଧାନର ବାଟ ବାହାରି ପାରିନାହିଁ। ଗୋଟିଏ ପଟେ ଲଦାଖରେ ଯୁଦ୍ଧଭୟର ବାତାବରଣ ଲାଗି ରହିଥିବାବେଳେ ଅନ୍ୟ ପଟେ ପରିବେଶଗତ ବିପଦ ବଢ଼ିଛି ବୋଲି ନିକଟରେ କଶ୍ମୀର ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରକାଶ କରିବା ପରେ ଲଦାଖ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଯାଇଛି। ମୁଖ୍ୟତଃ ପେଙ୍ଗୋଙ୍ଗ ହ୍ରଦ ଆଖପାଖ ଗ୍ଲେସିୟର୍ ବା ହିମବାହଗୁଡ଼ିକ ତରଳି ଲଦାଖ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେମାନେ ସୂଚାଇ ଦେଇଛନ୍ତି। ଗବେଷକମାନେ କହିଛନ୍ତି ଯେ, ଲଦାଖର ପେଙ୍ଗୋଙ୍ଗ ଅଞ୍ଚଳରେ ୧୯୯୦ରୁ ୨୦୨୦ ମଧ୍ୟରେ ଭାରତ ପଟେ ଥିବା ୮୭ଟି ଗ୍ଲେସିୟର ୬.୭ ପ୍ରତିଶତ ତରଳିଯାଇଛି। ପ୍ରତିବର୍ଷ ୦.୨୩ ପ୍ରତିଶତ ଗ୍ଲେସିୟର ତରଳି ପେଙ୍ଗୋଙ୍ଗ ହ୍ରଦରେ ମିଶୁଛି। ହ୍ରଦରୁ ଏହି ପାଣି କୌଣସି ନଦୀ କିମ୍ବା ସମୁଦ୍ରକୁ ଯାଏ ନାହିଁ। ଏଣୁ ହ୍ରଦର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି ଏବଂ ସମୟକ୍ରମେ ପାଣି ମାଡ଼ିଯାଇ ଲଦାଖକୁ ମାଟିରେ ମିଶାଇ ଦେବ ବୋଲି ଗବେଷକମାନେ ସତର୍କ କରି ଦେଇଛନ୍ତି।

ବିଶ୍ୱ ତାପନ ବୃଦ୍ଧି, ମାନବୀୟ କାର୍ଯ୍ୟକଳାପ ଜନିତ ପ୍ରଦୂଷଣ ଯୋଗୁ ପେଙ୍ଗୋଙ୍ଗ ଆଖପାଖରେ ଉଭୟ ଚାଇନା ଏବଂ ଭାରତ ପଟରେ ଥିବା ୩୦୦ ଗ୍ଲେସିୟର ଦ୍ରୁତ ବେଗରେ ତରଳୁଛି। ହିମାଳୟର ୪୩୫୦ ଫୁଟ ଉପରେ ଥିବା ୧୩୪ କି.ମି. ଲମ୍ବ ଏହି ହ୍ରଦ ଭାରତରୁ ଚାଇନା ପର୍ଯ୍ୟନ୍ତ ଲମ୍ବିଛି। ଏହାର ୬୦ ଭାଗ ରହିଛି ଚାଇନାରେ ଓ ୪୦ ପ୍ରତିଶତ ଭାରତରେ। ହ୍ରଦ ଆଖପାଖରେ ଚାଇନା ସଡ଼କ, ସାମରିକ ଘାଟି ଓ ଟାୱାର ନିର୍ମାଣ କରିଚାଲିଛି। ଚାଇନା ପଟରେ ଅଧିକ ଗ୍ଲେସିୟର ଓ ହ୍ରଦର ୬୦ ଭାଗ ରହିଥିବାରୁ ଭିତ୍ତିଭୂମି ବିକାଶ କାର୍ଯ୍ୟ ଦ୍ୱାରା ଏହା ଅଧିକ ପ୍ରଭାବିତ ହେଉଛି। ଭାରତ ମଧ୍ୟ ଏହାର ସୁରକ୍ଷାକୁ ଲକ୍ଷ୍ୟ କରି ସେଠାରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଉଛି ଓ ପେଙ୍ଗୋଙ୍ଗ ଆଖପାଖରେ ଅତ୍ୟଧିକ ଯାନ ଚଳାଚଳ କରୁଛି। ଉଭୟ ଦେଶ ହ୍ରଦର ୬ କି.ମି. ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଜୋରସୋରରେ କରୁଛନ୍ତି। ଉଲ୍ଲେଖନୀୟ ଯେ, ପେଙ୍ଗୋଙ୍ଗ ହ୍ରଦରେ ଚାଇନା ଏବେ ୪୦୦ ମିଟର ବ୍ରିଜ୍ ନିର୍ମାଣ କରୁଛି। ଏହି ସବୁ କାର୍ଯ୍ୟ ନ ରୋକିଲେ ସୁନ୍ଦର ଲଦାଖକୁ ସୁରକ୍ଷିତ ରଖାଯାଇପାରିବ ନାହିଁ। ଗ୍ଲେସିୟର ତରଳିବା ଯୋଗୁ ମାଟିର ଆର୍ଦ୍ରତା କମୁଛି; ଯାହାଦ୍ୱାରା ଲଦାଖର ପରିବେଶ, ଫସଲ, ଜୀବ ଓ ଉଦ୍ଭିଦ ପ୍ରଭାବିତ ହେଉଛନ୍ତି ବୋଲି କଶ୍ମୀର ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀମାନେ କହିଛନ୍ତି। ଜୈବ ବିବିଧତାର ଅପୂରଣୀୟ କ୍ଷତି ଘଟିବ। ପେଙ୍ଗୋଙ୍ଗ ନିକଟରେ ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଉଭୟ ଦେଶର କ୍ଷତି ଘଟିବ। ବିଶେଷ କରି ଭାରତର ଅଧିକ କ୍ଷତି ହେବ। ଦେଶର ସୁରକ୍ଷା ପାଇଁ ନିର୍ମାଣ କାର୍ଯ୍ୟର ଆବଶ୍ୟକତା ରହିଛି ଓ ଅନ୍ୟ ପକ୍ଷରେ ଲଦାଖର ସୁରକ୍ଷା ମଧ୍ୟ ଦେଶ ପାଇଁ ଜରୁରୀ। ମନେରଖିବାକୁ ହେବ ଯେ, ପେଙ୍ଗୋଙ୍ଗ ଆଖପାଖ ଗ୍ଲେସିୟରଗୁଡ଼ିକର ସୁରକ୍ଷା ହିଁ ଲଦାଖର ସୁରକ୍ଷା। ଏଣୁ କେବଳ ପରିବେଶ ଉପଯୋଗୀ ବିକାଶଭିତ୍ତିକ କାର୍ଯ୍ୟ ବା ସବୁଜ ଯୋଜନା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ। ସେଠାରେ ପ୍ରଦୂଷଣ ରୋକିବାକୁ ହେଲେ ଗ୍ରୀନ ଟୁରିଜମ ବା ସବୁଜ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ହେବ।

# ବ୍ୟାଙ୍କ ବ୍ୟବସ୍ଥାର ଅଧୋଗତି



ସମରେନ୍ଦ୍ର ବଳିଆରସିଂହ

କହିଲେ ଦେଖି, ଆପଣ ଖବରକାଗଜ ଭିତର ପୃଷ୍ଠାରେ ଛୋଟ ଛୋଟ ଅକ୍ଷରରେ ବାହାରୁଥିବା ବିଭିନ୍ନ ବ୍ୟାଙ୍କର ବିଜ୍ଞାପନ ପଢ଼ନ୍ତି? ସେହି ବିଜ୍ଞାପନରେ ଲେଖାଥାଏ, ଦଖଲ ନୋଟିସ/ଡିମାଣ୍ଡ ନୋଟିସ କିମ୍ବା ଇ-ନିଲାମ/ମେଗା ଇ-ନିଲାମ କିମ୍ବା ସ୍ଥାବର ସମ୍ପତ୍ତି ବିକ୍ରି ପାଇଁ ବିକ୍ରୟ ବିଜ୍ଞପ୍ତି। ବ୍ୟାଙ୍କର ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା ପକ୍ଷରୁ ସିକ୍ୟୁରିଟାଇଜେଶନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେସି) ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ମଧ୍ୟ ପ୍ରକାଶ ପାଇଥାଏ। ସେଥିରେ ବିଜ୍ଞପ୍ତି ପ୍ରକାଶ ପାଇଥାଏ ଯେ, 'ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି, ବ୍ୟାଙ୍କରୁ ନେଇଥିବା ଋଣ ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ନନ୍ ପରଫର୍ମିଂ ଆସେଟ୍ସ ବା ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି।' ସେହିପରି ସରଫେସି ଆକ୍ଟର ୨୦୦୨ର ରୁଲ୍ ୬(୨) ଓ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିଜ୍ଞପ୍ତିରେ ଲେଖାଯାଇଥାଏ, 'ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅମୁକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ 'ଯେଉଁଠାରେ ଯେପରି ଅଛି', 'ଯାହା ଯେପରି ଅଛି', 'ସେଠାରେ ଯାହା ଅଛି' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ଋଣ ନେଇଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ଋଣ ଶୁଝି ନ ପାରିଲେ କିମ୍ବା ଆଉ କାହା ପାଇଁ ସେମାନଙ୍କ ଜମି ବନ୍ଧକ ପଡ଼ିଥିଲେ ଏଭଳି ବିଜ୍ଞାପନ ବ୍ୟାଙ୍କ ତରଫରୁ ପ୍ରକାଶ ପାଇଥାଏ। ଅନେକ ସମୟରେ ବ୍ୟାଙ୍କ ତରଫରୁ ସେହି ଋଣ ଖିଲାପୀମାନଙ୍କ ବିରୋଧରେ ଋଣ ଅସୁଲ ପ୍ରାଧିକରଣ (ଡେବ୍ଟ ରିକଭରି ଟ୍ରିବ୍ୟୁନାଲ)ରେ ଅଭିଯୋଗ ବା କେସ୍ କରାଯିବା ପରେ ଋଣ ଅସୁଲ ଅଧିକାରୀଙ୍କ ପକ୍ଷରୁ ସମ୍ପୃକ୍ତ ପକ୍ଷଙ୍କ ବିରୋଧରେ ବନ୍ଧକ ସମ୍ପତ୍ତି ନିଲାମ କିମ୍ବା ବିକ୍ରି ପାଇଁ ମଧ୍ୟ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇଥାଏ।

ପାଠକବନ୍ଧୁ, ଏସବୁ ବିଜ୍ଞାପନ ଅଧିକାଂଶ ପଢ଼ନ୍ତି ନାହିଁ। ଅନେକେ ଏସବୁକୁ ନଜରଅନ୍ଦାଜ କରିଥା'ନ୍ତି, କାରଣ ଯେଉଁମାନେ ବ୍ୟାଙ୍କରୁ କୌଣସି ଋଣ ନେଇନାହାନ୍ତି, ଋଣ ପାଇଁ ନିଜ ଜମି ବନ୍ଧକ ପକାଇ ନାହାନ୍ତି କିମ୍ବା ଆଉ କାହା ପାଇଁ ନିଜ ଜମି ବନ୍ଧକ ପକାଇନାହାନ୍ତି, ସେମାନେ ଏଭଳି ବିଜ୍ଞାପନ କାହିଁକି ପଢ଼ିବାକୁ ଚାହିଁବେ! ନାଇଁ ଆଜ୍ଞା, ଏସବୁ ବିଜ୍ଞାପନ ଭଲକରି ପଢ଼ନ୍ତୁ। କାରଣ ନିଜ ଜୀବନକାଳରେ କୌଣସି ବ୍ୟାଙ୍କରୁ ଋଣ ନ ନେଇଥିଲେ ମଧ୍ୟ ଆପଣଙ୍କ ନାଁରେ ଆଉ କେହି ବ୍ୟାଙ୍କରୁ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଋଣ କରିଦେଇଥିବ, ଅଥଚ ଆପଣ ଜାଣି ନ ଥିବେ। ଆପଣଙ୍କ ଜମିର ଦଲିଲ ଓ ପଟ୍ଟାକୁ ଜାଲ କରି, ଆପଣଙ୍କ ପରିଚୟପତ୍ର (ଆଧାର, ପାନ୍ କାର୍ଡ)ର ନକଲ ପ୍ରସ୍ତୁତ କରି କେହି ଠକ ବ୍ୟକ୍ତି ବା ସଂସ୍ଥା ଆପଣଙ୍କୁ ଠକିଥିବ। ବର୍ଷ ବର୍ଷ ଧରି ଆପଣଙ୍କ ନାଁରେ ଋଣ ଗଡୁଥିବ, କିନ୍ତୁ ଆପଣ ଜାଣି ନ ଥିବେ। ଠକ, ଦଲାଲ ଆପଣଙ୍କ ନାଁରେ ଋଣ କରିଥିବ କିମ୍ବା ଆପଣଙ୍କୁ ଗ୍ୟାରେଣ୍ଟର ରଖିଥିବ। ଆପଣଙ୍କ ଠିକଣା ବି ବ୍ୟାଙ୍କ ରେକର୍ଡରେ ଏଭଳି ଦରଜ ହୋଇଥିବ ଯେ, ଆପଣଙ୍କ ପାଖକୁ ଋଣ ଶୁଝିବାକୁ ନୋଟିସ୍ ମଧ୍ୟ ଆସୁନଥିବ। ଏହାପରେ ଡେବ୍ଟ ରିକଭରି ଟ୍ରିବ୍ୟୁନାଲରେ ଆପଣଙ୍କ ବିରୋଧରେ ବ୍ୟାଙ୍କ କେସ୍ କରିବ, ଖବରକାଗଜରେ ଆପଣଙ୍କ ନାଁରେ ବିଜ୍ଞପ୍ତି ବାହାରିବ। ଯଦି ଆପଣ ଜାଣି ନ ପାରିଲେ, ତା' ହେଲେ ଆପଣଙ୍କ ଜମି ନିଲାମ କିମ୍ବା ବିକ୍ରି ହୋଇଯାଇଥିବ।

ଏଭଳି ଠକେଇରେ ଆମ ରାଜ୍ୟ ପରା (କୁ)ଖ୍ୟାତି ଅର୍ଜନ କଲାଣି। ଠକଙ୍କ ଅମରାବତୀ ପାଲଟି ଗଲାଣି ଓଡ଼ିଶା। ଠକ ତ ଠକିବେ, ହେଲେ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥା କେମିତି ଠକଙ୍କୁ ଚିହ୍ନି ପାରୁନାହାନ୍ତି, ଧରି ପାରୁନାହାନ୍ତି, ଏ ପ୍ରଶ୍ନ ଆପଣଙ୍କ ମନରେ ଆସୁଥିବ! ଆଧାର, ପାନ୍ କାର୍ଡ, ଫିଲ୍ଡ ଭେରିଫିକେସନ୍, ଜମିର ଇସି ବା ଏନ୍‌କମ୍ବରାନ୍ସ ସାର୍ଟିଫିକେଟ୍... ଏମିତି କେତେ କଥା ଅଛି। ସାଧାରଣ ଋଣଟେ ନବାକୁ ମଣିଷ କେତେ ଦହଗଞ୍ଜ ହେଉଛି, ହେଲେ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଠକ ଚଳୁ କରିନଉଛନ୍ତି! ଏସବୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ବ୍ୟାଙ୍କ ଆଉ ପୂର୍ବଭଳି ନାହିଁ। ବ୍ୟବସ୍ଥା ପୂରା ଭୁଶୁଡ଼ି ପଡ଼ିଲାଣି। ବ୍ୟାଙ୍କର ଅଧିକାଂଶ କର୍ମଚାରୀ ଏବେ ଟଙ୍କା ଚଳୁ କରିବା ପାଇଁ ନିଆଁ ଗିଳିଦେବେ। ବ୍ୟାଙ୍କକୁ ଆପଣ ଦେଉଥିବା ବ୍ୟକ୍ତିଗତ ତଥ୍ୟର କିଛି ଗୋପନୀୟତା ନାହିଁ। ଆପଣଙ୍କ ବ୍ୟକ୍ତିଗତ ଦସ୍ତାବିଜ୍ ଓ ଦସ୍ତଖତରୁ ସେମାନେ ଲକ୍ଷ ଲକ୍ଷ/କୋଟି କୋଟି ଟଙ୍କା ଆତ୍ମସାତ୍ କରିଦେଉଛନ୍ତି। ଏମନ୍ତ ଠକିବାରେ ସିଧାସଳଖ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ରହିବାର ଖବର ବି ପଢୁଥିବେ। ଏଇ ଯେମିତି ବ୍ୟକ୍ତି ଜଣକ ୧୦ ଲକ୍ଷ ଟଙ୍କା ଋଣ ଆବେଦନ କରିଛନ୍ତି, ହେଲେ ତାଙ୍କ ନାମରେ ୬୦ ଲକ୍ଷ ଟଙ୍କା ଋଣ ଉଠିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ଆସିଲା। ତେବେ କିଛି ବର୍ଷ ପରେ ୬୦ ଲକ୍ଷ ଟଙ୍କା ଋଣ କରିଥିବାର ତାଙ୍କ ପାଖକୁ ଋଣଖିଲାପୀ ନୋଟିସ୍ ଆସିବା ପରେ ମହାଶୟ ଜାଣିଲେ ଯେ, ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ସେ ଠକେଇର ଶିକାର ହୋଇଛନ୍ତି। ବାକି ଟଙ୍କା ବ୍ୟାଙ୍କ କର୍ମଚାରୀ ଚଳୁ କରିଦେଇଛନ୍ତି। ଭାବନ୍ତୁ ତ, ଆପଣ କାହାକୁ ବିଶ୍ୱାସ କରିବେ?

ଆପଣଙ୍କ ଜମି ଗୋଟିଏ ଜାଗାରେ ଥିବ, କିନ୍ତୁ ଋଣ ଉଠୁଥିବ ଆଉ ଏକ ଜାଗାରେ, ଅନ୍ୟ ଏକ ଜିଲାର କୌଣସି ବ୍ୟାଙ୍କ ଶାଖାରେ। କାରଣ ଠକଙ୍କ ର୍‍ୟାକେଟ୍ ସହ ପ୍ରତ୍ୟକ୍ଷ ଭାବେ ସାମିଲ ହେଉଛନ୍ତି ବ୍ୟାଙ୍କ କର୍ମଚାରୀ। ଜମି ଦଲାଲ, ବିଲ୍ଡର, ଠକ ଓ କିଛି ବ୍ୟାଙ୍କ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ସାଂଘାତିକ ଜାଲିଆତି। ବେସରକାରୀ ବ୍ୟାଙ୍କ କଥା ଛାଡ଼ନ୍ତୁ, ସରକାରୀ ଜାତୀୟକରଣ ବ୍ୟାଙ୍କର କର୍ମଚାରୀମାନେ ବହୁଳ ଭାବରେ ଏହି ର୍‍ୟାକେଟରେ ଅଛନ୍ତି। ଏଥିରେ ପ୍ରତ୍ୟକ୍ଷ ସହଯୋଗ ପ୍ରଦାନ କରୁଛନ୍ତି ସବ୍-ରେଜିଷ୍ଟ୍ରି ଅଫିସ। ଏହି ଅଫିସରୁ ଦଲିଲ, ପଟ୍ଟାର ଅବିକଳ ନକଲ ପ୍ରସ୍ତୁତ କରାଯାଉଛି। ବ୍ୟାଙ୍କର ମ୍ୟାନେଜର ମଧ୍ୟ ଏଥିରେ ପକ୍ଷ ହୋଇ ବନ୍ଧକ ଚୁକ୍ତିନାମା (ଇକୁଟେବଲ ମର୍ଟଗେଜ୍ ବାଇ ଡିପୋଜିଟ୍ ଅଫ୍ ଟାଇଟଲ ଡିଡ୍) କରୁଛନ୍ତି। ବିନା ଆଧାର ଚିହ୍ନଟ, ଅସଲି ଜମି କବଲା ତନଖିରେ ଜାଲ ଦସ୍ତାବିଜରେ ମୋଟା ଅର୍ଥ ନେଇ ସବ୍-ରେଜିଷ୍ଟ୍ରାର ସେଥିରେ ଦସ୍ତଖତ ମାରିଦେଉଥିବାର ସଙ୍ଗିନ ଅଭିଯୋଗ ଏବେ ସାମ୍ନାକୁ ଆସୁଛି। ଆଜ୍ଞା, ଇଏ ହଉଚି ଆମ ରାଜସ୍ୱତନ୍ତ୍ର, ଟଙ୍କା ପାଇଁ ଏମାନେ ସବୁ କିଛି କରିପାରିବେ। ଆପଣ ଋଣ କରି ନ ଥିବେ, କିନ୍ତୁ ଇସି ବା ଏନ୍‌କମ୍ବରାନ୍ସ ସାର୍ଟିଫିକେଟରେ ଆପଣଙ୍କ ଜମି ବନ୍ଧା ପଡ଼ିଥିବାର ଦେଖଉଥିବ। ତେଣୁ ମଝିରେ ମଝିରେ ନିଜ ଜମିର ଇସି ଦେଖୁଥିବେ (ଆଜିକାଲି ଅନ୍‌ଲାଇନରେ ସବୁକିଛି ମିଳିଯାଉଛି), କାଳେ ଆପଣଙ୍କ ଜମି ଆଉ କେହି ବନ୍ଧା ପକେଇଦେଇନି ତ? ସବୁ ନୀତି ନିୟମ ଉଲ୍ଲଂଘନ କରି ଆମ ବ୍ୟବସ୍ଥା ଚାଲିଚି ସଚରାଚର। ଏ ଗଣତାନ୍ତ୍ରିକ ରାଷ୍ଟ୍ର 'ଆଜାଦୀର ଅମୃତ ମହୋତ୍ସବ' ପାଳନ କରୁଛି, ତେବେ ଜାଣିରଖନ୍ତୁ ସ୍ୱାଧୀନତାର ଏ ୭୫ ବର୍ଷରେ ମଧ୍ୟ ଆପଣଙ୍କ ଧନ, ଜୀବନ ସୁରକ୍ଷିତ ନୁହେଁ। ଆମ ତଥାକଥିତ ବ୍ୟବସ୍ଥା ଆପଣଙ୍କୁ ହାତରେ ମାରିବ, ନ ହେଲେ ଭାତରେ ମାରିବ। ଗଳିକନ୍ଦିରେ ଅପରାଧୀ ମାତିଛନ୍ତି, ଧମକ ଦେଇ ଛୁରି ଭୁଜାଲି, ବନ୍ଧୁକ ମୁନରେ ଲୁଟ୍ କରୁଛନ୍ତି, ହତ୍ୟା, ବଳାତ୍କାର କରୁଛନ୍ତି। ଆଉ କିଛି ଅପରାଧୀ କଳବଳ କୌଶଳରେ ଲୁଟି ଚାଲିଛନ୍ତି।

ଆମ ଅର୍ଥମନ୍ତ୍ରୀ ଅମୃତ ବଜେଟ ପେସ୍ କରୁଛନ୍ତି, ମହାଭାରତର ଶ୍ଲୋକ ପଢୁଛନ୍ତି, ୨୫ ବର୍ଷର ଦୀର୍ଘମିଆଦୀ ବଜେଟ ବୋଲି ଡିଣ୍ଡିମ ପିଟୁଛନ୍ତି, ତେବେ ସେଇ ଅର୍ଥ ବ୍ୟବସ୍ଥାର ଏକ କରାଳ ଚିତ୍ର ହେଉଛି ଚାପଗ୍ରସ୍ତ ସମ୍ପତ୍ତି ବା ଏନ୍‌ପିଏ (ନନ୍-ପରଫର୍ମିଂ ଆସେଟ୍)। ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ବଢ଼ି ବଢ଼ି ଚାଲିଛି। ବିଜୟ ମାଲ୍ୟା, ନୀରବ ମୋଦିଙ୍କ ଭଳି ଲକ୍ଷ ଲକ୍ଷ ୪୨୦ ଠକଙ୍କୁ ଆମ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଳନପାଳନ କରୁଛି। ୨୦୨୦ ସେପ୍ଟେମ୍ବର ସୁଦ୍ଧା ଚାପଗ୍ରସ୍ତ ଋଣ ଅନୁପାତ ୭.୯ ପ୍ରତିଶତ ଥିବାବେଳେ ୨୦୨୧ ସେପ୍ଟେମ୍ବର ସୁଦ୍ଧା ଏହା ୮.୫ ପ୍ରତିଶତ ହେଲାଣି। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ଆମ ରାଜ୍ୟରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ୧୩ ହଜାର କୋଟିକୁ ଟପିଗଲାଣି। ଋଣ ଠକିବା ପାଇଁ ବ୍ୟାଙ୍କ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ତଥା ପରୋକ୍ଷ ସମ୍ପୃକ୍ତି ଏଭଳି ପରିସ୍ଥିତି ପାଇଁ ଦାୟୀ। ଆପଣ ବିଶ୍ୱାସ କରିବେନି, ବ୍ୟାଙ୍କ ଠକେଇ ସମ୍ବନ୍ଧୀୟ ଅଭିଯୋଗକୁ ମଧ୍ୟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ବିଚରା ନିରୀହ ଲୋକଟି ମାନସିକ ଅଶାନ୍ତିରେ ଘାରି ହେଉଛି। ବ୍ୟାଙ୍କଗୁଡ଼ିକରେ ଉପରୁ ତଳ ପର୍ଯ୍ୟନ୍ତ ଅନେକ ଅଧିକାରୀ ଠକେଇ ଅର୍ଥ ହରିଲୁଟ୍‌ରେ ସମ୍ପୃକ୍ତ ଥିବାରୁ ଏଭଳି ସାଂଘାତିକ ଅବସ୍ଥା ସୃଷ୍ଟି ହୋଇଛି। ଆପଣ ଭାବୁଥିବେ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବେ ଉନ୍ନତ ଜ୍ଞାନକୌଶଳରେ ସମୃଦ୍ଧ ହେଲାଣି। ଅଭିଯୋଗ କଲେ ତୁରନ୍ତ ସମାଧାନ ହୋଇଯିବ। ହେଲେ ବର୍ଷ ବର୍ଷ ଗଡ଼ିଯାଉଛି, ଅଭିଯୋଗର ସମାଧାନ ହେଉନି। ସମବାୟ ବ୍ୟାଙ୍କମାନଙ୍କରେ ଯାହାକୁ ଯେତେ ଜାଲିଆତି, ଯାହାକୁ ଯେତେ ଠକେଇ। ଚାଷୀମାନଙ୍କର ଜମି ବନ୍ଧକ ରଖି ଠକ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ଋଣ ଉଠାଇ ଦେଉଛନ୍ତି। ବିଚରା ଚାଷୀ ମୁଣ୍ଡରେ ହାତ ଦେଉଛି। ତା' ପରେ କୋର୍ଟ କଚେରିକି ଧାଉଁଛି ନିରୀହ ଚାଷୀ। ଆମ ବ୍ୟବସ୍ଥାର ବିଷ ତଳଠୁଁ ଉପର ସଞ୍ଚରିଯାଇଛି। ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାର ଅଧୋଗତିକୁ ଏହା ସୂଚାଉ ଥିବାବେଳେ ବ୍ୟାଙ୍କ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱସନୀୟତା ଦିନକୁ ଦିନ ତୁଟିଯାଉଛି।

**ବିଶ୍ରାମ୍ବା, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା**
Email: samarbsingh@rediffmail.com

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୧୬ ଫେବୃୟାରୀ ୧୯୯୭

- ଗୁପ୍ତଚର ବୃତ୍ତିରେ ଲିପ୍ତ ଥିବା ଅଭିଯୋଗରେ ଭାରତ ଦୁଇଜଣ ଆମେରିକୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିବାରୁ ପ୍ରତିଶୋଧମୂଳକ ପଦକ୍ଷେପ ସ୍ୱରୂପ ଦୁଇଜଣ ଭାରତୀୟ କୂଟନୀତିଜ୍ଞଙ୍କୁ ଆମେରିକା ସରକାର ବହିଷ୍କାର କରିଛନ୍ତି।
- ବାଙ୍ଗାଲୋରସ୍ଥିତ ଦେବାନହଲିଠାରେ ଏକ ଭ୍ୟାନ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ମୃତ।
- ଆନ୍ଧ୍ରପ୍ରଦେଶର ମହବୁବ୍‌ନଗର ଜିଲାସ୍ଥିତ କୋଥାକୋଟାଠାରେ ଏକ ଘର ମଧ୍ୟରେ ଗଚ୍ଛିତ ଥିବା ଡେଟୋନେଟର ବିସ୍ଫୋରଣ ଘଟି ୧୦ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 7 | | | 3 |
| 3 | | | | 5 | | | | 9 |
| | 4 | | | | | | | |
| 4 | | | 3 | 8 | | | 7 | |
| | | 5 | | | | | 1 | 8 |
| | | 8 | 1 | 4 | | | | |
| | | | 2 | | | | | |
| | | | 7 | | 9 | | 3 | 1 |
| 6 | | 3 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 4 | 6 | 8 | 5 | 7 | 3 |
| 8 | 6 | 7 | 5 | 3 | 9 | 1 | 2 | 4 |
| 4 | 3 | 5 | 2 | 1 | 7 | 6 | 9 | 8 |
| 7 | 2 | 9 | 3 | 4 | 5 | 8 | 1 | 6 |
| 3 | 1 | 4 | 8 | 9 | 6 | 7 | 5 | 2 |
| 6 | 5 | 8 | 7 | 2 | 1 | 4 | 3 | 9 |
| 1 | 4 | 6 | 9 | 5 | 3 | 2 | 8 | 7 |
| 9 | 8 | 2 | 1 | 7 | 4 | 3 | 6 | 5 |
| 5 | 7 | 3 | 6 | 8 | 2 | 9 | 4 | 1 |

ଗତକାଲିର ଉତ୍ତର

# ପଞ୍ଚାୟତ ନିର୍ବାଚନ ଓ ଦଳୀୟ ଚିହ୍ନ



ରବିନାରାୟଣ ସାମଲ

ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦ - ଏମିତି ତିନୋଟି ସ୍ତରକୁ ନେଇ ଆମ ରାଜ୍ୟରେ ହେଉଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କୁ ସାଧାରଣ ଭୋଟର ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କରୁଥିବା ବେଳେ ପଞ୍ଚାୟତ ସମିତି ଓ ଜିଲା ପରିଷଦ ଅଧ୍ୟକ୍ଷ ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି। ଜିଲା ପରିଷଦ ସଭ୍ୟ ପାଇଁ ଦଳୀୟ ଚିହ୍ନକୁ ନେଇ ନିର୍ବାଚନ ହୁଏ, ବାକି ଅନ୍ୟ ସମସ୍ତ ପ୍ରାର୍ଥୀ 'ସ୍ୱାଧୀନ' ଭାବେ ଲଢ଼ିଥାନ୍ତି। ଏହା ହେଉଛି ଆଇନଗତ ପ୍ରଥା। ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଦଳୀୟ ସମର୍ଥନରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥାନ୍ତି। ଯିଏ କୌଣସି ରାଜନୈତିକ ଦଳର ସମର୍ଥନ ଯୋଗାଡ଼ କରିବାରେ ବ୍ୟର୍ଥ ହୁଅନ୍ତି ସିଏ ନିଜକୁ 'ସ୍ୱାଧୀନ' ବୋଲି ଘୋଷଣା କରିଥାନ୍ତି। ଏହି 'ସ୍ୱାଧୀନ' ଶବ୍ଦର ଅର୍ଥ ସେମିତି କିଛି ନିର୍ଦ୍ଦିଷ୍ଟ ନ ଥାଏ। ଏଥିରେ ସନ୍ତୁଷ୍ଟ ରହିପାରନ୍ତି, ଅସନ୍ତୁଷ୍ଟ ରହିପାରନ୍ତି, ବିଦ୍ରୋହୀ ରହିପାରନ୍ତି, ନିର୍ଦ୍ଦଳୀୟ ରହିପାରନ୍ତି, ନିର୍ଦ୍ୱନ୍ଦ୍ୱୀୟ ରହିପାରନ୍ତି। ଏହିସବୁ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ଜିଲା ପରିଷଦ ସଭ୍ୟଙ୍କ ବ୍ୟତୀତ ଅନ୍ୟମାନଙ୍କୁ 'ସ୍ୱାଧୀନ' ବୋଲି ଘୋଷଣା କରିବା ଧର୍ମକୁ ଆଖିଠାର ଛଡ଼ା ଅନ୍ୟ କିଛି ନୁହେଁ। ଯେଉଁ ବିଜ୍ଞ ବ୍ୟକ୍ତିମାନେ ଏପରି ଏକ ଅବାସ୍ତବ ଆଇନ ପ୍ରଣୟନ କରିବାରେ ଅଗ୍ର ଭୂମିକା ନିଭାଇଛନ୍ତି ସେମାନଙ୍କ ବାସ୍ତବ ଅଭିଜ୍ଞତାକୁ ନେଇ ଏଠାରେ ପ୍ରଶ୍ନ କରାଯାଇପାରେ।

ଆମ ଗ୍ରାମପଞ୍ଚାୟତ ଆଇନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆସନ ସଂରକ୍ଷଣରେ ବଦଳି ପ୍ରଥା। ଏହା ଦ୍ୱାରା ପ୍ରାୟ ସବୁ ବର୍ଗର ପ୍ରାର୍ଥୀ ଅଦଳ ବଦଳ ହୋଇ ନିର୍ବାଚିତ ହୋଇଥାନ୍ତି। ଫଳରେ ଏଥର ଯିଏ ସରପଞ୍ଚ ବା ସମିତି ସଭ୍ୟ ହେବେ ଆର ଥରକୁ ସେ ଆଉ ହୋଇପାରିବେ ନାହିଁ। କାରଣ ଆସନଟି ପୁରୁଷ ଥିଲେ ମହିଳା ହେବ, ସାଧାରଣବର୍ଗ ଥିଲେ ତଫସିଲଭୁକ୍ତ ହେବ, ସଂରକ୍ଷିତ ଥିଲେ ଅଣସଂରକ୍ଷିତ ହେବ ଇତ୍ୟାଦି। ଜଣେ ବ୍ୟକ୍ତି ଯେତେ ଦକ୍ଷ ଥିଲେ ବି, ସମାଜ ପାଇଁ ଯେତେ ପ୍ରତିବଦ୍ଧ ଥିଲେ ବି, ସାଧାରଣ ଲୋକେ ତାଙ୍କୁ ଯେତେ ସମର୍ଥନ କରୁଥିଲେ ବି ସେ ପୁନର୍ବାର ପ୍ରାର୍ଥୀ ହୋଇପାରିବେ ନାହିଁ। ଅନ୍ୟ ପକ୍ଷରେ ପ୍ରତିନିଧି ଜଣକ 'ସ୍ୱାଧୀନ' ହୋଇଥିବାରୁ ସେ ଯେତେ ଦୁର୍ନୀତି କରିଥିଲେ ବି ତାଙ୍କର ଅପକର୍ମ ପାଇଁ ସେ ନିଜେ ହିଁ କେବଳ ଦାୟୀ ରହିବେ, କୌଣସି ରାଜନୈତିକ ଦଳର ଉତ୍ତରଦାୟିତ୍ୱ ରହିବ ନାହିଁ। ଏହା ହେଉଛି ଗ୍ରାମପଞ୍ଚାୟତ ଆଇନର ଏକ ଅନ୍ଧକାର ଦିଗ।

ପଞ୍ଚାୟତିରାଜ ପରିକଳ୍ପନାରେ ଦୁଇଟି ଲକ୍ଷ୍ୟ ଥିଲା। ପ୍ରଥମରେ ପଞ୍ଚାୟତର ଅର୍ଥନୈତିକ ବିକାଶ ଏବଂ ଦ୍ୱିତୀୟରେ ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ। ସମ୍ବିଧାନର ୭୩ ତମ ସଂଶୋଧନ କରାଯାଇ ପଞ୍ଚାୟତ ହାତକୁ ଏହି କ୍ଷମତା ଦିଆଯାଇଛି। ଗ୍ରାମସଭାର ନିଷ୍ପତ୍ତିକ୍ରମେ ପଞ୍ଚାୟତର ଯେ କୌଣସି କାର୍ଯ୍ୟ କରାଯିବାକୁ ଆଇନରେ ବ୍ୟବସ୍ଥା ରହିଛି। ମାତ୍ର ବାସ୍ତବରେ ହୋଇଛି କ'ଣ? ଅର୍ଥନୈତିକ ବିକାଶ ନାଁରେ ଗାଁ ଗଣ୍ଡାରେ ରାସ୍ତାଘାଟ, ପୋଖରୀ, ପାଇଖାନା ଭଳି କିଛି କାମ କରାଯାଇଛି। ଟଙ୍କାରୁ ଚାରିଅଣା ଖର୍ଚ୍ଚ କରାଯାଇ ବାକିତକ ଚଳୁ କରାଯାଇଛି। କେତେକ ସ୍ଥାନରେ ରାସ୍ତାଘାଟ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣରେ ସରକାରୀ ଉଦାସୀନତା ପ୍ରତିବାଦରେ ସାଧାରଣ ଜନତା ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ପଞ୍ଚାୟତିରାଜ ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ପ୍ରତି ଦଳୀୟ ସ୍ୱୀକୃତି ଥାଏ, ମାତ୍ର ଦଳୀୟ ଟିକଟ ନ ଥାଏ କି ଦଳୀୟ ଚିହ୍ନକୁ ନେଇ ଭୋଟ ହୁଏ ନାହିଁ। ଭୋଟରଙ୍କୁ ଠକିବାକୁ ଏହା ଏକ ଛଦ୍ମ ବ୍ୟବସ୍ଥା! ଦଳୀୟ ଚିହ୍ନକୁ ନେଇ ନିର୍ବାଚନ ହେଲେ ଦଳର ନୀତି ଆଦର୍ଶ ଅନୁଯାୟୀ ସମ୍ପୃକ୍ତ ଦଳର ଉତ୍ତରଦାୟିତ୍ୱ ରହିବ, ମାତ୍ର ଦଳୀୟ ଚିହ୍ନ ନ ରହିଲେ ପରଦା ପଛରେ ମୁହଁ ଲୁଚାଇ ଖସିଯିବାକୁ ସୁଯୋଗ ମିଳିବ। ସମ୍ଭବତଃ ଏଥି ପାଇଁ ଆମ ଆଇନପ୍ରଣେତାମାନେ ପଞ୍ଚାୟତ ନିର୍ବାଚନରେ ଦଳୀୟ ଚିହ୍ନକୁ ନେଇ ଭୋଟ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି!

ସଂସଦ ଓ ବିଧାନସଭା ପରି ପୌର- ପଞ୍ଚାୟତ ଆଦି ଗୋଟିଏ ଗୋଟିଏ ରାଜନୈତିକ ପ୍ରତିଷ୍ଠାନ। ଏଠି ନିର୍ବାଚିତ ପ୍ରତିନିଧିମାନେ ନିଜର ପାଞ୍ଚ ବର୍ଷ ଅବଧି ମଧ୍ୟରେ ସରକାରୀ ଯୋଜନାର ସଫଳ ରୂପାୟନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି। ପ୍ରତିନିଧିମାନଙ୍କୁ ବାଦ୍ ଦେଇ ଯୋଜନାର କାର୍ଯ୍ୟକାରିତା କଥା ଆଦୌ ଚିନ୍ତା କରାଯାଇ ପାରେନା। ତେଣୁ ପଞ୍ଚାୟତର ପ୍ରତିନିଧିମାନଙ୍କୁ 'ସ୍ୱାଧୀନ' ବୋଲି ବିବେଚନା କରିବା ଆମ ଗଣତାନ୍ତ୍ରିକ ପଦ୍ଧତିର ପରିପନ୍ଥୀ ବୋଲି କହିଲେ ଅସମୀଚୀନ ହେବ ନାହିଁ। ଅନ୍ୟ ପକ୍ଷରେ ଆମ ପଞ୍ଚାୟତି ବ୍ୟବସ୍ଥା ଭିତରେ ୱାର୍ଡସଭ୍ୟ ପଦବୀକୁ ଅତ୍ୟନ୍ତ ନ୍ୟୂନ କରି ବିଚାର କରାଯାଇଥାଏ। ମାତ୍ର ଗ୍ରାମ ବା ୱାର୍ଡର ସାଧାରଣ ଲୋକ ଓ ସେମାନଙ୍କ ସମସ୍ୟା ସହିତ ୱାର୍ଡ ସଭ୍ୟମାନେ ଯେପରି ଜଡ଼ିତ ଅନ୍ୟ କୌଣସି ପ୍ରତିନିଧିଙ୍କ କ୍ଷେତ୍ରରେ ତାହା ପରିଲକ୍ଷିତ ହୁଏ ନାହିଁ। ତେଣୁ ସରପଞ୍ଚ, ସମିତି ସଭ୍ୟ, ଚେୟାରମ୍ୟାନ୍ ଓ ଜିଲା ପରିଷଦର କାର୍ଯ୍ୟକର୍ତ୍ତାଙ୍କ ଭଳି ୱାର୍ଡସଭ୍ୟଙ୍କର ଗୁରୁତ୍ୱ ଯଥେଷ୍ଟ ଅଧିକ। ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ୱାର୍ଡ଼ସଭ୍ୟମାନଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ ଏବଂ ନିର୍ବାଚନଟି ଦଳୀୟ ଚିହ୍ନକୁ ନେଇ ହୋଇଥାଏ। ନେତାଙ୍କ ମନ୍ତବ୍ୟ 'ଯିଏ ଜିତିବ, ଆମର' - ପଞ୍ଚାୟତ ନିର୍ବାଚନରେ ବେଶ୍ ଗୁରତ୍ୱ ବହନ କରେ। ଆଜି ଯିଏ ସରପଞ୍ଚ କି ସମିତି ସଭ୍ୟ ରୂପେ ନିର୍ବାଚିତ ହୋଇଥାନ୍ତି, ବର୍ଷ ନ ପୂରୁଣୁ ସେମାନଙ୍କୁ ଶାସକ ଗୋଷ୍ଠୀର ଛତା ତଳେ ଦେଖିବାକୁ ମିଳେ। ଦଳୀୟ ଚିହ୍ନକୁ ନେଇ ଭୋଟ ହେଉ ନ ଥିବାରୁ ଆମ ପ୍ରତିନିଧିମାନଙ୍କୁ ଦଳବଦଳ କରିବାକୁ ବେଶ୍ ସୁହାଏ। ଶାସକ ଦଳ ମଧ୍ୟ ଗୋଳିଆ ପାଣିରୁ ମାଛ ମାରିବାକୁ ଅପେକ୍ଷା କରି ସୁଯୋଗ ନେଇଥାଏ।

ସୁତରାଂ ଆମ ଗ୍ରାମ ପଞ୍ଚାୟତ ଆଇନ୍‌ରେ ସଂଶୋଧନ ଆଣି ୱାର୍ଡ଼ସଭ୍ୟଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ନିର୍ବାଚନ ଦଳୀୟ ଚିହ୍ନ ଓ ଦଳୀୟ ଇସ୍ତାହାର ଭିତ୍ତିରେ ହେଲେ ଛଦ୍ମବେଶୀ 'ସ୍ୱାଧୀନ'ମାନେ ପରଦା ଆଢୁଆଳରେ ରହିବାର ସୁଯୋଗ ପାଇବେ ନାହିଁ, ପରୋକ୍ଷ ନିର୍ବାଚନରେ ଘୋଡ଼ା ବେପାର ହେବ ନାହିଁ ଓ ପଞ୍ଚାୟତ ସଂସ୍ଥାଟି ଦୁର୍ନୀତିର ପୀଠସ୍ଥଳ ହେବ ନାହିଁ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ବୟସ ୯୨। ହେଲେ ହାତ ଥମି ନାହିଁ କି ମନୋବଳ ଭାଙ୍ଗିନାହିଁ। ପ୍ଲାଷ୍ଟିକ ବର୍ଜ୍ୟର କିଭଳି ରିସାଇକ୍ଲିଂ ବା ପୁନଃ ଉପଯୋଗ କରାଯାଇପାରିବ ତାହାର ଏକ ପ୍ରେରଣାଦାୟକ ପଥ ଦେଖାଇଛନ୍ତି ଚେନ୍ନାଇର ଜାନକୀ ବିଶ୍ୱମ୍। ଅଦରକାରୀ ପ୍ଲାଷ୍ଟିକ୍ ଓ ବ୍ୟାଗ୍‌ରୁ ସେ ଟେବୁଲ ମ୍ୟାଟ୍, ଲଗେଜ୍ ଟ୍ୟାଗ୍, କ୍ୟାରି ବ୍ୟାଗ୍ ଓ ପାଉଚ୍ ଆଦି ପ୍ରସ୍ତୁତ କରୁଛନ୍ତି। ୨୦୧୯ରେ ତାମିଲନାଡୁରେ ପ୍ଲାଷ୍ଟିକ୍ ବ୍ୟାନ୍ କରାଯିବା ପରେ ଜାନକୀ ଏହାର ପୁନଃ ବିନିଯୋଗ ଉପରେ ଚିନ୍ତା କରି ପ୍ରଥମେ ଘରେ ଥିବା ପ୍ଲାଷ୍ଟିକ୍ କଭର୍‌ର ରିସାଇକ୍ଲିଂ ଆରମ୍ଭ କରିଥିଲେ। ୟୁଟ୍ୟୁବ୍‌ରୁ ଏହାର କୌଶଳ ଶିକ୍ଷା କରି ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କ ହାତତିଆରି ଜିନିଷକୁ ସେ ବିକ୍ରି କରୁନାହାନ୍ତି। ତାଙ୍କର ଏହି କାର୍ଯ୍ୟ ଦେଖିବାକୁ ଆସୁଥିବା ଲୋକମାନଙ୍କୁ ସେଗୁଡ଼ିକ ଉପହାର ଆକାରରେ ଦେଇଥାନ୍ତି। ତାଙ୍କ ସାମଗ୍ରୀଗୁଡ଼ିକ ମଧ୍ୟରୁ ଯିଏ ଯାହା ପସନ୍ଦ କରନ୍ତି ସେ ତାଙ୍କୁ ତାହା ଦେଇଦିଅନ୍ତି। ଯେଉଁଦିନ ଲୋକମାନଙ୍କୁ ଜିନିଷ ଦେବା ଲାଗି କହିଥାନ୍ତି ଠିକ୍ ସେହିଦିନ ତାଙ୍କୁ ତାହା ଦିଅନ୍ତି। ସେ ସକାଳ ୪ଟାରୁ ଉଠନ୍ତି ଓ ନିତ୍ୟକ୍ରମ ସାରି ଦିନସାରା ଏହି କାର୍ଯ୍ୟରେ ଲାଗନ୍ତି।

## ଚିରନ୍ତନୀ

ଅଛି ସେ କେଉଁ ଦେଶେ ନୁହଇ ଜାଣି
ବିରଚି ମାୟାମୟ ରୂପର ଠାଣି
ବିଶ୍ୱମାନସରେ ବିକାର ସୃଜି
କି ସୁରା ଢାଳିଦିଏ, ନୁହଇ ବୁଝି।
ପାତ୍ର ପୂରି ମୋର ଉଚ୍ଛୁଳେ
ଗାତ୍ର ଜଳିଉଠେ ଆକୁଳେ
କଣ୍ଠେ ବଢ଼େ ତୃଷ୍ଣା ଶିର ମୋ ଯାଏ ତାତି
ତୃପତ ନୁହେଁ ଆଶା, ବଥାଏ ବେଶି ଛାତି।
ଶୁଷ୍କ ଏ ରସନା ସୁରାର ରସ ଚାଖି
ଦୁଇଟି ଆଖି ତାହା ଦୁଇଟି କଳା ଆଖି!
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମିଥ୍ୟା ପ୍ରତିଶ୍ରୁତି ଦିଆ ନ ଯାଉ

ମହାଶୟ,

ସମ୍ପ୍ରତି ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ ପ୍ରଭୃତି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ଜୋରସୋର ପ୍ରଚାର ଚାଲିଛି। ବିଭିନ୍ନ ଦଳ ବଳ ପ୍ରୟୋଗ କରି କ୍ଷମତା ଦଖଲ ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି। ''ହାତୀ ଦେବି ଘୋଡା ଦେବି ମୋ ପେଁକାଳି ବଜାଇ ଦେ'' ନୀତିରେ ପ୍ରଚାର କରାଯାଉଛି। କେବେ ଜନସେବା କରିବାର ନଜିର ନ ଥିବା ବ୍ୟକ୍ତି ଆଜି କ୍ଷମତା ପାଇଁ ମିଥ୍ୟା ପ୍ରତିଶ୍ରୁତି ମାନ ଦେଉଛନ୍ତି। କରୋନା କଟକଣାକୁ ଫୁ କରି ବଡ ବଡ ସଭାରେ ମାଗଣା ଓ ରିହାତି ଯୋଜନା ମାନ ଘୋଷଣା କରୁଛନ୍ତି। ଏ ଦିଗରେ କଂଗ୍ରେସ, ଆପ, ଶିରୋମଣି ଅକାଳୀ ଦଳ, ଆଗରେ ଅଛନ୍ତି। ପଞ୍ଜାବ ରାଜନୀତିରେ ଏଇ ଦଳମାନେ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ପରସ୍ପର ପ୍ରତିଯୋଗିତା ଚଳାଇଛନ୍ତି। ଦଳୀୟ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ଦେଶର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ନେତାମାନେ ଭୁଲିଗଲେଣି। ଆମ ରାଜ୍ୟରେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନେକ ସମାଜ ସେବାରେ ଧାର ଧାରି ନ ଥିବା ବ୍ୟକ୍ତି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗରିବ ଲୋକଙ୍କୁ ଠକୁଥିବା ତଥାକଥିତ ନେତାଙ୍କ ପ୍ରତି ସତର୍କ ହେବା ଉଚିତ। ଲୋକଙ୍କ ସୁଖ ଦୁଃଖରେ ସାମିଲ ଥିବା ବ୍ୟକ୍ତିଙ୍କୁ ନିର୍ବାଚିତ କଲେ ପଞ୍ଚାୟତିରାଜର ସ୍ୱପ୍ନ ଓ ଉଦ୍ଦେଶ୍ୟ ସଫଳ ହେବ ଏଥିରେ ସନ୍ଦେହ ନାହିଁ।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେନ୍‌ସେକ୍ସ ୧୭୩୬ ପଏଣ୍ଟ ବୃଦ୍ଧି

ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଲାଗି ରହିଥିବା ଅପ୍ରୀତିକର ପରିସ୍ଥିତିରେ ସୁଧାର ସାଙ୍ଗକୁ ଅଶୋଧିତ ତୈଳ ଦର ମଧ ହ୍ରାସ ଘଟିଛି। ଏହାର ପ୍ରଭାବ ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ପଡିଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୩୬ ପଏଣ୍ଟ ବୃଦ୍ଧି ଘଟି ୫୮,୧୪୨ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ମଧ ୫୧୦ ପଏଣ୍ଟ ବଢ଼ି ୧୭,୩୫୨ ଅଙ୍କରେ କାରବାର ବନ୍ଦ କରିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୭୩୬.୨୧ ପଏଣ୍ଟ (୩.୦୮%) ବୃଦ୍ଧି ଘଟି ୫୮,୧୪୨.୦୫ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ୫୦୯.୬୫ ପଏଣ୍ଟ (୩.୦୩%) ବଢ଼ି ୧୭,୩୫୨.୪୫ ରେ ରହିଥିବା ସୂଚନା ମିଳିଛି।

## ଏନ୍‌ଆଇଟିରୁ କ୍ୟାମ୍ପସ ଚୟନ

ଭୁବନେଶ୍ୱର,୧୫।୨: ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜ (ଏନ୍‌ଆଇଟି)ରେ ଦିଲ୍ଲୀଭିତ୍ତିକ ସଫ୍ଟୱେର କମ୍ପାନୀ ନାଇଲ୍ ଟେକ୍ନୋଲୋଜି ପକ୍ଷରୁ କ୍ୟାମ୍ପସ ଚୟନ କରାଯାଇଥିଲା। ଏଥିରେ ଅନୁଷ୍ଠାନର କମ୍ପ୍ୟୁଟର ସାଇନ୍ସ ଏବଂ ମେକାନିକାଲ ବିଭାଗର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ନାଇଲ୍ ଟେକ୍ନୋଲୋଜିର ମାନବ ସମ୍ବଳ ଅଧିକାରୀ(ଏଚ୍‌ଆର୍) ପି. ବର୍ମା ଏବଂ କମ୍ପାନୀର ଟେକ୍ନିକାଲ୍ ହେଡ୍ ଏ. ଗୋୱା କ୍ୟାମ୍ପସ ଚୟନ କରିବା ସହ ଉଭୟ ଏନ୍‌ଆଇଟି କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କ୍ୟାମ୍ପସ୍ ଚୟନରେ ନାଳନ୍ଦାରୁ ୭ ଜଣ ଛାତ୍ରୀଛାତ୍ର ସଫଳ ହୋଇଥିବା ସୂଚନା ମିଳିଛି। ପରିଶେଷରେ ନାଳନ୍ଦାର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ସୁନୀଲ ମିଶ୍ର କହିଥିଲେ, ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଉନ୍ନତି କାମନା ସହ ସେମାନଙ୍କୁ ନିଯୁକ୍ତି ଦେଉଥିବା କମ୍ପାନୀକୁ ମଧ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଉଛି।

## ଭିଆଇଟି-ଏପିରେ ଅନ୍ତଃରାଷ୍ଟ୍ରୀୟ ଆଇଇଇଇ ସମ୍ମିଳନୀ

ଭୁବନେଶ୍ୱର,୧୫।୨



ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି-ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟ (ଭିଆଇଟି-ଏପି ୟୁନିଭର୍ସିଟି)ର ସ୍କୁଲ ଅଫ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ପକ୍ଷରୁ ୨ୟ ଅନ୍ତଃରାଷ୍ଟ୍ରୀୟ ଆଇଇଇଇ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଆଇଇଇଇ ଗୁଣ୍ଟୁର ସବ୍‌ସେକ୍ସନ ଏବଂ ଆଇଇଇଇ ହାଇଦ୍ରାବାଦ୍‌ର ମିଳିତ ସହଯୋଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ସିଗ୍ନାଲ ପ୍ରୋସେସିଂ (ଏଆଇଏସ୍‌ପି) ୨୦୨୨ ଆୟୋଜନ କରାଯାଇଥିଲା। ଏହି ଅବସରରେ ଇଣ୍ଟେଲ କର୍ପୋରେଶନର ଉପସଭାପତି ଶ୍ରୀନିବାସ ଲିଙ୍ଗମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନ୍ତା କ୍ଲାରା ୟୁନିଭର୍ସିଟି ୟୁଏସ୍‌ର ପ୍ରଫେସର ଟୋକୁନ୍‌ବୋ ଓଗୁନ୍‌ଫୁମି ସମ୍ମାନିତ ଅତିଥି ଭାବେ ଭର୍ଚୁଆଲ ଜରିଆରେ ଯୋଗଦେଇଥିଲେ। କୃତ୍ରିମ ଇଣ୍ଟେଲିଜେନ୍ସ ଏବଂ ସିଗ୍ନାଲ କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ଉପସ୍ଥାପନ କରିବାକୁ ଫୋରମ ବିଶେଷ ଧ୍ୟାନ ଦେଉଛି। ଉଭୟ ଏକାଡେମୀ ଏବଂ ଇଣ୍ଡଷ୍ଟ୍ରିରୁ ଅନୁସନ୍ଧାନକାରୀଙ୍କୁ ଏକତ୍ରକରିବାକୁ ଶ୍ରୀନିବାସ ଲିଙ୍ଗମ୍ କହିଛନ୍ତି। ସେହିଭଳି ଭିଆଇଟି-ଏପିର ଭିସି ଡ. ଏସ୍.ଭି.କୋଟା ରେଡ୍ଡୀ କହିଛନ୍ତି, ଏହି ସମ୍ମିଳନୀ ଅନୁଷ୍ଠାନ ପାଇଁ ଅନେକ ସୁନାମ ଆଣିଦେଇଛି। ଉକ୍ତ କାର୍ଯ୍ୟକ୍ରମରେ ଏକାଡେମିକ୍ ମୁଖ୍ୟଙ୍କ ସମେତ ଅନୁସନ୍ଧାନକାରୀ, ଶିଳ୍ପ ସହ ଜଡିତ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ମଧ ଅଂଶ ଗ୍ରହଣ କରିଥିଲେ । ଏପରିକି ଭାରତର ୨୫ ରାଜ୍ୟ ସମେତ ୧୨ ଦେଶର ପ୍ରତିନିଧିମାନେ ମଧ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଆବାହକ ଡ. ଉମାକାନ୍ତ ନନ୍ଦ କର୍ମଶାଳାର ବିସ୍ତୃତ ସୂଚନା ପ୍ରଦାନ ସହ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଡ. ଦୀପକ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଭିଆଇଟି-ଏପିର ରେଜିଷ୍ଟ୍ରାର ଡ. ସି.ଏଲ୍.ଭି. ଶିବକୁମାରଙ୍କ ସମେତ ଅନୁଷ୍ଠାନର ବହୁ ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫର୍ଚ୍ୟୁନ ପ୍ଲସ୍ ପ୍ଲାନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୨:** ବ୍ୟାଙ୍କ ଅଫ୍ ବରୋଦା ଏବଂ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରୋତ୍ସାହିତ, ଇଣ୍ଡିଆ ଫାଷ୍ଟ ଲାଇଫ ଇନ୍‌ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଇଣ୍ଡିଆ ଫାଷ୍ଟ ଲାଇଫ ଫର୍ଚ୍ୟୁନ ପ୍ଲସ୍ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି । ଏହି ନନ୍-ଲିଙ୍କ୍, ଅଂଶଗ୍ରହଣକାରୀ, ବ୍ୟକ୍ତିଗତ ଜୀବନ, ସୀମିତ ପ୍ରିମିୟମ ସଞ୍ଚୟ ଯୋଜନା ଏକ ନିର୍ଦ୍ଦିଷ୍ଟ ଏବଂ ଦୀର୍ଘକାଳୀନ ନିରାପତ୍ତା ଯୋଗାଇବା ଲାଗି ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଇଣ୍ଡିଆ ଫାଷ୍ଟର ଡେପୁଟି ସିଇଓ ରୁଷଭ ଗାନ୍ଧୀ କହିଛନ୍ତି, ଇଣ୍ଡିଆ ଫାଷ୍ଟ ଲାଇଫର ଫର୍ଚ୍ୟୁନ ପ୍ଲସ୍ ପ୍ଲାନ୍ ଅଭିନବ ଉତ୍ପାଦ ସୁଟ୍‌ରେ ପ୍ରଥମ 'କ୍ୟାଶ୍ ବୋନସ' ଯୋଜନା। ସେହିଭଳି ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାସ କହିଛନ୍ତି, ଇଣ୍ଡିଆ ଫାଷ୍ଟ ଲାଇଫ୍ ଆମ ଗ୍ରାହକଙ୍କ ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ସାମଗ୍ରିକ ଜୀବନ ବୀମା ଉତ୍ପାଦ ପ୍ରଦାନ କରୁଛି। ଏହି ଉତ୍ପାଦ ଆପଣଙ୍କୁ ବୀମା ଅବଧି ସମୟରେ ବୋନସ ହାସଲ କରିବାକୁ ଅନୁମତି ଦେଇଥାଏ।


**25TH MARRIAGE ANNIVERSARY**



Mrs. Sanjukta Moharana with Mr. Dusmant Kumar Moharana
Capital Hospital, Bhubaneswar
-: With best wishes:-
BABI, BARSHA & BABU

D-23168

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
LADY OFFICE ASSISTANT
Free Accommodation & 10,000/-,
Nakhara, Cuttack,
Good Hand Writing & Good Personality
Contact:7809525452

See Career Appointment on every Wednesday & Saturday

भुवनेश्वर में मिल रही हैं जॉब्स शानदार
अकाउंट्स, बैक ऑफिस, टेलीकॉलर, डेटा एंट्री की जॉब्स के लिए अप्लाई करो यार|
Companies :
HDFC, Max Life, Bajaj, Reliance, Policy Bazar
कुल पद: 1283 | पगार: ₹15,000 - ₹30,000
तो अबकी बार सीधा HR से करो बात:
080-47185518
apna

**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୧୪୮

**RECRUITMENT FOR FOLLOWING POSTS**

**Functional Area : Engineer (Mechanical)**
**Qualification:** Bachelors Degree in Mechanical Engineering or Diploma holder, **Age Limit:** 30 Plus, **Job / Experience:** Minimum 5 years' experience in Construction / Engineering.
**Functional Area : Engineer (Electrical)**
**Qualification:** Bachelors Degree in Electrical Engineering or Diploma holder, **Age Limit:** 30 Plus, **Job / Experience:** Minimum 5 years' experience in Operation / Maintenance / Erection / Construction / Engineering. Engineering Instrumentation & Control, Power System Panel, Power Electronics, Power Engineering.
**Interested Candidates send their CV at mmplald@mmplsand.com** along with copy of self-attested educational certificate, experience certificate, last drawn salary slip. Applicant should be willing to work in Silica Sand beneficiation project situated at Prayagraj.
**Shortlisted candidates will be called for interview.**


## ବେଦାନ୍ତ ଫ୍ୟାଶନ୍ସର ଏବିଟା ଅଭିବୃଦ୍ଧି ୪୩.୬%

ଭୁବନେଶ୍ୱର,୧୫।୨

### ଆଜି ପୁଞ୍ଜିବଜାରରେ ସାମିଲ ହେବ କମ୍ପାନୀ

ବେଦାନ୍ତ ଫ୍ୟାଶନ୍ସ ଲିମିଟେଡ୍(ଭିଏଫ୍‌ଏଲ୍) ହେଉଛି ଭାରତୀୟ ପାର୍ବଣ ପୋଷାକର ବଜାର ଲିଡର ତଥା ପ୍ରମୁଖ ବ୍ରାଣ୍ଡ 'ମାନ୍ୟବର'। ଚଳିତ ବର୍ଷ ଫେବୃୟାରୀ ୧୬ରେ କମ୍ପାନୀ ପୁଞ୍ଜିବଜାରରେ ସୂଚୀଭୁକ୍ତ ହେବ ବୋଲି ସୂଚନା ମିଳିଛି। ଏହାର କ୍ୱାଲିଫାଏଡ୍ ଇନ୍‌ଷ୍ଟିଚ୍ୟୁଶନାଲ ବାୟର (କ୍ୟୁଆଇବି) ସବ୍‌ସ୍କ୍ରିପଶନ ପ୍ରାୟ ୭.୪୯ଗୁଣା ଏବଂ ମୋଟ ସବ୍‌ସ୍କ୍ରିପଶନ ୨.୫୭ ଗୁଣା ରହିଛି। ସେହିଭଳି ଏହାର ଟ୍ରେଲିଂ ଟୁଏଲଭ ମନ୍ଥସ (ଟିଟିଏମ୍) ହିସାବକୁ ନେଲେ କମ୍ପାନୀର ରାଜସ୍ୱ ଅଭିବୃଦ୍ଧି ୨୦୨୧ ସେପ୍ଟେମ୍ବର ଅବଧି ଶେଷ ସୁଦ୍ଧା ୩୧% ବୃଦ୍ଧି ଘଟି ୮୫୩ କୋଟି ଟଙ୍କାରେ ରହିଛି। ଗତ ବର୍ଷ ସମାନ ଅବଧିରେ ଏହାର ଅଂଶ ୬୫୧.୧୦ କୋଟି ଟଙ୍କା ରହିଥିଲା। କମ୍ପାନୀ ତା'ର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ବେଶ୍ ଭଲ କାରବାର ସହ ଅଭିବୃଦ୍ଧି ମଧ ହାସଲ କରିଛି। ଟିଟିଏମ୍ ୨୦୨୧ ସେପ୍ଟେମ୍ବରରେ ଏହାର ଏବିଟା ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୫୦% ଏବଂ ୨୯% ରହିଥିବା ରେକର୍ଡ କରାଯାଇଛି। ସେହିଭଳି ବାର୍ଷିକ ଭିତ୍ତିରେ ବେଦାନ୍ତ ଫ୍ୟାଶନ୍ସର ଏବିଟା ଅଭିବୃଦ୍ଧି ୪୩.୬% ଏବଂ ଟିକସ ପରବର୍ତ୍ତୀ ଲାଭ ଅଭିବୃଦ୍ଧି ୬୮% ରହିଛି। କମ୍ପାନୀର ବଜାର ପୁଞ୍ଜୀକରଣ ୨୧ହଜାର କୋଟି ଟଙ୍କା ରହିଛି। ଏହାର ଆଇପିଓ ଦୀର୍ଘମିଆଦୀ ଭିତ୍ତିରେ ଲାଭ ପ୍ରଦାନ କରିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ପବ୍ଲିକ ଇସ୍ୟୁ ଓପନିଂ ପୂର୍ବରୁ କମ୍ପାନୀ ୭୫ ଆଙ୍କର ନିବେଶକଙ୍କଠାରୁ ୯୪୪.୭୫ କୋଟି ଟଙ୍କା ଉଠାଣ କରିବାକୁ ସକ୍ଷମ ହୋଇଛି। ଏହାର ଅଫର ପ୍ରାଇସ୍ ବ୍ୟାଣ୍ଡ୍ ଇକ୍ୱିଟି ଶେୟାର ପିଛା ୮୬୬ ଟଙ୍କା ରହିଛି। କମ୍ପାନୀ ଆଗାମୀ କିଛି ବର୍ଷରେ ଭାରତ ବଜାରରେ ଏହାର ଉପସ୍ଥିତିକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖିଛି। ଏହା କୌଣସି ଏଣ୍ଡ ଅଫ୍ ସିଜନ ସେଲ୍ କିମ୍ବା ରିହାତି ପ୍ରଦାନ କରି ନ ଥାଏ। କମ୍ପାନୀର ପ୍ରଡକ୍ଟ ପୋର୍ଟଫୋଲିଓରେ କୁର୍ତ୍ତା, ଇଣ୍ଡୋ-ୱେଷ୍ଟର୍ନ, ସେରୱାନୀ, ଜ୍ୟାକେଟ ଏବଂ ଆସେସରିଜ ରହିଛି। ସେହିଭଳି ମହିଳାଙ୍କ ଏଥେନିକ ଏବଂ ସେଲିବ୍ରେଶନୱେର ବ୍ରାଣ୍ଡ ମୋହେକୁ ଏକ ପ୍ରମୁଖ ବ୍ରାଣ୍ଡ୍ ଭାବେ ଗଢ଼ି ତୋଳିବା ଦିଗରେ ଏହା ପ୍ରୟାସ ଜାରି ରଖିଛି।

## ସର୍‌ଫେସ୍ ଲାପ୍‌ଟପ୍ ଷ୍ଟୁଡିଓର ଶୁଭାରମ୍ଭ

ଭୁବନେଶ୍ୱର,୧୫।୨

ମାଇକ୍ରୋସଫ୍ଟ ଇଣ୍ଡିଆ ପକ୍ଷରୁ ଏହାର ନୂଆ ସର୍‌ଫେସ୍ ଲାପ୍‌ଟପ୍ ଷ୍ଟୁଡିଓର ଶୁଭାରମ୍ଭ କରାଯାଇଛି। ଏହା ୮ ମାର୍ଚ୍ଚରୁ ବାଣିଜ୍ୟିକ ପ୍ରାଧିକୃତ ରିସେଲର ଓ ନିର୍ଦ୍ଦିଷ୍ଟ ରିଟେଲ, ଅନ୍‌ଲାଇନ ପାର୍ଟନରଗୁଡିକ ମାଧ୍ୟମରେ ବିକ୍ରି ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ନିର୍ଦ୍ଦିଷ୍ଟ ରିଟେଲ ଓ ଅନ୍‌ଲାଇନ ପାର୍ଟନର ମାଧ୍ୟମରେ ୧୫ ଫେବୃୟାରୀରୁ ଏହାର ପ୍ରି-ଅର୍ଡର ଆରମ୍ଭ ହୋଇଯାଇଛି। ୧,୫୬,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ସର୍‌ଫେସ୍ ଲାପ୍‌ଟପ୍ ଷ୍ଟୁଡିଓ ହେଉଛି ସବୁଠାରୁ ଶକ୍ତିଶାଳୀ ସର୍‌ଫେସ୍। ଏ ସମ୍ପର୍କରେ ମାଇକ୍ରୋସଫ୍ଟ ଇଣ୍ଡିଆ, ଡିଭାଇସ୍ (ସର୍‌ଫେସ୍)ର କଣ୍ଟ୍ରି ହେଡ୍ ଭାସ୍କର ବାସୁ କହିଛନ୍ତି, ଆମେ ଭାରତକୁ ନୂଆ ସର୍‌ଫେସ୍ ଲାପ୍‌ଟପ୍ ଷ୍ଟୁଡିଓ ଆଣି ବାସ୍ତବରେ ଉତ୍ସାହିତ ରହିଛୁ। ଏହା ବର୍ଷ ବର୍ଷର ସର୍‌ଫେସ୍ ଉଦ୍ଭାବନର ଏକ ଫଳାଫଳ ଏବଂ ଏହା ଗୋଟିଏ ପାୱାର ହାଉସ୍ ଡିଭାଇସ୍‌ରେ ସର୍‌ଫେସ୍ ଐତିହ୍ୟର ସର୍ବୋତ୍ତମକୁ ଏକତ୍ରିତ କରିଛି।


**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

**GALAXY TOWER**



ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ
ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ ।
9870683762

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫୁରସତ୍



ଅକ୍ଷୟ କୁମାର

## 'ମୋତେ ଗଡ୍‌ଫାଦର କୁହନ୍ତି'

**ମୁମ୍ବାଇ:** ବର୍ତ୍ତମାନ ଟ୍ରେଣ୍ଡିଂରେ ଥିବା ଖିଲାଡି ଷ୍ଟାର ଅକ୍ଷୟ କୁମାର ନିଜ ରୁଦ୍ର ରୂପ ଦେଖାଇଛନ୍ତି। 'ମୁଁ ଭାଇ ନୁହେଁ, ମୋତେ ଗଡଫାଦର କୁହନ୍ତି' ବୋଲି ମଥାରେ ରୁମାଲ ବାନ୍ଧି କାନରେ କୁଣ୍ଡଳ ଲଗାଇଥିବା ଅକ୍ଷୟଙ୍କ ଏକ ପୋଷ୍ଟରରେ ଦେଖିବାକୁ ମିଳିଛି। ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ'ର ରିଲିଜ୍ ହୋଇଥିବା ପୋଷ୍ଟରରେ ଏପରି ନୂଆ ଅବତାରରେ ସେ ନଜରକୁ ଆସିଛନ୍ତି। ଅକ୍ଷୟ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଏହି ପୋଷ୍ଟକୁ ଶେୟାର କରିଛନ୍ତି। ପ୍ରଡ୍ୟୁସର ସାଜିଦ୍ ନାଡିଆଡ୍‌ୱାଲାଙ୍କ ଜନ୍ମଦିନ ଅର୍ଥାତ୍ ଫେବୃୟାରୀ ୧୮ରେ ଫିଲ୍ମର ଟ୍ରେଲର ରିଲିଜ୍ ହେବା ନେଇ ଅକ୍ଷୟ ଖୁଲାସା କରିଛନ୍ତି। ସେଥିରେ ତାଙ୍କ ସହିତ କ୍ରିତି ସାନନ୍, ଜ୍ୟାକଲିନ୍ ଫର୍ନାଣ୍ଡିଜ୍, ଅରଶଦ୍ ୱାର୍ସୀ ଅଭିନୟ କରିବେ। ଫିଲ୍ମରେ ଅକ୍ଷୟଙ୍କୁ ଜଣେ ଗ୍ୟାଙ୍ଗଷ୍ଟାର ଭୂମିକାରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରଟି ୧୮ ମାର୍ଚ୍ଚ ହୋଲି ଅବସରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ପୋଷ୍ଟରେ ଅକ୍ଷୟ ଲେଖିଛନ୍ତି, ବଚ୍ଚନ ପାଣ୍ଡେ ଆପଣଙ୍କୁ ଡରାଇବା, ହସାଇବା ଏବଂ କନ୍ଦାଇବା ପାଇଁ ପ୍ରସ୍ତୁତ। ଫିଲ୍ମକୁ ସଭିଏ ଭଲପାଇବା ଦିଅନ୍ତୁ। ସିନେମା ନିର୍ଦ୍ଦେଶକ ଫର୍‌ହାଦ୍ ସାମ୍‌ଜୀ ଓ ଅକ୍ଷୟ ୪ର୍ଥ ଥର ପାଇଁ ମୁଭିରେ ଏକାଠି କାମ କରୁଛନ୍ତି। ପୂର୍ବରୁ ଦୁହେଁ ଏଣ୍ଟରଟେନ୍‌ମେଣ୍ଟ, ହାଉସ୍‌ଫୁଲ-୩, ଏବଂ ହାଉସ୍‌ଫୁଲ-୪ରେ କାମ କରିଥିଲେ। ବଚ୍ଚନ ପାଣ୍ଡେକୁ ଦର୍ଶକ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ରୋମାନ୍ସ କରିବେ ଶାହରୁଖ୍-ଦୀପିକା

ମୁମ୍ବାଇ: ଶାହରୁଖ୍ ଏବଂ ଦୀପିକାଙ୍କ ଆଗାମୀ ଫିଲ୍ମ 'ପଠାନ୍'ର ଶୁଟିଂ ଖୁବ୍‌ଶୀଘ୍ର ଶେଷ ହେବ। ତେବେ ସିନେମାର ଏକ ରୋମାଣ୍ଟିକ୍ ଗୀତର ଶୁଟିଂ ପାଇଁ ଉଭୟ ସ୍ପେନ୍ ଯିବେ। ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଗୀତ ଶୁଟିଂରେ ସ୍ପେନ୍‌ର ଐତିହାସିକ ସ୍ଥାନ ମାଲୋର୍କା ଦ୍ୱୀପର ସୁନ୍ଦରତାକୁ ସିନେମାରେ ଦର୍ଶାଇବା ପାଇଁ ନିଷ୍ପତି ନେଇଛନ୍ତି। ଫିଲ୍ମର ଟିମ୍ ଆଗାମୀ ମାସରେ ଶୁଟିଂ ପାଇଁ ବାହାରିବେ। ଦୀପିକା, ଶାହରୁଖ୍‌ଙ୍କ ସହ ଜନ୍ ଆବ୍ରାହମ୍ ମଧ ରହିବେ। ସଲ୍‌ମାନ୍ ଖାନ୍ ମଧ ଏହି ଫିଲ୍ମରେ ନଜର ଆସିବେ। ଏଥିସହ ଫିଲ୍ମର ଅନେକାଂଶ ଶୁଟିଂ ମୁମ୍ବାଇରେ ହୋଇଛି। ଚଳିତ ବର୍ଷ ମୁଭିଟି ମୁକ୍ତିଲାଭ କରିବାର ଯୋଜନା ରହିଛି।




**ମନେ ପଡ଼ନ୍ତି**

In Loving Memory of



1954 - 2015
Our Beloved Mother
Mrs. Meera Tripathy
Peacefully Left for her Heavenly Abode on Tuesday 3rd February, 2015
Seventh Annual Sradha: Wednesday 16th February, 2022
Fondly Remembered
By: Haribandhu Tripathy and family members.

D-23162

**ଶ୍ରାଦ୍ଧବାର୍ଷିକୀ**



ଏବାସୁଦେବ ଗରାବଡୁ
ବଡ଼ଦାଣ୍ଡସାହି, ଓଲ୍ଡ ଟାଉନ, ଭୁବନେଶ୍ୱର-୨
(୧୯୩୩-୨୦୨୦)
ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ ଓ ମା' ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ ।
ଆଶୀର୍ବାଦାକାଙ୍କ୍ଷୀ:
ହତଭାଗିନୀ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୭୦୭୭୪

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ଏଡଃ ଦୁର୍ଗାଚରଣ ମହାନ୍ତି
ଆବିର୍ଭାବ: ୨୬।୧୨।୧୯୪୦
ତିରୋଧାନ: ୧୯।୦୨।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ସେବା ଆମ୍ଭମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର, ପରିବାରବର୍ଗ ଓ ବନ୍ଧୁବାନ୍ଧବ ।

D-63230

୩୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏ ପ୍ରଭା ରାଉତରାୟ
ସ୍ୱାମୀ ଏ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
'ତୁମ ପରି କିଏ ମାଆ ହେବ
ଚାରି ସନ୍ତାନ ଜଞ୍ଜାଳ ବୋହି
ନୀତିକୁ କେବଳ ଆଦର୍ଶକରି
ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ ।
ତୁମର ବନ୍ଧୁ ଓ ପରିବାରବର୍ଗ

D-71620

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏନରସିଂହ ହୋତା (୯୪)
ଆବିର୍ଭାବ-ତା୧୦।୩।୧୯୨୯ରିଖ
ତିରୋଧାନ- ତା୦୭।୨।୨୦୨୨ରିଖ
ଆପଣଙ୍କ ସ୍ୱର୍ଗାଦପୀ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ହତଭାଗ୍ୟ: ପୁତ୍ର- ରାମକୃଷ୍ଣ ହୋତା, ଗୋବିନ୍ଦଚନ୍ଦ୍ର ହୋତା, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ ଓ ଆର୍.କେ.ଏଚ୍. କନ୍‌ଷ୍ଟ୍ରକ୍ସନ ପ୍ରା.ଲିଃର କର୍ମଚାରୀବୃନ୍ଦ ।

ଧ-୬୮୮୯୩



କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ବେଙ୍ଗଲ ରଣଜୀ ଟ୍ରଫି ଦଳର ଅଭ୍ୟାସ।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ପୁରୁଷ ହକି ଦଳ।

# ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ଆଜିଠାରୁ

**କୋଲକାତା, ୧୫।୨ (ପି.ଟି.)**

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନ୍ତର୍ଜାତୀୟ ଟି୨୦ ସିରିଜ ଏଠାରେ ବୁଧବାରଠାରୁ ଆରମ୍ଭ ହେବ। ଟି୨୦ ବିଶ୍ୱକପ୍ ଆଉ ୮ମାସ ସମୟ ରହିଛି। ଏଥିପାଇଁ ଦଳର କମ୍ବିନେଶନ ତିଆରି କରିବାକୁ ପଡ଼ିବ। ସେ ଦୃଷ୍ଟିରୁ ଏହି ସିରିଜ ଘରୋଇ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ଟି୨୦ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହୋଇଥିଲା। ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଦଳର ଖେଳାଳି କମ୍ବିନେଶନ ଠିକ୍ ନ ଥିବାରୁ ଏହି ଦଶା ଭୋଗିବାକୁ ପଡ଼ିଥିଲା ବୋଲି କୁହାଯାଉଛି। ରୋହିତଙ୍କ ଅଧୀନରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଆଇପିଏଲ୍ ଟାଇଟଲ ଜିତିଛି। ତାଙ୍କୁ ଦଳର ଓପନିଂ, ମିଡିଲ ଲୋୟର ଅର୍ଡର କମ୍ବିନେଶନ ଏବଂ ବୋଲିଂ ରଣନୀତି ନିର୍ଦ୍ଧାରଣ କରିବାକୁ ହେବ। ଭାରତୀୟ ଦଳରେ ସ୍ଥାନ ପାଇଥିବା ୧୦ ଖେଳାଳି ନିକଟରେ ଅନୁଷ୍ଠିତ ଆଇପିଏଲ୍ ନିଲାମିରେ ବହୁମୂଲ୍ୟରେ ବିକ୍ରି ହୋଇଛନ୍ତି। ସେମାନଙ୍କ ପ୍ରଦର୍ଶନ ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିବ। ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଶନଙ୍କୁ ୧୫.୨୫ କୋଟି ଟଙ୍କାରେ ନେଇଛି ରୋହିତଙ୍କ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ। ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ଶ୍ରେୟାଂସ ଆୟାର ( ୧୨.୨୫ କୋଟି ଟଙ୍କା, କୋଲକାତା ନାଇଟ ରାଇଡର୍ସ), ହର୍ଷଲ ପଟେଲ (୧୦.୭୫ କୋଟି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର) ଓ ଶାର୍ଦ୍ଦୂଳ ଠାକୁର (୧୦.୭୫ କୋଟି, ଦିଲ୍ଲୀ କ୍ୟାପିଟାଲ୍ସ)। ଅନ୍ୟପକ୍ଷରେ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଖରାପ ପ୍ରଦର୍ଶନ କରିଥିବା କିରଣ ପୋଲାର୍ଡଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ସେମାନଙ୍କ ଫେଭରାଇଟ୍ ଟି୨୦ ଫର୍ମାଟରେ ଆୟୋଜକ ଦେଶକୁ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ୩-୨ରେ ରୋମାଞ୍ଚକ ବିଜୟ ହାସଲ କରି ଆସିଥିବା ଭ୍ରମଣକାରୀ ଦଳରେ ବହୁ ଟି୨୦ ସ୍ପେଶାଲିଷ୍ଟ ରହିଛନ୍ତି। ଜସନ ହୋଲ୍ଡର ଏବେ ଚମତ୍କାର ଫର୍ମରେ ଅଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆରେ ସେ ୪ ବଲ୍‌ରେ ୪ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଫିଗର ଥିଲା ୫/୨୭। ଦଳରେ ଓଡିନ୍ ସ୍ମିଥ୍ ଓ ଅକିଲ ହୋସେନଙ୍କ ଭଳି ଦକ୍ଷ ଅଲ୍‌ରାଉଣ୍ଡର ରହିଛନ୍ତି। ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ୫ ଦିନରେ ଖେଳାଯିବାକୁ ଥିବା ତିନୋଟି ମ୍ୟାଚ ପାଇଁ ୪ଟି ପିଚ୍ ପ୍ରସ୍ତୁତ କରି ରଖିଛି। ଇଡେନଗାର୍ଡେନ୍ସରେ ଥଣ୍ଡା ପବନ ଓ କାକର ଉଭୟ ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ।



ନେଟ୍ସରେ ବୋଲିଂ କରୁଛନ୍ତି ଭାରତୀୟ ଦ୍ରୁତ ବୋଲର ହର୍ଶଲ ପଟେଲ।

**ମ୍ୟାଚ ଆରମ୍ଭ:** ରାତି ୭ଟା
**ପ୍ରସାରଣ:** ଷ୍ଟାର ନେଟୱର୍କ

## ଭୁବନେଶ୍ୱରରେ ପହଞ୍ଚିଲା ଭାରତୀୟ ପୁରୁଷ ହକି ଦଳ

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି):** ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ଭାରତୀୟ ପୁରୁଷ ହକି ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ଚଳିତ ମାସ ୨୬ ଓ ୨୭ ତାରିଖରେ ଭାରତୀୟ ଦଳ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଏହାପରେ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଭାରତ ଓ ଜର୍ମାନୀ ମଧ୍ୟରେ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୯ ଓ ୨୦ରେ ଆର୍ଜେଣ୍ଟିନାକୁ ଏଠାରେ ଭେଟିବ ଭାରତ। ଏହାପରେ ଏପ୍ରିଲ ୨ ଓ ୩ ତାରିଖରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳିବ। ପ୍ରକାଶ ଯୋଗ୍ୟ ଯେ, ଗତ ୧୩ ତାରିଖରେ ପୋଚ୍‌ଫେଷ୍ଟ୍ରୁମଠାରେ ଅନୁଷ୍ଠିତ ମ୍ୟାଚରେ ଭାରତ ୧୦-୨ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭୁବନେଶ୍ୱର ଆସିଛି। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇଛି।

## ଆଫଗାନିସ୍ତାନର ୮ କ୍ରିକେଟର କୋଭିଡ୍ ପଜିଟିଭ

**ଢାକା, ୧୫।୨ (ପି.ଟି.):** ବାଂଲାଦେଶ ବିପକ୍ଷ ସିରିଜ ପୂର୍ବରୁ ଆଫଗାନିସ୍ତାନର ୮ ଜଣ କ୍ରିକେଟର ଏବଂ ୩ ଅଫିସିଆଲ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ଆଫଗାନିସ୍ତାନ ଫେବୃୟାରୀ ୨୩ରୁ ୩ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଅନ୍ତର୍ଜାତୀୟ ଟି୨୦ ଖେଳିବ।

## ଟିକା ନ ନେବା ଜିଦ୍‌ରେ ଜୋକୋଭିଚ୍ ଅଟଳ

**ଲଣ୍ଡନ, ୧୫।୨ (ଏପି)**

କରୋନା ଟିକା ନେଇ ନ ଥିବାରୁ ସର୍ବୀୟ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିଛି, ଏପରିକି ପ୍ରତ୍ୟର୍ପଣ ହୋଇଛନ୍ତି। ତଥାପି ସେ କରୋନା ଟିକା ନେବେ ନାହିଁ ବୋଲି ଦୃଢ଼ତାର ସହ କହିଛନ୍ତି। ରାଫାଲ ନାଡାଲଙ୍କ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡକୁ ଅତିକ୍ରମ କରିବା ଲାଗି ଜୋକୋଭିଚ୍‌ଙ୍କ ପାଇଁ ଫ୍ରେଞ୍ଚ ଓପନ ଓ ୱିମ୍ବେଲଡନରେ ସୁଯୋଗ ରହିଛି। ଏଥିରେ ଖେଳିବା ପାଇଁ ତାଙ୍କୁ ଯଦି ଟିକା ନେବାକୁ ବାଧ କରାଯାଏ ତେବେ ସେ ଏହି ଦୁଇଟି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରୁ ଓହରିଯିବେ ସିନା ଟିକା ନେବେ ନାହିଁ। ମଙ୍ଗଳବାର ଏକ ଖବରସରବରାହ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଏହି ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କହିଛନ୍ତି, ସେ ଏବେ ସୁଦ୍ଧା କରୋନା ଟିକା ନେଇ ନାହାନ୍ତି। ସେ ତାଙ୍କ ଆଭିମୁଖ୍ୟରେ ଅଟଳ ରହିବେ। ଆବଶ୍ୟକ ପଡ଼ିଲେ ଏଥିଲାଗି ସେ ଟାଇଟଲ ତ୍ୟାଗ କରିବା ଲାଗି ପ୍ରସ୍ତୁତ ଅଛନ୍ତି। ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଂପ୍ରାପ୍ତ ସର୍ବିୟାର ୩୪ ବର୍ଷୀୟ ଟେନିସ ଷ୍ଟାରଙ୍କ ଏହି ବକ୍ତବ୍ୟ କରୋନା ଟିକାକୁ ବିରୋଧ କରୁଥିବା ଗୋଷ୍ଠୀଙ୍କୁ ଉତ୍ସାହିତ କରିଛି। ଜୋକୋଭିଚ୍ କହିଛନ୍ତି, ସେ ଟିକାକରଣକୁ ବିରୋଧ କରୁନାହାନ୍ତି। ହେଲେ ନିଜ ଶରୀର ପାଇଁ କ'ଣ କରିବାକୁ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନେବା ନିଜସ୍ୱ ଅଧିକାର।



ନୋଭାକ ଜୋକୋଭିଚ୍

## ବିଜୟୀ ଦଳ ପାଇବ ୧.୩୨ ନିୟୁତ ଡଲାର

**ଆଇସିସି ମହିଳା ବିଶ୍ୱକପ୍**

**ଦୁବାଇ, ୧୫।୨ (ପି.ଟି.)**

ନ୍ୟୁଜିଲାଣ୍ଡରେ ହେବାକୁଥିବା ଆଇସିସି ମହିଳା ବିଶ୍ୱକପ୍‌ର ବିଜୟୀ ଦଳ ୧.୩୨ ନିୟୁତ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ଲାଭ କରିବ। ଇଂଲଣ୍ଡରେ ପ୍ରତିଯୋଗିତାର ୨୦୧୭ ସଂସ୍କରଣରେ ଚାମ୍ପିୟନ ଦଳ ଯେତିକି ପାଇଥିଲା, ଏହା ହେଉଛି ତା'ର ଦୁଇଗୁଣା। ଓଭରଅଲ ପୁରସ୍କାର ରାଶି ୭୫ ପ୍ରତିଶତ ବୃଦ୍ଧି କରାଯାଇଛି। ରନର୍ସଅପ୍ ଦଳ ଏଣିକି ୬୦୦,୦୦୦ ଆମେରିକୀୟ ଡଲାର ପାଇବ। ୨୦୧୭ରେ ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ଭାରତ ଯେତିକି ଆର୍ଥିକ ପୁରସ୍କାର ପାଇଥିଲା, ଏହା ତା'ଠାରୁ ୨୭୦,୦୦୦ ଡଲାର ଅଧିକ। ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇ ଦଳ ପ୍ରତ୍ୟେକେ ୩୦୦,୦୦୦ ଡଲାର ଲେଖାଏଁ ପାଇବେ। ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ପ୍ରତ୍ୟେକ ଦଳ ୭୦,୦୦୦ ଡଲାର ଲେଖାଏଁ ପାଇବେ, ଯାହାକି ପୂର୍ବ ସଂସ୍କରଣ ତୁଳନାରେ ୩୦,୦୦୦ ଡଲାର ଅଧିକ। ପ୍ରତିଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବିଜୟ ପାଇଁ ଦଳଗୁଡ଼ିକ ୩୫,୦୦୦ ଡଲାର ଲେଖାଏଁ ପୁରସ୍କାର ପାଇବେ। ସୂଚନାଯୋଗ୍ୟ, ମହିଳା ଆଇସିସି ବିଶ୍ୱକପ୍୨୦୨୨ ସଂସ୍କରଣରେ ମୋଟ ୨୮ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ରାଉଣ୍ଡ-ରବିନ ଫର୍ମାଟରେ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। ଗୋଟିଏ ବିଜୟ ପାଇଁ ୨ ପଏଣ୍ଟ ଏବଂ ଟାଇ ଅବା ବିନା ଫଳାଫଳରେ ଶେଷ ହୋଇଥିବା ମ୍ୟାଚରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇବେ। ଅଧିକ ପଏଣ୍ଟ ହାସଲ କରିଥିବା ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଟୁର୍ନାମେଣ୍ଟ ୬ଟି ପୃଥକ୍ ପୃଥକ୍ ଭେନ୍ୟୁରେ ଖେଳାଯିବ। ମାଉଣ୍ଟ ମଙ୍ଗାନୁଇସ୍ଥିତ ବେ' ଓଭାଲଠାରେ ଆଜି ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଫାଇନାଲ ମ୍ୟାଚ ଏପ୍ରିଲ ୩ରେ ଖ୍ରୀଷ୍ଟଚର୍ଚ୍ଚସ୍ଥିତ ହାଗ୍‌ଲେ ଓଭାଲଠାରେ ଖେଳାଯିବ।

## ପୁରନଙ୍କ ପିଜା ପାର୍ଟି

**କୋଲକାତା, ୧୫।୨ (ପି.ଟି.):** ଭଲ ଫର୍ମରେ ନ ଥିଲେ ମଧ୍ୟ ଆଇପିଏଲ ନିଲାମିରେ ସନରାଇଜର୍ସ ହାଇଦ୍ରାବାଦ ୱେଷ୍ଟଇଣ୍ଡିଜ ବ୍ୟାଟର ନିକୋଲାସ ପୁରନଙ୍କୁ ୧୦.୭୫ କୋଟି ଟଙ୍କାରେ ନେଇଛି। ଏଥିରେ ଖୁସି ହୋଇ ବାୟୋ-ବବଲରେ ତାଙ୍କ ସାଥୀ ଖେଳାଳିଙ୍କୁ ଏକ ପିଜା ପାର୍ଟି ଦେଇଛନ୍ତି। ସେ ବରାଦ କରିଥିବା ୧୫ଟି ପିଜାର ମୂଲ୍ୟ ୧୫,୦୦୦ ଟଙ୍କା। ଆଇପିଏଲ୍ ସିଜନ ୨୦୨୧ରେ ପଞ୍ଜାବ କିଙ୍ଗ୍ସ ତରଫରୁ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ସେ ୭.୭୨ ଆଭରେଜରେ ମାତ୍ର ୮୫ ରନ ସଂଗ୍ରହ କରିଥିଲେ। ଚଳିତ ଭାରତ ବିପକ୍ଷ ସିରିଜରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉତ୍ସାହଜନକ ନୁହେଁ। ଏହାସତ୍ତ୍ୱେ ୱେଷ୍ଟଇଣ୍ଡିଜର ଏହି ବାମହାତୀ ଖେଳାଳିଙ୍କୁ ସନରାଇଜର୍ସ ହାଇଦ୍ରାବାଦ କ୍ରୟ କରିଛି। ବାହାର ଖାଦ୍ୟ ଅନୁମତି ନ ଥିବାରୁ ପୁରନ ହୋଟେଲ ଶେଫ୍‌ଙ୍କୁ ୧୫ଟି ପିଜା ବରାଦ କରିଥିଲେ। ୱେଷ୍ଟଇଣ୍ଡିଜ ଦଳ ବର୍ତ୍ତମାନ ଏକ ଗ୍ରେଡ୍‌ୱାନ ବାୟୋବବଲରେ ଅବସ୍ଥାନ କରୁଛି। ସେଠାରେ ନିୟମିତ ସାନିଟାଇଜ ବ୍ୟତୀତ ତାପମାତ୍ରାକୁ ବଜାୟ ରଖାଯାଇଥାଏ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୬/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 16/2022 | ପୃଷ୍ଠା-୧



**ସ୍କୁପ୍‌ମାନ ଆଶାବାଦୀ**

କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ସ୍ପେନ୍ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚରେ ଭାରତୀୟ ମହିଳା ହକି ଦଳର ଭଲ ପ୍ରଦର୍ଶନ ନେଇ କୋଚ୍ ଜାନେକ ସ୍କୁପ୍‌ମାନ ଆଶାବାଦୀ।

୦୮

୦୩

**ମସ୍କୋ ଚିନ୍ତାକୁ ଗୁରୁତ୍ୱ ଦେଉ ନାଟୋ**

ସୀମାରେ ସାମରିକ ସ୍ୱଚ୍ଛତା ଉପରେ ଆଲୋଚନା ପାଇଁ ରୁଷିଆ ପ୍ରସ୍ତୁତ। କିନ୍ତୁ ମସ୍କୋର ଚିନ୍ତାକୁ ନାଟୋ ଗୁରୁତ୍ୱ ଦେଉ ବୋଲି କହିଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ।



# ଚାଲ୍ କ'ଣ

**ତଥାଗତ ସତପଥୀ**

ଗତ ସପ୍ତାହରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଗିରଫ କରି ଜେଲ ପଠାଇଛି। ତାଙ୍କ ନିକଟରୁ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଓ ଗାଡ଼ିମୋଟର ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମହାପାତ୍ର ୨୮ ଫେବୃୟାରୀ ୨୦୨୨ରେ ଅବସର ଗ୍ରହଣ କରିଥାଆନ୍ତେ। ଅର୍ଥାତ୍ ତାଙ୍କର ଦୁର୍ନୀତି ଧରାପଡ଼ିବା ଦିନଠାରୁ ଅବସର ଦିନ ଯାଏ ମାତ୍ର ୧୮ ଦିନ ଥିଲା। ଅନୁରୂପ ଭାବେ ୧୫ ଫେବୃୟାରୀରେ କଟକରେ ପୋଲିସ କମ୍ୟୁନିକେଶନ୍‌ର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ବାସଭବନ ସମେତ ୧୧ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇ ଅନେକ କୋଟି ଟଙ୍କା, ବିଳାସପୂର୍ଣ୍ଣ ଚାରିଚକିଆ ଓ ଦୁଇ ଚକିଆ ଯାନ ଜବତ କରାଯାଇଛି। ଆସନ୍ତା ୬୦ ଦିନ ମଧ୍ୟରେ ମିଶ୍ର ଅବସର ନେଇଥାଆନ୍ତେ। ସପ୍ତାହକ ମଧ୍ୟରେ ଦୁଇ ଜଣ ସରକାରୀ ଅଧିକାରୀଙ୍କୁ ଧରାଯିବା ଓ ସେମାନଙ୍କ ଅମାପ ସମ୍ପତ୍ତି ବିଷୟରେ ଗଣମାଧ୍ୟମରେ ପ୍ରଚାରିତ କରାଇ ଭିଜିଲାନ୍ସ ବିଭାଗ ବାହାବା ନେବାକୁ ଚେଷ୍ଟା କରିଛି। ପୂର୍ବରୁ ଏହିଭଳି ଅନେକ ଘଟଣା ଦେଖିବାକୁ ମିଳିଛି ଯେଉଁଥିରେ ଅବସର ନେବାକୁ ଅଳ୍ପଦିନ ଥିବ ଯେତେବେଳେ ଭିଜିଲାନ୍ସ ଚଢ଼ାଉ କରାଯାଇଥାଏ, ସେତେବେଳେ ଉକ୍ତ ବିଭାଗ ତାଙ୍କ ଅଭିଯୋଗଗୁଡ଼ିକୁ ପ୍ରମାଣ କଲା ଭଳି ତଥ୍ୟ ଯୋଗାଡ଼ କରିବାରେ ମଧ୍ୟ ଅସମର୍ଥ ହୋଇଥାଏ। ଇତିମଧ୍ୟରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ସହିତ ଅନେକ ଖେଳ ଖେଳିବାରେ ଭିଜିଲାନ୍ସ ଅଫିସରମାନେ ଚତୁରତା ଦେଖାଇଥାଆନ୍ତି।

ଉପରଲିଖିତ ଭିଜିଲାନ୍ସ ଜାଲରେ ପଡ଼ିଥିବା ଅଧିକାରୀଦ୍ୱୟଙ୍କ ବିଷୟକୁ ଯଦି ଦେଖିବା ସେମାନେ ଚାକିରିର ଶେଷ ସମୟରେ ଦୁର୍ନୀତି ଅଭିଯୋଗରେ ଧରାପଡ଼ିଛନ୍ତି। ୩୦-୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଦୁର୍ନୀତି କରି ବେଆଇନ ଭାବେ ଠୁଳ କରିଥିବା ଅର୍ଥରେ ମଉଜମଜ୍‌ଲିସ କରିସାରିବା ପରେ ଭିଜିଲାନ୍ସ ସେମାନଙ୍କ ତଥାକଥିତ ଆୟବହିର୍ଭୂତ ସମ୍ପତ୍ତିକୁ ଜବତ କରିଛି। ଯେଉଁ ଆକାରର ଧନ ଓ ସମ୍ପତ୍ତି ସେମାନଙ୍କଠାରୁ ଓ ସମ୍ପର୍କୀୟଙ୍କ ଘରୁ ବାହାର କରାଯାଉଛି, ସେଗୁଡ଼ିକ ରାତାରାତି ଠୁଳ ହୋଇନାହିଁ। ଚାକିରିର ଦୀର୍ଘବର୍ଷ ପରେ ଦୁର୍ନୀତି କରି ଏହି ଅଧିକାରୀମାନେ ଅର୍ଥ ଠୁଳ କରିଥାଆନ୍ତି। ଭିଜିଲାନ୍ସ ସମ୍ପୃକ୍ତ ଅଧିକାରୀଙ୍କ ଚାକିରିକାଳ ମଧ୍ୟରେ ହୋଇଥିବା ଦୁର୍ନୀତିକୁ ଧରିବାରେ ସକ୍ଷମ ନ ହୋଇ ଶେଷ ସମୟରେ ସେମାନଙ୍କ ସମ୍ପତ୍ତି ଜବତ କରିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏତେକାଳ ଭିଜିଲାନ୍ସ ବିଭାଗ ଏହି ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ କାହିଁକି ଠାବ କରୁ ନ ଥିଲା ବୁଝି ହେଉନାହିଁ। କୌତୂହଳର କଥା ହେଲା ଯେ, ଏବେ ମଧ୍ୟ ସବୁ ସ୍ଥାନରେ ଜନସାଧାରଣ ଦୁର୍ନୀତିଗ୍ରସ୍ତ କନିଷ୍ଠ ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ଦେଇଥାଆନ୍ତି। ଭିଜିଲାନ୍ସ ସେହି କୁନିଗଛଟିକୁ ଏକ ମହାଦ୍ରୁମ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ପଛରେ କାରଣ ବୁଝିବା କଷ୍ଟକର ନୁହେଁ। ଉଦାହରଣସ୍ୱରୂପ ଏହା ମଧ୍ୟ ଶୁଣିବାକୁ ମିଳିଥାଏ ଯେ, ଦୁର୍ନୀତିଗ୍ରସ୍ତଙ୍କଠାରୁ ଜବତ ହେଉଥିବା ସମୁଦାୟ ଅର୍ଥ ଓ ସୁନାରୁପା ଆଦି ଅଳଙ୍କାରରୁ କିଛି ସାଧାରଣରେ ଦର୍ଶାଯାଇଥାଏ। ଅନ୍ୟପଟେ ଏହା କୁହାଯାଏ ଯେ, ଚଢ଼ାଉ କରୁଥିବା ଅଫିସର ଯେଉଁ ସୁନାଗହଣା ଓ ଟଙ୍କା ଜବତ କରନ୍ତି ସେଥିରୁ ଏକ ବଡ଼ ଅଂଶ ନିଜେ ମାରିନିଅନ୍ତି। ଚଢ଼ାଉ ହେଉଥିବା ବ୍ୟକ୍ତି ଏଥିରେ ଦୁଃଖିତ ହେବା ପରିବର୍ତ୍ତେ ନୀରବ ରହିଯାଆନ୍ତି, କାରଣ ତାଲିକାଭୁକ୍ତ କରାଯାଇ ନ ଥିବା ଏହି ସମ୍ପତ୍ତିର କିଛି ଅଂଶ ଆୟବହିର୍ଭୂତ ବୋଲି ତାଙ୍କୁ ପରବର୍ତ୍ତୀ ସମୟରେ ପ୍ରମାଣ କରିବାକୁ ପଡ଼ିବ ନାହିଁ। ତେବେ ଏହାଠାରୁ ଅଧିକ କୌତୂହଳ ପ୍ରଶ୍ନ ହୋଇପାରେ ଯେ, ଆଜିର ନିର୍ବାଚନ ବାତାବରଣରେ ଏହିସବୁ ଛୋଟ ଓ ମଧ୍ୟମଧରଣ ବାବୁଙ୍କ ଉପରେ ଚଢ଼ାଉ ଓ ନିଲମ୍ବନ କେଉଁ ଚାଲ୍‌ର ବାର୍ତ୍ତା ଦେଉଛି। ରାଜ୍ୟରେ ସାଧାରଣ ଲୋକ ଆଲୋଚନା କରୁଛନ୍ତି ଯେ, ଓଡ଼ିଶାକୁ ଅମଲାତନ୍ତ୍ର ପରିଚାଳନା କରୁଛନ୍ତି। ଜାଡ଼ ଯାଉଛି, ଖରା ଆସୁଛି। ମନରେ ବିଶ୍ୱାସ ସୃଷ୍ଟି କରାଇବାକୁ ହେବ ଯେ, ସରକାର କୌଣସି ଦୁର୍ନୀତିଗ୍ରସ୍ତଙ୍କ ଦ୍ୱାରା ପ୍ରଭାବିତ ନୁହେଁ କିମ୍ବା ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ ଚାହୁଁନାହାନ୍ତି। ସେଥିପାଇଁ ବିଛା ଯାଇଥିବା ଜାଲରେ ବିରାଟକାୟ ଶାର୍କ ଖସିଯାଉଥିବାବେଳେ ଚୂନା ମାଛ ଛନ୍ଦି ହୋଇପଡୁଛନ୍ତି। ଏହିସବୁ ଭିଜିଲାନ୍ସ ଚଢ଼ାଉର ଶିକାର ହେଉଥିବା ଅଫିସର କୌଣସି ଭାବେ ବ୍ୟବସ୍ଥା ପାଇଁ ଗୁରୁତ୍ୱ ଧାରଣ କରନ୍ତି ନାହିଁ ବୋଲି ସହଜରେ ବୁଝି ହେଉଛି। ଏଥିରୁ ବୁଝିବାକୁ ହେବ ଯେ, ନିର୍ବାଚନ ଆସିଲେ ସବୁ ପ୍ରକାର ଛଇ ବାହାରେ।

ଓଡ଼ିଶା ଛାଡ଼ି ଦିଲ୍ଲୀ ଘଟଣାକୁ ଦେଖାଯାଉ। ଉତ୍ତରପ୍ରଦେଶ କ୍ୟାଡରର ଦୁଇ ଜଣ ଆଇଏଏସ୍ ଅଧିକାରୀ ସଞ୍ଜୟ ଅଗ୍ରୱାଲ (୧୯୮୪ ବ୍ୟାଚ୍) ଏବଂ ଆଲୋକ କୁମାର (୧୯୮୮ ବ୍ୟାଚ୍) ଯଥାକ୍ରମେ କୃଷି ସଚିବ ଓ ଶକ୍ତି ସଚିବ ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସେମାନଙ୍କ ବିରୋଧରେ ୨,୨୬୮ କୋଟି ଟଙ୍କା ଭବିଷ୍ୟନିଧି ପାଣ୍ଠି (ପିଏଫ୍) ଦୁର୍ନୀତିରେ ସମ୍ପୃକ୍ତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ମାଗିଥିଲେ। ଏହି ଦୁଇ ଶାର୍କ ମାଛଙ୍କୁ ବଞ୍ଚାଇବା ପାଇଁ ଅନୁମତି ଦେବା ପରିବର୍ତ୍ତେ କେନ୍ଦ୍ର ସରକାର ସେମାନଙ୍କ କ୍ୟାଡର ରାଜ୍ୟକୁ ଫେରିଯିବା ପାଇଁ ବନ୍ଦୋବସ୍ତ କରିଛନ୍ତି। କୁହାଯାଉଛି ଏହି ଦୁଇ ବାବୁଙ୍କୁ ୩୧ ମାର୍ଚ୍ଚରେ ସେମାନଙ୍କ କ୍ୟାଡର ରାଜ୍ୟକୁ ଫେରସ୍ତ ପଠାଯିବ। ଅନୁରୂପ ଭାବେ ଭାଇବ୍ରାଣ୍ଟ ଗୁଜରାଟ କାର୍ଯ୍ୟକ୍ରମରେ ଯୋଗ ଦେଇ ଭାରତର ସର୍ବବୃହତ୍ ବ୍ୟାଙ୍କ ଠକେଇରେ ସମ୍ପୃକ୍ତ ଏବିଜି ଶିପ୍‌ୟାର୍ଡ ହଠାତ୍ ୫ ରାଜ୍ୟର ନିର୍ବାଚନ ପୂର୍ବରୁ ଧରାପଡୁଛି। ବଡ଼ ଶାର୍କ ବାବୁ ଧରାପଡ଼ିଥିଲେ ସରକାରଙ୍କୁ ନିନ୍ଦିତ ହେବାକୁ ପଡ଼ିଥାଆନ୍ତା। ହେଲେ ସେମାନଙ୍କୁ ଖସେଇ ଦିଆଯାଉଛି। ଏବିଜି ଶିପ୍‌ୟାର୍ଡ ଠକେଇ ଧରାପଡ଼ିଥିବାରୁ କେନ୍ଦ୍ର ସରକାର ସୁନାମ ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି।

ଏସବୁ ହେଉଛି ନିର୍ବାଚନର ମାୟା।



ପଞ୍ଚାୟତ ଭୋଟ ପାଇଁ ବୁଥ୍‌ଗୁଡ଼ିକୁ ଯିବା ପୂର୍ବରୁ କଟକ ସଦର ବ୍ଲକ୍ ଅଫିସରେ ମଙ୍ଗଳବାର ପୋଲିଂ କର୍ମଚାରୀଙ୍କ ଭିଡ଼।

# ଆଜି ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ଭୋଟ

- **୨୦୦ ଜିଲା ପରିଷଦରେ ୭୨୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା**
- **୧୬୬୯ ପଞ୍ଚାୟତରେ ୬୭.୫୧ ଲକ୍ଷ ମତଦାତା ବାଛିବେ ପ୍ରାର୍ଥୀ**
- **ସକାଳ ୭ରୁ ଭୋଟ ଗ୍ରହଣ**
- **ଭୋଟ ପାଇଁ ୧୩ ପରିଚୟପତ୍ର**

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚିଯାଇଛନ୍ତି। ମତଦାନ କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ ବ୍ଲକର ୨୦୦ ଜିଲା ପରିଷଦ ଜୋନ୍‌ର ୧୬୬୯ ଗ୍ରାମପଞ୍ଚାୟତରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ହେବ। ଏଥିପାଇଁ ୨୨,୩୭୯ଟି ବୁଥ୍‌ରେ ମତଦାନ ହେବ। ମୋଟ ୬୭.୫୧ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ବୁଧବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଦିନ ୧ଟା ଯାଏ ଚାଲିବ।

ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ୨୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମୋଟ ୩୭,୨୪୫ ପୋଲିସ କର୍ମଚାରୀ ନିର୍ବାଚନ ଦାୟିତ୍ୱ ପରିଚାଳନା କରିବେ। ପ୍ରଥମ ପର୍ଯ୍ୟାୟରେ ୨୦୦ ଜିଲା ପରିଷଦ ସଭ୍ୟ ପାଇଁ ୭୨୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭୋଟ ଦେବା ☞ପୃଷ୍ଠା-୭

## ୩.୮୩ ଲକ୍ଷ ଲିଟର ମଦ ଜବତ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳ ଉଠୁଛି ପଡୁଛି। ପ୍ରାର୍ଥୀମାନେ ଘର ଘର ବୁଲି ମତଦାତାଙ୍କୁ ମନାଇବାରେ ଲାଗିଛନ୍ତି। ଦଳୀୟ ନେତା, କର୍ମୀମାନେ ନିଜ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସମସ୍ତ ପ୍ରକାର ରଣକୌଶଳ ଆପଣାଇଛନ୍ତି। ଟଙ୍କା ପଇସା, ଭୋଜିଭାତ ସାଙ୍ଗକୁ ମଦ ପାଣିରେ ଗାଁଗଣ୍ଡା ଭାସୁଛି। ଯୁବ ମତଦାତାଙ୍କୁ ଆକୃଷ୍ଟ କରିବା ଲାଗି ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ମଦ ଦେବାକୁ ପଛାଉ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ମଦ କାରବାର ବହୁ ପରିମାଣରେ ବଢ଼ିଯାଇଛି। ନିର୍ବାଚନ ଆଚରଣବିଧି ଲାଗୁହେବା ପରଠାରୁ ଗାଁଗଣ୍ଡାରେ ଟଙ୍କା ପଇସା ଉଡୁଛି। ମଦବେପାରୀମାନେ ସହର ଅପେକ୍ଷା ଗାଁ ଉପରେ ଅଧିକ ଫୋକସ କରୁଛନ୍ତି। ଚୋରାମଦ କାରବାର ବହୁମାତ୍ରାରେ ବଢ଼ିଯାଇଛି। ଅସାଧୁ ବ୍ୟବସାୟୀମାନେ ନିଜର ବେପାର ଲକ୍ଷ୍ୟ ହାସଲ କରିବାକୁ ଗାଁରେ ଡେରା ପକାଇଛନ୍ତି। ଗାଁଗଣ୍ଡାରେ ଥିବା ବିଭିନ୍ନ ଦୋକାନରେ ଚୋରାରେ ମଦ ବିକ୍ରି କରାଯାଉଛି। ନିର୍ବାଚନ ଋତୁ ଚାଲିଥିବାରୁ ପ୍ରାର୍ଥୀମାନେ ଚୋରାମଦ କିଣି ଯୋଗାଇବାକୁ ଏକ ସହଜ ଉପାୟ ଧରି ନେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଜାନୁୟାରୀ ☞ପୃଷ୍ଠା-୭

# ଭାରତୀୟଙ୍କୁ ୟୁକ୍ରେନ୍ ଛାଡ଼ିବାକୁ ପରାମର୍ଶ

- **ତଥ୍ୟ ଯୋଗାଡ଼ କରୁଛି ଦୂତାବାସ**
- **ଅଯଥା ଭ୍ରମଣ ନ କରିବାକୁ ଉପଦେଶ**

**ନୂଆଦିଲ୍ଲୀ, ୧୫।୨**

ୟୁକ୍ରେନକୁ ନେଇ ନାଟୋ ଦେଶ ଏବଂ ରୁଷିଆ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଛି। ଉତ୍ତେଜନା ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତର ନାଗରିକମାନେ ଅସ୍ଥାୟୀ ଭାବେ ୟୁକ୍ରେନ ଛାଡ଼ିବାକୁ କିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ମଙ୍ଗଳବାର ପରାମର୍ଶ ଦିଆଯାଇଛି। ଏ ନେଇ ଜାରି ଆଡ୍‌ଭାଇଜରିରେ କୁହାଯାଇଛି, ଜରୁରୀ ନ ଥିଲେ ଭାରତୀୟମାନେ ୟୁକ୍ରେନ ଯାତ୍ରା କରନ୍ତୁ ନାହିଁ। ସେଠାରେ ରହିବା ଆବଶ୍ୟକ ନ ଥିଲେ ଛାତ୍ରୀଛାତ୍ରମାନେ ଫେରି ଆସନ୍ତୁ। ଏହା ସହ ୟୁକ୍ରେନରେ ରହୁଥିବା ଭାରତୀୟ ନାଗରିକ ସେଠାରେ ଅନାବଶ୍ୟକ ଭାବେ ଯାତ୍ରା ବନ୍ଦ କରନ୍ତୁ। ସହାୟତା ପାଇଁ ସେମାନେ ଦୂତାବାସ ସହ ଯୋଗାଯୋଗ କରିପାରିବେ। ଏବେ ୟୁକ୍ରେନକୁ ବିମାନ ଚଳାଚଳ ଜାରି ରହିଥିବାରୁ ସେଠାରେ ଥିବା ଭାରତୀୟ ଏହାର ସୁବିଧା ନେଇପାରିବେ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

୨୦୨୦ ଡାଟା ଅନୁସାରେ ୟୁକ୍ରେନରେ ପ୍ରାୟ ୧୮ ହଜାର ଭାରତୀୟ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ଗତମାସରେ ଜାତିସଂଘରେ ଭାରତୀୟ ରାଷ୍ଟ୍ରଦୂତଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସେଠାରେ ପ୍ରାୟ ୨୦ ହଜାର ପିଲା ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମେଡିକାଲ ଛାତ୍ରୀଛାତ୍ର। ଗତ ଦୁଇ ଦଶନ୍ଧିରେ ଡାକ୍ତରୀ ପାଠ୍ୟକ୍ରମ ପାଇଁ ୟୁକ୍ରେନ ସର୍ବାଧିକ ପସନ୍ଦ ଦେଶଗୁଡ଼ିକ ମଧ୍ୟରେ ସାମିଲ ହୋଇଛି। ଅନ୍ୟପକ୍ଷରେ ୟୁକ୍ରେନରେ ଥିବା ସମସ୍ତ ଭାରତୀୟ ସେମାନଙ୍କ ପରିଚୟ ଓ ସ୍ଥାନ ଦୂତାବାସର ୱେବସାଇଟରେ ପଞ୍ଜୀକରଣ କରିବାକୁ ପୂର୍ବରୁ କୁହାଯାଇଛି। ତେବେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିବାରୁ ଅନେକ ☞ପୃଷ୍ଠା-୭







## ମେୟର ପ୍ରାର୍ଥୀ ବ୍ୟବହାର କରିବେ ୬ ଗାଡ଼ି

**ପୌର ନିର୍ବାଚନ ପ୍ରଚାର**

- **ଅଧ୍ୟକ୍ଷ ୪, କାଉନସିଲର/କର୍ପୋରେଟରଙ୍କ ପାଇଁ ୨ ଗାଡ଼ି**

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଆସନ୍ତା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର କାଉନସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀମାନଙ୍କ ପ୍ରଚାର ସକାଶେ ଉପଯୋଗ ହେବାକୁ ଥିବା ଗାଡ଼ି ନିର୍ଦ୍ଧାରଣ କରିଛନ୍ତି। ମେୟର ପ୍ରାର୍ଥୀ ସର୍ବାଧିକ ୬ ଓ କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ଟି ଗାଡ଼ି ପ୍ରଚାର ନିମନ୍ତେ ଉପଯୋଗ କରିପାରିବେ ବୋଲି କମିଶନର ନିର୍ଦ୍ଦେଶ ☞ପୃଷ୍ଠା-୭

## ସଂକ୍ଷେପରେ

### ଆଉ ୨୨ ଜୀବନ ନେଲା କରୋନା

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ଧିରେ ଧିରେ ହ୍ରାସ ପାଉଛି। କିଛି ଦିନ ହେବ ଏହି ସଂଖ୍ୟା ୩ ଅଙ୍କରେ ସୀମିତ ରହୁଛି । ଅପରପକ୍ଷେ କରୋନା ରାଜ୍ୟର ଆଉ ୨୨ଜଣଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲାରୁ ସର୍ବାଧିକ ୬ଜଣ ଥିବା ବେଳେ ଭୁବନେଶ୍ୱରରୁ ୨, କଟକରୁ ୩, ଢେଙ୍କାନାଳରୁ ୩, ଖୋର୍ଦ୍ଧାରୁ ୩, ମୟୂରଭଞ୍ଜରୁ ୨ ଏବଂ ନୟାଗଡ଼, ଯାଜପୁର ଓ ଭଦ୍ରକରୁ ଜଣେ ଲେଖାଏ ରହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୯୨୫ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ବର୍ଷ ବୟସ ମଧ୍ୟରେ ୨୦୩ଜଣ ରହିଛନ୍ତି। ସେହିପରି ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରୁ ୫୪୨ଜଣ କ୍ୱାରାଣ୍ଟାଇନ୍‌ରୁ ଏବଂ ୩୮୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୫୯ଜଣ ପଜିଟିଭ୍ ବାହାରିଥିବାବେଳେ ସୁନ୍ଦରଗଡ଼ରୁ ୮୮, କଟକରୁ ୫୨, ଜଗତ୍‌ସିଂହପୁରରୁ ୫୦, ଅନୁଗୋଳରୁ ୪୪, କୋରାପୁଟରୁ ୪୬, ଯାଜପୁରରୁ ୪୭, ଗଜପତିରୁ ୩୮, କେନ୍ଦ୍ରାପଡ଼ାରୁ ୩୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବୌଦ୍ଧରୁ ୨୩, ବାଲେଶ୍ୱରରୁ ୨୨, ଭଦ୍ରକରୁ ୧୬, ଝାରସୁଗୁଡ଼ାରୁ ୨୪, କେନ୍ଦୁଝରରୁ ୨୦, ସମ୍ବଲପୁରରୁ ୨୯, ନୟାଗଡ଼ରୁ ୨୧, ବରଗଡ଼ରୁ ୧୩, ଦେଓଗଡ଼ରୁ ୧୭, ଢେଙ୍କାନାଳରୁ ୧୫, ଗଞ୍ଜାମରୁ ୨୬, କଳାହାଣ୍ଡିରୁ ୧୦, ମୟୂରଭଞ୍ଜରୁ ୩୧, ପୁରୀରୁ ୧୩ ଏବଂ ଷ୍ଟେଟ୍ ପୁଲ୍‌ରୁ ୨୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

### କୋରେକ୍ସ ଜବତ, ଜଣେ ଗିରଫ

**ପୁରୀ ଅଫିସ, ୧୫।୨:** ବେଆଇନ ଭାବେ କୋରେକ୍ସ ବିକ୍ରି ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ରାମଚଣ୍ଡୀ ବାଲିକୁଦ ସାହିର ମାନସ ସାହ। ତାଙ୍କଠାରୁ ୨୨ଟି କୋରେକ୍ସ ବୋତଲ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୩୭/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ରେଳ ଷ୍ଟେଶନ ଯାତ୍ରୀନିବାସସ୍ଥିତ ଗରୁଡଛକ ନିକଟରେ କୋରେକ୍ସ ବିକ୍ରି କରୁଥିଲେ। ପୋଲିସ ଖବରପାଇ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

# ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଅତିରିକ୍ତ ଡିଜି

ପୁରୀ ଅଫିସ,୧୫।୨



■୧୯ରେ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ
■କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ

ଚଳିତ ମାସ ୧୯ ଏବଂ ୨୦ ତାରିଖ ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ୧୯ ତାରିଖରେ ରାଷ୍ଟ୍ରପତି ପୁରୀରେ ପହଞ୍ଚିବା ପରେ ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର ଯାଇ ୫.୪୫ ପର୍ଯ୍ୟନ୍ତ ରହି ମହାପ୍ରଭୁଙ୍କ ଦର୍ଶନ କରିବେ। ସେହିଭଳି ୨୦ତାରିଖ ସକାଳ ୧୦.୩୫ରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ପରିଦର୍ଶନ କରି ପୂର୍ବାହ୍ଣ ୧୧ଟାରେ ଶରଧାବାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ମଙ୍ଗଳବାର ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା ପୁରୀ ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସେପଟେ ରାଷ୍ଟ୍ରପତିଙ୍କ ଗସ୍ତସୂଚୀରେ କିଛିଟା ପରିବର୍ତ୍ତନ ହୋଇଛି। ରାଷ୍ଟ୍ରପତି ପୁରୀ ମେ ଫେୟାର ହୋଟେଲ୍ ପରିବର୍ତ୍ତେ ପୁରୀ ରାଜଭବନରେ ରାତ୍ରିଯାପନ କରିବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି ଆସିଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ତୃତୀୟଥର ପାଇଁ ପୁରୀ ଆସୁଛନ୍ତି। ଯାହାକୁ ନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭକରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କିଛିଦିନ ପୂର୍ବରୁ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ପୁରୀ ଆସି ମଠ ଏବଂ ଶରଧାବାଲିର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଥିବା ବେଳେ ମଙ୍ଗଳବାର ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା ପୁରୀ ଆସି ପ୍ରଥମେ ତାଳବଣିଆସ୍ଥିତ ହେଲିପ୍ୟାଡର ଯାଞ୍ଚ, ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ, ରାଜଭବନ ପରେ ଶରଧାବାଲି ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ନେଇ ୪୦ ପ୍ଲାଟୁନ ପୋଲିସ ଫୋର୍ସ ସହ ଅନେକ ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ହେବେ। ଶ୍ରୀମନ୍ଦିର, ଶ୍ରୀମନ୍ଦିର ଭିତରେ ଓ ବାହାରେ, ରାଜଭବନ ପ୍ରତ୍ୟାବର୍ତ୍ତନ, ରାଷ୍ଟ୍ରପତିଙ୍କ ଦର୍ଶନ, ଶରଧାବାଲି ସଭାସ୍ଥଳ ଫେରିବା ପ୍ରତ୍ୟେକଟି ଦିଗକୁ ନେଇ ସୁରକ୍ଷା ବ୍ୟବସ୍ଥାର ତର୍ଜମା କରାଯାଇଛି। ସେପଟେ ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ ସମୟରେ ଅପରାହ୍ଣ ୪ଟାରୁ ୬ଟା ଯାଏ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଅତିରିକ୍ତ ଡିଜି ଶର୍ମା କହିଛନ୍ତି। ରାଷ୍ଟ୍ରପତି ୨୦ତାରିଖ ସକାଳ ୧୦.୩୫ରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ଯାଇ ପରିଦର୍ଶନ କରିବେ। ସେଠାରେ ମଠ ପକ୍ଷରୁ ଶଙ୍ଖଧ୍ୱନି, ସଙ୍କୀର୍ତ୍ତନ ମଧ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯିବ। କୋଭିଡ୍ କଟକଣା ମଧ୍ୟରେ ମଠର ୪୦ଜଣ ଆଚାର୍ଯ୍ୟ ଉପସ୍ଥିତ ରହିବେ। ଭାରତର ବିଭିନ୍ନ ସ୍ଥାନରୁ ମଠ ଶାଖାର କର୍ମକର୍ତ୍ତା, ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ଆଳତି କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ମଠରୁ ବାହାରି ୧୧ଟାରେ ଶରଧାବାଲିରେ ଆୟୋଜିତ ଗୌଡ଼ୀୟ ମିଶନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ୧୫୦ତମ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେତେଜଣ ଏମ୍‌ପି ଏବଂ ମନ୍ତ୍ରୀ ଯୋଗଦେବେ ବୋଲି ମଠ ପକ୍ଷରୁ ସୂଚନା ଦିଆଯାଇଛି।

### ଅଧିକାରୀଙ୍କୁ ଦାୟିତ୍ୱ ବାଣ୍ଟିଲେ ଜିଲାପାଳ

ସୁରକ୍ଷା ବ୍ୟବସ୍ଥା ନେଇ ଜିଲାପାଳ ବର୍ମାଙ୍କ ଅଧ୍ୟକ୍ଷତାରେ ରାଜଭବନରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ କରାଯାଇ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିବା ସହ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ସୁବାସଚନ୍ଦ୍ର ନାଥଶର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜ୍ୟୋତିଶଙ୍କର ମହାପାତ୍ର, ରାଜ୍ୟପାଳଙ୍କ କମ୍ପଟ୍ରୋଲର ଗୌତମ ଚୌଧୁରୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ମାନବ ଜୀବନର ଉତ୍ତରଣ ପାଇଁ ସତ୍‌ସଙ୍ଗ ଶ୍ରେଷ୍ଠ ପନ୍ଥା'

କଟକ ଅଫିସ, ୧୫।୨



ଶ୍ରୀ ଲକ୍ଷେଶ୍ୱର ମନ୍ଦିରର ରଜତ ଜୟନ୍ତୀ ମହୋତ୍ସବରେ ଉପସ୍ଥିତ ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ଶରତ କୁମାର ସାହୁଙ୍କ ସମେତ ଅନ୍ୟମାନେ।

କଟକ ଖପୁରିଆ ଶିଳ୍ପାଞ୍ଚଳ ରୁଚି ପରିସରସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିରର ରଜତ ଜୟନ୍ତୀ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂଜ୍ୟପାଦ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି କହିଥିଲେ, ମାନବ ଜୀବନର ଉତ୍ତରଣ ପାଇଁ ସତ୍‌ସଙ୍ଗ ଓ ସତ୍‌ମାର୍ଗ ହିଁ ଶ୍ରେଷ୍ଠ ପନ୍ଥା। ରୁଚି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସନ୍ଥ ଚିନ୍ତାମଣି ପର୍ବତ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବେ ପ୍ରଜ୍ଞାନ ମିଶନର ସନ୍ଥ ସମର୍ପଣାନନ୍ଦ ଗିରି ଓ ବେଦବିତ୍ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ଜଗତ୍ କଲ୍ୟାଣ ପାଇଁ ସମସ୍ତେ ତ୍ୟାଗପୂତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ମହୋତ୍ସବରେ ସନ୍ଥ ଅସୀମାନନ୍ଦ ମହାରାଜ, ଚିନ୍ତାମଣି ପର୍ବତ, ସଚ୍ଚିଦାନନ୍ଦ ସରସ୍ୱତୀ, ରାମକୃଷ୍ଣ ଦାସ ମହାରାଜ, କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ସ୍ୱାମୀ ସମର୍ପଣାନନ୍ଦ ଗିରି, ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ୨୪ ଜଣଙ୍କୁ ଶ୍ରୀ ଲକ୍ଷେଶ୍ୱର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ସଙ୍କଳନ 'ସ୍ୱୟମ୍ଭୁ' ଉନ୍ମୋଚିତ ହୋଇଥିଲା। ଏଥିରେ ଲକ୍ଷେଶ୍ୱର ମନ୍ଦିର ରଜତ ଜୟନ୍ତୀ ମହୋତ୍ସବ କମିଟିର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷା ସଙ୍ଗୀତା ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ଓ ସଲିନା ସାହୁ ଉପସ୍ଥିତ ଥିଲେ। ପଣ୍ଡିତ ମାତୃପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ରଜତ ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ଶୁଭେନ୍ଦୁ କୁମାର ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ ଓ ଉଲ୍ଲାସ ଚନ୍ଦ୍ର ବେହୁରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମୃଣାଳିନୀ ରାଉତ, ନୀହାର ରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ବିଜୟ କୁମାର ସ୍ୱାଇଁ, ବିଷ୍ଣୁ ମିଶ୍ର, ସୂର୍ଯ୍ୟକାନ୍ତ ସାହୁ, ପ୍ରମୋଦ କୁମାର ସାହୁ, ଅଜିତ କୁମାର ସ୍ୱାଇଁ, ଯୋଗେନ୍ଦ୍ର ସାହୁ, ସୋନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଲୋଚନା ଚକ୍ର

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର "ପ୍ରେମଚନ୍ଦ ଓ ବର୍ତ୍ତମାନ ଭାରତ : ସ୍ତ୍ରୀ ମୁକ୍ତି କେ ସନ୍ଦର୍ଭ ମେଁ" ଶୀର୍ଷକରେ ଏକ ଦିବସୀୟ ଆଲୋଚନା ଚକ୍ର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ରୂପେ ପଶ୍ଚିମବଙ୍ଗ ଶିକ୍ଷକ ପ୍ରଶିକ୍ଷଣ, ପ୍ରବନ୍ଧନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୋମା ବନ୍ଦୋପାଧ୍ୟାୟ ଯୋଗଦେଇ ପ୍ରେମଚନ୍ଦଙ୍କ ସାହିତ୍ୟ ଓ ବର୍ତ୍ତମାନ ଭାରତର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ବିଭାଗର ମୁଖ୍ୟ ଡକ୍ଟର ସ୍ନେହଲତା ଦାସ ଅଧ୍ୟକ୍ଷତା କରିଥିଲେ ଏବଂ ଅଧ୍ୟାପିକା ଡକ୍ଟର ବିମଳା ପାତ୍ର ଏହାର ପରିଚାଳନା କରିଥିଲେ। ଭିଜିଟିଂ ଫାକଲ୍ଟି ପ୍ରଫେସର ସ୍ୱରପ୍ରିୟା ମିଶ୍ର ମଧ୍ୟ ତାଙ୍କର ଅଭିଭାଷଣ ରଖିଥିଲେ । ଅତିଥି ଅଧ୍ୟାପିକା ଡ଼କ୍ଟର ଡି. ମୋହିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୌଭାଗ୍ୟ



@ ମନରଞ୍ଜନ



@ ମିଥୁନ୍



@ ଉଦୟ



@ ସିଦ୍ଧାନ୍ତ



@ ଜୟାତି

# ରାଗରାଗିଣୀର ରୂପକାର



ଡ. ଚିତ୍ତରଞ୍ଜନ ପାଣି

ଦୀର୍ଘ ୪୫ବର୍ଷ ତଳର କଥା। ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନ ହୋଇ ନ ଥିଲା। ରବୀନ୍ଦ୍ରମଣ୍ଡପରେ ସଙ୍ଗୀତ ଶିକ୍ଷା ଦିଆଯାଉଥାଏ। ସେହି ସମୟରେ ସିନେମା ସଙ୍ଗୀତ ଗାଇ ମୁଁ ବେଶ୍ ସୁନାମ ଅର୍ଜିଥାଏ। ହେଲେ ସଙ୍ଗୀତ ଶିଖିବାର ଆଗ୍ରହ ମୋ ଭିତରେ ନ ଥାଏ। କିନ୍ତୁ ବୋଧହୁଏ ଈଶ୍ୱର ମୋ ପାଇଁ ଅଲଗା ପରିବେଶ ରଖିଥିଲେ। ତେଣୁ ଅନିଚ୍ଛା ସତ୍ତ୍ୱେ ମଧ କିଛି ଶୁଭେଚ୍ଛୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସଙ୍ଗୀତ ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଇଣ୍ଟରଭ୍ୟୁ ଦେଲି। ନାମ ଲେଖା ହେଉ ବା ନ ହେଉ ସେ ଚିନ୍ତା ମୋର ନ ଥାଏ। କେବଳ ମୋତେ ଭଲରେ ଗୀତଟିଏ ଗାଇ ଶୁଣେଇବାର ଥାଏ। ସାମ୍ନାରେ ଯିଏ ଥିଲେ ସେ ହେଲେ ଡ. ଦାମୋଦର ହୋତା। ଅନ୍ୟମାନଙ୍କଠାରୁ ତାଙ୍କ ବିଷୟରେ ଶୁଣିଥିଲି ସେ ପ୍ରବଳ ରାଗୀ ମଣିଷ। ତାଙ୍କ ସାମ୍ନାରେ ଗାଇଲି ମାନ୍ନା ଦେଙ୍କ ଚଳଚ୍ଚିତ୍ର ଗୀତଟିଏ–''ଝନକ ଝନକ ତୋରେ ବାଜେ ପାୟଲିୟା''। ଲକ୍ଷ୍ୟ କଲି ପରିବେଶ ପୂରା ନିସ୍ତବ୍ଧ ଆଉ ତାଙ୍କ ମୁହଁରେ ସାମାନ୍ୟ ଖୁସିର ଝଲକ। ମୁଁ ସେଠାରେ ପ୍ରଥମ ସ୍ଥାନ ଅଧିକାର କରି ସଙ୍ଗୀତ ବିଦ୍ୟାର୍ଥୀ ହୋଇଗଲି। ପରେ ଗୁରୁଜୀ ମୋତେ କହିଥିଲେ–ତମେ ସିନେମା ଗୀତ ଗାଇଥିବାରୁ ତୁମର ନାମଲେଖା ହୋଇ ନ ଥାନ୍ତା। କିନ୍ତୁ ଯେହେତୁ ଭଲ ଗାଇଲ ତେଣୁ ତୁମକୁ ସୁଯୋଗ ଦିଆଗଲା। ସେତେବେଳେ ମୋ ନନା, ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ହସ୍ପିଟାଲର ଡାକ୍ତର ରାଜ କବିରାଜ ନରହରି ପାଣି ମୋ ଉପରେ ବହୁତ ଅସନ୍ତୁଷ୍ଟ ହେଲେ। ଯଦିଓ ସେ ତଥା ମୋର ଭାଇଭଉଣୀ ସବୁ ସୁନ୍ଦର ଭାବରେ ଗାଇପାରନ୍ତି, ତଥାପି ସେ ମୋ ସଙ୍ଗୀତକୁ ପେସା କରି ଚଳିବା ବିପକ୍ଷରେ ହିଁ ଥିଲେ। କିନ୍ତୁ ମୋ ବଡ଼ ଭାଇନା ଯିଏ କି ରିଜିଓନାଲ କଲେଜରେ ରିଡର ଥିଲେ, ସେ କହିଲେ ତୁ ଯାହା ବି କର, ସେଥିରେ ପ୍ରଥମ ହେବାକୁ ଚେଷ୍ଟା କର। ମୁଁ ନନାଙ୍କୁ ବୁଝେଇବି। ତା' ପରେ ମୁଁ ଆଉ ପଛକୁ ଦେଖିନି। ଧୀରେ ଧୀରେ ସିନେମା ଗୀତରୁ ଶାସ୍ତ୍ରୀୟ ସଙ୍ଗୀତ ଆଡ଼କୁ ମନ ଢଳିଲା। ରାଗରାଗିଣୀର ତୃପ୍ତି ଅବର୍ଣ୍ଣନୀୟ। ସେମାନଙ୍କୁ ଆବାହନ ତଥା ଆରାଧନା କରାଯାଏ। ପ୍ରଥମରୁ ହିଁ ମୋ ଅଜାଣତରେ ରାଗରାଗିଣୀ ମୋତେ ଆକୃଷ୍ଟ କରିଛନ୍ତି। ଏତେସବୁ କହିବାର କାରଣ ହେଲା– ଏସବୁର ଅଗ୍ରଭାଗରେ ଯିଏ ମୁଖ୍ୟ ପୁରୋଧା ଥିଲେ, ସିଏ ହେଉଛନ୍ତି ମୋର ପରମ ପୂଜ୍ୟ ଗୁରୁଜୀ ପଣ୍ଡିତ ଦାମୋଦର ହୋତା। ଯିଏକି, ତାଙ୍କ ସମୟରେ ଛାତ୍ରବୃତ୍ତି ପାଇ ବନାରସ୍ ହିନ୍ଦୁ ୟୁନିଭର୍ସିଟିରେ ଗୁରୁଜୀ ବଲବନ୍ତରାୟ ଭଟ୍ଟ, ବଡ଼େ ଗୁରୁଜୀ ଓଁକାରନାଥ ଠାକୁରଙ୍କ ମାର୍ଗଦର୍ଶନରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଟପ୍ପର ହୋଇଥିଲେ। ଅନେକ ସ୍ଥାନରେ କର୍ମସଂସ୍ଥାନର ମୋହକୁ ପରିତ୍ୟାଗ କରି ସେ ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଚାର ପ୍ରସାରର ସ୍ୱପ୍ନ ଦେଖୁଥିଲେ। ସେଇ ସମୟରେ ଗୁରୁଜୀଙ୍କ ସମସାମୟିକ ଡ. ସୁନନ୍ଦା ପଟ୍ଟନାୟକ ଆମ ରାଜ୍ୟରେ ସାଙ୍ଗୀତିକ ପରିବେଶ ନ ପାଇ କଲିକତାକୁ ନିଜର କର୍ମକ୍ଷେତ୍ର ରୂପେ ବାଛିଥିଲେ।



### ଡ. ଦାମୋଦର ହୋତାଙ୍କ ଏକାଦଶାହ ଉପଲକ୍ଷେ

ନିଜ ମାଟିରେ ଶାସ୍ତ୍ରୀୟ ସଙ୍ଗୀତର ବିକାଶ ଚାହୁଁଥିବା ଗୁରୁଜୀ କିନ୍ତୁ ଅନେକ ଦୁଃଖଦୁର୍ଦ୍ଦଶା, ଅଭାବ ଅନଟନ ତଥା ସଂଘର୍ଷର ସାମ୍ନା କରି ମଧ୍ୟ ଯେଉଁଭଳି ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ ଭାବରେ କାମ କରୁଥିଲେ, ତାହା କେବଳ ଏକ ବିରଳ ବ୍ୟକ୍ତିତ୍ୱ ହିଁ କରିପାରେ।

ଥରେ ଗୁରୁଜୀଙ୍କର ଖେୟାଲ ଗାୟନ ଥାଏ ରବୀନ୍ଦ୍ର ମଣ୍ଡପରେ। ଭାରତବର୍ଷର ଅନ୍ୟଜଣେ ବିଶିଷ୍ଟ ଗୁଣୀ ସିତାର ବାଦକ ଉସ୍ତାଦ୍ ହଲିମ୍ ଜାଫର ଖାଁଙ୍କର ସିତାର ବାଦନ କାର୍ଯ୍ୟକ୍ରମ ଥାଏ ଗୁରୁଜୀଙ୍କ ପରେ। ଗୁରୁଜୀଙ୍କ ଗାୟନରେ ଗ୍ୱାଲିୟର ଘରାନାର ଅଷ୍ଟାଙ୍ଗ ଗାୟକୀ ଏତେ ଉଚ୍ଚକୋଟୀର ଥିଲା ଯେ, ମନ୍ତ୍ରମୁଗ୍ଧ ଉସ୍ତାଦ୍ ହଲିମ୍ ଜାଫର ଖାଁ ସାହେବ ଗୁରୁଜୀଙ୍କୁ କହିଥିଲେ ଆପ ତୋ ''ଗାଗର ମେଁ ସାଗର ହୋ''। କହିବା ବାହୁଲ୍ୟ, ଆମ ଗୁରୁଜୀ ଦେଶର ଅନ୍ୟ ବିଦ୍ୱାନଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲେ। ସେ ଥିଲେ ଏକାଧାରରେ ଉଚ୍ଚକୋଟୀର ସଙ୍ଗୀତ ସାଧକ, ପୁସ୍ତକ ରଚୟିତା ତଥା ଓଡ଼ିଶୀ ସଙ୍ଗୀତର ଗାୟକ ଓ ଗବେଷକ ତଥା ନୂତନ ରାଗର ରଚୟିତା। ତାଙ୍କର ପ୍ରଗାଢ଼ ନିଷ୍ଠା, ଆନ୍ତରିକ ଇଚ୍ଛାଶକ୍ତି ତଥା ସଙ୍ଗୀତ ଓ ଗୁରୁଙ୍କ ପ୍ରତି ସମର୍ପିତ ଭାବନା ଥିବାରୁ ସେ ଧ୍ରୁପଦ, ଧମାର, ଖେୟାଲ, ଠୁମ୍ରୀ ଓ ଟପ୍ପା ଶୈଳୀକୁ ସୁନ୍ଦର ଭାବରେ ପରିବେଷଣ କରିବା ସହିତ ଆମ ରାଜ୍ୟର ପାରମ୍ପରିକ ସଙ୍ଗୀତ ଓଡ଼ିଶୀ ଛାନ୍ଦ ଓ ଚମ୍ପୁକୁ ମଧ୍ୟ ସୁନ୍ଦର ଭାବରେ ଗାୟନ କରିପାରୁଥିଲେ। ତବଲା ଓ ମର୍ଦ୍ଦଳ ବାଦନରେ ସେ ଦକ୍ଷତା ହାସଲ କରିଥିଲେ ଏବଂ ତତ୍ ସହିତ ହିନ୍ଦୁସ୍ତାନୀ ଏବଂ ଓଡ଼ିଶୀ ସଙ୍ଗୀତରେ ଅନେକ ପୁସ୍ତକ ମଧ୍ୟ ରଚନା କରି ନିଜକୁ 'ଉତ୍ତମ ବାଗ୍ଗେୟକାର' ରୂପରେ ସାବ୍ୟସ୍ତ କରିପାରିଛନ୍ତି। ସେ ଓଡ଼ିଶୀ ସଙ୍ଗୀତରେ ଗବେଷଣା କରି ପ୍ରାମାଣିକ ତଥ୍ୟ ସହିତ ଅନେକ ରାଗରାଗିଣୀର ପୁନରୁତ୍ଥାନ କରି ତଥା କିଛି ନୂଆ ରାଗ ସୃଷ୍ଟି କରି ଯେଉଁ ପୁସ୍ତକ ସବୁ ରଚନା କରିଛନ୍ତି ତାହାର ଠିକ୍ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ହୋଇନାହିଁ। ସେ ସବୁ ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଉଚିତ। ଏସବୁ ପାଇଁ ଗୁରୁଜୀ ଅନେକ ଚେଷ୍ଟା କରିଥିଲେ ମଧ ତାଙ୍କୁ କୌଣସି ସହଯୋଗ ମିଳିନାହିଁ। ଏବେ ତାଙ୍କ ଅବର୍ତ୍ତମାନରେ ଯଦି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଏ, ତେବେ ତାଙ୍କ ଆତ୍ମା ତୃପ୍ତ ହେବ ନିଶ୍ଚିତ। ଗୁରୁଜୀ ସଙ୍ଗୀତାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କଟିଏ ହୋଇ ରହିଥିବେ। ଯିଏ କି ଆମ ରାଜ୍ୟର ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାରରେ ଭୀଷ୍ମ ପିତାମହ ଥିଲେ।

ସାଧକଟିଏ କେବେ ପୁରସ୍କାର ପଛରେ ଗୋଡ଼ାଏନି। ବରଂ ପୁରସ୍କାର ତା' ସହିତ ଯୋଡ଼ି ହୋଇ ରହିଥାଏ। ଉଦାହରଣରେ ଆମେ ଲତା ମଙ୍ଗେସ୍‌କରଙ୍କୁ ନେଇପାରିବା। ଗୁରୁଜୀ ସରସ୍ୱତୀ ପୂଜାଦିନ ତଥା ଲତାଜୀ ସରସ୍ୱତୀ ପୂଜା ପରଦିନ ସ୍ୱର୍ଗାରୋହଣ କଲେ। ଯଦିଓ ଦୁହେଁ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ସାଧକ ଥିଲେ, ଲତାଜୀ ଭାରତରତ୍ନ ଉପାଧିରେ ଭୂଷିତା ଥିବାବେଳେ କିନ୍ତୁ ମୋ ଗୁରୁଜୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଆଖିଦୃଶିଆ ସମ୍ମାନ ମିଳିନାହିଁ। ଏକଥା ତ ନିଶ୍ଚିତ ସତ୍ୟ ଯେ, ଯିଏ ଈଶ୍ୱରଦତ୍ତ ପ୍ରତିଭାର ଅଧିକାରୀ ତା'ର ତୃପ୍ତି ଆଗରେ ପୁରସ୍କାର ଗୌଣ ନିଶ୍ଚିତ। କିନ୍ତୁ ପ୍ରୋତ୍ସାହନ ସାମାଜିକ ଦାୟିତ୍ୱବତ୍ତାକୁ ଅନେକ ପରିମାଣରେ ବଢ଼ାଇ ଦିଏ। କଳାକାରକୁ ପ୍ରଥମେ ନିଜ ମାତୃଭୂମି ଚିହ୍ନିଲେ ତା'ପରେ ଅନ୍ୟମାନେ ଚିହ୍ନନ୍ତି। ଆଜି ଯଦି ଆମକୁ ରାଜ୍ୟ ବା ଦେଶ ଚିହ୍ନୁଥାଏ ତାହା ହେଉଛି ଆମ ଗୁରୁଜୀଙ୍କ ଦାନ ତଥା ଆଶୀର୍ବାଦ। ଆଜିକାଲି ଅଣସଙ୍ଗୀତ ତଥା ସଙ୍ଗୀତକାରଙ୍କ ଦୌରାତ୍ମ୍ୟରେ ପ୍ରକୃତ ସାଧକଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ବଡ଼ କ୍ଷୋଭର ସହିତ କହିବାକୁ ପଡୁଛି ଯେ, ଆମ ରାଜ୍ୟରେ ଶସ୍ତ୍ରୀୟ ସଙ୍ଗୀତରେ ଗର୍ବ ଗୌରବର ବାର୍ତ୍ତାବହ ମୋ ଗୁରୁଜୀ ବହୁ ଅନ୍ୟାୟ ତଥା ଅବହେଳାର ଶିକାର ହୋଇଛନ୍ତି। ଏବେ ସେ ସଂସାର ତ୍ୟାଗ କରିବା ପରେ ହୁଏତ ତାଙ୍କ ପ୍ରତିଭାର ମୂଲ୍ୟାଙ୍କନ କରାଯାଇପାରେ। କିନ୍ତୁ ଜ୍ଞାନୀ ଗୁଣୀ କଳାକାରଙ୍କୁ ଅସମ୍ମାନ ପ୍ରଥା ବନ୍ଦ ହେବା ଉଚିତ।

ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
ମୋ: ୯୪୩୭୨୩୨୧୭୪

### ଆଦ୍ୟଧାମରେ ଉଠିଲା ଚତୁର୍ଦ୍ଦଶୀ ଝାଡ଼

**ଆଠଗଡ଼, ୧୫।୨(ସ୍ୱ.ପ୍ର.)**



ମହିମା ଧର୍ମର ଆଦ୍ୟଧାମ ମାଳବିହାରପୁରରେ ମଙ୍ଗଳବାର ପବିତ୍ର ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଝାଡ଼ ଉଠିଛି। ପୀଠର ମହିମା ସାଧୁ ହୃଦାନନ୍ଦ ଦାସ ବିଶ୍ୱ କଲ୍ୟାଣ ପାଇଁ ଝାଡ଼ ପ୍ରଜ୍ୱଳନ କରିଛନ୍ତି। ଏନେଇ ପ୍ରତ୍ୟୁଷରୁ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି ସମାପନ କରାଯାଇ ଯଜ୍ଞ ଆୟୋଜନ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିମା ସନ୍ନ୍ୟାସୀ ଗଙ୍ଗାଧର ଦାସ, ନିମାଇଁ ଚରଣ ଦାସ, ଘାସିରାମ ଦାସ,ଟିକେଶର ଦାସ ଓ ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମାଳବିହାରପୁରରେ ପ୍ରଥମେ ଝାଡ ଉଠିବାପରେ ଯାଇ ଯୋରନ୍ଦା ଗାଦିରେ ଝାଡ ଉଠିଥାଏ ବୋଲି ଭକ୍ତମାନେ କହିଛନ୍ତି।






## ଲାସା ଜ୍ୱରରେ ୩ ମୃତ

ସାରା ବିଶ୍ୱ ଦୁଇବର୍ଷ ହେଲା କୋଭିଡ୍ ମହାମାରୀରେ ଗୁରୁତର ପ୍ରଭାବିତ ହୋଇଥିବାବେଳେ ଏବେ ଏକ ନୂଆ ଭୂତାଣୁ ଚିନ୍ତାର କାରଣ ପାଲଟିଛି। ବ୍ରିଟେନରେ ଲାସା ଜ୍ୱରରେ ୩ ଜଣଙ୍କ ଜୀବନ ଗଲାଣି। ମହାମାରୀ ଘଟାଇବାର ସାମର୍ଥ୍ୟ ଏହି ଭୂତାଣୁର ରହିଥିବା ବ୍ରିଟିଶ ସ୍ୱାସ୍ଥ୍ୟ ଅଧିକାରୀମାନେ ଦାବି କରିଛନ୍ତି। ୧୯୬୯ରେ ନାଇଜେରିଆରେ ପ୍ରଥମେ ଏହି ଭୂତାଣୁ ଦେଖାଦେଇଥିଲା।

## ସଂକ୍ଷେପରେ

### ଫ୍ରାନ୍ସରେ ବିସ୍ଫୋରଣ: ୭ ମୃତ

**ପ୍ୟାରିସ୍,୧୫।୨:** ଦକ୍ଷିଣ ଫ୍ରାନ୍ସର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ବିସ୍ଫୋରଣ ଓ ଅଗ୍ନିକାଣ୍ଡରେ ୨ ପିଲାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨ ଜଣ ନିଖୋଜ ଅଛନ୍ତି। ବିସ୍ଫୋରଣରେ ୩୦ ଜଣ ଆହତ ହୋଇଛନ୍ତି କିମ୍ବା ମାନସିକ ଆଘାତ ପାଇଛନ୍ତ ବୋଲି ଘଟଣାସ୍ଥଳ ପରିଦର୍ଶନ କରିଥିବା ଆଭ୍ୟନ୍ତରୀଣ ମନ୍ତ୍ରୀ ଗେରାଲ୍ଡ ଡର୍ମାନିନ୍ କହିଛନ୍ତି। ସେଣ୍ଟ ଲାଉରେଣ୍ଟ-ଡି-ଲା-ସାଲାଙ୍କ ସହରରେ ସୋମବାର ରାତି ୨ଟାରେ ଏହି ବିସ୍ଫୋରଣ ହୋଇଥିଲା। ଉକ୍ତ ଦୁଇ ମହଲା ବିଲ୍ଡିଂର ତଳ ମହଲାରେ ବିସ୍ଫୋରଣ ହେବା ପରେ ପାଖ ବିଲ୍ଡିଂକୁ ନିଆଁ ବ୍ୟାପିଯାଇଥିଲା। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ।

### ଖ୍ୟାତନାମା ଚିତ୍ରକର କାର୍‌ମେନ୍ ହେରେରାଙ୍କ ପରଲୋକ



**ନ୍ୟୁୟର୍କ,୧୫।୨:** କ୍ୟୁବା ଜନ୍ମିତ ଖ୍ୟାତନାମା ଆମେରିକୀୟ ଚିତ୍ରକର କାର୍‌ମେନ ହେରେରାଙ୍କର ଶନିବାର ତାଙ୍କ ନ୍ୟୁୟର୍କ ସିଟି ଆପାର୍ଟମେଣ୍ଟରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୬ ବର୍ଷ ହୋଇଥିଲା। ତାଙ୍କର କଳାକୃତି ଦୀର୍ଘଦିନ ଧରି ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ୮୯ ବର୍ଷ ବୟସରେ ତାଙ୍କ କାନ୍‌ଭାସ ବିକ୍ରି ଆରମ୍ଭ ହେବା ପରେ ସେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ। କଳା ଜଗତ ନୂଆ ତଥା ଯୁବପିଢ଼ି ଚିତ୍ରକରଙ୍କୁ ଆଦର କରୁଥିବାବେଳେ ବୃଦ୍ଧାବସ୍ଥା ଯୋଗୁ ହେରେରାଙ୍କୁ ବ୍ୟବସାୟିକ ବଜାର ଅଣଦେଖା କରିଥିଲା। ତାଙ୍କର ଚିତ୍ରକଳାଗୁଡ଼ିକ ଜୀବନ୍ତ ଥିଲା ବୋଲି ଲିସନ ଗ୍ୟାଲେରି ସିଇଓ ଆଲେକ୍ସ ଲଗ୍ସଡେଲ୍ କହିଛନ୍ତି। ଆସନ୍ତା ମେ'ରେ ହେରେରାଙ୍କ ୧୦୭ତମ ଜନ୍ମଦିନରେ ଉକ୍ତ ଗ୍ୟାଲରି ନ୍ୟୁୟର୍କରେ ତାଙ୍କ ଚିତ୍ରକଳାର ଏକ ପ୍ରଦର୍ଶନୀ ଆୟୋଜନର ଯୋଜନା କରିଥିଲା। ୫୦ ଦଶକରୁ ହେରେରା ଚିତ୍ରାଙ୍କନ ଆରମ୍ଭ କରିଥିଲେ। ତାଙ୍କ ଚିତ୍ରଗୁଡ଼ିକ ସ୍ୱତନ୍ତ୍ର ଓ ବାସ୍ତବ ସୁନ୍ଦର ବୋଲି କୁହାଯାଏ।

### ମୁକୁଳିଲେ ଆଶିଷ ମିଶ୍ରା



**ଲକ୍ଷ୍ନୌ ୧୫।୨:** ଉତ୍ତର ପ୍ରଦେଶ ଲଖିମପୁର ଖେରି ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି । ନିମ୍ନ କୋର୍ଟ ଆଶିଷଙ୍କ ଜାମିନ ନାମଞ୍ଜୁର କରିବା ପରେ ଗତ ସପ୍ତାହ ଆଲ୍ଲାହାବାଦ ହାଇକୋର୍ଟ ଆଶିଷଙ୍କୁ ଜାମିନ ଦେଇଥିଲେ । ୧୨୯ ଦିନ ଲଖିମପୁର ଜେଲରେ ରହିଥିଲେ ଆଶିଷ। ସହରରୁ ବାହାରକୁ ଯିବା ନେଇ ତାଙ୍କ ଉପରେ କୋର୍ଟଙ୍କ ପକ୍ଷରୁ କୌଣସି କଟକଣା ଲାଗୁ କରାଯାଇ ନାହିଁ। ଆଶିଷଙ୍କୁ ଜାମିନ ମିଳିବା ପରେ କୃଷକ ସଂଗଠନରେ ଅସନ୍ତୋଷ ଦେଖାଦେଇଛି। କୃଷକ ନେତା ରାକେଶ ଟିକାଏତ କହିଛନ୍ତି, ମୃତ କୃଷକଙ୍କ ପ୍ରତି ଅନ୍ୟାୟ ହୋଇଛି। ନ୍ୟାୟ ପାଇଁ ସୁପ୍ରିମ କୋର୍ଟ ଯିବୁ। ଗତ ଅକ୍ଟୋବର ୩ରେ ତିକୁନିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ୟୁପି ଉପମୁଖ୍ୟମନ୍ତ୍ରୀ ଯାଉଥିବାବେଳେ ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଆଶିଷ ମିଶ୍ରାଙ୍କ ଗାଡି ମାଡ଼ିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ ହିଂସାକାଣ୍ଡ ଘଟି ଜଣେ ଖବରଦାତାଙ୍କ ସମେତ ଅନ୍ୟ ୪ ଜଣ ପ୍ରାଣ ହରାଇଥିଲେ।

# ସୈନ୍ୟ ଫେରାଇ ନେଉଛି ରୁଷିଆ

## ଯୁଦ୍ଧ ଆଶଙ୍କା ଭିତରେ ଆଶ୍ୱସ୍ତି

- ■ଭିଡିଓ ଜାରି କଲା କ୍ରେମ୍‌ଲିନ୍
- ■ମସ୍କୋକୁ ଭରସା ନାହିଁ: ୟୁକ୍ରେନ୍
- ■ପ୍ରମାଣ ଦେଉ ରୁଷିଆ: ନାଟୋ



ମସ୍କୋ/କ୍ୱିଭ୍, ୧୫।୨

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବା ଆଶଙ୍କା ମଧ୍ୟରେ ମଙ୍ଗଳବାର ଆଶ୍ୱସ୍ତି କଲା ଭଳି ରିପୋର୍ଟ ପ୍ରକାଶ ପାଇଛି। ୟୁକ୍ରେନ ସୀମା ନିକଟରେ ସମରାଭ୍ୟାସ କରୁଥିବା କେତେ ଜଣ ସୈନ୍ୟ ନିଜ ନିଜ ବେସ୍‌କୁ ଫେରୁଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି, ଯୁଦ୍ଧାଭ୍ୟାସ ଶେଷ ହେବା ପରେ କେତେକ ୟୁନିଟ୍ ସୈନ୍ୟ ସେମାନଙ୍କ ସ୍ଥାୟୀ ବେସ୍‌କୁ ଫେରିଯିବେ ବୋଲି ପୂର୍ବରୁ ମଧ୍ୟ କୁହାଯାଇଥିଲା। ଏଥିରେ କିଛି ନୂତନତ୍ୱ ନାହିଁ। ସାମରିକ ଅଭ୍ୟାସ ଏକ ସାଧାରଣ ପ୍ରକ୍ରିୟା। କେବଳ ଉତ୍ତେଜନା ସୃଷ୍ଟି ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଏପରି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ପରିବର୍ତ୍ତେ ରୁଷିଆ ଏବଂ ପାଶ୍ଚାତ୍ୟ ଦେଶ ମିଶି ନିରାପତ୍ତା ପ୍ରସଙ୍ଗ ଉପରେ ଆଲୋଚନା କରିବା ଆବଶ୍ୟକ ବୋଲି ପେସ୍‌କୋଭ୍ କହିଛନ୍ତି।

ରୁଷିଆ ୟୁକ୍ରେନ ସୀମା ନିକଟରେ ୧,୩୦,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୁତୟନ କରିଛି। ତେବେ ବାସ୍ତବରେ କେଉଁ ସ୍ଥାନରୁ କେତେ ସୈନ୍ୟ ଫେରିଛନ୍ତି ସେ ବାବଦରେ ରୁଷିଆ ବିସ୍ତୃତ ତଥ୍ୟ ଦେଇନାହିଁ। ଏହି ଖବର ଆସିବା ପରେ ବିଶ୍ୱ ବାଣିଜ୍ୟ କାରବାର ପୁଣି ଟ୍ରାକ୍‌କୁ ଫେରିଛି। ଭାରତ ସମେତ ବିଭିନ୍ନ ଦେଶର ପୁଞ୍ଜିବଜାର ଉପରମୁହାଁ ହୋଇଛି। ୟୁକ୍ରେନ ଉପରେ ଆକ୍ରମଣ କରିବାର ଉଦ୍ଦେଶ୍ୟ ନ ଥିବା ରୁଷିଆ ବାରମ୍ବାର କହି ଆସୁଥିଲେ ହେଁ ୟୁକ୍ରେନ ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ଏହାକୁ ବିଶ୍ୱାସକୁ ନେଇପାରୁନାହାନ୍ତି। ୟୁକ୍ରେନ ସୀମା ନିକଟରୁ ଟ୍ୟାଙ୍କ, ଯୁଦ୍ଧବିମାନ ଆଦି ଫେରୁଥିବାବେଳର ଭିଡିଓ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଏହା ସତ୍ତ୍ୱେ କ୍ୱିଭ୍ ଉପରେ ମସ୍କୋ କୌଣସି ସମୟରେ ଆକ୍ରମଣ କରିପାରେ ବୋଲି ୟୁରୋପୀୟ ଦେଶଗୁଡ଼ିକ ପକ୍ଷରୁ ପୁଣି ସମାନ ଚେତାବନୀ ଦିଆଯାଇଛି। ରୁଷିଆ ସୈନ୍ୟ ପ୍ରତ୍ୟାହାର କରିବାର ପ୍ରମାଣ ଦେଉ ବୋଲି ନାଟୋ ପକ୍ଷରୁ କୁହାଯାଇଛି। ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି, ରୁଷିଆ କ୍ରମାଗତ ଭାବେ ଭିନ୍ନ ମନ୍ତବ୍ୟ ଦେଇଆସୁଛି। ତେଣୁ ମସ୍କୋ କଥାରେ ଭରସା ପାଉ ନାହିଁ। ସୈନ୍ୟ ଫେରିବା ନ ଦେଖିବା ପର୍ଯ୍ୟନ୍ତ ଏହାକୁ ବିଶ୍ୱାସ କରିହେବ ନାହିଁ। ଯଦି ରୁଷିଆର ଆକ୍ରମଣ ଉଦ୍ଦେଶ୍ୟ ନାହିଁ ତେବେ ସୀମା ସଂଲଗ୍ନ ଅଞ୍ଚଳରୁ ସମସ୍ତ ସୈନ୍ୟ ପ୍ରତ୍ୟାହାର କରି ଏହା ପ୍ରମାଣ କରୁ ବୋଲି କୁଲେବା କହିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧ ସ୍ଥିତି ଏଡ଼ାଇବା ନିମନ୍ତେ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ମଙ୍ଗଳବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ସୋମବାର ସେ କ୍ୱିଭ୍‌ରେ ୟୁକ୍ରେନ ଲିଡରଙ୍କ ସମେତ ପୋଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରୀ ଜିଗ୍‌ନ୍ୟୁ ରାଉଙ୍କୁ ଭେଟିଥିଲେ।

### ସାଟେଲାଇଟରେ ରୁଷିଆର ସୈନ୍ୟ ଗତିବିଧି

**ମସ୍କୋ, ୧୫।୨:** ୟୁକ୍ରେନ ସୀମା ନିକଟରେ ରୁଷିଆର ସାମରିକ ଗତିବିଧିର ସଦ୍ୟ ଚିତ୍ର ସାଟେଲାଇଟରେ ଦେଖିବାକୁ ମିଳିଛି। ଗତ ସପ୍ତାହ ଧରି ରୁଷିଆ ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖୁଥିବା ଆମେରିକାର ଘରୋଇ କମ୍ପାନୀ ମକ୍ସାର ଟେକ୍ନୋଲୋଜି ରବିବାର ଓ ସୋମବାର ଦିନର ସାଟେଲାଇଟ୍ ଛବି ଜାରି କରିଛି। ୟୁକ୍ରେନ ସୀମା ସଂଲଗ୍ନ ବେଲାରୁଷ, କ୍ରିମିଆ, ପଶ୍ଚିମ ରୁଷିଆରେ ମସ୍କୋ ପକ୍ଷରୁ ସେନା ଛାଉଣୀ ଓ ସାମରିକ କାର୍ଯ୍ୟକଳାପ ଏଥିରେ ଦେଖିବାକୁ ମିଳିଛି।

## ଟ୍ରେଞ୍ଚ୍ ଖୋଳୁଛନ୍ତି ୟୁକ୍ରେନ୍ ବାଳକ

ଚେରଭୋନ, ୧୫।୨

### ଭୟରେ ନିଦ ହଜିଛି

ରୁଷିଆର ଆକ୍ରମଣ ଆଶଙ୍କା ଭିତରେ ଦେଶର ସୁରକ୍ଷା ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି ୟୁକ୍ରେନ୍‌ବାସୀ। ଶକ୍ତିଶାଳୀ ରୁଷିଆ ଆଗରେ ନିଜ ଦୃଢ଼ ମନୋବଳ ଦେଖାଇବାକୁ ୟୁକ୍ରେନବାସୀ ରାଲି ଆୟୋଜନ କରୁଥିବାବେଳେ ସେଠାକାର କମ୍ ବୟସର ପିଲାମାନେ ମଧ୍ୟ ପାରୁ ପର୍ଯ୍ୟନ୍ତ ଦେଶ ପାଇଁ କିଛି କରି ଦେଖାଇବାକୁ ବାହାରି ଆସିଛନ୍ତି। ଯୁଦ୍ଧ ଭୟରେ ରାତିରେ ଶୋଇପାରୁ ନ ଥିବା ୧୫ ବର୍ଷୀୟ ବାଳକ ମିଖାଇଲୋ ଆନୋପା ନିଜ ସୈନ୍ୟଙ୍କ ସୁରକ୍ଷା ପାଇଁ ଟ୍ରେଞ୍ଚ ଖୋଳୁଛନ୍ତି। ତାଙ୍କ ସହ ଆଉ କେତେଜଣ ପିଲା ମଧ୍ୟ ସାମିଲ ହୋଇଛନ୍ତି। ୟୁକ୍ରେନ୍‌ର ପୂର୍ବ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଏହି ଟ୍ରେଞ୍ଚ ଖୋଳାଯାଉଛି। ସେଠାରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ପକ୍ଷରୁ ମଧ୍ୟ ୟୁକ୍ରେନ୍ ପ୍ରତି ବିପଦ ରହିଛି।

ମିଖାଇଲୋ କହିଛନ୍ତି, ରୁଷିଆର ସମ୍ଭାବ୍ୟ ଆକ୍ରମଣ ନେଇ ବାପା, ପାଷ୍ଟରଙ୍କଠାରୁ ଶୁଣିବା ପରେ ସେ ରାତି ସାରା ଶୋଇପାରୁନାହାନ୍ତି। ନିଜ ପରିବାର ସମେତ ଦେଶବାସୀ ଓ ସୈନ୍ୟଙ୍କ ସୁରକ୍ଷା ଚିନ୍ତା ତାଙ୍କୁ ଘାରିଛି। ତେଣୁ ଯୁଦ୍ଧ ହେଲେ ସୈନ୍ୟଙ୍କୁ ସୁବିଧା ଯୋଗାଇବା ପାଇଁ ସହଯୋଗୀଙ୍କ ସହ ମିଶି ସେ ଟ୍ରେଞ୍ଚ ଖୋଳୁଛନ୍ତି। ତାଙ୍କ ଗ୍ରୁପ୍‌ରେ ପ୍ରାୟ ୪୦ ସଦସ୍ୟ ସାମିଲ ଅଛନ୍ତି। ଚାଇଲ୍ଡ ସେଣ୍ଟରରେ ରହୁଥିବା ମିଖାଇଲୋ ଏହି କାମ ପାଇଁ ଗର୍ବିତ ବୋଲି କହିଛନ୍ତି। ପେଣ୍ଟେକୋଷ୍ଟାଲ ପାଷ୍ଟର ଜେନ୍ନାଡି ମୋଖନେଙ୍କୋ ସେମାନଙ୍କୁ ଟ୍ରେଞ୍ଚ ଖୋଳିବା ନିମନ୍ତେ କୌଶଳ ବତାଉଛନ୍ତି।



## 'ମସ୍କୋ ଚିନ୍ତାକୁ ଗୁରୁତ୍ୱ ଦେଉ ନାଟୋ'

ମସ୍କୋ, ୧୫।୨

### ଆଲୋଚନା ପାଇଁ ପ୍ରସ୍ତୁତ କହିଲେ ପୁଟିନ୍



ସୀମାରେ ସୈନ୍ୟ, ଯୁଦ୍ଧାସ୍ତ୍ର ତଥା କ୍ଷେପଣାସ୍ତ୍ର ମୁତୟନ ଏବଂ ସାମରିକ ସ୍ୱଚ୍ଛତା ଉପରେ ଆମେରିକା ଓ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସହ ଆଲୋଚନା ପାଇଁ ରୁଷିଆ ପ୍ରସ୍ତୁତ ବୋଲି ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ମଙ୍ଗଳବାର କହିଛନ୍ତି। ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ବୈଠକ ପରେ ପୁଟିନ କହିଛନ୍ତି, ୟୁକ୍ରେନ ସମେତ ପୂର୍ବ ସୋଭିଏଟ୍ ସଂଘର ଦେଶଗୁଡ଼ିକୁ ନାଟୋରୁ ଦୂରେଇ ରଖିବା, ରୁଷିଆ ସୀମା ନିକଟରେ ସୈନ୍ୟ ମୁତୟନ ବନ୍ଦ, ପୂର୍ବ ୟୁରୋପରେ ନାଟୋ ସୈନ୍ୟଙ୍କୁ ପ୍ରତ୍ୟାହାର କରାଯିବା ନିମନ୍ତେ ରୁଷିଆ ଦାବି କରିଥିଲା। କିନ୍ତୁ ଆମେରିକା ଏବଂ ନାଟୋ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ସେମାନେ କେତେକ ସୁରକ୍ଷା ପ୍ରସଙ୍ଗରେ କଥା ହେବାକୁ ରାଜି ହୋଇଛନ୍ତି, ଯାହା ବାବଦରେ ରୁଷିଆ ପୂର୍ବରୁ ପ୍ରସ୍ତାବ ଦେଇଥିଲା। ୟୁରୋପରେ କ୍ଷେପଣାସ୍ତ୍ର ମୁତୟନର ସୀମା, ସମରାଭ୍ୟାସରେ ସ୍ୱଚ୍ଛତା ଏବଂ ଅନ୍ୟ ସାମରିକ କାର୍ଯ୍ୟକଳାପ ଉପରେ ରୁଷିଆ ଆଲୋଚନା କରିବାକୁ ପ୍ରସ୍ତୁତ। କିନ୍ତୁ ମସ୍କୋର କେତେକ ପ୍ରମୁଖ ଚିନ୍ତାକୁ ମଧ୍ୟ ପାଶ୍ଚାତ୍ୟ ଦେଶ ଶୁଣିବା ଆବଶ୍ୟକ ବୋଲି ପୁଟିନ କହିଛନ୍ତି। ୟୁକ୍ରେନ ସୀମାରୁ କେତେକ ୟୁନିଟ୍ ରୁଷିଆ ସୈନ୍ୟ ଫେରିବା ସୂଚନା ପରେ ପୁଟିନ୍ ଏହି ପ୍ରତିକ୍ରିୟା ରଖିଛନ୍ତି।

ସୂଚନାଯୋଗ୍ୟ, ୟୁକ୍ରେନ ସୀମା ସଂଲଗ୍ନ ଅଞ୍ଚଳରେ ବ୍ୟାପକ ଯୁଦ୍ଧଜାହାଜ, ଅସ୍ତ୍ରଶସ୍ତ୍ର ଠୁଳ କରିବା ସହ ରୁଷିଆ ସୈନ୍ୟ ସମରାଭ୍ୟାସର କାରଣ ଜାଣିବାକୁ ୟୁକ୍ରେନ ସୋମବାର ମସ୍କୋ ସହ ବୈଠକ ଡାକିଛି। ପ୍ରମୁଖ ୟୁରୋପୀୟ ସୁରକ୍ଷା ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ରୁଷିଆ ସହ ହେବାକୁ ଥିବା ଏହି ବୈଠକରେ ୟୁକ୍ରେନ ଉତ୍ତେଜନା ସୃଷ୍ଟିର କାରଣ ପଚାରିବ ବୋଲି କହିଥିଲା।

## ସେଲ୍‌ଫି ନେବାବେଳେ ୪ ଜଣଙ୍କ ଉପରେ ଟ୍ରେନ୍ ମାଡ଼ିଗଲା

ଗୁରୁଗ୍ରାମ,୧୫।୨

ଦିଲ୍ଲୀ ଉପକଣ୍ଠ ଗୁରୁଗ୍ରାମସ୍ଥିତ ଏକ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ ନିକଟରେ ମଙ୍ଗଳବାର ୪ ଜଣ ଯୁବକ ସେଲ୍‌ଫି ନେବାବେଳେ ଏକ ଟ୍ରେନ୍ ସେମାନଙ୍କ ଉପରେ ମାଡ଼ିଯାଇଛି। ବସାଇ ରେଳଷ୍ଟେଶନ ପୂର୍ବରୁ ଏହି ଦୁର୍ଘଟଣା ଘଟିଥିବା ଜିଆର୍‌ପି ପୋଲିସ କହିଛି। ଗୁରୁଗ୍ରାମ ଷ୍ଟେଶନରୁ ବସାଇ ଅଭିମୁଖେ ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଯୁବକମାନଙ୍କ ବୟସ ୧୮ରୁ ୨୦ ବର୍ଷ ମଧ୍ୟରେ। ସେମାନେ ଟ୍ରେନ୍ ସହ ସେଲ୍‌ଫି ନେବାକୁ ଚାହୁଁଥିବାରୁ ଟ୍ରାକ୍‌ରୁ ହଟି ନ ଥିଲେ। ଫଳରେ ଜନଶତାବ୍ଦୀ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଜିଆର୍‌ପି ପୋଲିସ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଯୁବକମାନଙ୍କ ପରିଚୟ ମିଳିନାହିଁ।

## ଏବିଜି ଶିପ୍‌ୟାର୍ଡ ଅଧିକାରୀଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ

ନୂଆଦିଲ୍ଲୀ,୧୫।୨

### ୨୨,୮୪୨ କୋଟିର ବ୍ୟାଙ୍କ ଠକେଇ ମାମଲା



ଦେଶର ସବୁଠୁ ବଡ଼ ବ୍ୟାଙ୍କ ଠକେଇ ମାମଲାରେ ସମ୍ପୃକ୍ତ ଏବିଜି ଶିପ୍‌ୟାର୍ଡ କମ୍ପାନୀର ମୁଖ୍ୟ ତଥା ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ସିବିଆଇ ପକ୍ଷରୁ ଲୁକ୍ ଆଉଟ ନୋଟିସ ଜାରି କରାଯାଇଛି। ସେମାନେ ଯେପରି ଦେଶ ଛାଡ଼ି ଯାଇ ନ ପାରିବେ, ସେଥିପାଇଁ ପୋଲିସ ଓ ସୁରକ୍ଷା କର୍ମୀମାନେ ବିମାନବନ୍ଦର ଏବଂ ସୀମାନ୍ତ ଘାଟି ଉପରେ ନଜର ରଖିବାକୁ କୁହାଯାଇଛି।

ଦେଶର ୨୮ ବ୍ୟାଙ୍କରୁ ୨୨,୮୪୨ କୋଟି ଟଙ୍କା ଋଣ ନେଇ ଠକିବା ଅଭିଯୋଗରେ ସିବିଆଇ ଶନିବାର ଏବିଜି ଶିପ୍‌ୟାର୍ଡ ଲିମିଟେଡ୍ ଏବଂ ଏହାର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଋଷି କମଲେଶ ଅଗ୍ରୱାଲଙ୍କ ସମେତ ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଥନମ୍ ମୁଥାସ୍ୱାମୀ ଏବଂ ନିର୍ଦ୍ଦେଶକ ଅଶ୍ୱିନୀ କୁମାର, ସୁଶୀଲ କୁମାର ଅଗ୍ରୱାଲ ଓ ରବି ବିମଳ ନେଭେଟିଆଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏସ୍‌ବିଆଇ ପକ୍ଷରୁ ୨୦୧୯ ନଭେମ୍ବର ୮ରେ ଠକେଇ ସମ୍ପର୍କରେ ଏତଲା ଦିଆଯାଇଥିଲା। ଯାଞ୍ଚ ପରେ ସିବିଆଇ ଗତ ୭ ତାରିଖରେ ଏଫ୍‌ଆଇଆର୍ କରିଥିଲା। ଶନିବାର ସୁରଟ, ଭାରୁଚ, ମୁମ୍ବାଇ ଓ ପୁଣେ ସମେତ ୧୩ଟି ସ୍ଥାନରେ ଚଢ଼ାଉ ବେଳେ ଅନେକ ଆପତ୍ତିଜନକ ଦସ୍ତାବିଜ ଜବତ ହୋଇଥିଲା। ସେହିପରି ଏବିଜି ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିଃ ବିରୋଧରେ ମଧ୍ୟ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ ଓ ପଦର ଦୁରୁପଯୋଗ ଅଭିଯୋଗରେ ଆଇପିସିର ବିଭିନ୍ନ ଦଫା ଏବଂ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ବ୍ୟାଙ୍କ ଠକେଇରେ ସମ୍ପୃକ୍ତ ନୀରବ ମୋଦି, ମେହୁଲ ଚୋକ୍‌ସି, ବିଜୟ ମାଲ୍ୟା ଦେଶ ଛାଡ଼ି ପଳାଇଯାଇଥିବାବେଳେ ଏବିଜି ଶିପ୍‌ୟାର୍ଡ ଠକେଇ ମାମଲାରେ ଯେପରି ଅଭିଯୁକ୍ତମାନେ ବିଦେଶ ଯାଇ ନ ପାରନ୍ତି, ସେଥିପାଇଁ ଲୁକ୍‌ଆଉଟ ସର୍କୁଲାର ଜାରି ହୋଇଛି।

## ଜି-୨୦ରେ ଅଧ୍ୟକ୍ଷତା କରିବ ଭାରତ

### ସ୍ୱତନ୍ତ୍ର ସଚିବାଳୟ ଗଠନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ ୧୫।୨

୨୦୨୩ ନଭେମ୍ବରରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଭାରତ ଅଧ୍ୟକ୍ଷତା କରିବ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସ୍ୱତନ୍ତ୍ର ସଚିବାଳୟ ଗଠନ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ସଚିବାଳୟର ପରିଚାଳନା ଦାୟିତ୍ୱରେ ରହିବେ ସ୍ୱରାଷ୍ଟ୍ର ଏବଂ ଅର୍ଥ ବିଭାଗ ସଚିବ। ଏହି ସଚିବାଳୟ ୨୦୨୪ ଫେବୃୟାରୀ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ସଚିବାଳୟ ସଂଚାଳନ ଦାୟିତ୍ୱ ଆପେକ୍ସ କମିଟି ନିକଟରେ ରହିବ। ଏହି କମିଟିର ଅଧ୍ୟକ୍ଷତା ପ୍ରଧାନମନ୍ତ୍ରୀ କରିବାକୁ ଥିବାବେଳେ ଏଥିରେ ଅର୍ଥମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ ପ୍ରମୁଖ ସାମିଲ ହେବେ । ବିଶ୍ୱ ଅର୍ଥନୀତି ଉପରେ ଜି-୨୦ର ବଡ଼ ଭୂମିକା ରହିଛି। ୧୯ଟି ଦେଶ ଏବଂ ୟୁରୋପିଆନ ୟୁନିୟନକୁ ନେଇ ଗଠନ ହୋଇଛି ଜି-୨୦। ବିଶ୍ୱ ଅର୍ଥନୀତିରେ ଦେଖାଯାଉଥିବା ସଙ୍କଟର ସମାଧାନ ପାଇଁ ୧୯୯୯ରେ ଜି-୨୦ ଗଠନ କରାଯାଇଥିଲା।

## ହିଜାବକୁ ଅନୁମତି ଦିଆ ନ ଯିବାରୁ ପରୀକ୍ଷା ଦେଲେନି ଛାତ୍ରୀ

ଶିବମୋଗା ,୧୫।୨

କର୍ନାଟକ ଶିକ୍ଷାନୁଷ୍ଠାନରେ ହିଜାବ ବାରଣକୁ ନେଇ ବିବାଦ ଲାଗି ରହିଥିବାବେଳେ ମଙ୍ଗଳବାର ଉଡୁପି ଏବଂ ଶିବମୋଗା ଜିଲାରେ ହିଜାବ ପିନ୍ଧିଥିବା ଛାତ୍ରୀମାନଙ୍କୁ ସ୍କୁଲ୍‌ରେ ପ୍ରବେଶ ଅନୁମତି ଦିଆ ନ ଯିବାରୁ କେତେଜଣ ପିଲା ପରୀକ୍ଷା ବର୍ଜନ କରିଛନ୍ତି। ହିଜାବ ପିନ୍ଧି ଆସିଥିବା ଉଡୁପି ସରକାରୀ ସ୍କୁଲ୍‌ର ଅନ୍ୟ ଛାତ୍ରୀଙ୍କୁ ଅଲଗା ବସିବାକୁ କୁହାଯାଇଥିଲା ବୋଲି ଜଣେ ଅଭିଭାବକ କହିଛନ୍ତି। ହିଜାବ ଓହ୍ଲାଇବା ପାଇଁ ସ୍କୁଲ୍ କର୍ତ୍ତୃପକ୍ଷ ପିଲାଙ୍କୁ ପୋଲିସ ଭୟ ଦେଖାଇଥିଲେ ବୋଲି ଅନ୍ୟଜଣେ ଅଭିଭାବକ ଅଭିଯୋଗ କରିଛନ୍ତି।

ଆମ ପିଲା ହିଜାବ ପିନ୍ଧି ପାଠ ପଢ଼ିବାକୁ ଚାହାନ୍ତି। ହିନ୍ଦୁ ଛାତ୍ରୀ ସିନ୍ଦୂର ପିନ୍ଧୁଛନ୍ତି, ଖ୍ରୀଷ୍ଟିଆନ୍ ପିଲା ମାଳି ପିନ୍ଧୁଛନ୍ତି, ଆମ ପିଲା ହିଜାବ ପିନ୍ଧିବାରେ ଭୁଲ୍ କେଉଁଠି ବୋଲି ଜଣେ ଅଭିଭାବକ ପ୍ରଶ୍ନ କରିଛନ୍ତି।




ହାଇଦ୍ରାବାଦରେ ମୁଲମମାନ ମହିଳାମାନେ କର୍ନାଟକ ଛାତ୍ରୀଙ୍କ ପାଇଁ ହିଜାବ ସମର୍ଥନରେ ବିକ୍ଷୋଭ କରୁଛନ୍ତି।

## ଆତଙ୍କର ମାଷ୍ଟରମାଇଣ୍ଡଙ୍କୁ ଉତ୍ତରଦାୟୀ କରାଯାଉ

ନୂଆଦିଲ୍ଲୀ,୧୫।୨

- ■ମୁମ୍ବାଇ, ପଠାନକୋଟ, ପୁଲ୍‌ୱାମା ଆକ୍ରମଣକାରୀଙ୍କୁ ରାଷ୍ଟ୍ର ସମର୍ଥନ ମିଳୁଛି
- ■ଜାତିସଂଘରେ ପାକିସ୍ତାନକୁ ଭାରତର ସମାଲୋଚନା



ରାଜେଶ ପରିହାର

ଆତଙ୍କବାଦୀ କାର୍ଯ୍ୟକଳାପର ମାଷ୍ଟରମାଇଣ୍ଡଙ୍କୁ ସେମାନଙ୍କ କାର୍ଯ୍ୟ ଲାଗି ବିଶ୍ୱ ଉତ୍ତରଦାୟୀ କରିବା ଆବଶ୍ୟକ ବୋଲି ଜାତିସଂଘରେ ଭାରତ ଦାବି କରିଛି। ସେମାନେ ନିଜକୁ ଆତଙ୍କବାଦର ଶିକାର ବୋଲି ଚିତ୍ରଣ କରି ଅନ୍ତର୍ଜାତୀୟ ସମୁଦାୟଙ୍କୁ ବିଭ୍ରାନ୍ତ କରିବାକୁ ଦିଆ ନ ଯିବା ମଧ୍ୟ ଅନୁରୂପ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତ କହିଛି।

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ, ୨୦୧୬ର ପଠାନକୋଟ ଆକ୍ରମଣ ଏବଂ ୨୦୧୯ର ପୁଲ୍‌ୱାମା ଆକ୍ରମଣକୁ ସାରା ବିଶ୍ୱ ଦେଖିଛି। ଏହି ଅପରାଧୀମାନେ କେଉଁଠୁ ଆସିଥିଲେ, ତାହା ମଧ୍ୟ ସମସ୍ତେ ଜାଣନ୍ତି ବୋଲି ଜାତିସଂଘରେ ପାକିସ୍ତାନକୁ ଟାର୍ଗେଟ କରି ଭାରତର ସ୍ଥାୟୀ ମିଶନର କାଉସେଲର ରାଜେଶ ପରିହାର କହିଛନ୍ତି। ଅତ୍ୟନ୍ତ ପରିତାପର ବିଷୟ ଯେ, ଯେଉଁମାନେ ଏହିସବୁ ଆକ୍ରମଣ ଘଟାଇଥିଲେ, ସେମାନେ ଉକ୍ତ ରାଷ୍ଟ୍ରର ସମର୍ଥନ ଓ ଆତିଥେୟତା ପାଇଆସୁଛନ୍ତି। ଠିକ୍ ୩ ବର୍ଷ ପୂର୍ବେ ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ବିସ୍ଫୋରଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସୋମବାର ଜାତିସଂଘର ଆତଙ୍କବାଦ ନିରୋଧୀ କମିଟିର ଖୋଲା ଆଲୋଚନାରେ ରାଜେଶ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଆକ୍ରମଣରେ ମୃତକମାନଙ୍କ ପରିବାରକୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଲା ନାହିଁ। ଅନ୍ୟ ପକ୍ଷରେ ଅପରାଧୀ, ସେମାନଙ୍କୁ ପ୍ରେରଣ କରିଥିବା ଏବଂ ଅର୍ଥ ଯୋଗାଇଥିବା ବ୍ୟକ୍ତିମାନେ ମୁକ୍ତ ଭାବରେ ବୁଲୁଛନ୍ତି ଏବଂ ରାଷ୍ଟ୍ର ସମର୍ଥନ ଓ ଆତିଥେୟତା ଉପଭୋଗ କରୁଛନ୍ତି ବୋଲି ପାକିସ୍ତାନର ନାଁ ନ ନେଇ ରାଜେଶ କହିଛନ୍ତି। ଜାତିସଂଘ ୧୫୦ରୁ ଊର୍ଦ୍ଧ୍ୱ ସଂଗଠନ ଓ ଏହାର ନେତାଙ୍କୁ ଆତଙ୍କବାଦୀ ତାଲିକାରେ ସାମିଲ କରିଛି। ଏହି କୁଖ୍ୟାତ ଆତଙ୍କବାଦୀ ନେତାଙ୍କୁ ଶହୀଦ ଆଖ୍ୟା ଦିଆଯାଉଛି। ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଲ୍-କାଏଦାର ନିହତ ନେତା ଓସାମା ବିନ୍ ଲାଡେନଙ୍କୁ ଶହୀଦ ବୋଲି କହିଥିଲେ। ଆତଙ୍କବାଦ ସୃଷ୍ଟିର କେନ୍ଦ୍ରସ୍ଥଳ ବିରୋଧରେ ଅବିଳମ୍ବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଭାରତ ଅନ୍ତର୍ଜାତୀୟ ସମୁଦାୟଙ୍କୁ ଆହ୍ୱାନ ଦେଇଛି।

**ଆଜି ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ**

**ପୁରୀ ଅଫିସ:** ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି । ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଗରୁଡ଼ ଉପରେ ବସିଥିବା ପ୍ରଦର୍ଶିତ ହୋଇଥାଏ। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହା ନିର୍ମିତ ହୋଇଥାଏ। ପକ୍ଷ ବିସ୍ତାରି ଉଡୁଥିବା ଗରୁଡ଼ ପୃଷ୍ଠରେ ଶ୍ରୀଜଗନ୍ନାଥ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରେଡ୍ କ୍ରସ୍ ପକ୍ଷରୁ ନିଃଶୁଳ୍କ ଶ୍ରବଣ-ବାକ୍ ସମସ୍ୟା ଚିକିତ୍ସା, କମ୍ୟୁନିଟି ସେଣ୍ଟର, ନୟାପଲ୍ଲୀ, ରେଡ୍ କ୍ରସ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ସଂସ୍କାର ଅନୁଷ୍ଠାନ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୪୫।

**ବାଲିଅନ୍ତା**

- ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ, ଭୁବନପୁର, ସକାଳ ୯ଟା।
- ଭାଗବତ ପାରାୟଣ ନାମଯଜ୍ଞ ଭେଲୁରୀହାଟସ୍ଥିତ ଶ୍ରୀରାଧାମୋହନ ପୀଠ, ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ରୁଦ୍ରଯଜ୍ଞର ପୂର୍ଣ୍ଣାହୁତି, ବେଣୁପୁର, ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ଅପରାହ୍ନ ୫ଟା।
- ୩୦ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ପଟ୍ଟପଡ଼ାସ୍ଥିତ ମା' ଭବାନୀଙ୍କ ପୀଠ, ଅପରାହ୍ନ ୫ଟା।

**ବାଲିପାଟଣା**

- ଅଷ୍ଟପ୍ରହର ନାମଯଜ୍ଞ, ଶିଶୁଅନନ୍ତ ପୀଠ, ବାଲିପାଟଣା, ସକାଳ-୬ଟା।

## ସଂକ୍ଷେପରେ

### ରାଜଧାନୀରେ ମିଳିବ କୋଭିଶିଲ୍ଡ ପ୍ରିକସନ୍ ଡୋଜ୍

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ଏଣିକି କୋଭିଶିଲ୍ଡ ପ୍ରିକସନ୍ ଡୋଜ୍ ମିଳିବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ୟୁପିଏଚ୍‌ସି ଏବଂ ଚନ୍ଦ୍ରଶେଖରପୁର ୟୁପିଏଚ୍‌ସିରେ ଏହି ଡୋଜ୍ ପ୍ରଦାନ କରାଯିବ। କୋଭିଶିଲ୍ଡର ଉଭୟ ଡୋଜ୍ ନେଇଥିବା ଭୁବନେଶ୍ୱରର ଯୋଗ୍ୟ ନାଗରିକମାନେ ଏହି ପ୍ରିକସନ୍ ଡୋଜ୍ ନେଇପାରିବେ। ଏଥିପାଇଁ ହିତାଧିକାରୀମାନେ କୋ-ୱିନ୍ ପୋର୍ଟାଲରେ ସ୍ଲଟ ବୁକ୍ କରିପାରିବେ କିମ୍ବା ସିଧାସଳଖ କେନ୍ଦ୍ରକୁ ଯାଇ ନାମ ରେଜିଷ୍ଟ୍ରେଶନ କରାଇ ଟିକା ନେଇପାରିବେ। ପ୍ରିକସନ୍ ଡୋଜ୍ ନେବା ପୂର୍ବରୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ସାର୍ଟିଫିକେଟ ଦେଖାଇବା ଆବଶ୍ୟକ। ତେବେ ପ୍ରାଥମିକ ସ୍ତରରେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଏବଂ ବରିଷ୍ଠ ନାଗରିକଙ୍କୁ ଏହି ଡୋଜ୍ ଦିଆଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକା ଦିଆଯିବ। ଯେଉଁମାନେ ୯ମାସ ପୂର୍ବରୁ କୋଭିଶିଲ୍ଡ ଟିକା ନେଇଛନ୍ତି, ସେମାନେ ଏହି ଡୋଜ୍ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯାଉଥିବାବେଳେ ଘରୋଇ ହସ୍ପିଟାଲରେ କୋଭିଶିଲ୍ଡ ଟିକା ଦିଆଯାଉଥିଲା।

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଏମ୍‌ପି

**ପୁରୁଣା ଭୁବନେଶ୍ୱର,୧୫।୨(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀର ୨୯ ନମ୍ବର ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ସୁଜିତ୍ କୁମାର ବଳବନ୍ତରାୟଙ୍କ ପାଇଁ ଭାଜପା ପକ୍ଷରୁ ମଙ୍ଗଳବାର ପ୍ରଚାର କରାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ପ୍ରଚାରରେ ସାମିଲ ହୋଇ ଲୋକଙ୍କୁ ଭୋଟ୍ ପାଇଁ ନିବେଦନ କରିଥିଲେ। ଲିଙ୍ଗିପୁର, ଇଟିପୁର, ଟିକରପଡ଼ା ଆଦି ଗ୍ରାମରେ ପ୍ରଚାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅରୁଣ ପୁରୋହିତ, ସୁନୀଲ ପ୍ରଧାନ, ତାପସ ଦଳାଇ, ସୁରେନ୍ଦ୍ର ପ୍ରଧାନ, ଶିବ ନାରାୟଣ ବେହେରା, ମନୋଜ ପଶ୍ଚିମକବାଟ, ବିଭୂତି ଭୂଷଣ ପ୍ରଧାନ, ସୁଶୀଲ ଛୁଆଳସିଂ, ପ୍ରଦ୍ୟୁମ୍ନ ଜେନା, କାହ୍ନୁ ସାମଲ ପ୍ରମୁଖ ସାମିଲ ହୋଇଥିଲେ।



ଜଣେ ସାଧୁଙ୍କଠାରୁ ଶ୍ରଦ୍ଧାଳୁମାନେ ଆଶୀର୍ବାଦ ଗ୍ରହଣ କରୁଛନ୍ତି।



ନାମ ସଂକୀର୍ତ୍ତନ କରାଯାଉଛି।

# ଓଁକାର ଧ୍ୱନିରେ ପ୍ରକମ୍ପିତ ଖଣ୍ଡଗିରି

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

**■ଶ୍ରୀରାମଙ୍କ ଅଭିଷେକ ସହ ସରିଲା ସାଧୁ ସମ୍ମିଳନୀ, ଧର୍ମସଭା**

**■ଆଜି ଶେଷ ହେବ ମାଘମେଳା, ସନ୍ଧ୍ୟାରେ ପୂର୍ଣ୍ଣାହୁତି**

ମାଘ ସପ୍ତମୀଠାରୁ ଐତିହ୍ୟସ୍ଥଳୀ ଖଣ୍ଡଗିରିରେ ଚାଲିଛି ମାଘମେଳା। ଶତାଧିକ ସାଧୁସନ୍ଥ ଏହି ମେଳାରେ ସାଧନାରତ ରହି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରୁଛନ୍ତି। ହୋମଯଜ୍ଞ ସହିତ ଓଁ କାର ଧ୍ୱନିରେ ପ୍ରକମ୍ପିତ ହେଉଛି ଅଞ୍ଚଳ। କରୋନା କଟକଣା ପାଇଁ ଦୋଳି, ମିନାବଜାର, ଯାତ୍ରା ଆଦି ବନ୍ଦ ଥିଲେ ବି ସାଧୁସନ୍ଥଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଦିନ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମଙ୍ଗଳବାର ମା' ବାରଭୁଜା ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ଅପରାହ୍ନ ୨ଟା ବେଳକୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଅଭିଷେକ ହୋଇଥିଲା। ରୀତି ଅନୁଯାୟୀ ପୂଜାର୍ଚ୍ଚନା ସହିତ ହୋମ ହୋଇ ଅଭିଷେକ କରାଯାଇଥିଲା। ଏହାପରେ ଅପରାହ୍ନ ୪ଟା ବେଳକୁ ସାଧୁ ସମ୍ମିଳନୀ ଓ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳର ୧୦ରୁ ଅଧିକ ବିଗ୍ରହ ଏହି କାର୍ଯ୍ୟକ୍ରମକୁ ଆସୁଥିବାବେଳେ ଚଳିତ ବର୍ଷ ଅଭିରାମ ପରମହଂସଙ୍କ ସମେତ ଅନ୍ୟ ଦେବତାଙ୍କୁ ମିଶାଇ ମାତ୍ର ୪ରୁ ୫ ବିଗ୍ରହଙ୍କୁ ଅଣାଯାଇଥିଲା। ଏହାପରେ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ସମାଜର ବିଭିନ୍ନ ରୀତିନୀତି, ମନୁଷ୍ୟର ଚରିତ୍ର, ଶୃଙ୍ଖଳିତ ଜୀବନ, ସାଧୁସଙ୍ଗରୁ କ'ଣ ଫଳ ପ୍ରାପ୍ତି ହୁଏ ପ୍ରଭୃତି ବିଷୟ ଉପରେ ସାଧୁମାନେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ସଭାରେ ଉପସ୍ଥିତ ଥିବା ସାଧୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ବସ୍ତ୍ରଦାନ କରାଯାଇଥିଲା। ଦିନ ତମାମ ନାରାୟଣ ସେବା, ସାଧୁସେବା ଜାରି ରହିବା ସହ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଉମାକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବୁଧବାର ପୂର୍ଣ୍ଣିମା ହୋଇଥିବାରୁ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ପ୍ରତିଦିନ ପରି ସକାଳ ୭ଟାରୁ ପ୍ରବଚନ, ସତ୍‌ସଙ୍ଗ ଓ ଭଜନକୀର୍ତ୍ତନ ଅନୁଷ୍ଠିତ ହେବ। ଏହାପରେ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ରାମଙ୍କ ସୁନ୍ଦରାକାଣ୍ଡ ହେବ। ସେହିପରି ଅପରାହ୍ନ ୪ଟାରେ ଧର୍ମସଭା ଓ ଗୁରୁ ବନ୍ଦନା କରାଯାଇ ସନ୍ଧ୍ୟା ୬ଟା ବେଳକୁ ପୂର୍ଣ୍ଣାହୁତି ଦିଆଯିବ। ଶେଷରେ ସାଧୁସନ୍ଥଙ୍କ ସମେତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ମେଳା ଆରମ୍ଭ ଦିନଠାରୁ ପ୍ରତିଦିନ ୫ମଣ୍ଡଳ ଲେଖାଏ ସଂକୀର୍ତ୍ତନ ଦଳ ଆସି ସଂକୀର୍ତ୍ତନ କରୁଛନ୍ତି ବୋଲି ଟ୍ରଷ୍ଟର କୋଷାଧ୍ୟକ୍ଷ ଦୀନବନ୍ଧୁ ଜେନା ସୂଚନା ଦେଇଛନ୍ତି।



ଲୋକେ ଉଠାଦୋକାନୀଙ୍କଠାରୁ ଜିନିଷପତ୍ର କିଣୁଛନ୍ତି।

### କରୋନା କଟକଣା ସତ୍ତ୍ୱେ ଭିଡ଼

କରୋନା କଟକଣା ସତ୍ତ୍ୱେ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନେକଙ୍କ ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତା ନିୟମକୁ କେହି ମାନି ନ ଥିଲେ। ଉଠାଦୋକାନଗୁଡ଼ିକରୁ ଜିନିଷପତ୍ର କିଣିବାକୁ ଗହଳି ଲାଗିଥିଲା। ସେହିପରି ସାଧୁସନ୍ଥଙ୍କ ଆଶୀର୍ବାଦ ନେବାକୁ ମଧ୍ୟ ଶ୍ରଦ୍ଧାଳୁ ଧାଡ଼ି ବାନ୍ଧିଥିବା ପରିଲକ୍ଷିତ ହୋଇଥିଲା।

# 'ବିବୁଧେନ୍ଦ୍ରଙ୍କ ପଥ ଅନୁସରଣ କରନ୍ତୁ ଆଇନଜୀବୀ'



ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧୫।୨

**ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ**

**■୫ ପ୍ରତିଭାଧାରୀ ପୁରସ୍କୃତ**

ସ୍ୱାଧୀନତା ସଂଗ୍ରାମୀ, ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ହାଇକୋର୍ଟ ବାର୍ ଆସୋସିଏଶନର ସମ୍ମେଳନ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ଓ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଥିଲେ, ରାମଜେଠ ମାଲାନୀ ଓ ଅରୁଣ ଜେଟ୍‌ଲିଙ୍କ ଭଳି ବିବୁଧେନ୍ଦ୍ର ରାଜନୀତି ଏବଂ ଓକିଲାତି କାର୍ଯ୍ୟ ସହଜରେ କରିପାରୁଥିଲେ। ବିବୁଧେନ୍ଦ୍ରଙ୍କ ଜୀବନୀ ବିଷୟରେ ଆଲୋଚନା କରିବା ସହ ଯୁବ ଆଇନଜୀବୀମାନେ ତାଙ୍କ ପଥ ଅନୁସରଣ କରିବାକୁ ମୁଖ୍ୟ ବିଚାରପତି ପରାମର୍ଶ ଦେଇଥିଲେ। ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓ ଟ୍ରଷ୍ଟର ସଂଯୋଜକ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୫ ଜଣ ପ୍ରତିଭାଧାରୀ ମୁନା ହେମ୍ବ୍ରମ୍, ଦିଲୀପ ଟୁଡୁ, ଜଗନ ପାତ୍ର, ରମାଇ ଟୁଡୁ ଓ ଟୁଲୁ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଚାରପତି ଶଶିକାନ୍ତ ମିଶ୍ର, ଜଷ୍ଟିସ ଆର୍. କେ. ପଟ୍ଟନାୟକ, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଅରିନ୍ଦମ ସିହ୍ନା, ଜଷ୍ଟିସ ଏମ୍. ଏସ୍. ରମଣ ଉପସ୍ଥିତ ଥିଲେ। ଏଥିରେ ଆସୋସିଏଶନ ସମ୍ପାଦକ ତଥା ଆଡ୍‌ଭୋକେଟ୍ ଜିତେନ୍ଦ୍ର କୁମାର ଲେଙ୍କା ସ୍ୱାଗତ ଭାଷଣ ଓ ଉପସଭାପତି ଦେବୀ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଦୀପ୍ତି ନନ୍ଦ, ସତ୍ୟବ୍ରତ ପରିଜା, ସସ୍ମିତା ପଟ୍ଟନାୟକ, ସୁବାସ ପ୍ରଧାନ ଓ ବିନୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମାଜିକ ଓ ସାଂସ୍କୃତିକ ପ୍ରବର୍ତ୍ତକଙ୍କୁ ତାଲିମ

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

**ଆରମ୍ଭ ହେଲା ଶିବିର**

ରାଜ୍ୟରେ ସଂସ୍କୃତିର ପ୍ରଚାର ପ୍ରସାର ଏବଂ କଳାକାରଙ୍କ ଉନ୍ନତି ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ତଥା ଯୋଜନା ଜାରି ରହିଛି। ଏହି ସବୁ ଯୋଜନା ଓ ପରିକଳ୍ପନାର ସଫଳ ରୂପାୟନ ନିମନ୍ତେ ୟୁନିସେଫ୍‌ର ଆର୍ଥିକ ସହାୟତାରେ ବିଭିନ୍ନ ଜିଲା ପାଇଁ ଚୟନ ହୋଇଥିବା ସାମାଜିକ ଓ ସାଂସ୍କୃତିକ ପ୍ରବର୍ତ୍ତକ (ଡିଷ୍ଟ୍ରିକ୍ଟ ସୋସିଆଲ୍ ଆଣ୍ଡ କଲ୍‌ଚରାଲ୍ ମୋବିଲାଇଜରସ୍) ମାନଙ୍କର ୪ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସଂସ୍କୃତି ଭବନରେ ଆୟୋଜିତ ଏହି ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ କହିଲେ, ରାଜ୍ୟର ସଂସ୍କୃତି ଅତୀବ ପ୍ରାଚୁର୍ଯ୍ୟ ଭରା। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାର ମାଧ୍ୟମ ପାଲଟିଛି ଲୋକକଳା। ସମ୍ମାନିତ ଅତିଥି ଭାବେ ୟୁନିସେଫ ଓଡ଼ିଶା ମୁଖ୍ୟ ମୋନିକା ନିଲସନ ଯୋଗଦେଇ ୧୦ ବର୍ଷ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ସହଯୋଗ କରିବା ଏକ ଉଦାହରଣ ବୋଲି କହିଥିଲେ। ପ୍ରବର୍ତ୍ତକମାନଙ୍କ ନିଯୁକ୍ତି ପରିକଳ୍ପନା ଆଗକୁ ଏହି ସହଭାଗିତାକୁ ଆଉ ଦୁଇ ପାଦ ଆଗେଇ ନେବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଯୋଗାଯୋଗ ବିଶେଷଜ୍ଞ ସୁଗତ ରାୟ, ଉପସଚିବ ସଞ୍ଜୟ ମିଶ୍ର, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀ, ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ନବନିଯୁକ୍ତ ସାମାଜିକ ଓ ସାଂସ୍କୃତିକ ପ୍ରବର୍ତ୍ତକମାନଙ୍କୁ ତାଲିମ ଦେବା ସହ ଦିଗଦର୍ଶନ ପ୍ରଦାନ କରିବେ।

### ବେଆଇନ ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର, ୧୫।୨(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ଷେତ୍ରରେ ରହିଥିବା ରାଜାରାଣୀ ମନ୍ଦିର ନିକଟରେ ଚାଲିଛି ବେଆଇନ ନିର୍ମାଣ, ଯାହାକି କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଆମ୍‌ସାର ଆକ୍ଟ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଆମ୍‌ସାର ଆକ୍ଟ ଅନୁଯାୟୀ ଐତିହ୍ୟ ସ୍ଥଳର ବାହାର ପରିସୀମାଠାରୁ ୨୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟକୁ ନିଷେଧ କରାଯାଇଛି। ଏଠାରେ ୫୦ ଫୁଟ ବ୍ୟବଧାନରେ ନିର୍ମାଣ କରାଯାଉଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିରୋଧ କରାଯିବା ସହ ଏଏସ୍‌ଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଛନ୍ତି, ସମ୍ପୃକ୍ତ ନିର୍ମାଣକାରୀ ମାଲିକଙ୍କୁ ନୋଟିସ୍ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### 'ଆହେ ଦୟାମୟ' ମାନବ ଜାତି ପାଇଁ ସ୍ୱତନ୍ତ୍ର ଅବଦାନ

କଣ୍ଟାପଡା, ୧୫।୨(ଡି.ଏନ୍.ଏ.)

ଆହେ ଦୟାମୟ ବିଶ୍ୱବିହାରୀର ରଚୟିତା ତଥା ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟି କଟକ ଜିଲା ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାସାହିତ୍ୟ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆହେ ଦୟାମୟ ବିଶ୍ୱବିହାରୀ କେବଳ ପ୍ରାର୍ଥନା ନୁହେଁ ସମଗ୍ର ମାନବ ଜାତି ପାଇଁ ଏକ ସ୍ୱତନ୍ତ୍ର ଅବଦାନ ବୋଲି କହିଥିଲେ। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା, ଡା. ଶକ୍ତିପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୌଦାମିନୀ' ଓ କବି ବାବାଜୀ ଭୋଇଙ୍କ ରଚିତ ପୁସ୍ତକ 'ମାନିଲା ପିଲା'ଉନ୍ମୋଚନ ସହ କୃତୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚିତ୍ରରେ ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ତେଜସ୍ୱିନୀ

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

ଏବେ ବି ଶ୍ରୋତାଙ୍କ ମନରେ ରହିଛନ୍ତି ପ୍ରଖ୍ୟାତ କଣ୍ଠଶିଳ୍ପୀ ଭାରତରତ୍ନ ଲତା ମଙ୍ଗେସକର। ତାଙ୍କର ପ୍ରଶଂସକମାନେ ବିଭିନ୍ନ ପ୍ରକାରରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ପୁରୁଣା ଭୁବନେଶ୍ୱରର ଚିତ୍ରଶିଳ୍ପୀ ତେଜସ୍ୱିନୀ ସାମନ୍ତସିଂହାର ତାଙ୍କୁ ନିଜ ଚିତ୍ରକଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ଲଳିତ କଳା ଏକାଡେମୀ ପକ୍ଷରୁ ଆୱାର୍ଡ ମଧ୍ୟ ପାଇଛନ୍ତି। ପିଲାଟି ବେଳୁ ସେ ଚିତ୍ର ଶିକ୍ଷା ଗ୍ରହଣ କରିଥଲେ। ତେଜସ୍ୱିନୀ ଶିଶୁକନ୍ୟା ସୁରକ୍ଷା, ଶିଶୁ ଶିକ୍ଷା, ନାରୀ ସ୍ୱାଧୀନତା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚିତ୍ର ଆଙ୍କି ସଚେତନତା ସୃଷ୍ଟି କରିବା ସହ ସାଧାରଣରେ ପ୍ରଶଂସନୀୟ ହୋଇପାରିଛନ୍ତି।




ତାମିଲନାଡୁର ଛାତ୍ରୀ ଲାବଣ୍ୟଙ୍କୁ ନ୍ୟାୟ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ଅବରୋଧ କରାଯାଇଛି।




ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସାମାଜିକ ଓ ସାଂସ୍କୃତିକ ପ୍ରବର୍ତ୍ତକଙ୍କ ତାଲିମ ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଗହମ ବିହନ ବିଶୋଧନ

ଗହମ ଚାଷରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସୋନାଲିକା, ପି.ବି.ଡବ୍ଲୁ-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନରୁ ଅଧିକ ଗହମ ଅମଳ ହୋଇଥାଏ ।



# ଫୁଲ ଚାଷରେ ତରଳ ଖତ ପ୍ରୟୋଗ



ଫୁଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

# ଆଖୁ ବିହନ ଚୟନ

ଛଅ ମାସରୁ ଆଠ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ରୁ ୧୦୦ କୁଣ୍ଟାଲ ଆଖୁ ବିହନ ଆବଶ୍ୟକ । ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ୧୨ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ । ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।



# ଖରାଟିଆ ମୁଗ ଓ ବିରି ଚାଷ

ଜଳସେଚିତ ଜମିରେ ଫେବୃୟାରୀ ତୃତୀୟ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଖରାଟିଆ ମୁଗ ଓ ବିରି ବୁଣନ୍ତୁ। ଖରାଟିଆ ଚାଷ ପାଇଁ ଉନ୍ନତ କିସମ ମୁଗ ବିହନ ମଧ୍ୟରେ ରହିଛି ପି ଡି ଏମ୍ ୧୧, ଏସ୍ ଏମ୍ ଏଲ୍ ୬୬୮, ପି ଡି ଏମ୍ ୫୪, ଏଚ୍ ୟୁ ଏମ୍ ୧୨, ଦୁର୍ଗା (ସିବିଜିଜି ୫୨) ଏବଂ ସମ୍ରାଟ (ପିଡିଏମ୍ ୮୪-୧୩୯) । ବିରି ଚାଷ ପାଇଁ ସାରଳା, ପି ୟୁ ୩୦, ପି ୟୁ ୩୫, ପି ୟୁ ୧୯ ବିହନ କିସମ ଚୟନ କରନ୍ତୁ। ଜମି ପ୍ରସ୍ତୁତ ପୂର୍ବରୁ ଏକର ପିଛା ୨ ଟନ୍ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ବିହନ ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ ସିଆରରେ ଏକର ପିଛା ୮କିଗ୍ରା ଯବକ୍ଷାରଜାନ , ୧୬ କିଗ୍ରା ଫସ୍‌ଫରସ୍ ଓ ୮ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି କିଗ୍ରା ବିହନକୁ ୩ ଗ୍ରାମ କାପଟନ୍ ବା ଥିରାମ କିମ୍ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ସହିତ ଗୋଳାଇ ବିଶୋଧନ କରନ୍ତୁ। ବିହନ ବିଶୋଧନ କରିବାର ୭ ଦିନ ପରେ ବୀଜାଣୁ କଲ୍‌ଚରରେ ଉପଚାର କରନ୍ତୁ। ଏକର ପ୍ରତି ୧୦ କିଗ୍ରା ବିହନକୁ ଧାଡିକୁ ଧାଡି ୨୫ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖି ବୁଣନ୍ତୁ।



# ଛେଳି, ମେଣ୍ଢାଙ୍କୁ କୃମି ରୋଗ ହୋଇଥିଲେ...

ଛେଳି, ମେଣ୍ଢାଙ୍କୁ କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେଣ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ ।



# କଖାରୁଜାତୀୟ ଚାଷରେ ରୋଗପୋକ ଦମନ



ପ୍ରତ୍ୟୁଷ ପଣ୍ଡା



କଖାରୁଜାତୀୟ ପରିବା କହିଲେ ଆମେ ସାଧାରଣତଃ କଖାରୁ, ତରଭୁଜ, କାକୁଡ଼ି, କଲରା, ଜହ୍ନି, ଲାଉ, କାଙ୍କଡ଼, ପାଣିକଖାରୁ ଇତ୍ୟାଦିକୁ ବୁଝିଥାଉ। ଚଳିତ ମାସରେ ଏହି ପରିବା ଚାଷର ନିର୍ଦ୍ଦିଷ୍ଟ କିଛି ରୋଗପୋକ ଦେଖିବାକୁ ମିଳିଥାଏ। ଏହାଦ୍ୱାରା ଅମଳ ବହୁମାତ୍ରାରେ କମିଯାଇଥାଏ। ସାଧାରଣତଃ ଜାନୁୟାରୀରେ କଖାରୁଜାତୀୟ ଫସଲ ଲଗାଯାଇଥାଏ। ଏହି ଗଛଗୁଡ଼ିକ ଛୋଟ ଥିବା ଅବସ୍ଥାରେ ନାଲିକଖାରୁ ଭୃଙ୍ଗ, କଖାରୁ ପତ୍ରଖିଆ କୀଟ, କାଙ୍କେଡ଼ିଆ ପୋକ ଏବଂ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ସମସ୍ୟା ବହୁମାତ୍ରାରେ ଦେଖାଯାଏ। ସେଭଳି ରୋଗପୋକଗୁଡ଼ିକୁ କିପରି ଦମନ କରିବେ ସେ ବିଷୟରେ ଆଲୋଚନା କରିବା।

**ନାଲିକଖାରୁ ଭୃଙ୍ଗ**

ଏହି ପୋକ କଖାରୁ, ପାଣିକଖାରୁ, ଲାଉ, କଲରା, କାକୁଡ଼ି, ଛଚିନ୍ଦ୍ରା, ଜହ୍ନି, ତରଡ଼ା, ପୋଟଳ, କାଙ୍କଡ଼, ତରଭୁଜ, ଖରଭୁଜ ଇତ୍ୟାଦି ଫସଲରେ ବିଶେଷ ଭାବରେ ଦେଖାଯାଇଥାଆନ୍ତି। ଫେବୃୟାରୀ ମାସରେ ଏମାନେ କଖାରୁ, ପାଣିକଖାରୁ, କାକୁଡ଼ି, କଲରା ଏବଂ ତରଭୁଜର ବିଶେଷ କ୍ଷତି କରିଥାଆନ୍ତି। ନାଲିକଖାରୁ ଭୃଙ୍ଗ ବ୍ୟତୀତ କଳା କଖାରୁ ଭୃଙ୍ଗ ଏବଂ ପାଉଁଶିଆ କଖାରୁ ଭୃଙ୍ଗ କଖାରୁଜାତୀୟ ଫସଲରେ ଦେଖାଯାଆନ୍ତି। ଏହି ଭୃଙ୍ଗର ଆକାର ଆୟତାକାର। ଏହାର ଲମ୍ବା ଏବଂ ଓସାର ୭୨.୫ ମିମି। ଏହି ଭୃଙ୍ଗର ଶରୀର ଉପର ପାଖରେ କ୍ଷୁଦ୍ର ରୁମ ଥାଏ, ଯାହା କମଳାରୁ ଲାଲରଙ୍ଗ ଏବଂ ତଳ ପାଖ କଳାରଙ୍ଗ। ଅଂଶେଇ ଲହୁଣୀ ପରି ହଳଦିଆ ରଙ୍ଗ ଓ ମୁଣ୍ଡ ବାଦାମୀ ରଙ୍ଗ, ପଛ ପାଖରେ ଗାଢ଼ କଳାରଙ୍ଗର ଏକ ଆବରଣ ଥାଏ। ଭୃଙ୍ଗ ପତ୍ରର ଧାରରୁ ଖାଏ ଓ ଅସମାନ କଣା କରେ। ପତ୍ରକୁ ଖାଇ ପୂରାପରି ଖୁଣ୍ଟା କରିଦିଏ। ଗଛ ଛୋଟ ଥିବା ସମୟରେ ମା' ପତ୍ର ଖାଇଯାଏ। ଗ୍ରବ ମାଟି ଭିତରେ ଥିବା ଚେର ଓ କାଣ୍ଡକୁ ଖାଇ ଜାଲି କରିଦିଏ, ଯାହାଫଳରେ ଗଛ ଝାଉଁଳି ସମ୍ପୂର୍ଣ୍ଣ ମରିଯାଏ। ସମୟେ ସମୟେ ଏମାନେ ମାଟିକୁ ସ୍ପର୍ଶ କରିଥିବା ଫଳକୁ ଖାଇଯାଆନ୍ତି ଓ ଫଳରେ କଣା କରିଦିଅନ୍ତି। ଏହି କଣା ଦେଇ କବକ ଓ ଜୀବାଣୁ ପ୍ରବେଶ କରନ୍ତି, ଯାହାଦ୍ୱାରା ଫଳଶଢ଼ା ରୋଗ ଦେଖାଦେଇଥାଏ। କଖାରୁଜାତୀୟ ଗଛଗୁଡ଼ିକ ଛୋଟ ଅବସ୍ଥାରେ ଥିବା ସମୟରେ ଏମାନେ ବେଶି କ୍ଷତି କରିଥାଆନ୍ତି।

**ନିୟନ୍ତ୍ରଣ :** ଏହି ପୋକ ଦ୍ୱାରା ଆକ୍ରାନ୍ତ ପତ୍ର, ଫୁଲ ଓ ଫଳକୁ ସଂଗ୍ରହ କରି ମାଟି ତଳେ ପୋତିଦିଅନ୍ତୁ। ଯଦି ପୂର୍ବ ବର୍ଷ ଏହି ରୋଗ ଦ୍ୱାରା କଖାରୁଜାତୀୟ ଫସଲ ପ୍ରଭାବିତ ହୋଇଛି ତେବେ ସେହି କ୍ଷେତ୍ରରେ ପୁଣି ଥରେ ଫସଲ କରନ୍ତୁ ନାହିଁ। ଯଦି ଅନ୍ୟ ଉପାୟ ନାହିଁ ତେବେ ମଞ୍ଜି ଲଗାଇବା ପୂର୍ବରୁ ଜମିକୁ ଦୁଇ ଓଡ ଭଲ ଭାବରେ ଚାଷ କରନ୍ତୁ। ଏହି ପୋକକୁ ଦମନ କରିବା ପାଇଁ ଇମିଡାକ୍ଲୋପ୍ରିଡ ୭୦ ପ୍ରତିଶତ, ଡବ୍ଲୁ. ଜି. ୧୪ ଗ୍ରାମ କିମ୍ବା ସାଇଣ୍ଟ୍ରାନିଲିପ୍ରୋଲ୍ ୧୦.୨୬ ପ୍ରତିଶତ, ଓଡି ୪୦୦ ମିଲି କିମ୍ବା ଟୋଲଫିନ୍‌ପ୍ୟାରେଡ୍ ୧୫ ପ୍ରତିଶତ, ଇ.ସି. ୪୦୦ ମିଲି କିମ୍ବା ଡାଇନୋଟିଫ୍ୟୁରାନ୍ ୨୦ ପ୍ରତିଶତ, ଏସ.ଜି. ୧୦୦ ଗ୍ରାମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କଖାରୁ ପତ୍ରଖିଆ କୀଟ**

ସମସ୍ତ କଖାରୁଜାତୀୟ ପନିପରିବା ଫସଲରେ ଏହା କ୍ଷତି କରୁଥିଲେ ମଧ୍ୟ ଏହା ମୁଖ୍ୟତଃ କଖାରୁ, କାକୁଡ଼ିରେ ବେଶି କ୍ଷତି କରିଥାଏ। ଫେବୃୟାରୀ ମାସରେ ଏହାର ଆକ୍ରମଣ ଅଧିକ ଦେଖାଯାଏ।

**ନିୟନ୍ତ୍ରଣ :** ଆକ୍ରାନ୍ତ ଗଛର ଅଙ୍ଗଗୁଡ଼ିକୁ ମାଟିରେ ପୋତିଦିଅନ୍ତୁ। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାକୁ ଦମନ କରିବା ପାଇଁ ଇମିଡାକ୍ଲୋପ୍ରିଡ ୭୦ ପ୍ରତିଶତ, ଓଡ୍ଲୁଜି ୧୪ ଗ୍ରାମ କିମ୍ବା ସାଇଟାଟ୍ରାନିଲି ପ୍ରୋଲ୍ ୧୦.୨ ପ୍ରତିଶତ, ଓଡି ୪୦୦ ମି.ଲି. କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଓ ୫ ପ୍ରତିଶତ, ଏସ.ଜି. ୧୦୦ ଗ୍ରାମକୁ ୧୦୦-୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କାଙ୍କେଡ଼ିଆ ପୋକ**

କଖାରୁଜାତୀୟ ଫସଲ ଯଥା କଖାରୁ, କଲରା, ପୋଟଳ ଓ କାକୁଡ଼ିଜାତୀୟ ଫସଲରେ ଏହି ପୋକ ବିଶେଷଭାବରେ ଦେଖାଯାଇଥାଆନ୍ତି। ଆଳୁ, ବାଇଗଣରେ ଦେଖାଯାଉଥିବା କାଙ୍କେଡ଼ିଆ ପୋକଗୁଡ଼ିକ ଦେଖିବାକୁ ହରଡ଼ ଫାଳ ପରି, ହଳଦିଆ ମିଶା ମାଟି ରଙ୍ଗର, ଡେଣା ଦୁଇଟି ଏମାନଙ୍କର ସମ୍ପୂର୍ଣ୍ଣ ଶରୀରକୁ ଆବୃତ୍ତ କରି ରଖିଥାଏ। ଡେଣା ଉପରେ କଳା ରଙ୍ଗର ଚିହ୍ନ ଥାଏ। ଶରୀର ଉପରେ



ଛଅ ଧାଡି ଶାଖାଯୁକ୍ତ କଣ୍ଟାମାନ ଥାଏ ଏବଂ ଏମାନଙ୍କର ରଙ୍ଗ ହଳଦିଆ। ମାଈ ପୋକମାନେ ପତ୍ରର ତଳ ପାଖରେ ମେଞ୍ଚା ମେଞ୍ଚା କରି ୭୮-୫୦୬ ପର୍ଯ୍ୟନ୍ତ ଅଣ୍ଡା ତା' ଜୀବନକାଳ ଭିତରେ ଦେଇଥାଏ। ଅଣ୍ଡା ଅବସ୍ଥା ୩-୪, ଭୃଙ୍ଗ ଅବସ୍ଥା ୯-୧୦ଦିନ, ପ୍ରାକ୍ କୋଷ ଅବସ୍ଥା ୧-୧୫ଦିନ, କୋଷ ଅବସ୍ଥା ୩-୪ଦିନ କାଟିଲା ପରେ ଏମାନେ ପୂର୍ଣ୍ଣାଙ୍ଗ ଅବସ୍ଥାପ୍ରାପ୍ତ ହୁଅନ୍ତି। ପୂର୍ଣ୍ଣାଙ୍ଗ ପୋକମାନେ ୩-୬୫ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଆନ୍ତି। ଏହି ପୋକର ଉଭୟ ଅବସ୍ଥା କ୍ଷତିକାରକ। ଏମାନେ ପତ୍ରର ଉଭୟ ପଟରୁ ସବୁଜ ଅଂଶକୁ କୋରି ଖାଇଯାଆନ୍ତି, ଯାହାଫଳରେ ଆକ୍ରାନ୍ତ ପତ୍ରଗୁଡ଼ିକ ଜାଲିଆ ହୋଇ ଶୁଖିଯାଏ। ଛୋଟ ଗଛରେ ଏହି ପୋକ ଅଧିକ ମାତ୍ରାରେ ଦେଖାଯାଇଥାଆନ୍ତି।

**ନିୟନ୍ତ୍ରଣ :** ଅଣ୍ଡାପୁଞ୍ଜି, ଶୂକ ଓ କୀଟର ପୂର୍ଣ୍ଣାଙ୍ଗ ଅବସ୍ଥାରୁ ହିଁ ନଷ୍ଟ କରିଦେବା ଦରକାର। ଏହାଫଳରେ ଏହି ପୋକମାନଙ୍କର ସଂଖ୍ୟା ଆଶାତୀତ ଭାବରେ କମି ଯାଇଥାଏ। ଏହାର ଦମନ ପାଇଁ ସ୍ପାଇନୋସାଡ୍ ୪୫ ପ୍ରତିଶତ, ଏସ.ସି. ୬୦ ମିଲି, ଏସିଫେଟ୍ ୭୫ ପ୍ରତିଶତ, ଏସ.ପି. ୩୦୦ ଗ୍ରାମ, ଡାଇଫେନଥ୍ୟୁରନ୍ ୫୦ ପ୍ରତିଶତ, ଓ.ବ୍ଲୁପି. ୨୪୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ ୮.୩୩ ପ୍ରତିଶତ/ଡେଲଟାମେଥ୍ରିନ ୫.୫୬ ପ୍ରତିଶତ, ଏସ.ପି. ୧୦୦ ମିଲିକୁ ୧୫୦-୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ନିମ୍ନମୁଖୀ ପତ୍ରପୋଡ଼ା ରୋଗ**

ନିମ୍ନମୁଖୀ ପତ୍ରପୋଡ଼ା ରୋଗ କଖାରୁଜାତୀୟ ପରିବା ଅମଳ ହ୍ରାସ କରିଥାଏ। ମୁଖ୍ୟତଃ ଏହା କଖାରୁ, କାକୁଡ଼ି, କଲରା, ଲାଉ, ଜହ୍ନି, ତରଡ଼ା ଫସଲକୁ ବିଶେଷ ଭାବରେ ଆକ୍ରାନ୍ତ କରିଥାଏ। ଏହି ରୋଗ ପ୍ରଥମେ ପତ୍ରର ତଳ ଭାଗରେ ଛୋଟ ପାଣି ପଚା ଦାଗ ଆକାରରେ ଦେଖାଯାଏ। ପତ୍ର ଉପରୁ ଦେଖିଲେ ସେହି ଦାଗଗୁଡ଼ିକ କୋଣାକାର, ଧୂସର କବକ ପିଣ୍ଡ ଆକୃତିର ଦେଖାଯାଏ। ତା'ସହ ସେହି ଦାଗଗୁଡ଼ିକରେ ହଳଦିଆ ସବୁଜ ଦାଗ ଦ୍ୱାରା ଆବୃତ୍ତ ଚିହ୍ନମାନ ଦେଖାଯାଏ। କାକୁଡ଼ି ଫସଲରେ ଏହା ସାହେବୀ ରୋଗର ଭ୍ରମ ସୃଷ୍ଟି କରିଥାଏ। କଲରାରେ ଦାଗ ଫିକା ବାଦାମୀ ହେଲା ବେଳେ ପୋଟଳରେ ଧୂସର ବାଦାମୀ ହୋଇଥାଏ। ଅଧିକ ଆକ୍ରାନ୍ତ ପତ୍ର ଉପରକୁ ମୋଡି ହୋଇଯାଏ ଓ ଡଙ୍କ ପୋଡ଼ିଗଲା ପରି ହୁଏ। ଏହି ରୋଗ ଫେବୃୟାରୀ-ମାର୍ଚ୍ଚ ମାସରେ ବିଶେଷ ଭାବରେ ଦେଖାଯାଏ। ରାତିର ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ଓ କାକର ପଡ଼ିବା ବୃଦ୍ଧି ହେଲେ ଏହି ରୋଗ ବଢ଼େ। ଏହାର କବକ ପୁରୁଣା ଡଙ୍କ ଓ ଅଦିନିଆ କଖାରୁଜାତୀୟ ପରିବା ଲଟାରେ ରହି ନୂଆ ଫସଲକୁ ଆକ୍ରମଣ କରେ।

**ନିୟନ୍ତ୍ରଣ :** ଆକ୍ରାନ୍ତ ପତ୍ରଗୁଡ଼ିକୁ ଗଛରୁ ବାହାର କରି ପୋଡ଼ି ବା ଫୋପାଡ଼ି ଦେବା ଉଚିତ। ଆଜୋକ୍ସି ଷ୍ଟ୍ରବିନ୍ ୨୩ ପ୍ରତିଶତ, ଏସ.ସି. ୪୦୦ ମିଲି କିମ୍ବା ଆଜୋକ୍ସି ଷ୍ଟ୍ରବିନ୍ ୧୮.୨ ପ୍ରତିଶତ ସହ ଡାଇଫେନକୋନାବଲ୍ ୧୧.୪ ପ୍ରତିଶତ, ଏସ.ସି. ୨୦୦ ମିଲି କିମ୍ବା ବେନାଲକ୍ସିଲ ୮ ପ୍ରତିଶତ ସହ ମନକୋଜେବ ୨୫ ପ୍ରତିଶତ, ଓବ୍ଲୁପି. ୧୦୦୦ ଗ୍ରାମକୁ ୧୦୦-୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଏହି ସବୁ ରୋଗପୋକ ନିୟନ୍ତ୍ରଣ ଦ୍ୱାରା କଖାରୁଜାତୀୟ ପରିବାରେ କ୍ଷତିର ପରିମାଣ କମିବା ସହ ଅମଳ ଅଧିକ ହୋଇଥାଏ।

-ଶେଷ ବର୍ଷ କୃଷି ଛାତ୍ର,
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ : ୭୮୭୩୮୨୭୮୩୦

# ଧାନ ଫସଲରେ ଜଳ ପରିଚାଳନା

ଧାନ ଫସଲ ପାଇଁ ଅଧିକ ଜଳ ଦରକାର। ଜଳସେଚିତ ଅଞ୍ଚଳରେ ଧାନ ଚାଷରେ କେନାଲ ଉପର ମୁଣ୍ଡରେ ଥିବା ଚାଷୀମାନେ ମନଇଚ୍ଛା ଅତ୍ୟଧିକ ଜଳସେଚନ କରିବା ଫଳରେ କେନାଲର ତଳମୁଣ୍ଡରେ ଥିବା ଜମିରେ ଜଳର ଅଭାବ ଦେଖାଯାଇଥାଏ। ଫଳରେ ବିନା କାରଣରେ ଜଳର ଅପଚୟ ହେବା ସହିତ ଜଳ ବଣ୍ଟନରେ ଅସୁବିଧା ହୁଏ। ଜମିକୁ ଠିକ୍ ରୂପେ ସମତୁଲ କଲେ କମ୍ ପାଣି ଆବଶ୍ୟକ ହୁଏ। ଧାନ ଫସଲ ପାଇଁ କିସମ ଅନୁସାରେ ୮୦ସେମିରୁ ୧୪୦ସେମି ଜଳ ଦରକାର ପଡିଥାଏ। ହିସାବ କରି ଦେଖାଯାଇଛି ଯେ, ଧାନ ଫସଲରେ ପ୍ରତି ଏକ ଦିନ ଅବଧି ପାଇଁ ପ୍ରାୟ ଏକ ସେମି ଜଳ ଆବଶ୍ୟକ ହୋଇଥାଏ। ଧାନ ଫସଲରେ ପିଲଦେବା



ଅବସ୍ଥା, ଗଣ୍ଠି ଛାଡିବା ଅବସ୍ଥା, କେଣ୍ଡା ବଢ଼ିବା ଅବସ୍ଥା, ଫୁଲ ଉଡାଇବା ଅବସ୍ଥା ଓ କ୍ଷୀର ଢୋକିବା ଅବସ୍ଥା ହେଉଛି ସଙ୍କଟ କାଳ। ଏହି ସମୟରେ ଜଳାଭାବ ଘଟିଲେ ଫସଲ ଅମଳ ଗୁରୁତର ଭାବେ ବାଧାପ୍ରାପ୍ତ ହୁଏ। ତେଣୁ ଫସଲର ସଙ୍କଟ କାଳରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ। ଧାନ ତଳି ପଡିବାର ୭ ରୁ ୮ ଦିନ ପରଠାରୁ ତଳି ପଟିରେ ପତଳାଭାବେ ପାଣି ରଖନ୍ତୁ। ତଳି ରୁଆଯିବା ପାଇଁ କାଦୁଅ ହୋଇଥିବା ଜମିରେ ନଖବୁଡା ପାଣି ରଖନ୍ତୁ। ଏହାଦ୍ୱାରା ତଳି ଶୀଘ୍ର ଚେର ଧରିଥାଏ। ତଳିରୁଆ ହେବାର ୭ ଦିନ ପରଠାରୁ ୨୫ ଦିନ ପର୍ଯ୍ୟନ୍ତ ଜମିରେ ୨.୫ ସେମି ଠିଆ ପାଣି ରଖନ୍ତୁ। ଏହା ଅଧିକ ପିଲ ଦେବାରେ ସାହାଯ୍ୟ କରେ। ପ୍ରତ୍ୟେକ ଥର ସାର ପ୍ରୟୋଗ ସମୟରେ ଜମିରୁ ଜଳ ନିଷ୍କାସନ କରି ସାର ପ୍ରୟୋଗରେ ଦିନକ ପରେ ଜଳ ସେଚନ କରନ୍ତୁ। ଏହାଦ୍ୱାରା ଫସଲରେ ସାରରେ ଉପଯୋଗିତା ବଢିଥାଏ।

ଧାନ ଚାଷରେ ବାୟୋସାର ହିସାବରେ ନିଳହରିତ୍ ଶୈବାଳ (ବି.ଜି.ଏ.) ଆଜୋଲା ବ୍ୟବହାର କରାଯାଇଥାଏ। ଧାନ ରୁଆ ସରିଥିଲେ, ଏହାର ୭ଦିନ ପରେ ଏକର ପ୍ରତି ୪କୁଇଣ୍ଟାଲ ଆଜୋଲା ଜମିରେ ଛାଡି ଦିଅନ୍ତୁ। ୩ସପ୍ତାହ ପରେ ଜମିରୁ ପାଣି କାଟି ଜାପାନିଜ୍ ଉଇଡର୍ ସାହାଯ୍ୟରେ ଆଜୋଲାକୁ ମାଟିରେ ମିଶାଇ ଦିଅନ୍ତୁ। ଧାନ ରୁଆର ୭ଦିନ ପରେ ଏକରକୁ ୬କେଜି ହିସାବରେ ନୀଳହରିତ ଶୈବାଳ (ବିଜିଏ) ପ୍ରୟୋଗ କରନ୍ତୁ। ୫୦ କେଜି ସୁପର ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ। ଜମିରୁ ପାଣି ଶୁଖିବା ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ। ବି. ଜି.ଏ. ପଡିଥିବା ଜମିରେ ସାଧାରଣତଃ ଏକର ପ୍ରତି ପ୍ରାୟ ୧୦ କେଜି ହିସାବରେ ଯବକ୍ଷାରଜାନ ଫସଲକୁ ମିଳିଥାଏ।



## ୬ ଗାଡ଼ି ଉପରେ ଚଢ଼ିଗଲା ଟ୍ରେଲର, ୪ ମୃତ

ରାଞ୍ଚି ୧୫।୨: ଝାଡ଼ଖଣ୍ଡର ରାମଗଡ଼ ଜିଲା ଜାତୀୟ ରାଜପଥ ୩୩ର ପଟେଲ ଚୌକଠାରେ ମଙ୍ଗଳବାର ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରେଲର ଏକକାଳୀନ ୬ଟି ଯାନ ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଘୂରିବୁଲୁଛି। ଟ୍ରେଲର ବ୍ରେକ୍ ଫେଲ ହୋଇଯିବା କାରଣରୁ ଡ୍ରାଇଭର ଜଣକ ନିୟନ୍ତ୍ରଣ ହରାଇଥିଲା ବୋଲି ରାମଗଡ଼ ସବ୍-ଡିଭିଜନ୍ ଅଫିସର ଏମ୍‌ଡି ଜାବେଦ ହୁସେନ କହିଛନ୍ତି। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଯାନଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ଫେବୃୟାରୀ ରାତିରେ ରହିବ ହାଲୁକା ଥଣ୍ଡା

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଚଳିତ ମାସ ଆରାମଦାୟକ ରହିବ। ରାତିରେ ହାଲୁକା ଥଣ୍ଡା ଅନୁଭୂତ ହେବା ବେଳେ ଦିନରେ ସାମାନ୍ୟ ଗରମ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ତେବେ ରାତ୍ରର ତାପମାତ୍ରା ୧୫ ଡିଗ୍ରୀ ମଧ୍ୟରେ ରହିବ। ମାର୍ଚ୍ଚ ଶେଷ ସପ୍ତାହ ପର୍ଯ୍ୟନ୍ତ ଗରମ ସେତେଟା ବଢ଼ିବ ନାହିଁ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏପ୍ରିଲ ବେଳକୁ ତାତି ବଢ଼ିବ । ମାତ୍ର ମାର୍ଚ୍ଚରେ ଗରମର ପ୍ରଭାବ ସେତେଟା ଅନୁଭୂତ ହେବ ନାହିଁ। ଫେବୃୟାରୀ ଭଳି ମାର୍ଚ୍ଚ ଶେଷ ସପ୍ତାହ ଯାଏ ଦିନର ତାତି ୩୫ ଡିଗ୍ରୀ ମଧ୍ୟରେ ରହିବା ବେଳେ ରାତ୍ରି ତାପମାତ୍ରା ୧୨ରୁ ୨୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିପାରେ। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮, କୋରାପୁଟ ୧୦.୫, ସୋନପୁର ୧୦.୫, ଭବାନୀପାଟଣା ୧୦.୮, କେନ୍ଦୁଝର ୧୧, ଝାରସୁଗୁଡ଼ା ୧୧.୬, ବାରିପଦାରେ ତାପମାତ୍ରା ୧୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଟ୍ରେନ୍ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର, ୧୫।୨(ବ୍ୟୁରୋ):** ଟ୍ରେନ୍ ଧକ୍କାରେ ମଙ୍ଗଳବାର ସମ୍ବଲପୁର ଶାସନ ଥାନା ବଡବଜାର ଅଞ୍ଚଳର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରାଜେନ୍ଦ୍ର ପଞ୍ଚ ବିହାର (୩୫) ଓ ଶ୍ରବଣ କୁମାର (୩୦)। ଜିଆର୍‌ପି ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାରରେ ରଖିଛି। ସୂଚନା ଅନୁସାରେ ଶାସନ ଲେଭଲ କ୍ରସିଂରେ ଫାଟକ ପଡିଥିବା ସମୟରେ ରାଜେନ୍ଦ୍ର ଓ ଶ୍ରବଣ ପାରି ହେଉଥିଲେ। ଏହି ସମୟରେ ପୁରୀ-ରାଉରକେଲା ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା।

## ଟାମ୍ପରଗଡ଼ ପଞ୍ଚାୟତରେ ଟଙ୍କା ବଣ୍ଟନ ଅଭିଯୋଗ

**ସମ୍ବଲପୁର, ୧୫।୨(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଟାମ୍ପରଗଡ ପଞ୍ଚାୟତରେ ଟଙ୍କା ବଣ୍ଟାଯାଉଥିବା ଅଭିଯୋଗ ହୋଇଛି। ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକ ମଙ୍ଗଳବାର ତିଲେଇମାଲ ଗ୍ରାମରେ ଟଙ୍କା ବାଣ୍ଟୁଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ୨ ଜଣ ଯୁବକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାର ଯାଞ୍ଚ କରି ଯୁବକମାନଙ୍କ ପାଖରୁ ଏଜେଣ୍ଟ ଫର୍ମ ଓ କିଛି ଟଙ୍କା ଜବତ କରିଥିଲା। ତଦନ୍ତ ପରେ ଯୁବକମାନେ ସରପଞ୍ଚ ପ୍ରାର୍ଥୀଙ୍କ ଏଜେଣ୍ଟ ବୋଲି ଜାଣିବାକୁ ପାଇଥିଲା। ପଚରାଉଚୁରା ପରେ ସେମାନଙ୍କୁ ଛାଡି ଦିଆଯାଇଥିବା ପୋଲିସ କହିଛି।

# ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍ କାର୍ଯ୍ୟକ୍ଷମ ପାଇଁ କେନ୍ଦ୍ରକୁ ଚିଠି

**ବାଲେଶ୍ୱର ଅଫିସ/ବାରିପଦା ଅଫିସ,୧୫।୨**


ରାସଗୋବିନ୍ଦପୁର ନିକଟ ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍।

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାରେ ଥିବା ରାସଗୋବିନ୍ଦପୁର ନିକଟ ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍ କାର୍ଯ୍ୟକ୍ଷମ ପାଇଁ ଆଶା ସଞ୍ଚାର ହୋଇଛି। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟରେ କାର୍ଯ୍ୟରତ ସଚିବ ଡ. ଅଜୟ କୁମାରଙ୍କୁ ଚିଠି ଲେଖିଛନ୍ତି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଆର୍‌ସିଏସ୍-ଉଡ଼ାନ୍ ଯୋଜନାରେ ଭୁବନେଶ୍ୱର-ଅମର୍ଦ୍ଦାରୋଡ ମଧ୍ୟରେ ବିମାନ ଚଳାଚଳ ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ଘରୋଇ କମ୍ପାନୀ ସପ୍ତାହର ୭ ଦିନ ୯ ସିଟ୍ ବିଶିଷ୍ଟ ଏକ ବିମାନ ପରିଚାଳନା କରିବାକୁ ମଧ୍ୟ ପ୍ରସ୍ତୁତ ରହିଛି। ଉତ୍ତର ଓଡ଼ିଶା ସହିତ ବିମାନ ଯୋଗାଯୋଗ ନ ଥିବାରୁ ରାସଗୋବିନ୍ଦପୁର ନିକଟ ଅମର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପ୍‌ର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟନ ବିଭାଗର ଉନ୍ନତି ହୋଇପାରିବ। ବାଲେଶ୍ୱର ଜିଲା କୁଲଡ଼ିହା ଅଭୟାରଣ୍ୟ, ଚାନ୍ଦିପୁର, ତାଳସାରୀ ବେଳାଭୂମି ଏବଂ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ସେହିପରି ଏହି ଅଞ୍ଚଳର ଆର୍ଥିକ ବିକାଶ, ରୋଜଗାର ଓ ରାଜସ୍ୱ ବୃଦ୍ଧି ହେବ। ରାଜ୍ୟ ସରକାର ଏହା ପୂର୍ବରୁ ଅନେକ ଥର ଡିଆରଡିଓଙ୍କୁ ଚିଠି ଲେଖିଛନ୍ତି। ହେଲେ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ବୋଲି ଚିଠିରେ ଦର୍ଶାଯାଇଛି।

ଆଞ୍ଚଳିକ ସଂଯୋଗୀକରଣ ଯୋଜନା(ଆର୍‌ସିଏସ୍-ଉଡ଼ାନ୍ ଯୋଜନା) ୨୦୧୭ରୁ ଆରମ୍ଭ ହେଲାଣି। ସାରା ଦେଶରେ ୫୦ରୁ ଊର୍ଦ୍ଧ୍ୱ ବିମାନବନ୍ଦର ଏଥିରେ ସାମିଲ ହୋଇଛି। କିନ୍ତୁ ୪ବର୍ଷରେ ଓଡ଼ିଶାରୁ ମାତ୍ର ଗୋଟିଏ ବିମାନବନ୍ଦର ଏଥିରେ ସାମିଲ୍ ହୋଇଛି। ଓଡ଼ିଶାରୁ ପ୍ରାୟ ୧୦ଟି ଏୟାରଷ୍ଟ୍ରିପ୍ ଏଥିରେ ସାମିଲ୍ କରିବାକୁ ରାଜ୍ୟ ସରକାର ଯୋଜନା କରିଥିଲେ। ହେଲେ ଝାରସୁଗୁଡ଼ା ବିମାନବନ୍ଦର ପରେ ଜୟପୁର, ରଙ୍ଗେଇଲୁଣ୍ଡା, ଉତ୍‌କେଲା, ରାଉରକେଲା, ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ର ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରୁ ଭୁବନେଶ୍ୱରକୁ ବିମାନ ଉଡ଼ାଣ ଆରମ୍ଭ ହେବ ବୋଲି କୁହାଯାଉଛି। ହେଲେ ଏହି ଏୟାରଷ୍ଟ୍ରିପ୍ ଏବେ ବି ରାଜ୍ୟ ସରକାରଙ୍କ ଅଧୀନକୁ ଆସିନି। ବିମାନ ଉଡ଼ାଣ କରିବାକୁ ହେଲେ ରାଜ୍ୟ ସରକାରଙ୍କୁ ଏଥିପାଇଁ ଏରୋଡ୍ରମ ଲାଇସେନ୍‌ସ ଆଣିବାଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ କରିବାକୁ ହେବ, ଯେଉଁଥିପାଇଁ ଅତି କମ୍‌ରେ ୨ବର୍ଷ ଲାଗିବ ବୋଲି ଅନୁମାନ କରାଯାଉଥିବା ଜଣାପଡ଼ିଛି।

## ଲିଙ୍ଗଗତ ସମାନତା ସୁଦୃଢ଼ ଲାଗି ଚୁକ୍ତି

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ରାଜ୍ୟରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରିବା ଲାଗି ଓଡ଼ିଶା ରାଜ୍ୟ ଜେ-ପାଲ୍ ସହିତ ଏକ ଅଣଆର୍ଥିକ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ବିଦ୍ୟାଳୟ ଯାଉଥିବା କିଶୋରୀ, କିଶୋରଙ୍କ ମଧ୍ୟରେ ଲିଙ୍ଗଗତ ମନୋଭାବ ଏବଂ ଆଚରଣ ପରିବର୍ତ୍ତନ କରି ଏହା ଲିଙ୍ଗଗତ ସମାନତାକୁ ତ୍ୱରାନ୍ୱିତ କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆର୍ଥିକ ଖର୍ଚ୍ଚ ଜଡ଼ିତ ନୁହେଁ ଏବଂ ଓଡ଼ିଶା ସରକାରଙ୍କ ଠାରୁ ସର୍ବନିମ୍ନ ପ୍ରକାରର ସହାୟତା ଆବଶ୍ୟକ। ଏହି କାର୍ଯ୍ୟକ୍ରମଟି ୬ଷ୍ଠରୁ ୧୦ମ ଶ୍ରେଣୀ ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଲିଙ୍ଗଗତ ସମାନତା ପାଠ୍ୟକ୍ରମକୁ ଏକୀକରଣ ଉପରେ ଧ୍ୟାନ ଦେଇଥାଏ।

ଏହି କାର୍ଯ୍ୟକ୍ରମ ଶିକ୍ଷା ବର୍ଷ ୨୦୨୨ ଠାରୁ କାର୍ଯ୍ୟକାରୀ ହେବ। ପାଠ୍ୟକ୍ରମ ଚଳିତ ବର୍ଷ ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟଗୁଡ଼ିକ ପାଇଁ ଭୂଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଇଁ ଏକ ସପ୍ଲିମେଣ୍ଟାରୀ ପାଠ୍ୟପୁସ୍ତକ ଭାବେ ଆସିବ। ଏହା ସରକାରଙ୍କ ଦ୍ୱାରା ଛପା ହେବ। ୨୦୨୩ ପରଠାରୁ ପାଠ୍ୟକ୍ରମଗୁଡ଼ିକ ବିଦ୍ୟମାନ ଏସ୍‌ସିଇଆର୍‌ଟି ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟ ଯେପରିକି ଭୁଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକ ସହିତ ଏକୀଭୂତ ହେବ। ଭାଗୀଦାରି ଦଳ ପାଠ୍ୟକ୍ରମର ଉପଯୋଗିତା ପାଇଁ ଆଞ୍ଚଳିକ ପରିପ୍ରକାଶକୁ ବୁଝିବା ନିମନ୍ତେ ଓଡ଼ିଶାର ୫ ଜଲା ମଧ୍ୟରେ ଏକ ଗଠନମୂଳକ ଅଧ୍ୟୟନ କରିବେ। ଜେ-ପାଲ୍ ଦକ୍ଷିଣ ଏସିଆ ପ୍ରଭାବ ଏବଂ କାର୍ଯ୍ୟକାରିତା ମାପିବାରେ ସରକାରଙ୍କୁ ସମର୍ଥନ କରୁଥିବା ପ୍ରମୁଖ ଜ୍ଞାନ ଏବଂ ଶିକ୍ଷଣ ସହଯୋଗୀ ହେବ। ସହଭାଗୀ ଦଳ ବିଭାଗ ସହିତ ଲିଙ୍ଗସମ୍ବଳିତ ସଂଯୋଜକଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦେବା କାର୍ଯ୍ୟ କରିବେ। ଯେଉଁମାନେ ପ୍ରଶିକ୍ଷକ ପ୍ରଶିକ୍ଷଣ ମଡେଲ୍ ବ୍ୟବହାର କରି ରାଜ୍ୟର ସମସ୍ତ ଉଚ୍ଚପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ଅଧ୍ୟୟନ ଶିକ୍ଷକଙ୍କୁ ପାଠ୍ୟକ୍ରମକୁ କ୍ୟାସ୍‌କେଡ୍ କରିବାକୁ କ୍ଷମତାପ୍ରାପ୍ତ ହେବେ। ତାହା ହେଉଛି, ଏହି ମାଷ୍ଟର ଟ୍ରେନରମାନେ ଜିଲା ଶିକ୍ଷା ଏବଂ ତାଲିମରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିବେ। ଏହାର କାର୍ଯ୍ୟକାରିତା ପାଇଁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପାଙ୍କୁ ରାଜ୍ୟ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି।

## ଓଡ଼ିଶାରେ ମାଗଣା ଆଇନ ସହାୟତା ହିତାଧିକାରୀଙ୍କ ସଂଖ୍ୟା କମୁଛି

- **୨୦୧୮-୧୯ରେ ୩,୫୯୦ ମହିଳା ଉପକୃତ ହୋଇଛନ୍ତି**
- **ପରବର୍ତ୍ତୀ ବର୍ଷରେ ସଂଖ୍ୟା ଆହୁରି ହ୍ରାସ ପାଇଛି**

**ଭୁବନେଶ୍ୱର,୧୫।୨**

ଓଡ଼ିଶାରେ ମାଗଣା ଆଇନ ସହାୟତା ସୁବିଧା ପାଉଥିବା ମହିଳା, ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି। ନିକଟରେ ରାଜ୍ୟ ସଭାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଆର୍ଥିକ ସ୍ଥିତି ଓ ଅନ୍ୟାନ୍ୟ କାରଣରୁ ଯେପରି କେହି ନ୍ୟାୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଗରିବ ଏବଂ ସମାଜର ଅବହେଳିତ ବର୍ଗଙ୍କ ପାଇଁ ସମ୍ବିଧାନରେ ମାଗଣା ନ୍ୟାୟ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ନ୍ୟାୟିକ ସେବା କର୍ତ୍ତୃପକ୍ଷ ଆଇନ, ୧୯୮୭ର ବ୍ୟବସ୍ଥା ଅନୁଯାୟୀ ରାଜ୍ୟର ଅବହେଳିତ ବର୍ଗର ଲୋକଙ୍କୁ ଆଇନ ସେବା କର୍ତ୍ତୃପକ୍ଷ ଏହି ସେବା ଯୋଗାଇଆସୁଛନ୍ତି।

ତଥ୍ୟ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶାରେ ମୋଟ ୩,୫୯୦ ମହିଳା ମାଗଣା ଆଇନ ସେବା ପାଇଥିଲେ, ଯାହା କି ଅନ୍ୟ ରାଜ୍ୟଗୁଡ଼ିକରେ ବହୁତ ବେଶୀ। ମଧ୍ୟପ୍ରଦେଶରେ ଏହି ସମୟ ମଧ୍ୟରେ ୪୫,୬୪୮ ଜଣଙ୍କୁ ଏହି ସୁବିଧା ମିଳିଥିବାବେଳେ କେରଳରେ ୩୩,୩୨୭ ଏବଂ ବିହାରରେ ୧୫,୮୦୦ ମହିଳାଙ୍କୁ ଏଭଳି ସହାୟତା ମିଳିଛି। ପଡୋଶୀ ଝାଡ଼ଖଣ୍ଡରେ ୨୦,୨୬୫ ମହିଳା ମାଗଣା ଆଇନ ସହାୟତା ପାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ପରବର୍ତ୍ତୀ ଦୁଇବର୍ଷରେ ଓଡ଼ିଶାରେ ଆହୁରି କମ୍ ସଂଖ୍ୟକ ମହିଳା ଏହି ଯୋଜନାରେ ଉପକୃତ ହୋଇଛନ୍ତି। ୨୦୧୯-୨୦ରେ ରାଜ୍ୟରେ ମୋଟ ୨,୬୩୯ ଏବଂ ୨୦୨୦-୨୧ରେ ୧,୬୮୯ ମହିଳାଙ୍କୁ ମାଗଣା ଆଇନ ସହାୟତା ମିଳିଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ସେପ୍ଟେମ୍ବର ସୁଦ୍ଧା ୯୩୯ ମହିଳା ଏହି ବ୍ୟବସ୍ଥାର ଲାଭ ପାଇଛନ୍ତି।

ଅନ୍ୟପକ୍ଷରେ ଏହି ସୁବିଧା ପାଇବାରେ ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି) ହିତାଧିକାରୀଙ୍କ ସଂଖ୍ୟା ଆହୁରି କମ୍। ୨୦୧୮-୧୯ରେ ୯୫୮ ଏସ୍‌ସି ଓ ୬୨୧ ଏସ୍‌ଟି ବର୍ଗର ଲୋକେ ମାଗଣା ଆଇନ ସହାୟତା ପାଇଥିବାବେଳେ ୨୦୧୯-୨୦ରେ ୭୦୨ ଏସ୍‌ସି ଏବଂ ୫୯୨ ଏସ୍‌ଟି ଉପକୃତ ହୋଇଛନ୍ତି। ସେହିପରି ୨୦୨୦-୨୧ରେ ୬୬୨ ଏସ୍‌ସି ଏବଂ ୪୧୪ ଏସ୍‌ଟି ହିତାଧିକାରୀ ମାଗଣା ଆଇନ ସହାୟତା ପାଇଥିବା ତଥ୍ୟରୁ ଜଣାପଡ଼ିଛି। ଉପକୃତ ହେଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବା ପଛର ମୁଖ୍ୟ କାରଣ ହେଲା ସଚେତନତାର ଅଭାବ। ଏତଦ୍ ବ୍ୟତୀତ କମ୍ ବେତନ ଯୋଗୁ ରାଜ୍ୟର ଭଲ ତଥା ପ୍ରଭାବଶାଳୀ ଆଇନଜୀବୀମାନେ ମାଗଣା ଆଇନ ସେବା ସହାୟତା ଯୋଗାଇବା ପାଇଁ ପ୍ୟାନେଲରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପାଇଁ ଆଇନଜୀବୀମାନଙ୍କର ଏକ ଉତ୍ସର୍ଗୀକୃତ ପ୍ୟାନେଲ ରହିବା ଆବଶ୍ୟକ ବୋଲି ମାନବାଧିକାର କର୍ମୀ ବିଶ୍ୱପ୍ରିୟା କାନୁନଗୋ କହିଛନ୍ତି।

## ପେଟ୍ରୋଲ ଢାଳି ମହିଳାଙ୍କୁ ହତ୍ୟା ଉଦ୍ୟମ

**ବାକି ଟଙ୍କା ମାଗିବାରୁ ରୋଷେୟାଙ୍କ ଅମାନବୀୟକାଣ୍ଡ, ଅଭିଯୁକ୍ତ ଗିରଫ**

**ବଲାଙ୍ଗୀର ଅଫିସ, ୧୫।୨**

ପାଉଣା ମାଗିବାରୁ ଜଣେ ମହିଳା କର୍ମଚାରୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ମାରିବାକୁ ଉଦ୍ୟମ କରିଥିବା ଜଣେ ରୋଷେୟାଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ରାତିରେ ଆନନ୍ଦ ନଗରଠାରେ ମହିଳା ଶ୍ରମିକ ମନ୍ଦାର ଧରୁଆ(୩୦) ରୋଷେୟା ମାନସ ମିଶ୍ରଙ୍କ ଘରକୁ ଯାଇ ବକେୟା ଟଙ୍କା ମାଗିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମାନସ ମନ୍ଦାରଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା। ମନ୍ଦାରଙ୍କ ଚିତ୍କାର ଶୁଣି ପଡାବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମନ୍ଦାରଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଥିଲା। ଖବର ପାଇ ଟାଉନ୍ ଥାନା ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ବିଳମ୍ବିତ ରାତିରେ ଗିରଫ କରାଯାଇଥିବା ସଦର ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ବିଭିନ୍ନ ଭୋଜିରେ ରୋଷେୟା ମାନସଙ୍କ ସହ ମନ୍ଦାର ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ହେଲେ ସେ ମନ୍ଦାରଙ୍କୁ ବକେୟା ପାଉଣା ଦେଇ ନ ଥିଲେ। ସୋମବାର ରାତିରେ ବକେୟା ଟଙ୍କା ମାଗିବାରୁ ଏଭଳି ଘଟଣାର ସମ୍ମୁଖୀନ ହୋଇଥିବା ମନ୍ଦାର କହିଥିଲେ। ପୋଲିସ ମନ୍ଦାରଙ୍କ ବୟାନ ରେକର୍ଡ କରିଛି।

## ଦିନକ ବ୍ୟବଧାନରେ ମା’, ଝିଅଙ୍କ ମୃତ୍ୟୁ

**ଗୁଡାରି,୧୫।୨(ଡି.ଏନ୍.ଏ.)**


ମୃତ ମଞ୍ଜୁଳା ଏବଂ ଝିଅ ପିଙ୍କି।

ରାୟଗଡ଼ା ଜିଲା ଗୁଡାରି ବ୍ଲକ ଚିଟିସେର୍ମା ଗାଁର ହଳଧର ନିମାଲଙ୍କ ପୁଅ ପବିତ୍ର, ବୋହୂ ମଞ୍ଜୁଳା ଏବଂ ନାତୁଣୀ ପିଙ୍କି ହାଇଦ୍ରାବାଦରେ ରନ୍ଧନ ଗ୍ୟାସ୍ ଲିକ୍ ଯୋଗୁ ନିଆଁ ଲାଗି ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ

**ହାଇଦ୍ରାବାଦରେ ପରିବାରର ୩ ପୋଡ଼ିହୋଇ ଗୁରୁତର ଘଟଣା**

ହାଇଦ୍ରାବାଦରେ ସୋମବାର ପିଙ୍କି(୭)ଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ମା’ ମଞ୍ଜୁଳା ମଧ୍ୟ ଆଖି ବୁଜିଛନ୍ତି।

ପିଙ୍କିଙ୍କ ମୃତଦେହ ମଙ୍ଗଳବାର ବ୍ୟବଚ୍ଛେଦ ପରେ ସମ୍ପର୍କୀୟ ଓ ସେଠାରେ ରହୁଥିବା ଗାଁ ଲୋକଙ୍କ ସହାୟତାରେ ସତ୍କାର କରାଯାଇଛି। ସେହିପରି ମଞ୍ଜୁଳାଙ୍କ ମୃତଦେହ ବୁଧବାର ବ୍ୟବଚ୍ଛେଦ ହେବାପରେ ଗାଁକୁ ଆଣିବା ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ତେବେ ଅର୍ଥ ଅଭାବ ରହିଥିବା ସମ୍ପର୍କୀୟ ପ୍ରମୋଦ ଓ ରାଜେନ୍ଦ୍ର କହିଛନ୍ତି। ପରିବାରର ଦୁଇ ସଦସ୍ୟଙ୍କ ମୃତ୍ୟୁ ପରେ ପବିତ୍ର ଜୀବନ ସହ ସଂଗ୍ରାମ କରୁଛନ୍ତି। ପବିତ୍ରଙ୍କ ବାପା ମଙ୍ଗଳବାର ଗୁଡ଼ାରି ତହସିଲଦାର ଭାରତୀ ଦେବୀଙ୍କୁ ଦରଖାସ୍ତ ମାଧ୍ୟମରେ ସହାୟତା ନିମନ୍ତେ ନିବେଦନ କରିଛନ୍ତି। ଏ ବିଷୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ମୃତଦେହ ଗାଁକୁ ଆଣିବାକୁ ଚାହିଁଲେ ସେ ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନେଇଥିବା ଜଣାପଡ଼ିନାହିଁ। ପବିତ୍ରଙ୍କ ଉନ୍ନତ ଚିକିତ୍ସା ନ ହେଲେ ତାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଥିବା ଭାଇ ପ୍ରମୋଦ କହିଛନ୍ତି। ସୂଚନାଯୋଗ୍ୟ, ପବିତ୍ର ଏବଂ ସ୍ତ୍ରୀ ମଞ୍ଜୁଳା ଝିଅ ସହ ହାଇଦ୍ରାବାଦରେ ରହି ସିମେଣ୍ଟ ମିସ୍ତ୍ରି କାମ କରୁଥିଲେ। ଫେବୃୟାରୀ ୧୦ ସନ୍ଧ୍ୟାରେ ଦମ୍ପତି କାମରୁ ଆସି ରୋଷେଇ କରିବା ପାଇଁ ଯିବାବେଳେ ହଠାତ୍ କୋଠରି ମଧ୍ୟରେ ନିଆଁ ଲାଗିଯାଇଥିଲା। ଏଥିରେ ତିନି ଜଣ ପୋଡ଼ିହୋଇ ଗୁରୁତର ହୋଇଥିଲେ। ଚିତ୍କାର ଶୁଣି ଭଡ଼ାଘର ମାଲିକ ସେମାନଙ୍କୁ ଉଦ୍ଧାରକରି ସେଠାକାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ପୋଲିଂ କର୍ମଚାରୀଙ୍କୁ ଫେରାଇଦେଲେ ଲୋକେ

**ଭୋଟ ବର୍ଜନ କରିବେ ଦୁଣ୍ଡାବାସୀ**

**ଜୁନାଗଡ଼,୧୫।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକରେ ବୁଧବାର ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମଙ୍ଗଳବାର ଜୁନାଗଡ଼ର ୩୧୦ଟି ବୁଥକୁ ପୋଲିଂ କର୍ମଚାରୀ ଯାଇଛନ୍ତି। ସେଥିମଧ୍ୟରୁ ବ୍ଲକର ଦୁର୍ଗମ ଅଞ୍ଚଳ ଦୁଦେଲମାଲ ପଞ୍ଚାୟତ ଦୁଣ୍ଡା ଗ୍ରାମକୁ ମଙ୍ଗଳବାର ଭୋଟଦାନ ନିମନ୍ତେ ପୋଲିଂ କର୍ମଚାରୀ ଯାଇଥିଲେ। ହେଲେ ଗ୍ରାମବାସୀ ଭୋଟ ବର୍ଜନ ପାଇଁ ଜିଦ ଧରିଥିଲେ। ପରେ ଗ୍ରାମବାସୀ ପୋଲିଂ କର୍ମଚାରୀଙ୍କୁ ଫେରାଇ ଦେଇଥିଲେ। ଏହା ପୂର୍ବରୁ ମଧ୍ୟ ରାସ୍ତା ନିର୍ମାଣ ଓ ପାନୀୟ ଜଳ ସୁବିଧା ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ସେହିପରି ଦୁଣ୍ଡା ଗ୍ରାମକୁ ଯିବେ ଓ ଗ୍ରାମବାସୀଙ୍କ ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ମନ୍ତ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ଆସିବେ ବୋଲି ଗ୍ରାମବାସୀ ମଧ୍ୟ ଚାହିଁ ବସିଥିଲେ। ହେଲେ ମନ୍ତ୍ରୀ ନ ଯାଇ ଜିଲା ପରିଷଦ ପ୍ରାର୍ଥୀଙ୍କୁ ପଠାଇ ଦେଇଥିଲେ। ଜିଲା ପରିଷଦ ପ୍ରାର୍ଥୀ ସେଠାକୁ ଯିବା ପରେ ଲୋକଙ୍କ ପ୍ରଶ୍ନବାଣରେ ଘାଇଲା ହୋଇ ଫେରି ଆସିଥିଲେ।

# ଭୋଟ୍ ମାଗିବା ଆଳରେ ଟଙ୍କା, ଅଳଙ୍କାର ଲୁଟ୍

**କୋଡ଼ିଙ୍ଗା,୧୫।୨(ଡି.ଏନ୍.ଏ.)**


ଘଟଣାସ୍ଥଳରେ ତଦନ୍ତ ଚାଲିଛି।

ଭୋଟ୍ ମାଗିବା ଆଳରେ ଘରୁ ଲୁଟିନେଲେ ଅଳଙ୍କାର ଓ ନଗଦ ୭୦ ହଜାର ଟଙ୍କା। ଏପରି ଘଟଣା ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଜାହାଜଭଟ୍ଟାରେ ସୋମବାର ରାତିରେ ଘଟିଛି। ଖବର ପାଇ ପୋଲିସ ମଙ୍ଗଳବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୋମବାର ରାତି ପ୍ରାୟ ୮ଟାରେ ଜାହାଜଭଟ୍ଟା ଗ୍ରାମର ପିଙ୍କି ହରିଜନଙ୍କ ଘର କବାଟ କେତେଜଣ ବାଡ଼େଇଥିଲେ। ଏହି ସମୟରେ ବିଦ୍ୟୁତ୍ କାଟ ହୋଇଥିଲା ଓ ପିଙ୍କିଙ୍କ ସ୍ୱାମୀ ଘରେ ନ ଥିଲେ। ପିଙ୍କି ବାହାରକୁ ଆସିବାରୁ ଦୁର୍ବୃତ୍ତମାନେ ଆମ ପାର୍ଟିକୁ ଭୋଟ ଦେବ ବୋଲି କହିଥିଲେ। ପିଙ୍କି ଚାର୍ଜ ଲାଇଟ୍ ଆଣିବାକୁ ଯିବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ହାତକୁ ଟାଣି ଧରିଥିଲେ। ଅନ୍ୟ ଜଣେ ତାଙ୍କ ବେକରେ ଛୁରି ରଖି ଆଲମାରି ଚାବିକାଠି ପାଇଁ ଧମକ ଦେଇଥିଲେ। ଚାବି ନେବାପରେ ଦୁର୍ବୃତ୍ତମାନେ ଆଲମାରିରୁ ସୁନା ଅଳଙ୍କାର ସହ ୭୦ ହଜାର ଟଙ୍କା ଲୁଟି ନେଇଥିଲେ। ମଙ୍ଗଳବାର ସକାଳେ ପିଙ୍କି କୋଡିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କୋରାପୁଟ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଜି ପ୍ରଥମ ପର୍ଯ୍ୟାୟ ...

ପାଇଁ ଜଣେ ଭୋଟରଙ୍କ ପଞ୍ଚାୟତ ସକାଶେ ପ୍ରସ୍ତୁତ ୱାର୍ଡୱାରି ଭୋଟର ତାଲିକାରେ ନାମ ଥିବା ଜରୁରୀ। ଭୋଟରମାନେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଭୋଟର ପରିଚୟପତ୍ର ଦେଖାଇ ମତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ଉକ୍ତ ପରିଚୟପତ୍ର ନ ଥାଏ ତେବେ ସେ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଅନୁମୋଦିତ ୧୩ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇ ଭୋଟ ଦେଇପାରିବେ। ସେଗୁଡ଼ିକ ହେଲା ରାଶନ କାର୍ଡ, ପ୍ୟାନ୍ କାର୍ଡ, ଆଧାର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍ କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା କାର୍ଡ, ବ୍ୟାଙ୍କ ପାସ୍‌ବୁକ, ପେନ୍‌ସନ୍ ଡକ୍ୟୁମେଣ୍ଟ ଇତ୍ୟାଦି। ଏହି ପରିଚୟପତ୍ର ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ବ୍ୟବହାର କରିପାରିବେ।

ଚଳିତ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ ତାରିଖରୁ ୨୪ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମୋଟ ୬,୭୯୪ ପଞ୍ଚାୟତରେ ଥିବା ୯୧,୯୧୩ ୱାର୍ଡରେ ଭୋଟ ଗ୍ରହଣ କରାଯିବ। ମୋଟ ୯୧,୯୧୩ଟି ବୁଥ୍ ମଧ୍ୟରୁ ୧୩,୭୮୫ ଉତ୍ତେଜନାପ୍ରବଣ ବୁଥ୍ ରହିଛି। ଏହି ନିର୍ବାଚନରେ କମିଶନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯିବ ଓ ଭୋଟ ଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି।

ଚଳିତଥର ମତଦାନ ସମୟ ୧ ଘଣ୍ଟା ବୃଦ୍ଧି କରାଯାଇଛି। ପୂର୍ବରୁ ପୂର୍ବାହ୍ନ ୧୨ଟାରେ ଭୋଟଗ୍ରହଣ ଶେଷ ହେଉଥିଲା। ସେହିପରି ଭୋଟ ଗଣତି ମତଦାନ କେନ୍ଦ୍ରରେ ନ ହୋଇ ପ୍ରଥମଥର ଲାଗି ବ୍ଲକ ସଦରମହକୁମାରେ ୩ ଦିନ ଧରି ଅନୁଷ୍ଠିତ ହେବ। ପୂର୍ବରୁ ଯେଉଁ କେନ୍ଦ୍ରରେ ଭୋଟଗ୍ରହଣ ଶେଷ ହେଉଥିଲା, ସେଠାରେ ସେହିଦିନ ଗଣନା କରାଯାଉଥିଲା। ଏହାକୁ ନେଇ ଆପତ୍ତି ଅଭିଯୋଗ ହେବା ପରେ କମିଶନ ଏକକ ଗଣନା କେନ୍ଦ୍ର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭୋଟଗ୍ରହଣର ଦିନକ ପରେ ଅର୍ଥାତ ଫେବୃୟାରୀ ୨୬ ତାରିଖଠାରୁ ଜୋନ୍‌ୱାରି ଗଣନା ହେବ। ସେହିଦିନ ଫଳାଫଳ ପ୍ରକାଶ କରାଯିବ।

### ୩.୮୩ ଲକ୍ଷ ଲିଟର ...

୧୯ରୁ ଏ ପର୍ଯ୍ୟନ୍ତ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ପଞ୍ଚାୟତଗୁଡ଼ିକରୁ ୩୮୩୩୪୩.୨୬୨ ଲିଟର ମଦ ଜବତ କରିଛନ୍ତି। ବାଲେଶ୍ୱର ଜିଲାରେ ସର୍ବାଧିକ ୨୧୪୫୪୪.୬୫୫ ଲିଟର ମଦ ଜବତ ହୋଇଥିବା ବେଳେ ଗଞ୍ଜାମ ଜିଲାରେ ୨୫,୭୩୫ ଲିଟର, ଯାଜପୁର ୧୩,୩୫୮ ଲିଟର, କଳାହାଣ୍ଡି ୧୯,୩୪୨.୪୪ ଲିଟର, ମୟୂରଭଞ୍ଜ ୧୨,୩୨୦.୬୯୮ ଲିଟର, ମାଲକାନଗିରି ୨,୦୨୦.୪୩୫ ଲିଟର, ରାୟଗଡ଼ା ୪,୩୧୧.୧୨୫ ଲିଟର, ସୁନ୍ଦରଗଡ଼ରେ ୩୨୨୯.୫୨୫ ଲିଟର ମଦ ଜବତ କରାଯାଇଛି। ସେହିପରି ବିଭିନ୍ନ ଜିଲାରୁ ୧୭୯୪.୮୩ ଗ୍ରାମ୍ ଡ୍ରଗ୍ସ ଜବତ କରାଯାଇଛି। ୪୩,୦୯୪ ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି।

### ମେୟର ପ୍ରାର୍ଥୀ ...

ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ଜାରି ସୂଚନା ଅନୁସାରେ, ଆଗାମୀ ପୌର ନିର୍ବାଚନରେ କାଉନସିଲର/କର୍ପୋରେଟର ପ୍ରାର୍ଥୀମାନେ ୩ ଚକିଆ ଓ ୪ ଚକିଆ ଗାଡ଼ିକୁ ମିଶାଇ ସର୍ବାଧିକ ୨ଟି ଗାଡ଼ି ବ୍ୟବହାର କରିପାରିବେ। ସେହିପରି ଏନ୍‌ଏସି ଓ ପୌର ପରିଷଦର ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସର୍ବାଧିକ ୪ଟି ତିନି ଚକିଆ ଓ ଚାରି ଚକିଆ ଗାଡ଼ି ବ୍ୟବହାର କରିପାରିବେ। ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକ ପ୍ରତ୍ୟେକ ମହାନଗର ନିଗମ ଓ ପୌର ପରିଷଦ ଅଞ୍ଚଳରେ ୨ଟି ଚାରିଚକିଆ ଗାଡ଼ି ଉପଯୋଗ କରିପାରିବେ ବୋଲି କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରାର୍ଥୀମାନଙ୍କୁ କେଉଁ ଧରଣର ଗାଡ଼ି ବ୍ୟବହାର କରିବେ, ଉକ୍ତ ଗାଡ଼ିର ପଞ୍ଜୀକରଣ ନମ୍ବର ଓ ମାଲିକାନା ସମ୍ପର୍କରେ ତଥ୍ୟ ପ୍ରଥମେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ହେବ।

ସୂଚନାଯୋଗ୍ୟ, ରାଜ୍ୟ ନିର୍ବାଚନ କମିଶନର ଫେବୃୟାରୀ ୬ରେ କାଉନସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନୀ ଖର୍ଚ୍ଚ ସୀମା ଧାର୍ଯ୍ୟ କରିଥିଲେ। ମହାନଗରର ମେୟର ପ୍ରାର୍ଥୀ ସର୍ବାଧିକ ୧୨ଲକ୍ଷ ଓ କର୍ପୋରେଟର ୨ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କମିଶନ ଅନୁମତି ଦେଇଛନ୍ତି। ଯେଉଁ ପୌର ପରିଷଦର ଜନସଂଖ୍ୟା ୧ ଲକ୍ଷରୁ ଅଧିକ ସେଠାରେ ନିର୍ବାଚନ ଲଢୁଥିବା କାଉନସିଲର ୧ ଲକ୍ଷ ଏବଂ ପୌରାଧ୍ୟକ୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଯେଉଁ ପୌରାଞ୍ଚଳର ଜନସଂଖ୍ୟା ୫୦ ହଜାରରୁ ୧ ଲକ୍ଷ ସେଠାରେ କାଉନସିଲର ୭୫ ହଜାର ଏବଂ ପୌରାଧ୍ୟକ୍ଷ ୩ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରିପାରିବେ। ଯେଉଁ ବିଜ୍ଞାପିତ ଅଞ୍ଚଳଗୁଡ଼ିକର ଜନସଂଖ୍ୟା ୫୦ ହଜାରରୁ କମ୍ ସେଠାରେ କାଉନସିଲର ୫୦ ହଜାର ଏବଂ ଅଧ୍ୟକ୍ଷ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ।

### ଭାରତୀୟଙ୍କୁ ୟୁକ୍ରେନ୍...

ଭାରତୀୟ ସେମାନଙ୍କ ରେଜିଷ୍ଟ୍ରେଶନ କରି ନାହାନ୍ତି। ଫଳରେ ଦୂତାବାସ ନିକଟରେ ଥିବା ଭାରତ ନାଗରିକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ନ ଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ତଥ୍ୟ ହାସଲ ନିମନ୍ତେ ଉଦ୍ୟମ ଜାରି ରହିଛି। କୌଣସି ଜରୁରୀ ସ୍ଥିତି ଉପୁଜିଲେ ଭାରତ ସରକାର ନିଜ ନାଗରିକଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିପାରିବେ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

ଯୁଦ୍ଧ ଭୟରେ ପୂର୍ବରୁ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ଦେଶ ସେମାନଙ୍କ ଦୂତାବାସ କର୍ମଚାରୀଙ୍କୁ ଫେରି ଆସିବାକୁ କହିଥିବାବେଳେ ୟୁକ୍ରେନ ନ ଯିବା ପାଇଁ ନାଗରିକଙ୍କୁ ପରାମର୍ଶ ଦେଉଛନ୍ତି। ଆମେରିକା ପୂର୍ବରୁ ନିଜ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ କହିବା ସହ କିଭ୍‌ରେ ଥିବା ଦୂତାବାସ କର୍ମଚାରୀଙ୍କୁ ଫେରିଆସିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ବ୍ରିଟେନ, ଜର୍ମାନୀ, ଇଟାଲୀ, ଆୟର୍ଲାଣ୍ଡ, ବେଲଜିୟମ, ଲକ୍ସମବର୍ଗ, ନେଦରଲାଣ୍ଡ୍‌ସ, କାନାଡା, ନରୱେ, ଇଷ୍ଟୋନିଆ, ଲିଥୁଆନିଆ, ବୁଲଗେରିଆ, ସ୍ଲୋଭେନିଆ, ଅଷ୍ଟ୍ରେଲିଆ, ଜାପାନ, ଇସ୍ରାଏଲ୍, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ନିଜ ନିଜ ନାଗରିକମାନଙ୍କୁ ୟୁକ୍ରେନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୬/୨୦୨୨ Bhubaneswar, Wednesday, February 16/ 2022

# କଳିଙ୍ଗରେ ଜାତୀୟ ୱାଟରପୋଲୋ କ୍ୟାମ୍ପ



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ୱାଟରପୋଲୋ କ୍ୟାମ୍ପରେ ଖେଳାଳିମାନେ ପ୍ରଶିକ୍ଷଣ ନେଉଛନ୍ତି।

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)**

୨୦୨୦ ଅଲିମ୍ପିକ୍ସରେ ଆଶାନୁରୂପ ପ୍ରଦର୍ଶନ ପରେ ଭାରତୀୟ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ୨୦୨୨ରେ ହେବାକୁଥିବା ବଡ଼ ଟୁର୍ନାମେଣ୍ଟ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଫିନା ବିଶ୍ୱ ଚାମ୍ପିୟନଶିପ୍ ଉପରେ ନଜର ରଖିଛି। ତେଣୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବସେବା ବିଭାଗ ସହଯୋଗରେ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସମ୍ଭାବ୍ୟ ପୁରୁଷ ୱାଟରପୋଲୋ ଦଳର କ୍ୟାମ୍ପ ଏଠାରେ ଚାଲିଛି। ଗତ ଜାନୁୟାରୀରୁ ଆରମ୍ଭ ହୋଇଥିବା କ୍ୟାମ୍ପ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ''ଓଡ଼ିଶା ଏବଂ ଭାରତର ଆକ୍ୱାଟିକ୍ କ୍ରୀଡ଼ାର ଉନ୍ନତି ପାଇଁ ଏସ୍ଏଫ୍ଆଇ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସ୍ପୋର୍ଟ୍ସ ଫ୍ରେଣ୍ଡଲି ଇକୋସିଷ୍ଟମ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନକୁ ଦୃଷ୍ଟିରେ ରଖି ୱାଟରପୋଲୋ କ୍ୟାମ୍ପ ପାଇଁ ଭୁବନେଶ୍ୱରକୁ ଚୟନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ଭିତ୍ତିଭୂମି ଏବଂ ଏବିଟିପି ସେଣ୍ଟର ଆମର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରୁଛି'' ବୋଲି ଏସଏଫ୍ଆଇ ମହାସଚିବ ମୋନାଲ ଚୋକ୍‌ସି ପ୍ରକାଶ କରିଛନ୍ତି। ''ସର୍ବିୟାନ ୱାଟରପୋଲୋ ଫେଡେରେଶନ ସମର୍ଥନ କ୍ରମେ ଦୁଇଜଣ କୋଚ୍ ଆସି ଉଭୟ ସିନିୟର ଓ ଜୁନିୟର ଦଳକୁ ପ୍ରଶିକ୍ଷଣ ଦେଉଛନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ୱାଟରପୋଲୋ ଖେଳର ଯଥେଷ୍ଟ ଉନ୍ନତି ଘଟିଛି। ଭାରତୀୟ ଖେଳାଳି ଓ କୋଚ୍‌ମାନଙ୍କର ସେପରି ଅନ୍ତର୍ଜାତୀୟ ଅଭିଜ୍ଞତା ନାହିଁ କିମ୍ବା ସେମାନେ ନୂଆ ନିୟମ ସମ୍ପର୍କରେ ବିଶେଷ ଅବଗତ ନୁହନ୍ତି। ସର୍ବୀୟ କୋଚ୍ କ୍ୟାମ୍ପରେ ପ୍ରଶିକ୍ଷଣ ଦେଉଥିବାରୁ ଆମ ଖେଳାଳିମାନେ ୱାଟରପୋଲୋରେ ନୂଆ ଉଚ୍ଚତାକୁ ଛୁଇଁପାରିବେ। ଏସିଆନ ଗେମ୍ସ ଆଉ ୮ ମାସ ଥିବାବେଳେ ଭାରତୀୟ ୱାଟରପୋଲୋ ଓଡ଼ିଶାରେ ନିଜକୁ ଏକ ନୂଆ ରୂପରେ ଦେଖିବ'' ବୋଲି କ୍ୟାମ୍ପ ଦାୟିତ୍ୱରେ ଥିବା ଭାରତୀୟ ଦଳର କୋଚ୍ ଶୈବାଳ ଶ' ପ୍ରକାଶ କରିଛନ୍ତି। ଇତିହାସରେ ପ୍ରଥମଥର ପାଇଁ ଭାରତୀୟ ସୁଇମରମାନେ ୨ ଥର ସିଧାସଳଖ ଅଲିମ୍ପିକ୍ସ କ୍ୱାଲିଫିକେଶନ ଟାଇମିଂକୁ ସ୍ପର୍ଶକରି ଦକ୍ଷତା ଦେଖାଇଥିଲେ। ୨୦୨୨ରେ ହେବାକୁଥିବା ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ମଧ୍ୟ ଭାରତୀୟ ଦଳର ଭଲ ପ୍ରଦର୍ଶନ ଆଶା ରଖିଛି ଭାରତୀୟ ସୁଇମିଂ ଫେଡେରେଶନ। ଶକ୍ତିଶାଳୀ ଦଳ ପଠାଇ ଏସିଆନ ଗେମ୍ସରେ ଅତିକମ୍‌ରେ ଗୋଟିଏ ପଦକ ହାସଲ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଏସିଆନ ଗେମ୍ସରେ ୱାଟରପୋଲୋ ଦଳ ଖେଳାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସର୍ବିୟାନ ୱାଟରପୋଲୋ ଫେଡେରେଶନ ସହ ଏସ୍ଏଫ୍ଆଇ ଚୁକ୍ତି କରିଛି। ସର୍ବିୟା ହେଉଛି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ୱାଟରପୋଲୋ ଦଳ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କ୍ୟାମ୍ପରୁ ଭାରତୀୟ କୋଚ୍ ଦଳ ଚୟନ ହେବ। ମନୋନୀତ ପ୍ରତିଯୋଗୀମାନେ ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସ ପର୍ଯ୍ୟନ୍ତ ଏଠାରେ ଟ୍ରେନିଂ ନେବେ। ସର୍ବୀୟ କୋଚ୍ ଆଣ୍ଡ୍ରିକ୍ ନିମାଞ୍ଜା ଓ ବାଭୋଭିକ୍ ମିଓଡ୍ରାଗ୍ ଭାରତୀୟ କୋଚ୍‌ଙ୍କୁ ୫ ଦିନିଆ କର୍ମଶାଳାରେ ବିଭିନ୍ନ ପ୍ରସଙ୍ଗ ଉପରେ ଟିପ୍ସ ଦେବେ। ଏହି କର୍ମଶାଳା ଆସନ୍ତା ମାର୍ଚ୍ଚରେ ହେବାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ପୁରୁଷ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ପ୍ରଥମ ଥର ପାଇଁ ଫେଡେରେଶନ୍ କପ୍ ଭଲିବଲ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ଅନୁମୋଦନକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତାର ୩୪ତମ ସଂସ୍କରଣ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସମର୍ଥନ କ୍ରମେ କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୁରୁଷ ଦଳ ଆସାମକୁ ୩-୦ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟଏକ ମ୍ୟାଚରେ ସର୍ଭିସେସ ୩-୧ରେ ରାଜସ୍ଥାନକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ହରିୟାଣା, ଆସାମ, କେରଳ, ରେଲୱେ,

**ଫେଡେରେଶନ୍ କପ୍ ଭଲିବଲ ଆରମ୍ଭ**

କର୍ଣ୍ଣାଟକ, ତାମିଲନାଡୁ, ସର୍ଭିସେସ, ରାଜସ୍ଥାନ ଓ ଓଡ଼ିଶା ଆଦି ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ମହିଳା ବିଭାଗରେ କେରଳ, ରେଲୱେ, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ ଓ ଓଡ଼ିଶା ଆଦି ୫ଟି ଦଳ ଭାଗନେଇଛନ୍ତି। ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ସଫଳ ପରିସମାପ୍ତି ପରେ ଫେଡେରେଶନ କପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଜାତୀୟ ଫେଡେରେଶନକୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କୋଭିଡ ଗାଇଡ୍‌ଲାଇନ୍ ଅନୁସାରେ ଚାମ୍ପିୟନଶିପ୍ ପରିଚାଳିତ ହେଉଛି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ଭିଏଫ୍ଆଇ ସାଧାରଣ ସମ୍ପାଦକ ଅନିଲ ଚୌଧାରୀ, କଣ୍ଟ୍ରୋଲ କମିଟିର ଅଧ୍ୟକ୍ଷ ମହମ୍ମଦ ବଶିର ଏବଂ ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ପୁରୁଷ ଭଲିବଲ ଦଳ।

# ମୋହାଲିରେ କୋହଲି ଖେଳିପାରନ୍ତି ୧୦୦ତମ ଟେଷ୍ଟ

**ନୂଆଦିଲ୍ଲୀ, ୧୫।୨ (ପିଟିଆଇ)**

ଫେବୃୟାରୀ ୨୫ରୁ ଆରମ୍ଭ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ଘରୋଇ ସିରିଜ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ମଙ୍ଗଳବାର ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଦୁଇଟି ଟେଷ୍ଟ ମ୍ୟାଚ ପୂର୍ବରୁ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଖେଳାଯିବ ବୋଲି ସ୍ପଷ୍ଟ କରାଯାଇଛି। ମାତ୍ର ପୂର୍ବରୁ ପ୍ରଥମେ ଟେଷ୍ଟ ସିରିଜ ଏବଂ ପରେ ଟି୨୦ ସିରିଜ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ବିରାଟ କୋହଲି ମାର୍ଚ୍ଚ ୪ରୁ ୮ ପର୍ଯ୍ୟନ୍ତ ମୋହାଲିଠାରେ ତାଙ୍କ ୧୦୦ତମ ଟେଷ୍ଟ ଖେଳିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ଟେଷ୍ଟ ବେଙ୍ଗାଲୁରୁରେ ମାର୍ଚ୍ଚ ୧୨ରୁ ୧୬ ଖେଳାଯିବ। ଏହା ଦିବାରାତ୍ର ବିଶିଷ୍ଟ ହେବ। ପ୍ରଥମ ଟି୨୦ ଲକ୍ଷ୍ନୌରେ ଫେବୃୟାରୀ ୨୪ରେ ଏବଂ ଧର୍ମଶାଳାରେ ଦ୍ୱିତୀୟ ଓ ତୃତୀୟ ଗେମ୍ ଫେବୃୟାରୀ ୨୬ ଓ ୨୭ରେ ଖେଳାଯିବ। ଶ୍ରୀଲଙ୍କା ବିପକ୍ଷ ସିରିଜ ପାଇଁ କାର୍ଯ୍ୟସୂଚୀ ପରେ ବିସିସିଆଇ ଖୁବ୍ ନିକଟରେ ଟେଷ୍ଟ ଦଳ ଅଧିନାୟକଙ୍କ ନାମ ଘୋଷଣା କରିବ ବୋଲି ଆଶା କରାଯାଉଛି।



ଭାରତୀୟ ମହିଳା ହକି କୋଚ୍ ଜାନେକ ସ୍କୁପମାନ।

# ସ୍ପେନ୍ ଚ୍ୟାଲେଞ୍ଜ ପାଇଁ ଆମେ ପ୍ରସ୍ତୁତ: ସ୍କୁପ୍‌ମାନ

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି):** ଭାରତ ଓ ସ୍ପେନ୍ ମଧ୍ୟରେ ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ କଳିଙ୍ଗରେ ଅଭ୍ୟାସ ଚଳାଇଛି। ସ୍ପେନ୍ ଏକ ଭଲ ଦଳ ହୋଇଥିଲେ ହେଁ ଭାରତର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କୋଚ୍ ଜାନେକ ସ୍କୁପମାନ। ''ସ୍ପେନ୍ ଅଲିମ୍ପିକ୍ସରେ ଭଲ ଖେଳି ଶୁଟ୍‌ଆଉଟରେ ଗ୍ରେଟ୍ ବ୍ରିଟେନଠାରୁ ହାରିଥିଲା। ମୋ ମତରେ ଏଠାକୁ ତା'ଠାରୁ ଏକ ଉନ୍ନତ ସ୍ପେନ୍ ଦଳ ଆସୁଛି। ଏହି ଦଳ ଦକ୍ଷ ଖେଳାଳିରେ ଭରପୂର ଏବଂ ବଲ୍‌କୁ ମୁଭ୍ କରାଇ ଆକ୍ରମଣ ସୁଯୋଗ ସୃଷ୍ଟି କରିବାରେ ପାରଙ୍ଗମ। ତେବେ ଆମେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଲକ୍ଷ୍ୟରଖି ଭଲଭାବେ ନିଜକୁ ପ୍ରସ୍ତୁତ କରିଛୁ। ସ୍ପେନ୍ ଚ୍ୟାଲେଞ୍ଜ ପାଇଁ ଆମେ ପ୍ରସ୍ତୁତ'' ବୋଲି ସ୍କୁପମାନ କହିଛନ୍ତି। ପ୍ରୋ ଲିଗ୍‌ର ମସ୍କଟରେ ଅନୁଷ୍ଠିତ ମ୍ୟାଚରେ ଭାରତ ୨ ଥର ଚାଇନାକୁ ପରାସ୍ତ କରିଛି। ଗୋଟିଏ ମ୍ୟାଚରେ ୭-୧ ଓ ଦ୍ୱିତୀୟ ମ୍ୟାଚରେ ୨-୧ ଗୋଲରେ ଏସୀୟ ପ୍ରତିଦ୍ୱନ୍ଦ୍ୱୀକୁ ଭାରତ ହରାଇ ସାରିଛି। ''ଆମେ ଯେଉଁଭଳି ଖେଳିବାକୁ ଚାହୁଁଛୁ ତା' ଉପରେ ଫୋକସ କରୁଛୁ। ଆମେ ମସ୍କଟରେ ଭଲ ଆରମ୍ଭ କରିଛୁ। ଆଗକୁ ବଢ଼ିବା ଦିଗରେ ଏହି ଅଭିଜ୍ଞତା ସହାୟକ ହେବ'' ବୋଲି ଏହି ଡଚ୍ କୋଚ୍ ପ୍ରକାଶ କରିଛନ୍ତି। ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଆଗାମୀ ଦିନରେ ହେବାକୁଥିବା ବଡ଼ ଟୁର୍ନାମେଣ୍ଟ ପାଇଁ ବିଶେଷ ସାହାଯ୍ୟ କରିବ ବୋଲି ସେ ମତ ଦେଇଛନ୍ତି। ''ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୧-୨୨ ଆମକୁ ଭବିଷ୍ୟତ ପାଇଁ ସହାୟକ ହେବ। ଆମେ କ'ଣ କରିବାକୁ ଚାହୁଁଛୁ ଏବଂ ଏହାକୁ କିପରି କାର୍ଯ୍ୟକାରୀ କରିବୁ ତା' ଉପରେ ଫୋକସ କରିବା ସମୟ ଆସିଛି। ବିଭିନ୍ନ ଦଳ ବିପକ୍ଷରେ ଖେଳିବାବେଳେ ଆମେ କୌଶଳ ବଦଳାଉଛୁ। ବିଶେଷ କରି ଆମେ ନିଜ ଦକ୍ଷତା ଅନୁସାରେ ଖେଳୁଛୁ'' ବୋଲି ସେ କହିଛନ୍ତି। ଭାରତୀୟ ମହିଳା ହକି ଦଳ କଳିଙ୍ଗ ଷ୍ଟାଡିୟମରେ ଶେଷଥର ପାଇଁ ୨୦୧୯ରେ ଆମେରିକା ବିପକ୍ଷରେ ଏଫ୍ଆଇଏଚ୍ ହକି ଅଲିମ୍ପିକ୍ସ କ୍ୱାଲିଫାୟର ଖେଳିଥିଲା। ତେଣୁ ୨ ବର୍ଷ ବ୍ୟବଧାନରେ କଳିଙ୍ଗରେ ଖେଳିବାକୁ ଯାଉଛନ୍ତି ଭାରତୀୟ ମହିଳା ଖେଳାଳି। ଏହି ଗ୍ରାଉଣ୍ଡରେ ପ୍ରଥମଥର ପାଇଁ ପ୍ରୋ ଲିଗ୍ ମ୍ୟାଚ ମଧ୍ୟ ଖେଳିବେ।

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**କୁଇନ୍ସଟାଉନ୍, ୧୫।୨ (ପି.ଟି.):** ସ୍ଥାନୀୟ ଜନ୍ ଡେଭିସ୍ ଓଭାଲଠାରେ ଅନୁଷ୍ଠିତ ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୨୭୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡଠାରୁ ୩ ଉଇକେଟରେ ପରାଜିତ ହୋଇଛି। ମ୍ୟାଚରେ ଭଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ମଙ୍ଗଳବାର ଏହି ବିଜୟ ଦ୍ୱାରା ନ୍ୟୁଜିଲାଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଅଗ୍ରଣୀ ଲାଭ କରିପାରିଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୭୦ ରନ କରିଥିଲା। ଟପ୍ ସ୍କୋରର ଅଧିନାୟିକା ମିଥାଲି ରାଜ ୬୬ ରନ (୮୧ ବଲ୍ ୩ ଚୌକା) କରି ଅପରାଜିତ ରହିଥିବା ବେଳେ ଉଇକେଟକିପର ରିଚା ଘୋଷ ୬୫ ରନ (୬୪ବଲ୍, ୬ଚୌକା ଓ ୧ ଛକା), ଓପନର ସାଭିନେନି ମେଘନା ୪୯ ଓ ଯାସ୍ତିକା ଭାଟିଆ ୩୧ ରନ କରିଥିଲେ। ଘରୋଇ ଦଳର ସବୁଠାରୁ ସଫଳ ବୋଲର ସୋଫି ଡେଭିନ୍ ତାଙ୍କ ୮ ଓଭର ବୋଲିଂରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଆମେଲିଆ କେର୍ (୧୧୯*ରନ, ୧୩୫ ବଲ୍ ୭ ଚୌକା)ଙ୍କ ଅପରାଜିତ ଶତକ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୭୧ ରନ କରି ମ୍ୟାଚ ଜିତିଥିଲା। ଅନ୍ୟମାନଙ୍କ ମଧ୍ୟରେ ମ୍ୟାଡି ଗ୍ରୀନ୍ ୫୨ ଓ ସୋଫି ଡେଭିନ୍ ୩୩ ରନ କରିଥିଲେ। ଭାରତ ତରଫରୁ ଦୀପ୍ତି ଶର୍ମା ତାଙ୍କ ୪ ଓଭର ବୋଲିଂରେ ୫୨ ରନ ବିନିମୟରେ ୪ ଉଇକେଟ ହାସଲ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଆଜି ୧୪୫୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ଖୋର୍ଦ୍ଧା ଅଫିସ,୧୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ଓ ବୋଲଗଡ଼ ବ୍ଲକର ୭ ଜିଲା ପରିଷଦ, ୪୫ ପଞ୍ଚାୟତ ଓ ସମିତିସଭ୍ୟ ଏବଂ ୬୬୧ ୱାର୍ଡମେମ୍ବର ନିମନ୍ତେ ମତଦାନ ହେବ। ଏହି ଦୁଇ ବ୍ଲକର ୨ଲକ୍ଷ ୪୦ହଜାର ୪୮୭ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ପୋଲିଂ ପାର୍ଟି ବୁଥ୍ କେନ୍ଦ୍ରରେ ପହଞ୍ଚି ମତଦାନ ପାଇଁ ପ୍ରସ୍ତୁତି ଶେଷ କରିଛନ୍ତି। ମତଦାନ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ କର୍ମଚାରୀଙ୍କୁ ସହଯୋଗ ନିମନ୍ତେ ପରାମର୍ଶ ଦିଆଯାଇଛି। ଟାଙ୍ଗୀ ବ୍ଲକ ପାଇଁ ସେକ୍ଟର ଅଫିସର ନିୟୋଜିତ ହୋଇଥିବା ବେଳ ବୋଲଗଡ଼ ଲାଗି ମଧ୍ୟ ନିୟୋଜିତ ହୋଇଛନ୍ତି। ସ୍ୱଚ୍ଛ ନିର୍ବାଚନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମତଦାନ ପୂର୍ବରୁ ଏହି ଦୁଇ ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବୁଧବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ମତଦାନ କେନ୍ଦ୍ରରେ ମାସ୍କ ବାଧ୍ୟତାମୂଳକ ରହିଛି। ଭୋଟ ଦେବା ନିମନ୍ତେ ଭୋଟର ପରିଚୟପତ୍ର ବ୍ୟତୀତ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବୈଧ ଥିବା ଅନ୍ୟ ୧୩ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟପତ୍ର ଦର୍ଶାଇ ଭୋଟରମାନେ ମତଦାନ କରିପାରିବେ। ପ୍ରତ୍ୟେକ ମତଦାନ କେନ୍ଦ୍ରରେ କୋଭିଡ୍ ନିୟମ ଅନୁଯାୟୀ ଭୋଟଦାନ କରାଯିବ। ମତଦାତା କୋଭିଡ୍ ନିୟମ ଅନୁପାଳନ ଲାଗି ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ରହିଛି। ମତଦାନ ସମୟରେ ସହଯୋଗ ଲାଗି ସମସ୍ତ ଭୋଟରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

**ଟାଙ୍ଗୀ, ବୋଲଗଡ଼ରେ ମତଦାନ**
- ୨.୪୦ ଲକ୍ଷ ଭୋଟର ମତ ସାବ୍ୟସ୍ତ କରିବେ
- ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି

ଟାଙ୍ଗୀ ବ୍ଲକର ୪ଟି ଜୋନ୍ (୯/୧୦/୧୧/୧୨)ରେ ୧୪ ଜିଲା ପରିଷଦ, ୧୦୭ ସମିତିସଭ୍ୟ, ୯୮ ସରପଞ୍ଚ ଓ ୫୮୪ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ୧,୩୨,୨୬୯ ଭୋଟର ମତସାବ୍ୟସ୍ତ କରିବେ। ଏହି ବ୍ଲକରେ ୩୪୫ ବୁଥ୍‌କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ସେଥିରୁ ୫୮ ଅତିସମ୍ବେଦନଶୀଳ, ୧୫୫ ସମ୍ବେଦନଶୀଳ ଏବଂ ୧୩୨ ସାଧାରଣ ବୁଥ୍ ରହିଛି। ସେହିପରି ବୋଲଗଡ଼ ବ୍ଲକର ୩ଟି ଜୋନ୍(୨୫/୨୬/୨୭)ରେ ୧୩ ଜିଲା ପରିଷଦ ପ୍ରାର୍ଥୀ, ୭୩ ସମିତିସଭ୍ୟ, ୭୫ ସରପଞ୍ଚ ଓ ୪୯୦ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ୧,୦୮,୨୧୮ଭୋଟର ମତ ସାବ୍ୟସ୍ତ କରିବେ। ଏହି ବ୍ଲକ ଲାଗି ୩୧୬ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ସେଥିରୁ ୧୫ ଅତିସମ୍ବେଦନଶୀଳ, ୧୧୪ ସମ୍ବେଦନଶୀଳ ଏବଂ ୧୮୭ ସାଧାରଣ ବୁଥ୍ ରହିଛି। ଏ ସମ୍ପର୍କରେ ଏସ୍‌ପି ଅଲେଖ ଚନ୍ଦ୍ର ପହି କହିଛନ୍ତି, ନିର୍ବାଚନ ପାଇଁ ଜିଲା ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅତିସମ୍ବେଦନଶୀଳ ଏବଂ ସମ୍ବେଦନଶୀଳ ବୁଥ୍ ଉପରେ ନଜର ରଖାଯିବ। ଶୃଙ୍ଖଳିତ ମତଦାନ ଲାଗି ଲୋକଙ୍କ ସହଯୋଗ ପାଇଁ ପରାମର୍ଶ ଦେଇଛନ୍ତି।



କୋଭିଡ୍ କଟକଣାକୁ ନ ମାନି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

**ବୋଲଗଡ଼,୧୫।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ସୁମନ୍ତ ମଙ୍ଗରାଜଙ୍କ ପୁଅ ଚିରାଗ(୫)। ସୂଚନା ମୁତାବକ, ସକାଳେ ଚିରାଗ ଘରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଆଗୋଚରରେ ବାରିପଟେ ଥିବା ପୋଖରୀକୁ ଆସି ପାଣିରେ ପଡ଼ି ବୁଡ଼ିଯାଇଥିଲେ। ପରିବାର ଲୋକେ ଚିରାଗଙ୍କୁ ନ ପାଇ ଖୋଜାଖୋଜି କରିବା ପରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ୭ ଜୋନ୍‌ରେ ୨୭ ଜିଲା ପରିଷଦ ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ,୧୫।୨:** ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ଓ ବୋଲଗଡ଼ ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ଏହି ଦୁଇ ବ୍ଲକର ୭ଟି ଜୋନ୍‌ରେ ୨୭ ଜିଲା ପରିଷଦ ପ୍ରାର୍ଥୀ ରହିଛନ୍ତି। ସମସ୍ତ ଜୋନ୍‌ରେ ତିନି ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ। ଟାଙ୍ଗୀ ବ୍ଲକର ୪ଟି ଜୋନ୍ ମଧ୍ୟରୁ ୯ନଂ. ଜୋନ୍ ଅଣସଂରକ୍ଷିତ ରହିଛି। ଏଠାରେ କଂଗ୍ରେସ, ଭାଜପା ଏବଂ ବିଜେଡି ମଧ୍ୟରେ ଲଢ଼େଇ ହେବ। ୧୦ନଂ. ଜୋନ୍ ମଧ୍ୟ ଅଣସଂରକ୍ଷିତ ରହିଥିବା ବେଳେ ୧୧ନଂ. ଜୋନ୍ ଅନୁସୂଚିତ ଜାତି ମହିଳା ଓ ୧୨ନଂ. ଅଣସଂରକ୍ଷିତ ରହିଛି। ବୋଲଗଡ଼ ବ୍ଲକରେ ୩ଟି ଜୋନ୍ ରହିଛି। ୨୫ନଂ. ଜୋନ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ଏଠାରେ ୩ ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ ହେବ। ୨୬ ଓ ୨୭ ନମ୍ବର ଜୋନ୍ ଅଣସଂରକ୍ଷିତ ରହିଛି। ଟାଙ୍ଗୀର ୪ଟି ଜୋନ୍‌ର ପ୍ରାର୍ଥୀଙ୍କ ପାଇଁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜ୍ୟ ସଭା ସଦସ୍ୟ ମିଜୁବୁଲ୍ଲା ଖାନ୍ ଏବଂ ବୋଲଗଡ଼ ୩ ଜୋନ୍ ପ୍ରାର୍ଥୀଙ୍କ ପାଇଁ ବିଧାୟକ ରାଜେନ୍ଦ୍ର ସାହୁ ମଙ୍ଗ ଧରିଛନ୍ତି।

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଏମ୍‌ପି

**ପୁରୁଣା ଭୁବନେଶ୍ୱର, ୧୫।୨(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀର ୨୯ ନମ୍ବର ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ସୁଜିତ୍ କୁମାର ବଳବନ୍ତରାୟଙ୍କ ପାଇଁ ଭାଜପା ପକ୍ଷରୁ ମଙ୍ଗଳବାର ପ୍ରଚାର କରାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ପ୍ରଚାରରେ ସାମିଲ ହୋଇ ଲୋକଙ୍କୁ ଭୋଟ୍ ପାଇଁ ନିବେଦନ କରିଥିଲେ। ଲିଙ୍ଗିପୁର, ଇଟିପୁର, ଟିକରପଡ଼ା ଆଦି ଗ୍ରାମରେ ପ୍ରଚାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅରୁଣ ପୁରୋହିତ, ସୁନୀଲ ପ୍ରଧାନ, ତାପସ ଦଳାଇ, ସୁରେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ।

### ବେଆଇନ ନିର୍ମାଣକୁ ବିରୋଧ

**ପୁରୁଣା ଭୁବନେଶ୍ୱର,୧୫।୨(ଡି.ଏନ୍.ଏ.):** ଏକାମ୍ର କ୍ଷେତ୍ରର ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ଷେତ୍ରରେ ରହିଥିବା ରାଜାରାଣୀ ମନ୍ଦିର ନିକଟରେ ଚାଲିଛି ବେଆଇନ ନିର୍ମାଣ, ଯାହାକି କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଆମ୍‌ସାର ଆକ୍ଟ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଆମ୍‌ସାର ଆକ୍ଟ ଅନୁଯାୟୀ ଐତିହ୍ୟ ସ୍ଥଳର ବାହାର ପରିସୀମାଠାରୁ ୨୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟକୁ ନିଷେଧ କରାଯାଇଛି। ଏଠାରେ ୫୦ ଫୁଟ ବ୍ୟବଧାନରେ ନିର୍ମାଣ କରାଯାଉଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିରୋଧ କରାଯିବା ସହ ଏଏସ୍‌ଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଛନ୍ତି, ସମ୍ପୃକ୍ତ ନିର୍ମାଣକାରୀ ମାଲିକଙ୍କୁ ନୋଟିସ୍ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବଟି ମାଗି ଜଣେ ଗିରଫ

**ପୁରୀ ଅଫିସ, ୧୫।୨:** ବଟି ଆଦାୟ କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଉକ୍ତ ଥାନା ଅନ୍ତର୍ଗତ ସୁଦର୍ଶନ ନଗରର ଜ୍ୟୋତିରଞ୍ଜନ ଜେଠୀ(୨୭)। ଏ ନେଇ ପୋଲିସ ଏକ ମାମଲା (ନଂ.୩୬/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ବଳିଗଣ୍ଡି ଛକ ନିକଟରେ କେତେକ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲେ। ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# କୀର୍ତ୍ତନ ମାଧ୍ୟମରେ ପ୍ରାର୍ଥୀଙ୍କ ପ୍ରଚାର



**ବାଲୁଗାଁ,୧୫।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ୍ ପାଇଁ ନିବେଦନ କରୁଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। କିଏ ହାତରେ ଖୋଳାବହି ତ ଆଉ କିଏ ମାଛ, କେଟିଲି, ଛତା ଧରି ପ୍ରଚାର କରୁଛନ୍ତି। ଏହି କ୍ରମରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ମନମୋହନ ସାମନ୍ତରା ସମର୍ଥକଙ୍କ ସହ ନାମ ସଙ୍କୀର୍ତ୍ତନ ମାଧ୍ୟମରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ତେବେ କିଛିଦିନ ପୂର୍ବରୁ ମନମୋହନ ହାତରେ ପିତ୍ତଳ ଥାଳି, ପାନଗୁଆ ସହ ହଳଦୀ, ଅରୁଆ ଚାଉଳ ଧରି ଗାଁ ଗାଁ ବୁଲି ପାନଗୁଆ ଦେଇ ବନ୍ଧୁତ୍ୱ ସ୍ଥାପନ କରିବା ସହ ଭୋଟରଙ୍କ ପାଦଛୁଇଁ ଆଶୀର୍ବାଦ ଭିକ୍ଷା କରି ଆସୁଥିଲେ। ଏ ସମ୍ପର୍କରେ ମନମୋହନ କୁହନ୍ତି, ପଞ୍ଚାୟତରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର କରିବା ତାଙ୍କର ମୂଳ ଲକ୍ଷ୍ୟ। ଏଥିପାଇଁ ସେ ରାଜନୀତିକୁ ଓହ୍ଲାଇଛନ୍ତି। ପାନଗୁଆ ବନ୍ଧୁତ୍ୱର ପ୍ରତୀକ ବୋଲି ସେ କହିଛନ୍ତି।

**ପୂର୍ବରୁ ପାନଗୁଆ ଦେଉଥିଲେ**

# ମାମୁ ଉପରେ ଗରମ ତେଲ ପକାଇ ଭଣଜା ଗିରଫ

**ପୁରୀ ଅଫିସ,୧୫।୨**

ବଳିଆପଣ୍ଡା ଥାନା ଅନ୍ତର୍ଗତ ସିପସୁରୁବାଲି ଗ୍ରାମରେ ଗରମ ପାଣି ଓ ତେଲ ପକାଇ ମାମୁ ଏବଂ ତାଙ୍କ ସାଙ୍ଗକୁ ଜୀବନରୁ ମାରିବା ଅଭିଯୋଗରେ ଅଭିଯୁକ୍ତ ଭଣଜାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡପୋଖରୀ ଅଞ୍ଚଳର ଅଭୟ ଦାଶ । ତାଙ୍କଠାରୁ ଗୋଟିଏ ଆଲୁମିନିୟମ ଡିସ୍କ ଜବତ କରିଛି। ଏ ନେଇ ପୋଲିସ ନଂ ୧୯/୨୨ରେ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ଅଭୟ ମଙ୍ଗଳବାର ତାଙ୍କ ମା'ଙ୍କ ସହ କୌଣସି କାରଣ ନେଇ ଝଗଡା କରୁଥିଲେ। ଏହି ସମୟରେ ଅଭୟଙ୍କ ମାମୁ ଓ ତାଙ୍କର ଜଣେ ସାଙ୍ଗ ସେଠାରେ ପହଞ୍ଚି ଭଣଜାଙ୍କୁ ବୁଝାଶୁଝା କରି ମାମଲା ସମାଧାନ କରିଥିଲେ। ପରେ ଅଭୟ ସେମାନଙ୍କ ସହ ରାତ୍ରି ଭୋଜନ କରିଥିଲେ। ରାତିରେ ସମସ୍ତେ ଶୋଇଥିବା ବେଳେ ଅଭୟ ଉଠି ଗରମ ପାଣି ଓ ତେଲକୁ ମାମୁ ଓ ତାଙ୍କ ସାଙ୍ଗ ଉପରେ ପକାଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଉଭୟେ ଆହତ ହୋଇଥିଲେ। ଏ ନେଇ ଅଭୟଙ୍କ ମାମୁଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା।

# ୩ ପଞ୍ଚାୟତରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

**ଜଟଣୀ,୧୫।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ଉଦ୍ଦେଶ୍ୟରେ ମଙ୍ଗଳବାର ପୂର୍ବାହ୍ନରେ କମିଶନରେଟ ପୋଲିସ ଜଟଣୀ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଜଟଣୀ ବ୍ଲକ ଅଧୀନ ତିରିମଲ, ତରାବୋଇ ଓ ବେଣାପଞ୍ଜରି ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଚଳିତ ନିର୍ବାଚନରେ ନିର୍ଭୟ ଓ ଶାନ୍ତିଶୃଙ୍ଖଳାରେ ମତ ସାବ୍ୟସ୍ତ କରିବା ପାଇଁ ଭୁବନେଶ୍ୱର ଏସିପି ଜୋନ୍-୩ ରଜତ କୁମାର ରାୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ, ଅତିରିକ୍ତ ଏସିପି ତରୁଣ କୁମାର ଦାସ, ଏସ୍‌ଆଇ ପି.କେ. ଜେନା, ପ୍ରୀତିମଞ୍ଜରୀ ନାୟକ, ଶ୍ୟାମଘନ ବାରିକଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ସାମିଲ ଥିଲେ।

# ରାଜଧାନୀରେ ମିଳିବ କୋଭିଶିଲ୍ଡ ପ୍ରିକଶନ୍ ଡୋଜ୍

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଏଣିକି କୋଭିଶିଲ୍ଡ ପ୍ରିକସନ୍ ଡୋଜ୍ ମିଳିବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ୟୁପିଏଚ୍‌ସି ଏବଂ ଚନ୍ଦ୍ରଶେଖରପୁର ୟୁପିଏଚ୍‌ସିରେ ଏହି ଡୋଜ୍ ପ୍ରଦାନ କରାଯିବ। କୋଭିଶିଲ୍ଡର ଉଭୟ ଡୋଜ୍ ନେଇଥିବା ଭୁବନେଶ୍ୱରର ଯୋଗ୍ୟ ନାଗରିକମାନେ ଏହି ପ୍ରିକସନ୍ ଡୋଜ୍ ନେଇପାରିବେ। ଏଥିପାଇଁ ହିତାଧିକାରୀମାନେ କୋ-ୱିନ୍ ପୋର୍ଟାଲରେ ସ୍ଲଟ ବୁକ୍ କରିପାରିବେ କିମ୍ବା ସିଧାସଳଖ କେନ୍ଦ୍ରକୁ ଯାଇ ନାମ ରେଜିଷ୍ଟ୍ରେଶନ କରାଇ ଟିକା ନେଇପାରିବେ। ପ୍ରିକସନ୍ ଡୋଜ୍ ନେବା ପୂର୍ବରୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ସାର୍ଟିଫିକେଟ ଦେଖାଇବା ଆବଶ୍ୟକ। ତେବେ ପ୍ରାଥମିକ ସ୍ତରରେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଏବଂ ବରିଷ୍ଠ ନାଗରିକଙ୍କୁ ଏହି ଡୋଜ୍ ଦିଆଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକା ଦିଆଯିବ। ଯେଉଁମାନେ ୯ମାସ ପୂର୍ବରୁ କୋଭିଶିଲ୍ଡ ଟିକା ନେଇଛନ୍ତି, ସେମାନେ ଏହି ଡୋଜ୍ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ୩୬ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୪ ଗିରଫ

**ପୁରୀ ଅଫିସ, ୧୫।୨**

ବହୁଦିନ ଧରି ପୁରୀ ସମେତ ବିଭିନ୍ନ ସ୍ଥାନରେ ବ୍ରାଉନସୁଗାର କାରବାର ଚଳାଉଥିବା ଅଭିଯୋଗ ହୋଇଆସୁଥିଲା। ବାସେଳି ସାହି ଥାନା ପୋଲିସ ଏବଂ ପୁରୀ ଏସ୍‌ଟିଏଫ୍ ଟିମର ମିଳିତ ଉଦ୍ୟମରେ ମଙ୍ଗଳବାର ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଟକ ଦୁର୍ଗା ବଜାର ଅଞ୍ଚଳର ଫିରୋଜ ଖାନ୍, ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଏସ୍.କେ ଇଫତେଖାର ତୁଲା, ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତିରିମାଲର ଦୀପ ରଞ୍ଜନ ଭୁଜବଳ ଏବଂ ପିପିଲି ଦେବୀ ଗଳିର ପପୁ ପାଣ୍ଡେ ଓରଫ ଅକ୍ଷୟ। ସେମାନଙ୍କଠାରୁ ୩୫୯ ଗ୍ରାମ ୬୬ ମିଲିଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ନଗଦ ୧୭ ହଜାର ଟଙ୍କା, ୩ଟି ବାଇକ୍, ୫ଟି ମୋବାଇଲ ଏବଂ ଗୋଟିଏ ଓଜନ ମେସିନ୍ ଜବତ ହୋଇଛି। ପୋଲିସ କେସ୍ ନଂ ୩୦/୨୨ରେ ମାମଲା ରୁଜୁ କରାଯାଇଥିବା ବାସେଳି ସାହି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଛନ୍ତି। ବ୍ରାଉନ ସୁଗାର ବିକ୍ରି ପାଇଁ ୪ଜଣ ଯୁବକ ସୋମବାର ରାତିରେ ପୁରୀ ଆସୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ମାଟିତୋଟା ପଡିଆଠାରେ ବାସେଳୀ ସାହି ଥାନା ପୋଲିସ ଓ ଏସ୍‌ଟିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଚେକିଂ କରିବା ବେଳେ ବ୍ରାଉନସୁଗାର ଥିବା ଦେଖି ଥାନାକୁ ଆଣିଥିଲେ। ପଚରାଉଚରା ପରେ ସେମାନେ ବ୍ରାଉନସୁଗାର କାରବାର କରୁଥିବା ସ୍ୱୀକାର କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଏବଂ ବାସେଳି ସାହି ଥାନାଧିକାରୀ କୁଳମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ୪ ଅଭିଯୁକ୍ତ।

# ନିଶାସକ୍ତ ଯୁବକଙ୍କ ବ୍ଲେଡ୍‌ରେ ଆକ୍ରମଣ: ଜଣେ ଗୁରୁତର

**ନିମାପଡ଼ା,୧୫।୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଚଅଁରପଦା ପଞ୍ଚାୟତର ଭାଟବନ୍ଧ ଗ୍ରାମ ଛକରେ ଜଣେ ନିଶାଗ୍ରସ୍ତ ଯୁବକଙ୍କ ବ୍ଲେଡ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏ ନେଇ ଆହତ ଯୁବକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଭାଟବନ୍ଧ ଗ୍ରାମର ସିପିଆଇ ଦଳର ସୂର୍ଯ୍ୟକାନ୍ତ ଭୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଗ୍ରାମ ଛକରେ ପୋଷ୍ଟର ଲଗାଉଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିଲେ। ସୂର୍ଯ୍ୟକାନ୍ତ ପ୍ରତିବାଦ କରିବାରୁ ଉକ୍ତ ଯୁବକ ଉତ୍ତ୍ୟକ୍ତ ହୋଇ ଏକ ବ୍ଲେଡରେ ତାଙ୍କ ମୁଣ୍ଡ ଓ ମୁହଁକୁ କାଟି ପକାଇଥିଲେ। ସୂର୍ଯ୍ୟକାନ୍ତ ଗୁରୁତର ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ସିପିଆଇ ଦଳର କର୍ମୀମାନେ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି।

# ଆଜି ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ

**ପୁରୀ ଅଫିସ,୧୫।୨**

ମାଘ ମାସ ପୂର୍ଣ୍ଣିମାର ମାଘ ସମାପନ ଅବସରରେ ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ଦ୍ୱିପ୍ରହର ଧୂପ ସରିବା ପରେ ଅନୁଷ୍ଠିତ ହେବ। ଗଜ ଉଦ୍ଧାରଣ ବେଶର ବିଶେଷତ୍ୱ ହେଲା, ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି । ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଗରୁଡ଼ ଉପରେ ବସିଥିବା ପ୍ରଦର୍ଶିତ ହୋଇଥାଏ। ଉଡ୍ଡୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ମହାପ୍ରଭୁ ଉପବେସନ ମୁଦ୍ରାରେ ହୋଇଥାନ୍ତି। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହା ନିର୍ମିତ ହୋଇଥାଏ। ପକ୍ଷ ବିସ୍ତାରି ଉଡୁଥିବା ଗରୁଡ଼ ପୃଷ୍ଠରେ ଶ୍ରୀଜଗନ୍ନାଥ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ତାଙ୍କର ଊର୍ଦ୍ଧ୍ୱ ଦୁଇ ହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥାନ୍ତି। ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଛିଡ଼ା ହୋଇ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇରହିଥାଏ ଏବଂ ସେ ପଦ୍ମ କଳିକାଟିଏ ହସ୍ତରେ ଧରିଥାନ୍ତି। ଏହି ବେଶରେ କାଠ ଓ ଶୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନ ସିଂହାସନ ଆଗରେ ପୋଖରୀଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଥିବା ଗଜଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥାଏ। ତା'ର ପାଦଗୁଡ଼ିକ ମଧ୍ୟରେ ଥାଏ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଏବଂ ହସ୍ତୀଟିର ଟେକି ହୋଇ ଶୁଣ୍ଢରେ ପଦ୍ମଫୁଲ ଧରିଥାଏ। ଗଜଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ପଦ୍ମମାଳିରେ ଭୂଷିତ ହୋଇଥାନ୍ତି।

# 'ଆହେ ଦୟାମୟ' ମାନବ ଜାତି ପାଇଁ ସ୍ୱତନ୍ତ୍ର ଅବଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କଣ୍ଟାପଡା, ୧୫।୨(ଡି.ଏନ୍.ଏ.)**

ଆହେ ଦୟାମୟ ବିଶ୍ୱବିହାରୀର ରଚୟିତା ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ କଟକ ଜିଲା ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାସାହିତ୍ୟ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆହେ ଦୟାମୟ ବିଶ୍ୱବିହାରୀ କେବଳ ପ୍ରାର୍ଥନା ନୁହେଁ ସମଗ୍ର ମାନବ ଜାତି ପାଇଁ ଏକ ସ୍ୱତନ୍ତ୍ର ଅବଦାନ ବୋଲି କହିଥିଲେ। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା, ଡା. ଶକ୍ତିପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ଗୋଚରଜମିରେ ଖେଳପଡ଼ିଆ ନିର୍ମାଣକୁ ବିରୋଧ

**ଖୋର୍ଦ୍ଧା ଅଫିସ,୧୫।୨**

ଖୋର୍ଦ୍ଧା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ଏକ ଗୋଚରଜମିରେ ଖେଳପଡ଼ିଆ ନିର୍ମାଣ କରାଯାଉଛି। ଏହି ନିର୍ମାଣକୁ ବିରୋଧ କରିବା ସହ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ମଙ୍ଗଳବାର ସ୍ଥାନୀୟ କେତେଜଣ ବାସିନ୍ଦା ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା)ରେ ପୌର ପ୍ରଶାସନ ପକ୍ଷରୁ ୮ଲକ୍ଷ ୫୦ହଜାର ବ୍ୟୟ ବରାଦ କରାଯାଇଛି। ତେବେ ସରକାରୀ ଅର୍ଥରେ ନିର୍ମାଣ କରାଯାଉଥିବା ଏହି ଖେଳପଡିଆ ଗୋଚର ଜମିରେ ନିର୍ମାଣ କରାଯାଉଛି। ଏକ ମହିଳା ସମିତି ନାମରେ ଉକ୍ତ ଖେଳପଡିଆ ଚାଲିଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ଏଥିଲାଗି ସ୍ଥାନୀୟ ବାସିନ୍ଦାଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ। ଏନେଇ ଗୁରୁଜଙ୍ଗ ଗ୍ରାମ୍ୟ କମିଟି ଅସନ୍ତୋଷ ପ୍ରକାଶ କରିଛି। ନିର୍ମାଣାଧୀନ ଖେଳପଡିଆ ଖାତା ନଂ.୪୫୭ ପ୍ଲଟ ନଂ. ୮୮୦ ଗୋଚର ଏରିଆ-ଏ ୧୦.୬୦୦ଡିରୁ ଏ ୧.୦୦୦ଡିରେ ଚାଲିଛି। ଗୁରୁଜଙ୍ଗରେ ଖେଳପଡିଆ ପାଇଁ ଉପଯୁକ୍ତ ସ୍ଥାନ ରହିଥିବା ବେଳେ ବେଆଇନ ଭାବେ ଅନୁପଯୁକ୍ତ ଗୋଚର ଜମିରେ ନିର୍ମାଣ କରାଯାଉଛି। ଗୋଚର ଜାଗାରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ। ଉକ୍ତ ଜମିରେ ଖେଳପଡିଆ ନିର୍ମାଣ କରାଗଲେ, ଗ୍ରାମର ଗୋରୁଗାଈ ଚରାବୁଲା କରିବାରୁ ବଞ୍ଚିତ ହେବେ। ପୂର୍ବରୁ ଗୁରୁଜଙ୍ଗ ଗ୍ରାମର ଅନେକ ଗୋଚର ଜମିରେ ଜବରଦଖଲ କରାଯାଇ ଗୃହ ନିର୍ମାଣ କରାଯାଇଛି। ଦିନକୁ ଦିନ ଗୋଚର ଜମି କମିବାରେ ଲାଗିଛି। ଗୋଚର ଜମିରେ ଖେଳପଡିଆ ନିର୍ମାଣ ଚାଲିଥିବା ନେଇ ପୌର କାର୍ଯ୍ୟନିର୍ବାହୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଖେଳପଡିଆ କରୁଥିବା ସମ୍ପୃକ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅନେକ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନ କରୁଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଏହା ସତ୍ତ୍ୱେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗୋଚର ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ସହ କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଗ୍ରାମର ଜିତେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବାରିକ, ପଦ୍ମଚରଣ ସାହୁଙ୍କ ସମେତ ଏକାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

- ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ
- ଗ୍ରାମରେ କମୁଛି ଗୋଚର ଜମି

## ନିର୍ବାଚନ ଲାଗି ଜମୁଛି ଭୋଜିଭାତର ଆସର

ଗୋପ,(ଡି.ଏନ୍.ଏ): ଆସନ୍ତା ୧୮ ତାରିଖରେ ଗୋପ ବ୍ଲକ ପାଇଁ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ପ୍ରସାର ଜୋର୍‌ଦାର କରାଯାଇଥିବାବେଳେ ଗାଁ ଗାଁରେ ଭୋଜିଭାତ ସାଙ୍ଗକୁ ମଦ ବଣ୍ଟା ଦେଖିବାକୁ ମିଳିଛି। ନିର୍ବାଚନ ପୂର୍ବରୁ ମଦ ଦୋକାନ ବନ୍ଦ ରହୁଥିବା କାରଣରୁ ପୂର୍ବରୁ ମାଦକ ଦ୍ରବ୍ୟ ଗଚ୍ଛିତ ରଖାଯାଇଛି। ପ୍ରତି ପଞ୍ଚାୟତରେ ପୂର୍ବରୁ ଆବଶ୍ୟକଠାରୁ ଅଧିକ ପରିମାଣର ମଦ ଗଚ୍ଛିତ ରଖାଯାଇଥିବାବେଳେ ପୋଲିସ୍ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଯୁବଗୋଷ୍ଠୀ ମଦ୍ୟପାନ କରି ବିଭିନ୍ନ ସମୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ପୋଲିସ ଓ ଅବକାରୀ ବିଭାଗ କେତେ ଜଣ ପୁରୁଣା ବେପାରୀଙ୍କୁ ଗିରଫ କରୁଥିବାବେଳେ ତଥାପି ପ୍ରତି ଗାଁ ଗାଁରେ ମଦ ବଣ୍ଟାଯାଉଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୨।୨୦୨୨

| | |
|---|---|
| ୭,୯୪,୬୧୬ ଟଙ୍କା | |
| ସୁନା | ୭.୪୦୦ ଗ୍ରାମ |
| ରୁପା | ୨୦ ଗ୍ରାମ |

## ସଂକ୍ଷେପରେ

### ନିଶାସକ୍ତ ଯୁବକଙ୍କ ବ୍ଲେଡ୍‌ରେ ଆକ୍ରମଣ, ଜଣେ ଗୁରୁତର

ନିମାପଡ଼ା,୧୫।୨(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଚଉଁରପଦା ପଞ୍ଚାୟତର ଭାଟବନ୍ଧ ଗ୍ରାମ ଛକରେ ଜଣେ ନିଶାଗ୍ରସ୍ତ ଯୁବକଙ୍କ ବ୍ଲେଡ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏ ନେଇ ଆହତ ଯୁବକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଭାଟବନ୍ଧ ଗ୍ରାମର ସିପିଆଇ ଦଳର ସୂର୍ଯ୍ୟକାନ୍ତ ଭୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଗ୍ରାମ ଛକରେ ପୋଷ୍ଟର ଲଗାଉଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିଲେ। ସୂର୍ଯ୍ୟକାନ୍ତ ପ୍ରତିବାଦ କରିବାରୁ ଉକ୍ତ ଯୁବକ ଉତ୍ତ୍ୟକ୍ତ ହୋଇ ଏକ ବ୍ଲେଡରେ ତାଙ୍କ ମୁଣ୍ଡ ଓ ମୁହଁକୁ କାଟି ପକାଇଥିଲେ। ସୂର୍ଯ୍ୟକାନ୍ତ ଗୁରୁତର ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ସିପିଆଇ ଦଳର କର୍ମୀମାନେ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି।

### ମନ୍ଦିର ଭିତରୁ ଭକ୍ତଙ୍କଠୁ ସୁନା ଚୋରି, ଜଣେ ଗିରଫ

ପୁରୀ ଅଫିସ, ୧୫।୨- ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ବେକରୁ ସୁନାଚେନ୍ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ଦୋଳମଣ୍ଡପ ସାହି ପାତ୍ର ଲେନ୍‌ର ପ୍ରହ୍ଲାଦ ପାତ୍ର ଓରଫ ଟିକି(୩୦)। ଅଭିଯୁକ୍ତଠାରୁ ଚୋରି ହୋଇଥିବା ସୁନାଚେନ୍, ପର୍ସ, ଗୋଟିଏ ଆଧାରକାର୍ଡ ଏବଂ ଗୋଟିଏ ପ୍ୟାନ୍‌କାର୍ଡ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା ନଂ. ୮/୨୨ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କଟକ ଜିଲା ପୁରୀଘାଟ ଥାନା ଅଞ୍ଚଳର ବିକ୍ରମ କୁମାର ଜେନା ପରିବାର ସହ ଗୁରୁବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ତାଙ୍କ ଝିଅ ବେକରୁ ସୁନାଚେନ ଓ ପର୍ସ ଲୁଟି ନେଇଥିଲେ। ଯାହାର ଓଜନ ପ୍ରାୟ ୫ ଗ୍ରାମ ହେବ। ଏ ନେଇ ବିକ୍ରମ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଟିକିଙ୍କୁ ଧରି ଗିରଫ କରିଥିଲେ। ଅପରପକ୍ଷେ ପୋଲିସ ସୁନାଚେନକୁ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି।

### ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ମାନବ ଜାତି ପାଇଁ ସ୍ୱତନ୍ତ୍ର ଅବଦାନ

କଣ୍ଟାପଡା, ୧୫।୨(ଡି.ଏନ୍.ଏ.)- ଆହେ ଦୟାମୟ ବିଶ୍ୱବିହାରୀର ରଚୟିତା ତଥା ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟି କଟକ ଜିଲା ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାସାହିତ୍ୟ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆହେ ଦୟାମୟ ବିଶ୍ୱବିହାରୀ କେବଳ ପ୍ରାର୍ଥନା ନୁହେଁ ସମଗ୍ର ମାନବ ଜାତି ପାଇଁ ଏକ ସ୍ୱତନ୍ତ୍ର ଅବଦାନ ବୋଲି କହିଥିଲେ। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା, ଡା. ଶକ୍ତିପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୌଦାମିନୀ' ଓ କବି ବାବାଜୀ ଭୋଇଙ୍କ ରଚିତ ପୁସ୍ତକ 'ମାନିଲା ପିଲା'ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ୯୭୩ ବୁଥ୍‌ରେ ମତଦାନ

## ୪୮ ପ୍ଲାଟୁନ ଫୋର୍ସ, ୫ ଡିଏସ୍‌ପି ଓ ୩ ଅତିରିକ୍ତ ଏସ୍‌ପି ଦାୟିତ୍ୱରେ

ପୁରୀ ଅଫିସ୍,୧୫।୨:

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ପାଇଁ ସଜବାଜ ସରିଲାଣି। ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ମତଦାନ କେନ୍ଦ୍ରରେ ପ୍ରାକ୍ ପ୍ରସ୍ତୁତି ଶେଷ କରିଛନ୍ତି। ବୁଧବାର ସକାଳୁ ଭୋଟ ଗ୍ରହଣ ଆରମ୍ଭ ହେବ। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାତାମାନେ ନିଜ ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟ ଦେବେ। ମତଦାତା ଯେକୌଣସି ପରିଚୟ ପତ୍ର ନେଇ ମତ ସାବ୍ୟସ୍ତ କରିପାରିବେ। କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ କଣାସ ଭଳି ତିନୋଟି ବ୍ଲକ୍‌ର ୯୭୩ଟି ବୁଥରେ ବୁଧବାର ଭୋଟଗ୍ରହଣ ହେବ। ଏହା ମଧ୍ୟରେ ୭୪ଟି ପଞ୍ଚାୟତ ଓ ୮ଟି ଜିଲା ପରିଷଦ ଆସନ ସାମିଲ ରହିଛି। ୩ ଲକ୍ଷ ୮ ହଜାର ୨୪୧ ଜଣ ମତଦାତା ମତ ସାବ୍ୟସ୍ତ କରିବେ।

କୃଷ୍ଣପ୍ରସାଦର ଚିଲିକା ମଧ୍ୟରେ ଥିବା ୧୪ ପଞ୍ଚାୟତ ପାଇଁ ପୋଲିଂ ପାର୍ଟିମାନଙ୍କ ଲାଗି ଭେସେଲ ଓ ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବସ୍ଥା ହୋଇଛି। କୃଷ୍ଣପ୍ରସାଦରେ ୧୬ ସେକ୍ଟର, ବ୍ରହ୍ମଗିରିରେ ୨୫ ଓ କଣାସରେ ୨୮ଜଣ ସେକ୍ଟର ଅଫିସର ନିଯୁକ୍ତ ଅଛନ୍ତି। ଉକ୍ତ ୩ଟି ବ୍ଲକ୍‌ରେ ୩୨୪ଟି ସମ୍ବେଦନଶୀଳ ବୁଥ୍ ରହିଛି। ବିଗତ ଦିନର ରେକର୍ଡକୁ ଦେଖି ଏହାକୁ ସମ୍ବେଦନଶୀଳ ତାଲିକାଭୁକ୍ତ କରାଯାଇଛି। ସେହିଭଳି ୨୮୫ଟି ସିଙ୍ଗିଲ୍ ବୁଥ୍, ୧୭୩ଟି ଡବଲ୍ ବୁଥ୍, ୫୯ଟି ଟ୍ରିପଲ୍ ବୁଥ୍ ମଧ୍ୟ ମତଦାନ କେନ୍ଦ୍ରରେ ସାମିଲ ରହିଛି। ତେବେ ପଞ୍ଚାୟତ ନିର୍ବାଚନ ମତଦାନ ବାଲଟ୍‌ରେ ଗ୍ରହଣ ହେବ। ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ ଅନେକ ବୁଥ୍‌ରେ ଭୋଟ ବାକ୍ସ ଅକ୍ତିଆର ହୋଇଯିବାର ଆଶଙ୍କା ରହୁଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବ୍ୟାପକ ସୁରକ୍ଷା ଉପରେ ଧ୍ୟାନ ଦେଉଛି। ତିନି ବ୍ଲକ୍‌ର ସମସ୍ତ ୯୭୩ଟି ବୁଥରେ ଜଣେ ଲେଖାଏ ପୋଲିସ କର୍ମଚାରୀ ମୁତୟନ ହେବେ। ୫୭ଟି ସ୍ଥାନରେ ଅଧିକାଂଶ ପୋଲିସ କର୍ମଚାରୀ ମୁତୟନ ହେବେ। ୩୭ଟି ମୋବାଇଲ ପାର୍ଟିରେ ଜଣେ ଅଧିକାରୀ, ୫ଜଣ ଡିଏସ୍‌ପି, ୩ଜଣ ଅତିରିକ୍ତ ଏସ୍‌ପି ଓ ବିଭିନ୍ନ କ୍ଲଷ୍ଟରରେ ଅତିରିକ୍ତ ଫୋର୍ସ ମୁତୟନ ହେବେ। ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ନଜର ରହିବ। ତେବେ ମୋଟ ୪୮ ପ୍ଲାଟୁନ୍‌ର ଅଧିକ ଫୋର୍ସ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦାୟିତ୍ୱରେ ରହିବେ ବୋଲି ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି। ୨୮ ନମ୍ବର ଜୋନ୍ ବିଜେଡି ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ କୈଳାସ ଚନ୍ଦ୍ର ପରିଡ଼ା କହିଛନ୍ତି, ପ୍ରଚାରକୁ ଶୃଙ୍ଖଳିତ ଭାବେ ଶେଷ କରିଛୁ। ଭୋଟଗ୍ରହଣ ଦିନ ମଧ୍ୟ ଏହିଭଳି ମତଦାନ ହେବ ବୋଲି ଆଶା ରଖିଛୁ। ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ଉପରେ ପୋଲିସ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବା ଦରକାର। ନଚେତ୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମତଦାନକୁ ଶୃଙ୍ଖଳିତ କରିବା ଦିଗରେ ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ଶୃଙ୍ଖଳିତ ଭାବେ ମତଦାନ ଶେଷ ହେବ।




ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଜନ୍ମ ଦିବସ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା ।

## ଦିବ୍ୟାଙ୍ଗଙ୍କ ପାଇଁ ଭୋଟ ଦେବା ବ୍ୟବସ୍ଥା ନାହିଁ

କଣାସ,୧୫।୨(ସ୍ୱ.ପ୍ର)

ପୁରୀ ଜିଲା କଣାସ ବ୍ଲକରେ ୧୬ ତାରିଖରେ ୨୮ଟି ପଞ୍ଚାୟତର ୩୫୯ଟି ବୁଥ୍‌ରେ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ହେବ। ରାଜ୍ୟର ବିଭିନ୍ନ ବ୍ଲକରେ ଦିବ୍ୟାଙ୍ଗମାନଙ୍କ ପାଇଁ ଭୋଟ ଦେବା ଲାଗି ଘରୁ ହୁଇଲ୍ ଚେୟାରର ବ୍ୟବସ୍ଥା ହୋଇଛି। କିନ୍ତୁ କଣାସ ବ୍ଲକରେ ଦିବ୍ୟାଙ୍ଗଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ତଥା ନିର୍ବାଚନ ଅଧିକାରୀ ଲୋଚନ ଦାସଙ୍କୁ ପଚାରିବାରୁ କୌଣସି ବ୍ୟବସ୍ଥା ହୋଇ ନ ଥିବାବେଳେ ଭୋଟଦିନ କିଛି ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଅନ୍ୟପଟେ ପ୍ରତ୍ୟେକ ବୁଥରେ ନିର୍ବାଚନ ପାଇଁ ଛାମୁଣ୍ଡିଆ ବ୍ୟବସ୍ଥା କରାଯାଇଥିବାବେଳେ କଣାସରେ କୌଣସି ବୁଥ ଆଗରେ ଛାମୁଣ୍ଡିଆ ବ୍ୟବସ୍ଥା କରାଯାଇ ନାହିଁ।

## ୧୦୫ ଅତି ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ

ନିମାପଡ଼ା,୧୫।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିମାପଡ଼ା ବ୍ଲକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୮ତାରିଖରେ ନିମାପଡ଼ା ବ୍ଲକର ୪ଟି ଜିଲା ପରିଷଦ ଜୋନ, ୩୨ ପଞ୍ଚାୟତର ୩୨ ସରପଞ୍ଚ, ୩୨ ସମିତିସଭ୍ୟ ପଦବୀ ପାଇଁ ନିର୍ବାଚନ ହେବ। ସେହିଭଳି ୪ ଜିଲା ପରିଷଦ ପଦବୀ ପାଇଁ ୧୮ଜଣ ପ୍ରାର୍ଥୀ, ସରପଞ୍ଚ ପଦ ପାଇଁ ୧୦୦ଜଣ ପ୍ରାର୍ଥୀ, ସମିତିସଭ୍ୟ ପାଇଁ ୯୩ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ବ୍ଲକର ୮୧,୬୪୪ଜଣ ପୁରୁଷ ଭୋଟର, ୭୬,୦୮୮ଜଣ ମହିଳା ଭୋଟର ମୋଟରେ ୧, ୫୭, ୭୩୬ ଜଣ ମତଦାତା ନିଜ ମତଦାନ ସାବ୍ୟସ୍ତ କରିବେ। ଏହି ନିର୍ବାଚନ ପାଇଁ ମୋଟରେ ୪୮୧ ବୁଥ ରହିଥିବା ବେଳେ ୭ଟି ଅସ୍ଥାୟୀ ବୁଥ୍ ମଧ୍ୟ ରହିଛି। ଏହି ବୁଥ୍‌ଗୁଡ଼ିକ ମଧ୍ୟରୁ ୧୦୫ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଅସ୍ଥାୟୀ ବୁଥଗୁଡ଼ିକର ନିରାପତ୍ତା ଓ ଅତିଉତ୍ତେଜନାପ୍ରବଣ ବୁଥ୍ ପ୍ରତି ଧ୍ୟାନ ଦେବାକୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ଏହି ବ୍ଲକ ପାଇଁ ୧,୯୨୪ ଜଣ ପ୍ରିଜାଇଡିଂ ଅଫିସର, ଫାଷ୍ଟ ଓ ସେକେଣ୍ଡ ପୋଲିଂ ଅଫିସର, ୪ର୍ଥ ଶ୍ରେଣୀ କର୍ମଚାରୀ ଆଦି ନିୟୋଜିତ ହେବେ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ଦୁଇଦିନ ପରେ ମତଦାନ, ଅସଜଡ଼ା ପୋଲିଂ ବୁଥ୍

ଗୋପ,୧୫।୨(ଡି.ଏନ୍.ଏ.)

ଗୋପ ବ୍ଲକ୍‌ର ୪୫୯ଟି ବୁଥ୍‌ରେ ମତଦାନ କରାଯିବ। ଆଉ ଦୁଇ ଦିନ ପରେ ମତଦାନ ଆରମ୍ଭ ହେବ। ମାତ୍ର ଏଯାବତ୍ କେତେକ ବୁଥ୍ ଅସଜଡ଼ା ହୋଇପଡ଼ିଥିବା ବେଳେ ପୋଲିଂ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା କରାଯାଇଛି। ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହେବା ପରେ ନିର୍ବାଚନ ହେବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୂର୍ବରୁ କେତେ ଜଣ କର୍ମଚାରୀଙ୍କୁ ବୁଥର ସ୍ଥିତି, ବୁଥ୍‌ରେ ଥିବା ମୌଳିକ ସୁବିଧା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିବାବେଳେ କେତେ ଜଣ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ କେବଳ କାଗଜପତ୍ରରେ ରିପୋର୍ଟ ପ୍ରସ୍ତୁତ କରି ସମସ୍ତ ବୁଥ୍ ପ୍ରସ୍ତୁତ ଥିବା ଦର୍ଶାଇଥିଲେ। ମାତ୍ର ନିର୍ବାଚନକୁ ଆଉ ଦୁଇ ଦିନ ବାକି ଥିବାବେଳେ ୩୦ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ସେକ୍ଟର ଅଫିସରମାନଙ୍କୁ ବୁଥ୍‌ଗୁଡ଼ିକରସ୍ଥିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏଯାବତ୍ ବିଦ୍ୟାଳୟ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ବୁଥ୍‌ରୁ ଅଧିକାଂଶ ବୁଥ୍ ଅସଜଡ଼ା ଅବସ୍ଥାରେ ଥିବା ଅଭିଯୋଗ ହୋଇଛି।

## ଆଜି ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ

ପୁରୀ ଅଫିସ,୧୫।୨

ମାଘ ମାସ ପୂର୍ଣ୍ଣମା ଅବସରରେ ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଦ୍ୱିପ୍ରହର ଧୂପ ସରିବା ପରେ ଅନୁଷ୍ଠିତ ହେବ। ଗଜ ଉଦ୍ଧାରଣ ବେଶର ବିଶେଷତ୍ୱ ହେଲା, ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଗରୁଡ଼ ଉପରେ ବସିଥିବା ପ୍ରଦର୍ଶିତ ହୋଇଥାଏ। ଉଡୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ମହାପ୍ରଭୁ ଉପବେଶନ ମୁଦ୍ରାରେ ହୋଇଥାନ୍ତି। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହା ନିର୍ମିତ ହୋଇଥାଏ। ପକ୍ଷ ବିସ୍ତାରି ଉଡୁଥିବା ଗରୁଡ଼ ପୃଷ୍ଠରେ ଶ୍ରୀଜଗନ୍ନାଥ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ତାଙ୍କର ଊର୍ଦ୍ଧ୍ୱ ଦୁଇ ହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥାନ୍ତି। ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଛିଡ଼ା ହୋଇ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇରହିଥାଏ ଏବଂ ସେ ପଦ୍ମ କଳିକାଟିଏ ହସ୍ତରେ ଧରିଥାନ୍ତି। ଏହି ବେଶରେ କାଠ ଓ ଶୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନସିଂହାସନ ଆଗରେ ପୋଖରୀଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖା ଯାଇଥାଏ। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଥିବା ଗଜଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥାଏ। ତା'ର ପାଦଗୁଡ଼ିକ ମଧ୍ୟରେ ଥାଏ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଏବଂ ହସ୍ତୀଟିର ଟେକି ହୋଇ ଶୁଣ୍ଢରେ ପଦ୍ମଫୁଲ ଧରିଥାଏ। ଗଜ ଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୋଇଥାନ୍ତି।



କୋଭିଡ୍ କଟକଣାକୁ ନ ମାନି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ବିଭିନ୍ନ କ୍ଷେତ୍ରରେ ୭ଜଣଙ୍କୁ ସ୍ମୃତି ସମ୍ମାନ

ପୁରୀ ଅଫିସ, ୧୫।୨

ସାପ୍ତାହିକ ପତ୍ରିକା ପ୍ରିୟପତ୍ରର ୩୫ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ୟୁଥ ହଷ୍ଟେଲ ସଭାକକ୍ଷ ପରିସରରେ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଲେଖାର ସମ୍ପାଦକ ସଦାଶିବ ମିଶ୍ର ଯୋଗଦେଇ ପ୍ରିୟପତ୍ରର ସାହିତ୍ୟ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଲକ୍ଷ୍ମୀପ୍ରିୟା ଦାଶ, ସର୍ବାଣୀ ଦାସ ଏବଂ ସୁମିତା ବେହେରାଙ୍କ ସଂଯୋଜନାରେ ପୌର୍ଣ୍ଣମାସୀ ଦେବୀ, ସନ୍ନ୍ୟାସୀ ନାୟକ ପ୍ରାୟ ୧୫ଜଣ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପାଇଁ କିଶୋର ଚନ୍ଦ୍ର ଦାସଙ୍କୁ ଶତ୍ରୁଘ୍ନ ମହାନ୍ତି ସ୍ମୃତି ସମ୍ମାନ, ଅମ୍ଳାନ ଗୋସେଇଁଙ୍କୁ ରସରାଜ ଏମାର କେଆର ସ୍ମୃତି ସମ୍ମାନ, ମମତା ଶ୍ରୀଚନ୍ଦନଙ୍କୁ ସରୋଜକାନ୍ତ ତ୍ରିପାଠୀ ସ୍ମୃତି ସମ୍ମାନ, ଅଧ୍ୟାପକ ସୁନୀଲ ରଥଙ୍କୁ ରଘୁନାଥ ମହାପାତ୍ର (ବୀରବଳଭଦ୍ରପୁର, ପୁରୀ) ସ୍ମୃତି ସମ୍ମାନ, ରାଧାକୃଷ୍ଣ ପ୍ରଧାନୀଙ୍କୁ ରାମଚନ୍ଦ୍ର ଦଳାଇ ସ୍ମୃତି ସମ୍ମାନ, ଫୁଲରାଣୀ ପାଳଙ୍କୁ ଶକୁନ୍ତଳା ଦେବୀ ସ୍ମୃତି ସମ୍ମାନ ଏବଂ ବିଶିଷ୍ଟ ଅନୁବାଦକ ମମତାମୟୀ ବିଶ୍ୱାଳଙ୍କୁ ବଳଭଦ୍ର ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ବିରଜା ମହାପାତ୍ର, ଅଶୋକ ପ୍ରହରାଜ, ପ୍ରାଧ୍ୟାପିକା ବାସନ୍ତୀ ଦେବୀ, ମମତା ମହାନ୍ତି ଏବଂ ଅମୃତା ଦାସଙ୍କୁ ଚଳିତବର୍ଷ ପ୍ରିୟପତ୍ର ସମ୍ମାନ-୨୦୨୨ ଦିଆଯାଇଥିଲା। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବୋଲଗଡ଼,୧୫।୨(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ସୁମନ୍ତ ମଙ୍ଗରାଜଙ୍କ ପୁଅ ଚିରାଗ(୫)। ସୂଚନା ମୁତାବକ, ସକାଳେ ଚିରାଗ ଘରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଆଗୋଚରରେ ବାରିପଟେ ଥିବା ପୋଖରୀକୁ ଆସି ପାଣିରେ ପଡ଼ି ବୁଡ଼ିଯାଇଥିଲେ। ପରିବାର ଲୋକେ ଚିରାଗଙ୍କୁ ନ ପାଇ ଖୋଜାଖୋଜି କରିବା ପରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ନିର୍ବାଚନ ପ୍ରଚାର, ଗୀତରେ କମ୍ପୁଛି ଗାଁ

ପୁରୀ ଅଫିସ,୧୫।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତାରିଖ ଯେତିକି ପାଖେଇ ଆସୁଛି ଗାଁଗୁଡ଼ିକରେ ନିର୍ବାଚନ ତାତି ସେହି ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି। ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପାଇଁ ପୁରୀ ଜିଲାରେ ମଧ୍ୟ ଭୋଟ ପାଇଁ ଗାଁଗହଳି ଚଳଚଞ୍ଚଳ ହେବା ସହ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ପୁରୀ ଜିଲାରେ ୩୩ଟି ଜିଲା ପରିଷଦ ଜୋନ ରହିଛି। ନେତାମାନେ ତାଙ୍କ ସମର୍ଥିତ ପ୍ରାର୍ଥୀମାନଙ୍କୁ ଜିତେଇବା ପାଇଁ ଜୋରଦାର ପ୍ରୟାସ ଚଳାଇଛନ୍ତି। ଗାଁରେ ସକାଳରୁ ରାତି ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ଭିଡ଼ ସହ ବିଭିନ୍ନ ନିର୍ବାଚନୀ ଗୀତ ଦେଖିବାକୁ ମିଳୁଛି। ପୁରୀ ସଦର ବ୍ଲକ ଅଧୀନରେ ୩୦ଟି ପଞ୍ଚାୟତ ରହିଛି। ପୁରୀ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାଇଲିପୁର ପଞ୍ଚାୟତରେ ପ୍ରାର୍ଥୀଙ୍କ ପ୍ରଚାର ଜମୁଛି । ପୂର୍ବରୁ ଏହି ପଞ୍ଚାୟତରେ ଶାସକ ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ପ୍ରାଥୀ ପଦ୍ମଚରଣ ଭୋଇ ଓ ସମିତି ସଭ୍ୟ ପ୍ରାର୍ଥୀ କବିତା ମଲ୍ଲିକ ବିଜୟୀ ହୋଇଥିଲେ। ଚଳିତଥର ସରପଞ୍ଚ ପଦବୀ ପାଇଁ ବିଦ୍ୟୁଲତା ମହାନ୍ତି, ଶୈଳବାଳା ପ୍ରଧାନ, ଅନୁପମା ଦାସ ଓ ଲକ୍ଷ୍ମୀପ୍ରିୟା ମୁଦୁଲି ମଇଦାନକୁ ଓହ୍ଲାଇଛନ୍ତି। ଏଥିସହ ସମିତି ସଭ୍ୟ ପାଇଁ କାର୍ତ୍ତ୍ୟବୀର୍ଯ୍ୟ ସ୍ୱାଇଁ, ନୃସିଂହଚରଣ ପ୍ରଧାନ ଓ ସୁକାନ୍ତ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଅଞ୍ଚଳରେ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ।

## ବଟି ମାଗିବା ଅଭିଯୋଗ, ଜଣେ ଗିରଫ

ପୁରୀ ଅଫିସ, ୧୫।୨

ବଟି ଆଦାୟ କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଉକ୍ତ ଥାନା ଅନ୍ତର୍ଗତ ସୁଦର୍ଶନ ନଗରର ଜ୍ୟୋତିରଞ୍ଜନ ଜେଠୀ(୨୭)। ଏ ନେଇ ପୋଲିସ ଏକ ମାମଲା (ନଂ.୩୬/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ବଳିଗଣ୍ଡି ଛକ ନିକଟରେ କେତେକ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମାମୁ ଉପରେ ଗରମ ତେଲ ପକାଇ ଭଣଜା ଗିରଫ

ପୁରୀ ଅଫିସ,୧୫।୨

ବଳିଆପଣ୍ଡା ଥାନା ଅନ୍ତର୍ଗତ ସିପସୁରୁବାଲି ଗ୍ରାମରେ ଗରମ ପାଣି ଓ ତେଲ ପକାଇ ମାମୁ ଏବଂ ତାଙ୍କ ସାଙ୍ଗକୁ ଜୀବନରୁ ମାରିବା ଅଭିଯୋଗରେ ଅଭିଯୁକ୍ତ ଭଣଜାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡପୋଖରୀ ଅଞ୍ଚଳର ଅଭୟ ଦାଶ (୪୨)। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଆଲୁମିନିୟମ ଡିସ୍କ ଜବତ କରିଛି। ଏ ନେଇ ପୋଲିସ ନଂ ୧୯/୨୨ରେ ମାମଲା ରୁଜୁ କରିଛି। ପୋଲିସ ସୂଚନାନୁଯାୟୀ, ଅଭୟ ମଙ୍ଗଳବାର ତାଙ୍କ ମା'ଙ୍କ ସହ କୌଣସି କାରଣକୁ ନେଇ ଝଗଡା କରୁଥିଲେ। ଏହି ସମୟରେ ଅଭୟଙ୍କ ମାମୁ ଓ ତାଙ୍କର ଜଣେ ସାଙ୍ଗ ସେଠାରେ ପହଞ୍ଚି ଭଣଜାଙ୍କୁ ବୁଝାଶୁଝା କରି ମାମଲା ସମାଧାନ କରିଥିଲେ। ପରେ ଅଭୟ ସେମାନଙ୍କ ସହ ରାତ୍ରି ଭୋଜନ କରିଥିଲେ। ରାତିରେ ସମସ୍ତେ ଶୋଇଥିବା ବେଳେ ଅଭୟ ଉଠି ଗରମ ପାଣି ଓ ତେଲକୁ ମାମୁ ଓ ତାଙ୍କ ସାଙ୍ଗ ଉପରେ ପକାଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଉଭୟେ ଆହତ ହୋଇଥିଲେ। ଏ ନେଇ ଅଭୟଙ୍କ ମାମୁଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୩୬ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୪ ଗିରଫ

ପୁରୀ ଅଫିସ, ୧୫।୨



ଜବତ ହୋଇଥିବା ଟଙ୍କା, ମୋବାଇଲ୍ ଓ ଅନ୍ୟ ସାମଗ୍ରୀ ।



ଗିରଫ ଅଭିଯୁକ୍ତ ।

ବହୁଦିନ ଧରି ପୁରୀ ସମେତ ବିଭିନ୍ନ ସ୍ଥାନରେ ବ୍ରାଉନସୁଗାର କାରବାର ଚଳାଉଥିବା ଅଭିଯୋଗ ହୋଇଆସୁଥିଲା। ବାସେଳି ସାହି ଥାନା ପୋଲିସ ଏବଂ ପୁରୀ ଏସ୍‌ଟିଏଫ୍ ଟିମ ମିଳିତ ଉଦ୍ୟମରେ ମଙ୍ଗଳବାର ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଟକ ଦୁର୍ଗା ବଜାର ଅଞ୍ଚଳର ଫିରୋଜ ଖାନ୍(୪୨), ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଏସ୍.କେ ଇଫତେଖାର ଦୁଲା, ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତିରିମାଲର ଦୀପ ରଞ୍ଜନ ଭୁଜବଳ(୨୩) ଏବଂ ପିପିଲି ଦେବୀ ଗଳିର ପପୁ ପାଣ୍ଡେ ଓରଫ ଅକ୍ଷୟ(୨୯)। ସେମାନଙ୍କଠାରୁ ୩୫୯ ଗ୍ରାମ ୬୬ ମିଲିଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ନଗଦ ୧୭ ହଜାର ଟଙ୍କା, ୩ଟି ବାଇକ୍, ୫ଟି ମୋବାଇଲ ଏବଂ ଗୋଟିଏ ଓଜନ ମେସିନ୍ ଜବତ ହୋଇଛି। ପୋଲିସ କେସ୍ ନଂ ୩୦/୨୨ରେ ମାମଲା ରୁଜୁ କରାଯାଇଥିବା ବାସେଳି ସାହି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଥିଲେ। ସୂଚନା ମୁତାବକ, ବ୍ରାଉନ ସୁଗାର ବିକ୍ରି ପାଇଁ ୪ଜଣ ଯୁବକ ସୋମବାର ରାତିରେ ପୁରୀ ଆସୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ମାଟିତୋଟା ପଡିଆଠାରେ ବାସେଳୀ ସାହି ଥାନା ପୋଲିସ ଓ ଏସ୍‌ଟିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଚେକିଂ କରିବା ବେଳେ ବ୍ରାଉନସୁଗାର ଥିବା ଦେଖି ଥାନାକୁ ଆଣିଥିଲେ। ପଚରାଉଚରା ପରେ ସେମାନେ ବ୍ରାଉନସୁଗାର କାରବାର କରୁଥିବା ସ୍ୱୀକାର କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଏହିସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଏବଂ ବାସେଳି ସାହି ଥାନାଧିକାରୀ କୁଳମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଂଗ୍ରେସ କର୍ମୀ ସମାବେଶ

**କଟକ ଅଫିସ, ୧୫।୨:** କଟକ ନଗର ୨୮ ନଂ. ୱାର୍ଡ କଂଗ୍ରେସ କମିଟିର କର୍ମୀ ସମାବେଶ ସ୍ଥାନୀୟ ତେଲେଙ୍ଗା ବଜାରସ୍ଥିତ ଚନ୍ଦ୍ରଶେଖର ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ପୌର ନିର୍ବାଚନ ଏବଂ ଦଳୀୟ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ପୌର ନିର୍ବାଚନରେ ୱାର୍ଡ ପକ୍ଷରୁ କଂଗ୍ରେସ ଦଳର ବିଜୟକୁ ସୁନିଶ୍ଚିତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ କର୍ପୋରେଟର ବୈଶାଳୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ବୁଥ୍ ସ୍ତରରେ ଦଳୀୟ ସଙ୍ଗଠନକୁ ମଜବୁତ କରିବା ଏବଂ ଅଧିକ ସଂଖ୍ୟାରେ ମହିଳା ଓ ଯୁବକମାନଙ୍କୁ କମିଟିରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ଅଶୋକ ସାମଲ, ଅସିତ୍ ମୁଖାର୍ଜୀ, ବିଭୁ ପ୍ରସନ୍ନ ମହାପାତ୍ର, ଅନିଲ ବେହେରା, ଟୁଲୁ ଜେନା ଉପସ୍ଥିତ ଥିଲେ।

### ବରୁଣେଇ ମନ୍ଦିରରୁ ଚୋରି

**କଟକ ସଦର, ୧୫।୨(ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଦହିଗାଁରେ ଥିବା ବରୁଣେଇ ମନ୍ଦିରରୁ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ସୋମବାର ରାତିରେ ମନ୍ଦିରର ତାଲା ଭାଙ୍ଗି ମା'ଙ୍କ ରୁପା ଅଳଙ୍କାର, ବାସନ ଚୋରି କରି ନେଇଛନ୍ତି। ଏ ନେଇ ମନ୍ଦିରର ପୂଜକ ଧ୍ରୁବଚରଣ ବାରିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ମଦ ଜବତ, ୨ ଗିରଫ

**ଚୌଦ୍ୱାର, ୧୫।୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ନୁନ୍‌କିରି ଗ୍ରାମରେ ପୋଲିସ ଚଢ଼ାଉ କରି ୩୫ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ନୁନକିରି ଗ୍ରାମର ଦୀପକ ସାମଲ ଏବଂ ଓଟିଏମ୍ ଦୁର୍ଗାବଜାର ମୁଣ୍ଡାସାହିର ବାବୁ ମୁଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩/୨୨) ରୁଜୁ ହୋଇଛି।

### ଖ୍ରୀଷ୍ଟ କଲେଜ ପରିଚାଳନା ସମିତି ପୂର୍ବତନ ସମ୍ପାଦକଙ୍କ ପରଲୋକ

**କଟକ ଅଫିସ, ୧୫।୨:** ଖ୍ରୀଷ୍ଟ କଲେଜ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ



ସଜଳ କୁମାର ଦାସ(୭୩)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତୁଳସୀପୁରସ୍ଥିତ ଗୋରାକବରଠାରେ ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ। ଦାସଙ୍କ ବିୟୋଗରେ ଖ୍ରୀଷ୍ଟ କଲେଜ ହଲ୍‌ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉପାଧକ୍ଷା ଡ. କ୍ଷଣପ୍ରଭା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଡ. ଦୈତ୍ୟାରି ଶୁକ୍ଳ, ଅଧାପକ ଶୋଭନ ପଣ୍ଡା ପ୍ରମୁଖ ଯୋଗଦେଇ ଦାସଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟାବଳୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଦାସଙ୍କ କାର୍ଯ୍ୟକାଳ ସମୟରେ କଲେଜର ବିବିଧ ଉନ୍ନତି ହେବା ସହିତ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା।

# ସିଏମ୍‌ସିରେ ୪୯ ଅଭିଯୋଗପତ୍ର ଦାଖଲ

**କଟକ ଅଫିସ, ୧୫।୨**

**ପୌର ନିର୍ବାଚନ**
- ଆଜି ଅଭିଯୋଗପତ୍ର ଦାଖଲର ଶେଷଦିନ
- ବଢ଼ିଲା ବୁଥ୍ ସଂଖ୍ୟା
- ୨୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ପୌର ନିର୍ବାଚନ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଗତ ଗୁରୁବାର ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇଥିଲା। ଏଥିରେ ଯଦି କୌଣସି ଭୋଟରଙ୍କର ନାମ ନ ଥିବ କିମ୍ବା ତ୍ରୁଟି ଥିବ ତା'ହେଲେ ସେମାନେ ଚଳିତମାସ ୧୧ରୁ ୧୬ ତାରିଖ ମଧ୍ୟରେ ସିଏମ୍‌ସି ନିକଟରେ ଅଭିଯୋଗପତ୍ର ଦାଖଲ କରିବାକୁ କୁହାଯାଇଥିଲା। ଇତିମଧ୍ୟରେ ମଙ୍ଗଳବାର ସୁଦ୍ଧା ସିଏମ୍‌ସି ନିକଟରେ ୪୯ଟି ଅଭିଯୋଗପତ୍ର ଦାଖଲ ହୋଇଛି। ତେବେ ତାଲିକାରେ ଏକାଧିକ ତ୍ରୁଟି ଥିବା ଅଭିଯୋଗ ହୋଇଛି। ଏପରି କି ଗୋଟିଏ ୱାର୍ଡର ଭୋଟରଙ୍କ ନାମ ଅନ୍ୟ ୱାର୍ଡର ଭୋଟର ତାଲିକାରେ ଥିବାବେଳେ କେତେକ ୱାର୍ଡରେ ଭୋଟର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ୧୬ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ସିଏମ୍‌ସି ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇପାରିବ। ଆସନ୍ତା ୨୦ ତାରିଖରେ ଏ ସମ୍ପର୍କରେ ଶୁଣାଣି ହେବ। ଏହାପରେ ୨୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେହିପରି ଗତ ନିର୍ବାଚନରେ ୪୨୨ଟି ବୁଥ୍ କରାଯାଇଥିବାବେଳେ ଚଳିତଥର ୪୫୨ଟି ବୁଥ୍‌ରେ କରାଯାଇଛି। ତେବେ ବୁଥ୍‌ର ଚୂଡ଼ାନ୍ତ ତାଲିକା ବୁଧବାର ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଅମିୟ ପଣ୍ଡା କହିଛନ୍ତି। ତାଳଦଣ୍ଡା ଅନ୍ୟପକ୍ଷରେ କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ଅନ୍ୟତ୍ର ଥଇଥାନ କରାଯାଇଥିବା ବସ୍ତିବାସିନ୍ଦାଙ୍କ ଅଭିଯୋଗକୁ ସିଏମ୍‌ସ ଗ୍ରହଣ କରିନାହିଁ। ସୂଚନାଥାଉ କି, ପୌର ନିର୍ବାଚନ ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ସଂରକ୍ଷଣର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇସାରିଛି। ସିଏମ୍‌ସିର ମୋଟ୍ ୫୯ଟି ୱାର୍ଡରୁ ୩୩ଟି ସଂରକ୍ଷିତ ଓ ୨୬ଟି ଅସଂରକ୍ଷିତ ରଖାଯାଇଛି। ତେବେ ଗତ ଗୁରୁବାର ପ୍ରକାଶ ପାଇଥିବା ପ୍ରାଥମିକ ଭୋଟର ତାଲିକା ଅନୁଯାୟୀ ଚଳିତବର୍ଷ ସହରରେ ମୋଟ୍ ୨ ଲକ୍ଷ ୨୮ ହଜାର ୫୩୩ ଜଣ ପୁରୁଷ ଓ ୨ ଲକ୍ଷ ୧୭ ହଜାର ୫୨ ଜଣ ମହିଳା ଭୋଟର ରହିଛନ୍ତି।

# ଅନ୍ଦରପୁର ଆବାସ ବଣ୍ଟନ ଦୁର୍ନୀତିର ତଦନ୍ତ ଦାବି



ସିପିଆଇ(ଏମ୍) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୧୫।୨**

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

କଟକ ମହାନଗର ନିଗମ ଅଞ୍ଚଳର ଅନ୍ଦରପୁର ଆବାସ ଗୃହ ବଣ୍ଟନରେ ହୋଇଥିବା ମହାଦୁର୍ନୀତିର ତଦନ୍ତ ଏବଂ ଏଥିରେ ସମ୍ପୃକ୍ତ ରାଜନେତା ଓ ପ୍ରଶାସକଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଦାବିରେ ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ଦିଆଯାଇଥିଲା। ସିପିଆଇ(ଏମ୍) କଟକ କମିଟି ସମ୍ପାଦକ ପ୍ରତାପ ମହାପାତ୍ର କହିଛନ୍ତି, ଅନ୍ଦରପୁରରେ ୧୯୨ଟି କ୍ୱାର୍ଟର ମଧ୍ୟରୁ ୬୬ଟି ସରକାରୀ ଭାବେ ବଣ୍ଟନ କରାଯାଇଛି। ବଳକା ୧୨୬ କ୍ୱାର୍ଟର ରାଜନେତା ଓ ଅଧିକାରୀଙ୍କ ସହାୟତାରେ ବେଆଇନ ଭାବେ ବିପୁଳ ଅର୍ଥ ବିନିମୟରେ ଦିଆଯାଇଛି। ଏଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ମହାପାତ୍ର ଦାବି କରିଛନ୍ତି। ଏହି ବିକ୍ଷୋଭରେ ମନମୋହନ ପତି, ଅଭୟ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ରତ୍ନିକ ମହାନ୍ତି, ଆଡ୍‌ଭୋକେଟ ଭରତ ପଣ୍ଡା, ଭଞ୍ଜ କିଶୋର ବେହେରା ଓ ରବିନାରାୟଣ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘର ଧାରଣା


ରେଭେନ୍‌ଶା ଛାତ୍ରାବାସ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**କଟକ ଅଫିସ, ୧୫।୨**

ବିଭିନ୍ନ ଦାବି ନେଇ ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ପ୍ରଶାସନିକ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରାବାସଗୁଡ଼ିକରେ କାର୍ଯ୍ୟ କରୁଥିବା ମୋଟ୍ ୧୩୯ ଜଣ କର୍ମଚାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୈନିକ ସର୍ବନିମ୍ନ ମଜୁରି ମିଳିପାରିନାହିଁ। ଇପିଏଫ୍, ଇଏସ୍‌ଆଇ ଭଳି ବୀମା ମଧ୍ୟ ସେମାନଙ୍କର ନାହିଁ। ଏଥିସହ ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ଗୋଲ୍‌ଡେନ ହ୍ୟାଣ୍ଡସେକ୍ ସ୍କିମରେ ୨୫ ହଜାର ଟଙ୍କା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେଲେ ବହୁ କର୍ମଚାରୀ ଅବସର ଗ୍ରହଣ ପରେ ମଧ୍ୟ ଅର୍ଥ ମିଳି ନ ଥିବା ସଂଘ ଅଭିଯୋଗ କରିଛି। ଏହି ଦାବି ପୂରଣ ପାଇଁ କର୍ମଚାରୀମାନେ ଧାରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟ ଚିଫ୍ ୱାର୍ଡେନ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ଗୋଲ୍‌ଡେନ ହ୍ୟାଣ୍ଡସେକ ସ୍କିମରେ କର୍ମଚାରୀମାନଙ୍କୁ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହ ପଞ୍ଚାୟତ ନିର୍ବାଚନ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍ୟ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସଂଘ ସଭାପତି ପ୍ରକାଶ ଦାସ କହିଛନ୍ତି। ସଂଘ ସମ୍ପାଦକ ଜୟରାମ ବାରିକ, ରଣଜିତ ଦାସ, ବିଶ୍ୱନାଥ ଦାସ, ମୀନା ପଣ୍ଡା, ରଞ୍ଜୁ ପ୍ରଧାନ, ପ୍ରମୋଦ ସ୍ୱାଇଁ, ଚିତ୍ତ ବସନ୍ତରା, ଅଜୟ ଦାସ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।

# ଆର୍ଯ୍ୟ ସନ୍ନ୍ୟାସୀ ପ୍ରଣବାନନ୍ଦଙ୍କ ସ୍ମୃତିସଭା

**ବାଙ୍କୀ, ୧୫।୨(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ତୁଳସୀପୁରସ୍ଥିତ ଆର୍ଯ୍ୟସମାଜ ମନ୍ଦିର ପ୍ରାଙ୍ଗଣରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦ୍ରମଣି ମହାପାତ୍ର ସଭାପତିତ୍ୱ କରି ସ୍ୱାମୀ ପ୍ରଣବାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମହାପାତ୍ର ଆହ୍ୱାନ ଦେଇଥିଲେ। ପଣ୍ଡିତ ଭୀମସେନ ଶାସ୍ତ୍ରୀ ଏହାକୁ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ସ୍ୱାଇଁ, ନବକିଶୋର ରଣା, ନୀଳମଣି ରାଉତ, ମାଗୁଣି ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ରେଲୱେ କର୍ମଚାରୀଙ୍କୁ ସୁରକ୍ଷା ସମ୍ପର୍କରେ ପରାମର୍ଶ

**କଟକ ଅଫିସ, ୧୫।୨**

ଟ୍ରେନ୍ ଚଳାଚଳ ସମୟରେ ବିଭିନ୍ନ ପ୍ରକାରର ନିରାପତ୍ତା ନିୟମ ଉପରେ କଟକ ରେଲୱେ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରେଳ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସୁରକ୍ଷା ସେମିନାର ଅନୁଷ୍ଠିତ ହୋଇଯାଇଛି। ଷ୍ଟେଶନ ବଜାରସ୍ଥିତ ଇନଷ୍ଟିଚ୍ୟୁଟ୍‌ର କାର୍ଯ୍ୟାଳୟରେ ଅନୁଷ୍ଠିତ ସେମିନାରରେ ଟ୍ରେନ୍ ଚଳାଚଳରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟରତ ରେଲୱେ କର୍ମଚାରୀ ଯଥା ଲୋକୋ ପାଇଲଟ୍, ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର୍ (ଗାର୍ଡ), ଷ୍ଟେଶନ୍ ମାଷ୍ଟର, ଟୋକେନ୍ ପୋଟରର୍, ସିଗନାଲ୍ ଏବଂ ଟେଲିକମ୍ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସିଗ୍‌ନାଲ୍ ଆଦାନ ପ୍ରଦାନ, ଘନ କୁହୁଡ଼ି ସମୟରେ ସତର୍କତା ଅବଲମ୍ବନ କରାଯିବା, ୱାକି-ଟକିଗୁଡ଼ିକର ଉପଯୁକ୍ତ ବ୍ୟବହାର ଇତ୍ୟାଦି ଟ୍ରେନ୍ କାର୍ଯ୍ୟର ବିଭିନ୍ନ ସୁରକ୍ଷା ଦିଗ ଉପରେ ପରାମର୍ଶ ଦିଆଯାଇଥିଲା। ଏହି ସେମିନାରରେ ଭୁବନେଶ୍ୱର ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, କଟକର ଆସିଷ୍ଟାଣ୍ଟ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର ଡି.କେ. ପୃଷ୍ଟି, ସହକାରୀ ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ।

# ଭୋଟର ତାଲିକା ସଂଶୋଧନ ଦାବି

**କଟକ ଅଫିସ, ୧୫।୨**

କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ କଟକ ନଗର ଭାଜପା ପ୍ରତିନିଧି ମଣ୍ଡଳୀକୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ପକ୍ଷରୁ ପ୍ରକାଶିତ ଭୋଟର ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଭୋଟର ତାଲିକାରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେବା ବ୍ୟକ୍ତିଙ୍କ ସହ ଅନ୍ୟମାନଙ୍କ କଟିଯାଇଥିବା, ଅନେକ ବ୍ୟକ୍ତିଙ୍କ ନାମ ନିଜ ୱାର୍ଡ ପରିବର୍ତ୍ତେ ଅନ୍ୟ ୱାର୍ଡର ତାଲିକାରେ ରହିଥିବା ନେଇ ଭାଜପା ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ସେହିପରି ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଖୋଲାଯାଇଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଣୁ ଏହାକୁ ସ୍ଥାନାନ୍ତର ସହ ଭୋଟର ତାଲିକା ସଂଶୋଧନ ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି ଭାଜପା ପ୍ରତିନିଧି ମଣ୍ଡଳୀକୁ ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରତିଶ୍ରୁତି ଦେଇଥିବା ଦଳର କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି। ଏଥିସହ ଅଭିଯୋଗପତ୍ର ଦାଖଲର ସମୟ ସୀମା ବଢ଼ାଇବାକୁ କମିଶନର ଦାସଙ୍କୁ ବଡୁ ନିବେଦନ କରିଥିଲେ। ଏହି ବୈଠକରେ କମିଶନର ଦାସ, ପ୍ରଦୀପ ପଟ୍ଟନାୟକ, ସବ୍ୟସାଚୀ ମହାପାତ୍ର, ଚିତ୍ତରଞ୍ଜନ ଦାସ, ପ୍ରକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତଥିଲେ।

# 'ଆହେ ଦୟାମୟ' ମାନବଜାତି ପାଇଁ ସ୍ୱତନ୍ତ୍ର ଅବଦାନ

**କଣ୍ଟାପଡ଼ା, ୧୫।୨(ଡି.ଏନ୍.ଏ.)**

ଆହେ ଦୟାମୟ ବିଶ୍ୱବିହାରୀର ରଚୟିତା ତଥା ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟି କଟକ ଜିଲା ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାସାହିତ୍ୟ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହେ ଦୟାମୟ ବିଶ୍ୱବିହାରୀ କେବଳ ପ୍ରାର୍ଥନା ନୁହେଁ ସମଗ୍ର ମାନବ ଜାତି ପାଇଁ ଏକ ସ୍ୱତନ୍ତ୍ର ଅବଦାନ ବୋଲି କହିଥିଲେ। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା, ଡା. ଶକ୍ତିପ୍ରସାଦ ଦାସ ସମ୍ମାନିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୌଦାମିନୀ' ଓ କବି ବାବାଜୀ ଭୋଇଙ୍କ ରଚିତ ପୁସ୍ତକ 'ମାନିଳା ପିଲା' ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ବାଙ୍କୀ, ୧୫।୨(ସ୍ୱ.ପ୍ର.)**

**ତଦନ୍ତ ପାଇଁ କମିଟି ଗଠନ**

ବାଙ୍କୀ ଏନ୍ଏସିର ୧୭ ୱାର୍ଡରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗଳବାର ଗୋଟିଏ କମିଟି ଗଠନ କରିଛନ୍ତି। ଆସନ୍ତା ୧୫ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍ଏସିର କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପ୍ରତ୍ୟେକ ୱାର୍ଡ ଅଧିକାରୀ ଏବଂ ଏନ୍ଏସିର ବରିଷ୍ଠ କର୍ମଚାରୀ ତାପସ କୁମାର ମଲ୍ଲିକ ଏଥିରେ ସଦସ୍ୟ ରହିଛନ୍ତି। ଏହି ନିର୍ଦ୍ଦେଶନାମାର ନକଲ ଅଭିଯୋଗକାରୀଙ୍କୁ ପ୍ରଦାନ କରିଛନ୍ତି। ଆବାସ ଯୋଜନା ଦୁର୍ନୀତି ହୋଇଥିବା ନେଇ ଦିବ୍ୟାଙ୍ଗ ସାମାଜିକ କର୍ମୀ ଅଶୋକ କୁମାର ରଣା କିଛି ଦିନ ତଳେ ବାଙ୍କୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୬ ଫେବୃୟାରୀ ମଧ୍ୟରେ ଅଭିଯୋଗର ତଦନ୍ତ କରା ନ ଗଲେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ୧୫ ତାରିଖ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ରଣା ଉପଜିଲାପାଳ ଏବଂ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲେ। ତଦନ୍ତ ନିର୍ଦ୍ଦେଶପରେ ରଣା ବୁଧବାରଠାରୁ ଦେବାକୁ ଥିବା ଧାରଣରୁ ଓହରିଯାଇଛନ୍ତି।

# ମେଜର ଜେନେରାଲ ବସନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ଚୌଦ୍ୱାର, ୧୫।୨(ଡି.ଏନ୍.ଏ.):** ଅବସରପ୍ରାପ୍ତ ମେଜର ଜେନେରାଲ ତଥା ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ର ପରିଚାଳନା କମିଟି ଅଧକ୍ଷ ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଶିଶୁ ସଦନରେ ପାଳିତ ହୋଇଯାଇଛି। ଏଥିରେ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଯୋଗଦେଇ ମହାପାତ୍ର ସ୍ମୃତିଚାରଣ କରିବା ସହ ଶିଶୁ ସଦନର ପିଲାମାନଙ୍କ ପ୍ରତି ଭଲ ପାଇବା ଓ ଅନୁଷ୍ଠାନର ବିକାଶ ପାଇଁ ଅବଦାନ ତାଙ୍କୁ ସର୍ବଦା ମନେରଖିବ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ପରିଚାଳକ ସୀମାନ୍ତ ନାୟକ, ସୁଧାଂଶୁ ଶେଖର ସାହୁ, ଅମିୟ ସେଠୀ, ସାମାଜିକ କର୍ମୀ ସହଦେବ ବରାଳ, ଖବରଦାତା ପ୍ରକାଶ ନାୟକ, ଅଜିତ୍ ସ୍ୱାଇଁ, ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁ ସଦନର ପିଲାଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା, ସମୂହ ବେଦ ଆବୃତ୍ତି ଓ ଭଜନ ପରିବେଷଣ କରାଯାଇଥିଲା।

# ନିର୍ବାଚନକୁ ଅବାଧ, ଭୟମୁକ୍ତ କରିବାକୁ ଗୁରୁତ୍ୱ

**ବାଙ୍କୀ, ୧୫।୨(ସ୍ୱ.ପ୍ର.)**

**ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା**

ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟର ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପାତ୍ର ମଙ୍ଗଳବାର ବାଙ୍କୀ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଡମପଡ଼ା ଓ ବାଙ୍କୀ ବ୍ଲକରେ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୁଥ୍ ପରିଚାଳନା, ଜାଲ୍ ଭୋଟରମାନଙ୍କୁ ଚିହ୍ନଟ ଓ ମତଦାତା କେନ୍ଦ୍ରମାନଙ୍କର ପାରିପାର୍ଶ୍ୱିକସ୍ଥିତି ଓ ବାଲାଟ ପେପର ପ୍ରେରଣ ସମ୍ପର୍କରେ ସମୀକ୍ଷା କରିଥିଲେ। ଭୋଟ ଶେଷ ପରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ କିପରି ଭୋଟ ବାକ୍ସ ନିରାପଦରେ ରହିପାରିବ ସେ ସମ୍ପର୍କରେ ୨ ବ୍ଲକର ବିଡିଓଙ୍କୁ କହିଥିଲେ। ନିର୍ବାଚନକୁ ଅବାଧ ଓ ଭୟମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ କରିଥିଲେ। ବାଙ୍କୀ ବିଡିଓ ପ୍ରଦୀପ ଶତପଥୀ ଓ ଡମପଡ଼ା ବିଡିଓ ଶ୍ୟାମଳ ରାୟ ନିର୍ବାଚନ ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

# ୪୦୬ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**କଟକ ଅଫିସ, ୧୫।୨**

ବ୍ରାଉନ୍‌ସୁଗାର ବିକ୍ରି କରିବାକୁ ଅପେକ୍ଷା କରିଥିବାବେଳେ ମାଲଗୋଦାମ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱରର ବାସିନ୍ଦା ଲକ୍ଷ୍ମୀରାମ ମାରାଣ୍ଡି ଓ ସେକ୍ ଅମ୍ଜିଦ। ସେମାନଙ୍କଠାରୁ ୪୦୬ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ମାଲଗୋଦାମ ଥାନା ଅନ୍ତର୍ଗତ ତତ୍ତ୍ୱବଟ ନିକଟରେ ବିକ୍ରି କରିବାକୁ ଅପେକ୍ଷା କରିଥିବାବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

# 'ବିବୁଧେନ୍ଦ୍ରଙ୍କ ପଥ ଅନୁସରଣ କରନ୍ତୁ ଆଇନଜୀବୀ'

**କଟକ ଅଫିସ, ୧୫।୨**

ସ୍ୱାଧୀନତା ସଂଗ୍ରାମୀ, ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ହାଇକୋର୍ଟ ବାର୍ ଆସୋସିଏଶନର ସମ୍ମେଳନ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ଓ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଥିଲେ, ରାମଜେଠ ମାଲାନୀ ଓ ଅରୁଣ ଜେଟ୍‌ଲିଙ୍କ ଭଳି ବିବୁଧେନ୍ଦ୍ର ରାଜନୀତି ଏବଂ ଓକିଲାତି କାର୍ଯ୍ୟ ସହଜରେ କରିପାରୁଥିଲେ। ବିବୁଧେନ୍ଦ୍ରଙ୍କ ଜୀବନୀ ବିଷୟରେ ଆଲୋଚନା କରିବା ସହ ଯୁବ ଆଇନଜୀବୀମାନେ ତାଙ୍କ ପଥ ଅନୁସରଣ କରିବାକୁ ମୁଖ୍ୟ ବିଚାରପତି ପରାମର୍ଶ ଦେଇଥିଲେ। ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ


ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

**ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ**
- ୫ ପ୍ରତିଭାଧାରୀ ପୁରସ୍କୃତ

କୁମାର ପରିଜା ଓ ଟ୍ରଷ୍ଟର ସଂଯୋଜକ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୫ ଜଣ ପ୍ରତିଭାଧାରୀ ମୁନା ହେମ୍ବ୍ରମ୍, ଦିଲୀପ ଟୁଡୁ, ଜଗନ ପାତ୍ର, ରମାଇ ଟୁଡୁ ଓ ଟୁଲୁ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଚାରପତି ଶଶିକାନ୍ତ ମିଶ୍ର, ଜଷ୍ଟିସ ଆର୍. କେ. ପଟ୍ଟନାୟକ, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଅରିନ୍ଦମ ସିହ୍ନା, ଜଷ୍ଟିସ ଏମ୍. ଏସ୍. ରମଣ ଉପସ୍ଥିତ ଥିଲେ। ଏଥିରେ ଆସୋସିଏଶନ ସମ୍ପାଦକ ତଥା ଆଡ୍‌ଭୋକେଟ୍ ଜିତେନ୍ଦ୍ର କୁମାର ଲେଙ୍କା ସ୍ୱାଗତ ଭାଷଣ ଓ ଉପସଭାପତି ଦେବୀ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଦୀପ୍ତି ନନ୍ଦ, ସତ୍ୟବ୍ରତ ପରିଜା, ସସ୍ମିତା ପଟ୍ଟନାୟକ, ସୁବାସ ପ୍ରଧାନ ଓ ବିନୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।